A

DESCRIPTIVE CATALOGUE

OF

ORIYA MANUSCRIPTS

ORIYĀ KĀVYA

(KHA - CHA)

VOLUME - VIII

Sri Nilamani Mishra

Digitized by PPRACHIN, SOA

A DESCRIPTIVE CATALOGUE OF ORIYA MANUSCRIPTS

ORIYA KAVYA

(KHA—CHA)

VOLUME—VIII

IN THE COLLECTION
OF
THE ORISSA STATE MUSEUM
BHUBANESWAR.

Digitized by PPRACHIN, SOA

EDITED BY

Sri Nilamani Mishra

Curator,

Orissa State Museum,

Bhubaneswar.

PUBLISHED BY

Dr. H. C. Das, M.A., Ph.D.

Superintendent of Museum, Orissa

Bhubaneswar.

FIRST EDITION

1973

PRICE : Rs. 10.00

Digitized by PPRACHIN, SOA

PREFACE

We presented to the world of scholars the first volume of the Descriptive Catalogue of Oriya Manuscripts in 1970, which is the Volume VI of the series of Descriptive Catalogues published by the Orissa State Museum, Bhubaneswar, the first five volumes and Volume VII dealing about Sanskrit Manuscripts on different subjects, preserved in the Museum.

Now I take the opportunity of placing before the readers the present volume containing detailed information about 337 manuscripts arranged alphabetically beginning with the Oriya alphabet 'Kha' and ending with 'Cha', which is a continuation of Volume VI of the series noted above. The importance of this volume has been enhanced by an elaborate Introduction containing discussion about important aspects of the old Oriya literature like 'Jnānamiśrā Bhakti Sāhitya', 'Oḍiā Iaitihāsika Kāvya' and 'Oḍiā Kṛṣṇa Kāvya'. Besides this, an alphabetical list of 290 poets and poetesses with the names of their works has been given as an Index at the end of the present volume to offer facilities to the scholars for research on ancient Oriya literature.

The entire present collection of Oriya manuscripts numbering 2,420 in all, is expected to expand rapidly in consideration of the progress of procurement made by the Museum every year. Hence it has been decided to publish the subsequent volumes in a phased manner to cover the remaining alphabets.

Digitized by PPRACHIN, SOA

On this occasion, I offer my thanks to Sri B K. Mishra, I.A.S., the ex-Secretary and Director, Cultural Affairs, who initiated the idea of compilation and publication of Descriptive Catalogues of Oriya manuscripts.

My thanks are also due to Sri H. N. Dasmahapatra, I.A.S, the present Secretary and Director, Cultural Affairs Department, who has been kind enough to provide necessary funds for speedy publication of this volume.

I am also grateful to Dr. H C. Das, the Superintendent of the Museum, who has evinced keen interest for early publication of this volume.

I owe a deep debt of gratitude to Sri K.N Mahapatra, the eminent History scholar of Orissa, who has actually guided me in writing the Introduction of this volume.

My thanks are also due to Sri K. K. Bisoi, my assistant, who helped me a lot in the preparation of this volume.

Lastly, I may be excused by the scholars for any omission in presenting this volume, which I hope will throw a flood of new light on the History of Classical Oriya literature.

ORISSA STATE MUSEUM,
BHUBANESWAR.
The 18th, March, 1973
Dola Pūrṇṇimā.

Nilamani Mishra,
CURATOR.

Digitized by PPRACHIN, SOA

ଭୂମିକା

ଓଡ଼ିଆ ବିବରଣାତ୍ମକ ପୋଥି ତାଲିକାର ପ୍ରଥମ ଖଣ୍ଡରେ ୨୬୭ ଖଣ୍ଡ ପୋଥିର ନାମଗୁଡ଼ିକ 'ଅ' ଠାରୁ 'କ' ପର୍ଯ୍ୟନ୍ତ ଅକ୍ଷର କ୍ରମରେ ସଜାଇ ପ୍ରକାଶ କରାଯାଇଛି । ଉକ୍ତ ତାଲିକାର ଭୂମିକାରେ ଓଡ଼ିଆ ଲିପି, ଓଡ଼ିଆ ଭାଷା, ଓଡ଼ିଆ ନାଥ ସାହିତ୍ୟ, ଓଡ଼ିଆ ଗଦ୍ୟ ସାହିତ୍ୟ, ଓଡ଼ିଆ ଗୀତିକାବ୍ୟ, ଓଡ଼ିଆ ରାମ ସାହିତ୍ୟ ଓ ଶ୍ରୀ ଜଗନ୍ନାଥ ସାହିତ୍ୟ ସମ୍ବନ୍ଧରେ ଆଲୋଚନା କରାଯାଇଛି । ପ୍ରସ୍ତୁତ ଖଣ୍ଡରେ 'ଖ' ଠାରୁ 'ଚ' ପର୍ଯ୍ୟନ୍ତ ବର୍ଣ୍ଣ ନାମାଦ୍ୟରେ ଥିବା ପୋଥିଗୁଡ଼ିକର ବିବରଣାତ୍ମକ ତାଲିକା ଦିଆଯାଉଥିବାରୁ ଏହା ଓଡ଼ିଆ ପୋଥି ତାଲିକାର ଦ୍ୱିତୀୟ-ଖଣ୍ଡ । ତେଣୁ ଏଥିରେ ଓଡ଼ିଆ ଜ୍ଞାନମିଶ୍ରା ଭକ୍ତି ସାହିତ୍ୟ, ଓଡ଼ିଆ ଐତିହାସିକ କାବ୍ୟ, ଓଡ଼ିଆ କୃଷ୍ଣ ସାହିତ୍ୟ, ଓଡ଼ିଆ କାଳ୍ପନିକ କାବ୍ୟ ଓ ଆଧୁନିକ ଓଡ଼ିଆ ସାହିତ୍ୟର ପୃଷ୍ଠଭୂମି ସମ୍ବନ୍ଧରେ ଆଲୋଚନା କରାଯିବା ପୂର୍ବରୁ ଯୋଜନା କରାଯାଇଥିଲା । ଓଡ଼ିଆ ପୋଥିଗୁଡ଼ିକର ବିବରଣାତ୍ମକ ତାଲିକା ଅନ୍ୟୂନ ପାଞ୍ଚଖଣ୍ଡରେ ବିଭକ୍ତ ହେଉଥିବାରୁ ଦୁଇଖଣ୍ଡି ବିବରଣ ତାଲିକାରେ ଓଡ଼ିଆସାହିତ୍ୟର ମୁଖ୍ୟ ଆଲୋଚ୍ୟ ବିଷୟ ସମ୍ବନ୍ଧରେ ଆଲୋଚନା ନ କରି ପ୍ରତ୍ୟେକ ଖଣ୍ଡରେ ସାହିତ୍ୟର ବିଭିନ୍ନ ବିଭାଗ ଉପରେ ଆଲୋଚନା କରିବା ସମୀଚୀନ ହେବ । ଆହୁରି ମଧ୍ୟ ଓଡ଼ିଆ ସାହିତ୍ୟର ଉଲ୍ଲିଖିତ ବିଭାଗ ଗୁଡ଼ିକ ବ୍ୟତୀତ ଅନ୍ୟ ଗୋଟିଏ ବିଭାଗ ଏହି ଆଲୋଚନାର ପରିସର ମଧ୍ୟକୁ ଆସିପାରୁ ନାହିଁ । ସେହି ବିଭାଗଟି ହେଉଛି, 'ଓଡ଼ିଆ ଅନୁବାଦ ସାହିତ୍ୟ' । ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀ ଠାରୁ ଆରମ୍ଭ କରି ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକ ପର୍ଯ୍ୟନ୍ତ ପ୍ରାୟ ଦୀର୍ଘ ପାଞ୍ଚଶହ ବର୍ଷ ଧରି ଓଡ଼ିଆରେ ବିଭିନ୍ନ ଧରଣର ଗ୍ରନ୍ଥ ଅନୁବାଦିତ ହୋଇଛି । ସେ ଅନୁବାଦ ଗୁଡ଼ିକ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା ନ କଲେ ଓଡ଼ିଆ ସାହିତ୍ୟର ଗୋଟିଏ ସମୃଦ୍ଧ ବିଭାଗ ଅବହେଳିତ ଅବସ୍ଥାରେ ରହିଯିବ ।

ରାଜ୍ୟ ସଂଗ୍ରହାଳୟରେ ଥିବା ପୋଥିଗୁଡ଼ିକ ମଧ୍ୟରେ ଏପରି ଅନୁବାଦର ସଂଖ୍ୟା ନିତାନ୍ତ ନଗଣ୍ୟ ନୁହେଁ । ତନ୍ତ୍ର, ଜ୍ୟୋତିଷ, ଧର୍ମଶାସ୍ତ୍ର, ଆୟୁର୍ବେଦ, ଦର୍ଶନ, ଗଣିତ ଏବଂ କାବ୍ୟ ଗୁଡ଼ିକର ଓଡ଼ିଆ ଅନୁବାଦ ଆମ ଦେଶର ପ୍ରାଚୀନ କବିମାନଙ୍କ

Digitized by PPRACHIN, SOA

ଦ୍ୱାରା ବହୁଳ ସଂଖ୍ୟାରେ କରାଯାଇଛି । କେବଳ ସେତିକ ନୁହେଁ, ଗୋଟିଏ ଗୋଟିଏ ପୁସ୍ତକର ଏକାଧିକ ଅନୁବାଦକ ବିଭିନ୍ନ ଦୃଷ୍ଟିକୋଣରୁ ଅନୁବାଦ କରି ମୂଳଗ୍ରନ୍ଥରେ ସାରବସ୍ତୁ ସମ୍ବନ୍ଧରେ ଦିଗ୍‌ଦର୍ଶନ କରାଇଛନ୍ତି । ଉଦାହରଣ ସ୍ୱରୂପ ଗୀତଗୋବିନ୍ଦର ଅନୁବାଦକୁ ନିଆଯାଇପାରେ । ଏହି ଦେଶର ପାଣି-ପବନରେ ବଢ଼ି ଓଡ଼ିଆ କବି ଶ୍ରୀ ଜୟଦେବ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସେବାରେ ଆତ୍ମନିୟୋଗ ପୂର୍ବକ ଗୀତ-ଗୋବିନ୍ଦ ପରି ଏକ ବିଶ୍ୱବିଶ୍ରୁତ ଗୀତିକାବ୍ୟ ରଚନା କରିଯାଇଛନ୍ତି । ସେହି କାବ୍ୟର ଅନୁକରଣରେ ପ୍ରାୟ ଦଶ ପନ୍ଦରଟି ସଂସ୍କୃତ କାବ୍ୟ ଏ ଦେଶର ବିଦ୍ୱାନମାନଙ୍କ ଦ୍ୱାରା ରଚିତ ହୋଇଛି । ତଦ୍‌ବ୍ୟତୀତ ଗୀତଗୋବିନ୍ଦର ପ୍ରାୟ କୋଡ଼ିଏଟି ଓଡ଼ିଆ ଅନୁବାଦ ଆମର ହସ୍ତଗତ ହୋଇଛି । ଏହା ବ୍ୟତୀତ ରଘୁବଂଶ, କୁମାର ସମ୍ଭବ, ନୈଷଧୀୟ ଚରିତ, ଶିଶୁପାଳ ବଧ, ରାମାୟଣ, ଚମ୍ପୂ ଆଦି ବିଶ୍ୱବିଖ୍ୟାତ ସଂସ୍କୃତ ଗ୍ରନ୍ଥଗୁଡ଼ିକର ଏକାଧିକ ଓଡ଼ିଆ ଅନୁବାଦ ସମ୍ବଳିତ ପୁସ୍ତକ ଥିବାର ଦେଖିବାକୁ ମିଳେ । ସେହି ଦୃଷ୍ଟିକୋଣରୁ ବିଚାର କଲେ 'ଓଡ଼ିଆ ଅନୁବାଦ ସାହିତ୍ୟ' ଏକ ସମୃଦ୍ଧ ବିଭବ; ସନ୍ଦେହ ନାହିଁ ।

ଓଡ଼ିଆ ସାହିତ୍ୟର ଏହି ବିଭବ ଗୁଡ଼ିକ ମଧ୍ୟରୁ ପ୍ରସ୍ତୁତ ବିବରଣାତ୍ମକ ତାଲିକାର ଭୂମିକା ରୂପେ 'ଓଡ଼ିଆ ଜ୍ଞାନମିଶ୍ରା ଭକ୍ତି ସାହିତ୍ୟ' 'ଓଡ଼ିଆ କୃଷ୍ଣ ସାହିତ୍ୟ' ଓ 'ଓଡ଼ିଆ ଐତିହାସିକ କାବ୍ୟ' ସମ୍ବନ୍ଧରେ ଆଲୋଚନା କରାଯାଉଛି ।

'ଓଡ଼ିଆ ଜ୍ଞାନମିଶ୍ରା ଭକ୍ତି ସାହିତ୍ୟ' ଓଡ଼ିଆ ସାହିତ୍ୟର ଏକ ସମୃଦ୍ଧ ବିଭବ । ଏହି ବିଭବର ମୁଖ୍ୟ କର୍ଣ୍ଣଧାର ରୂପେ ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ ଆଦି ପଞ୍ଚସଖା ଓଡ଼ିଆ ବିଦ୍ୱାନମାନଙ୍କ ନିକଟରେ ସୁପରିଚିତ । ସେମାନଙ୍କ ରଚନା ସମ୍ପର୍କରେ ଅନେକ କିମ୍ବଦନ୍ତୀ ଶୁଣାଯାଉଥିଲେହେଁ, ଅଦ୍ୟାପି ସେହି ସମସ୍ତ ଗ୍ରନ୍ଥ ଆଲୋଚକମାନଙ୍କ ହସ୍ତଗତ ହୋଇନାହିଁ । 'ପଞ୍ଚସଖା'ଙ୍କ ସାହିତ୍ୟ ମଧ୍ୟରେ ଅବଶ୍ୟ କେତେଖଣ୍ଡି ପୁରାଣ ରହିଛି । ତଥାପି ସେମାନେ ମୁଖ୍ୟତଃ 'ନିର୍ଗୁଣ ସାହିତ୍ୟ' ବା 'ଜ୍ଞାନମିଶ୍ରା ଭକ୍ତି ସାହିତ୍ୟ' ରଚନାରେ ଧୁରୀଣ ବିଦ୍ୱାନ ରୂପେ ସାହିତ୍ୟପ୍ରେମୀଙ୍କ ମହଲରେ ପରିଚିତ । ସେମାନଙ୍କ ରଚନା ପ୍ରଧାନତଃ ପିଣ୍ଡ-ବ୍ରହ୍ମାଣ୍ଡ ତତ୍ତ୍ୱ ସମ୍ବଳିତ । ସେମାନେ ବ୍ରହ୍ମଜ୍ଞାନର ରହସ୍ୟ ସମ୍ବନ୍ଧରେ ଜନସାଧାରଣଙ୍କୁ ଧାରଣା ଦେବା ଉଦ୍ଦେଶ୍ୟରେ ଯେଉଁସବୁ ରଚନା କରିଛନ୍ତି, ସେଥିରେ ଶରୀର ତତ୍ତ୍ୱ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ପ୍ରାଣାୟାମ ସାଧନ ପୂର୍ବକ କାୟାଶୁଦ୍ଧି କରି ନିଦିଧ୍ୟାସନର ସହିତ ଶରୀର ମଧ୍ୟରେ ନିରଞ୍ଜନଙ୍କୁ ଲୟ କଲେ ମୁକ୍ତି ହେବ ବୋଲି ସେମାନଙ୍କର

Digitized by PPRACHIN, SOA

ଧାରଣା । ତେଣୁ ଗୀତ, ଭଜନ, ଜଣାଣ, ସଂହିତା ମାଧ୍ୟମରେ ସେମାନେ ନିଜର ମତବାଦକୁ ପ୍ରଚାର କରିବାରେ ଯଥାସମ୍ଭବ ଚେଷ୍ଟା କରିଛନ୍ତି । ଏତଦ୍‌ବ୍ୟତୀତ 'ଆଗତ ଭବିଷ୍ୟ' ନାମରେ ଲିଖିତ କେତେଖଣ୍ଡି ଗ୍ରନ୍ଥ ପଞ୍ଚସଖାଙ୍କ ନାମରେ ଭଣିତ ହୋଇଥିବାର ଦେଖାଯାଏ । ଅବଶ୍ୟ ସେହି 'ଭବିଷ୍ୟ ମାଳିକା' ମଧ୍ୟରୁ କେତେଖଣ୍ଡି ପରବର୍ତ୍ତୀ କାଳରେ ରଚିତ ହୋଇଥିବାର ସ୍ପଷ୍ଟ ପ୍ରମାଣ ମିଳୁଛି ।

ପଞ୍ଚସଖାଙ୍କ ପରବର୍ତ୍ତୀ କାଳରେ ସେମାନଙ୍କ ଶିଷ୍ୟ ତଥା ମତାବଲମ୍ବୀଙ୍କ ଦ୍ୱାରା ଜ୍ଞାନମିଶ୍ରା ଭକ୍ତି ସାହିତ୍ୟ ଓ ଆଗତ ଭବିଷ୍ୟ ମାଳିକା ଆଦିର ରଚନା କରା-ଯାଇଛି । ସେସବୁର ବିସ୍ତୃତ ଆଲୋଚନା ବା ତାତ୍ତ୍ୱିକ ଆଲୋଚନା କରିବା ପ୍ରସ୍ତୁତ ଲେଖାର ଉଦ୍ଦେଶ୍ୟ ନୁହେଁ । କେବଳ ପଞ୍ଚସଖା ଓ ସେମାନଙ୍କ ଶିଷ୍ୟ ପରମ୍ପରା କ୍ରମେ ଯେଉଁ ସାହିତ୍ୟ ସୃଷ୍ଟି ହୋଇ ଜନ ଜୀବନକୁ ପତନୋନ୍ମୁଖ ଅବସ୍ଥାରୁ ଉଦ୍ଧାର କରାଯାଇ ପାରିଥିଲା, ତା'ର ଏକ ସଂକ୍ଷିପ୍ତ ବିବରଣୀ ଏଠାରେ ପ୍ରସ୍ତୁତ କରାଯାଉଛି ।

ପଞ୍ଚସଖା ସାହିତ୍ୟ ଓ ଜ୍ଞାନମିଶ୍ରା ଭକ୍ତି ସାହିତ୍ୟ—

ଭାରତୀୟ ସଂସ୍କୃତିରେ 'ପଞ୍ଚ' ଶବ୍ଦଟିର ମହତ୍ତ୍ୱ ଅତୀବ ଗୁରୁତ୍ୱପୂର୍ଣ୍ଣ । ଦୈନନ୍ଦିନ ବ୍ୟାବହାରିକ ଜୀବନରେ 'ପାଞ୍ଚ' ବା 'ପଞ୍ଚ'ର ବ୍ୟବହାର ଏତେ ବ୍ୟାପକ ଯେ, ଭାରତୀୟ ଆବାଳ ବୃଦ୍ଧ ବନିତା ସେହି ସଂଖ୍ୟାଟିକୁ ଶୁଭସୂଚକ ସଂଖ୍ୟା ରୂପେ ଗ୍ରହଣ କରିଥାନ୍ତି । ତେଣୁ ଆମ ସଂସ୍କୃତିରେ "ପଞ୍ଚଦେବତା, ପଞ୍ଚେନ୍ଦ୍ରିୟ, ପଞ୍ଚପଲ୍ଲବ, ପଞ୍ଚଭୂତ, ପଞ୍ଚରତ୍ନ, ପଞ୍ଚରସ, ପଞ୍ଚଶସ୍ୟ, ପଞ୍ଚକ; ପଞ୍ଚପ୍ରାଣ, ପଞ୍ଚାମୃତ, ପଞ୍ଚମକାର, ପଞ୍ଚମନ, ପଞ୍ଚୋପଚାର, ପଞ୍ଚାୟତନ, ପଞ୍ଚାଗ୍ନି, ପଞ୍ଚଗବ୍ୟ, ପଞ୍ଚନଦ, ପଞ୍ଚାକ୍ଷର, ପଞ୍ଚ-ଆତ୍ମା, ପଞ୍ଚପାଣ୍ଡବ ଓ ପଞ୍ଚାୟତ" ଆଦିର ପ୍ରୟୋଗ; ବିଶେଷ ଆଦରଣୀୟ ତଥା ଶୁଭସୂଚକ ବୋଲି ଗଣ୍ୟ ହୋଇଥାଏ । ଆଜି ବି ଆମେମାନେ 'ପଞ୍ଚମବୃହସ୍ପତି ପଡ଼ିଛି' 'ପଞ୍ଚ ପରମେଶ୍ୱର', 'ପାଞ୍ଚଭୁଣ୍ଡରେ ଛେଳି କୁକୁର', 'ପଞ୍ଚାନ ସପ୍ତାନ କୁଶଳାନ ବାର୍ତ୍ତା' ଆଦି ପ୍ରବଚନର ପ୍ରୟୋଗ ସାହିତ୍ୟ ତଥା ବ୍ୟାବହାରିକ ଜୀବନରେ କରିଥାଉଁ ।

ଓଡ଼ିଶା ଇତିହାସରେ ସୂର୍ଯ୍ୟବଂଶୀୟ ଗଜପତି ରାଜାମାନଙ୍କର ଶେଷ କୁଳାଙ୍କୁର ପ୍ରତାପରୁଦ୍ରଙ୍କ ରାଜତ୍ୱ ଯେପରି ମହତ୍ତ୍ୱପୂର୍ଣ୍ଣ ତଥା ସମସ୍ୟା ବହୁଳ; ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ମଧ୍ୟ ଅନୁରୂପ ସନ୍ଧିସ୍ଥଳ । ତାତ୍କାଳୀନ ସମୃଦ୍ଧ ଜନତାର ମନରୁ ସଂସ୍କୃତ ଭାଷାର ମୋହ ତୁଟି ନ ଥିଲା ଏବଂ ସାଧାରଣ ଜନତା; ନାଥ ଓ ସିଦ୍ଧସାହିତ୍ୟ,

Digitized by PPRACHIN, SOA

ଶିଶୁବେଦ ତଥା ଝଡ଼ାଫୁଙ୍କା ଗୁଣିଗାରେଡ଼ରେ ବ୍ୟବହୃତ ଓଡ଼ିଆ ଭାଷା ପ୍ରତି ଅନୁରକ୍ତ ହେବା ସଙ୍ଗେ ସଙ୍ଗେ, ସାରଳାଦାସଙ୍କ ବିଲଙ୍କା ରାମାୟଣ, ଚଣ୍ଡୀପୁରାଣ ଓ ମହାଭାରତର ଭାବଗମ୍ଭୀର ତଥା ସର୍ବଜନବୋଧ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଆକୃଷ୍ଟ ହୋଇଉଠୁଥିଲେ । କାରଣ, ରାଜଦରବାରର ଭାଷା ସଂସ୍କୃତ ହୋଇଥିବାରୁ, ସମାଜରେ କେବଳ ଗୋଟିଏ ଶ୍ରେଣୀର ଲୋକେ ସାହିତ୍ୟ କ୍ଷେତ୍ରରେ ବଡ଼ପଣ୍ଡା ସାଜି ସ୍ୱ ସ୍ୱ ପୃଷ୍ଠପୋଷକଙ୍କ ଅନୁଗ୍ରହ ଲାଭକରି କୃତକୃତ୍ୟ ହେବା ସଙ୍ଗେ ସଙ୍ଗେ ସାହିତ୍ୟକୁ 'ଗଣସାହିତ୍ୟ'ରେ ପରିଣତ କରିବା ପରିବର୍ତ୍ତେ, ତାର ପରିଧିକୁ ନିତାନ୍ତ ସଙ୍କୁଚିତ କରିଦେଇଥିଲେ ।

ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀ ଆଦ୍ୟଭାଗରେ ଓଡ଼ିଶାର ରାଜନୀତି, ଧର୍ମନୀତି ତଥା ସାମାଜିକ କ୍ଷେତ୍ରରେ ଯେପରି ଏକ ବିରାଟ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା; ସାହିତ୍ୟ କ୍ଷେତ୍ରରେ ମଧ୍ୟ ଠିକ୍ ସେହିପରି ଏକ ବିପ୍ଳବର ଦୁନ୍ଦୁଭି ବାଜିଉଠି ଦେଶବାସୀଙ୍କୁ ଜାଗ୍ରତ କରିପାରିଥିଲା । ଲୋକେ ସଂସ୍କୃତର ଶବ୍ଦାଡ଼ମ୍ବର ରୂପକ ମାୟାଜାଲରେ ପଡ଼ି, ନିଜତ୍ୱ ହରାଇବା ଅପେକ୍ଷା, ସ୍ୱ ମାତୃଭାଷାର ଅଭିବୃଦ୍ଧି ଲାଗି ବିଶେଷ ତତ୍ପର ହୋଇଉଠିଲେ । ଏପରି କି ପରମ୍ପରା କ୍ରମେ ସଂସ୍କୃତ ଭାଷା ଓ ସାହିତ୍ୟର ଅଧ୍ୟୟନ ଓ ଅଧ୍ୟାପନ ହେଉଥିବା ବ୍ରାହ୍ମଣ ଶାସନମାନଙ୍କରେ ମଧ୍ୟ, ଏପ୍ରକାର ବିପ୍ଳବର ସୂତ୍ରପାତ ହୋଇ; ଦେଶରେ ମାତୃଭାଷାର ଶାଶ୍ୱତ ଉତ୍ସ ଉଦ୍‌ବେଳିତ ହୋଇଉଠିଲା । ସେହି ସନ୍ଧିମୁହୂର୍ତ୍ତରେ, ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇଥିଲେ ପାଞ୍ଚଜଣ ସାହିତ୍ୟରଥୀ— ପଞ୍ଚସଖା ! ସେମାନେ ହେଉଛନ୍ତି— ବଳରାମ, ଜଗନ୍ନାଥ, ଅଚ୍ୟୁତ, ଯଶୋବନ୍ତ ଓ ଅନନ୍ତ । ଏହି 'ପଞ୍ଚସଖା' ତାତ୍କାଳୀନ ସମାଜର ଅଭିରୁଚି ହୃଦୟଙ୍ଗମ କରି ଦୃଢ଼ତାର ସହିତ ମାତୃଭାଷାର ସମୁନ୍ନତିରେ ତତ୍ପର ହୋଇ, ଦେଶ, ଦଶ ତଥା ସାହିତ୍ୟର ମୁଖୋଜ୍ଜ୍ୱଳ କରିଥିଲେ ।

ଅବଶ୍ୟ ପଞ୍ଚସଖାଙ୍କର ସେହି ସାହସିକ ପଦକ୍ଷେପ ଲାଗି ସେମାନଙ୍କୁ ସମାଜର ଧ୍ୱଜାଧାରୀ ବଡ଼ପଣ୍ଡାମାନଙ୍କ ଠାରୁ ଅନେକ ତିରସ୍କାର ଶୁଣିବାକୁ ପଡ଼ିଥିଲା ଏବଂ ସ୍ଥଳବିଶେଷରେ ମଧ୍ୟ ସେମାନଙ୍କ ଜୀବନ ସଙ୍କଟାପନ୍ନ ହୋଇଥିଲା । କିନ୍ତୁ ପଞ୍ଚସଖା ସେଥିପ୍ରତି ଭ୍ରୂକ୍ଷେପ ନ କରି, ସାହିତ୍ୟ କ୍ଷେତ୍ରରେ ଯେଉଁ ବିପ୍ଳବର ସୂତ୍ରପାତ କରିଥିଲେ, ତାକୁ ଶେଷ ପର୍ଯ୍ୟନ୍ତ ଅବ୍ୟାହତ ରଖିବା ସଙ୍ଗେ ସଙ୍ଗେ ଓଡ଼ିଆ ସାହିତ୍ୟର ଭଣ୍ଡାରକୁ ବହୁ ଅମୂଲ୍ୟ ଗ୍ରନ୍ଥରତ୍ନରେ ପୂର୍ଣ୍ଣ କରି, ଓଡ଼ିଆ ସାହିତ୍ୟର ଯୁଗପ୍ରବର୍ତ୍ତକ ରୂପେ ସମ୍ମାନିତ ହୋଇଥିଲେ ।

Digitized by PPRACHIN, SOA

ପଞ୍ଚସଖାଙ୍କ ମଧ୍ୟରେ ବଳରାମ ଦାସଙ୍କ ଜନ୍ମ ଆନୁମାନିକ ଖ୍ରୀ: ଅ: ୧୪୭୨ରେ ହୋଇଥିଲା ଏବଂ ପ୍ରତାପରୁଦ୍ର ଦେବଙ୍କ ୧୭ ଅଙ୍କ ଅର୍ଥାତ୍ ଖ୍ରୀ: ଅ: ୧୫୦୯ । ୧୦ରେ ସେ 'ବେଦାନ୍ତ ସାର ଗୁପ୍ତଗୀତା' ରଚନା କରିଥିଲେ ।

ବଳରାମ ଦାସଙ୍କ ପିତାଙ୍କ ନାମ ସୋମନାଥ ମହାପାତ୍ର ଓ ମାତାଙ୍କ ନାମ ଯମୁନା ଦେବୀ ବା ମାୟାଦେବୀ । କେତେକ ଆଲୋଚକଙ୍କ ମତରେ ତାଙ୍କ ମାତାଙ୍କ ନାମ ମନୋମାୟା ଦେବୀ । ବଳରାମଙ୍କ ବାସସ୍ଥାନ ଶ୍ରୀକ୍ଷେତ୍ର ଧାମ ବୋଲି ଭକ୍ତ ରାମ ଦାସଙ୍କ 'ଦାଢ୍ୟତା ଭକ୍ତି ରସାମୃତ'ରୁ ସୂଚନା ମିଳେ ।

"ଭକତ ଜନ ମଧ୍ୟେ ସାର ।
ମହିମା ଅପାରୁ ଅପାର ॥
ନାମ ତା ବଳରାମ ଦାସ ।
ମହାନ୍ତ ସୋମନାଥ ଶିଷ ॥
ପୁରୁଷୋତ୍ତମେ ତାର ଘର ।
କୁଟୁମ୍ବ ଘେନି ନିରନ୍ତର ॥
ଉତ୍ତମ ଜନେ ଆଶ୍ରେ କରି ।
ନିତି ବୁଲଇ ଭିକ୍ଷା କରି ॥"

ତାଙ୍କ ରଚନା ଗୁଡ଼ିକ ମଧ୍ୟରେ 'ବାଲ୍ମୀକୀ ରାମାୟଣ'ର ଅବଲମ୍ବନରେ ଲିଖିତ 'ଜଗମୋହନ ରାମାୟଣ' ଏକ ବିରାଟ ଗ୍ରନ୍ଥ । ପୁସ୍ତକଟି ମୂଳ ରାମାୟଣର ଅବିକଳ ଅନୁବାଦ ନୁହେଁ—କେବଳ ରାମାୟଣର ବିଷୟବସ୍ତୁର ଅବଲମ୍ବନରେ ଏକ ସ୍ୱତନ୍ତ୍ର ରାମାୟଣ ଗ୍ରନ୍ଥ ।

କବି ବଳରାମ ପୁରାଣ ପୁରୁଷ ରାମଚନ୍ଦ୍ରଙ୍କୁ ବନବାସ ସମୟରେ ଓଡ଼ିଶାର ପ୍ରତ୍ୟେକ ତୀର୍ଥକ୍ଷେତ୍ର ପରିକ୍ରମା କରାଇ ନିଜ ଜାତୀୟତାର ଶ୍ରେଷ୍ଠତ୍ୱ ପ୍ରତିପାଦନ କରାଇଛନ୍ତି । ସେହି ପ୍ରସଙ୍ଗରେ କବି ରାମଚନ୍ଦ୍ରଙ୍କୁ କୋଣାର୍କ, ରାମଚଣ୍ଡୀ, ଭୁବନେଶ୍ୱର (ଏକାମ୍ର କ୍ଷେତ୍ର), ପୁରୁଷୋତ୍ତମ, ବେଲ୍ୟେଶ୍ୱର ଓ ଋଷିକୁଲ୍ୟା ପ୍ରଭୃତି ପ୍ରସିଦ୍ଧ ତୀର୍ଥକ୍ଷେତ୍ରରେ ଭ୍ରମଣ କରାଇ ଦଣ୍ଡକାରଣ୍ୟକୁ ନେଇଛନ୍ତି ।

କବି ବଳରାମ ଦାଣ୍ଡି ରାମାୟଣ ପରି ଏକ ଉପାଦେୟ ଗ୍ରନ୍ଥ ରଚନା କରି; ତାତ୍କାଳୀନ ସମାଜରେ ଅଳ୍ପ ଶିକ୍ଷିତ ବ୍ୟକ୍ତିମାନଙ୍କର ଯେ କେବଳ କଲ୍ୟାଣ-ଭଜନ ହୋଇଛନ୍ତି; ତା ନୁହେଁ, ଓଡ଼ିଆ ସାହିତ୍ୟର ଗନ୍ତାଘରରେ ଏକ ଅମୂଲ୍ୟ ନିଧି ରକ୍ଷଣ

Digitized by PPRACHIN, SOA

କରିବାରେ ମୂର୍ତ୍ତି ସକ୍ଷମ ହୋଇପାରିଛନ୍ତି । କବି ସ୍ୱରଚିତ 'ଜଗମୋହନ ରାମାୟଣ'ରେ; ହିନ୍ଦୁ ଘରର ପତିପ୍ରାଣା, ଗୁରୁଜନ ଅନୁଗତା, ସାଧ୍ୱୀ ଓ ସହନଶୀଳା ସୀତା; କଠୋର ସଂଯମୀ, ଆଜ୍ଞାକାରୀ, କର୍ତ୍ତବ୍ୟପରାୟଣ, ଆଦର୍ଶ ଅନୁଜ ଲକ୍ଷ୍ମଣ; ନିର୍ଭୀକ, ଧୈର୍ଯ୍ୟଶୀଳ, ଆଜ୍ଞାକାରୀ, ପ୍ରଭୁଭକ୍ତ ସେବକ ହନୁମାନ; ପିତୃସତ୍ୟ ପରିପାଳକ, କଠୋରବ୍ରତୀ, ଗୁରୁଜନାନୁରାଗୀ, ସତ୍ୟସନ୍ଧ, ସଂଯମୀ, ଧୈର୍ଯ୍ୟଶୀଳ, ଦୃଢପ୍ରତିଜ୍ଞ, ଆର୍ଯ୍ୟଧର୍ମ ସଂରକ୍ଷକ ଗୋବ୍ରାହ୍ମଣ ପ୍ରିୟ, ପ୍ରଜାବତ୍ସଳ, ନ୍ୟାୟପରାୟଣ, ଭ୍ରାତୃସ୍ନିଗ୍ଧ, ତ୍ୟାଗବୀର ରାମଚନ୍ଦ୍ର; ସାମାଜିକ ଜୀବନର ବିଶୃଙ୍ଖଳାକାରିଣୀ, ପାରିବାରିକ ଶାନ୍ତିର ଧୂମକେତୁ ସ୍ୱରୂପିଣୀ କୁଟିଳା ନାରୀ ମନ୍ଥରା ତଥା ଆଦର୍ଶ ପୁରୁଷ ଓ ତ୍ୟାଗବୀର ଭରତ ଆଦି ଚରିତ୍ର ଗୁଡ଼ିକୁ ଯେପରି ନିଖୁଣ ଭାବରେ ଚିତ୍ରଣ କରିଛନ୍ତି, ତାହା ଅନ୍ୟତ୍ର ବିରଳ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

ଓଡ଼ିଶାର ଦକ୍ଷିଣାଞ୍ଚଳରେ ବଳରାମ ଦାସଙ୍କ 'ଜଗମୋହନ ରାମାୟଣ' 'ଦକ୍ଷିଣୀ ରାମାୟଣ' ନାମରେ ସୁପରିଚିତ । ଦକ୍ଷିଣାଞ୍ଚଳର ନକଲକାରୀମାନେ ସ୍ଥଳ-ବିଶେଷରେ କେତେକ ପାଠଭେଦ ପୂର୍ବକ ନକଲ କରି ଅଧ୍ୟାୟ ଶେଷରେ ବଳରାମ ଦାସଙ୍କ ନାମ ଭଣିତା କରିଛନ୍ତି ।

କବି ସାରଳା ଦାସଙ୍କ ଅନବଦ୍ୟ ରଚନା 'ବିଲଙ୍କା ରାମାୟଣ' ପରି ବଳରାମ ଦାସଙ୍କ ନାମରେ ଭଣିତା ହୋଇଥିବା ଖଣ୍ଡିଏ 'ବିଲଙ୍କା ରାମାୟଣ' ଦେଖି-ବାକୁ ମିଳେ ।

ରାବଣ ବଧ ପରେ ରାମଚନ୍ଦ୍ର ବିଭୀଷଣଙ୍କୁ ଲଙ୍କାରେ ଅଭିଷିକ୍ତ କରାଇ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିବାକୁ ଇଚ୍ଛାପ୍ରକାଶ କରନ୍ତେ, ବିଲଙ୍କା ଦେଶର ସହସ୍ରଶିର ରାବଣର ପ୍ରତାପ ସମ୍ବନ୍ଧରେ ବିଭୀଷଣ ବର୍ଣ୍ଣନା କଲେ । ତହୁଁ ରାମଚନ୍ଦ୍ର ଅଙ୍ଗଦ ହସ୍ତରେ ପତ୍ରଦେଇ ସହସ୍ରଶିର ନିକଟକୁ ପଠାଇଲେ, କିନ୍ତୁ ସହସ୍ରଶିର ରାବଣର ନିଃଶ୍ୱାସ ପବନରେ ଅଙ୍ଗଦ ଉଡ଼ିଆସନ୍ତେ, ରାମଚନ୍ଦ୍ର ପୁଣି ହନୁମାନଙ୍କୁ ଦୂତ ରୂପେ ପ୍ରେରଣ କଲେ । ରାମଚନ୍ଦ୍ରଙ୍କ ପତ୍ର ପାଠକରି ସହସ୍ରଶିର ମହାକ୍ରୋଧରେ ନିଜ ପୁତ୍ର 'ଗୁମାନୀ' ଅସୁରକୁ ଲଙ୍କା-ଧ୍ୱଂସ ଲାଗି ପଠାଇଲା । ଗୁମାନୀ ରାମଚନ୍ଦ୍ରଙ୍କ ଦ୍ୱାରା ନିଧନ ହୁଅନ୍ତେ, ସହସ୍ରଶିର ନିଜେ ଲଙ୍କା ଅଭିମୁଖେ ଅଭିଯାନରେ ଯାଇ ରାମଚନ୍ଦ୍ରଙ୍କ ବାଣରେ ଇହଧାମ ତ୍ୟାଗ କଲା ।

ଆଶ୍ଚର୍ଯ୍ୟର ବିଷୟ, 'ବିଲଙ୍କା ରାମାୟଣ'ର ଭଣିତାରେ 'ବାଗନିଧି' ଓ ବଳରାମ—ଦୁଇଜଣଙ୍କ ନାମ ଦେଖିବାକୁ ମିଳେ ।

Digitized by PPRACHIN, SOA

"ତୁମ୍ଭ ସେବାକୁ ଯେମନ୍ତେ ଆସିବ ଯେ ମୂଢ଼ଙ୍କ
ଯେମନ୍ତ କଲ୍ୟାଣ କର ବୋଲି **ବାଗ୍ନନ୍ଧି** ଯେ ମାଗଇଂ ।।"

× × ×

"ଶ୍ରୀରାମ ଚରଣକୁ ନିତ୍ୟ ମୋର ଆଶ
ଚରଣେ ଶରଣ ମୁଂ **ବଳରାମ ଦାସ**" ।।

ତେଣୁ ଏ କ୍ଷେତ୍ରରେ ଦୁଇପ୍ରକାର ଅନୁମାନ କରାଯାଇପାରେ— ବାଗ୍ନନ୍ଧି, ବଳରାମ ଦାସଙ୍କର ଉପନାମ ହୋଇପାରେ କିମ୍ବା ବାଗ୍ନନ୍ଧି ନାମକ ବଳରାମଙ୍କର ଜନୈକ ଶିଷ୍ୟ ନିଜେ ଗ୍ରନ୍ଥଟି ରଚନା କରି, ଗୁରୁଙ୍କ ନାମରେ ଭଣିତା କରିଥିବେ ! କିନ୍ତୁ 'ବିଲଙ୍କା ରାମାୟଣ'ର ଭାଷା, ଶୈଳୀ ଓ ଦାର୍ଶନିକତତ୍ତ୍ୱ ଦୃଷ୍ଟିରୁ ବିଚାର କଲେ, ଏହା ଜଗମୋହନ ରାମାୟଣ'ର ଅନୁରୂପ ବୋଲି ନିଃସନ୍ଦେହରେ କୁହାଯାଇପାରେ !

ଗୁପ୍ତଗୀତା ନାମକ ଗ୍ରନ୍ଥଟି ଛୋଟଛୋଟ ଆଠଟି ଅଧ୍ୟାୟରେ ରଚିତ । ସେଥିରେ କବି ବଳରାମ ବ୍ରହ୍ମଜ୍ଞାନ ବା ନିର୍ଗୁଣ ବ୍ରହ୍ମଙ୍କ ସମ୍ବନ୍ଧରେ ଆଲୋଚନା କରିଛନ୍ତି । ଗ୍ରନ୍ଥଟି ଶ୍ରୀକୃଷ୍ଣ ଅର୍ଜୁନଙ୍କ ସମ୍ବାଦ ଛଳରେ ଲିଖିତ ହୋଇଛି ।

'ଅମରକୋଷ ଗୀତା' ଶୀର୍ଷକ ପୁସ୍ତକଟି ଦଶ ଅଧ୍ୟାୟ ବିଶିଷ୍ଟ ଗୋଟିଏ ବ୍ରହ୍ମଜ୍ଞାନ ମୂଳକ ଗ୍ରନ୍ଥ । ଏଥିରେ ସୃଷ୍ଟିର ଉତ୍ପତ୍ତି, ପିଣ୍ଡବ୍ରହ୍ମାଣ୍ଡ କଥା, ପଞ୍ଚଭୂତ, ଷଡ଼ଚକ୍ର ତଥା ଜୀବ-ପରମ ତତ୍ତ୍ୱ ଆଦି ବିଷୟ ବର୍ଣ୍ଣିତ ହୋଇଛି ।

'ବେଦାନ୍ତସାର ଗୁପ୍ତଗୀତା' ନାମକ ପୁସ୍ତକଟି ବ୍ରହ୍ମଜ୍ଞାନ ବା ବେଦାନ୍ତର ସୂକ୍ଷ୍ମତତ୍ତ୍ୱ ସମ୍ବଳିତ । ଏଥିରେ ଛତିଶଟି ଅଧ୍ୟାୟ ରହିଛି । ଏହି ପୁସ୍ତକ ରଚନା କରି ବଳରାମ ଦାସ ତାତ୍କାଳୀନ ସମାଜର ବଡ଼ପଣ୍ଡା ବ୍ରାହ୍ମଣ ପଣ୍ଡିତମାନଙ୍କର ଶତ୍ରୁ ହୋଇଥିଲେ ଏବଂ ସେଥିଲାଗି ତାଙ୍କୁ 'ମୁକ୍ତିମଣ୍ଡପ'ରେ କଠିନ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଥିଲା ।

ଶ୍ରୀଜଗନ୍ନାଥଙ୍କ ମହିମା ବର୍ଣ୍ଣନାରେ 'ବଟ ଅବକାଶ' ଶୀର୍ଷକ ପୁସ୍ତକଟି ମୁଖରିତ ହୋଇଛି । ଶ୍ରୀ ମହାପ୍ରଭୁଙ୍କ ଅବକାଶ ସମୟରେ ସ୍ୱର୍ଗର ତେତିଶ କୋଟି ଦେବତା ଆସି ନିଜ ନିଜର କର୍ତ୍ତବ୍ୟ ପାଳନରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଠାରେ ହାଜର ହେଉଛନ୍ତି, ତାର ଏକ ବିଶଦ ବର୍ଣ୍ଣନା ଉକ୍ତ ପୁସ୍ତକରେ ବର୍ଣ୍ଣିତ ହୋଇଛି ।

Digitized by PPRACHIN, SOA

ବଳରାମ ଦାସଙ୍କ ରଚିତ 'ଲକ୍ଷ୍ମୀପୁରାଣ' ପୁସ୍ତକଟି ଓଡ଼ିଆ ସାହିତ୍ୟରେ ଏକ ଯୁଗାନ୍ତକାରୀ ରଚନା ! କବିଙ୍କର ଏହା ମଧ୍ୟ ଏକ ଅଭିନବ ପ୍ରୟାସ । ଉକ୍ତ ପୁସ୍ତକ ମାଧ୍ୟମରେ କବି ଓଡ଼ିଆ ସମାଜରେ ଏକ ମହାନ୍ ବିପ୍ଳବର ସୂତ୍ରପାତ କରିଛନ୍ତି । ମଧ୍ୟଯୁଗୀୟ ଓଡ଼ିଆ ସମାଜରେ ଜାତିଆଣ-ଭାବ ପ୍ରବଳ ଭାବରେ ମୁଣ୍ଡଟେକି ସମାଜକୁ ଦୁର୍ବଳ ତଥା ଛିନ୍ନଭିନ୍ନ କରିଦେଇ ଥିବାରୁ; ଉଦାରପନ୍ଥୀ ବଳରାମ ଦାସ ଉକ୍ତ ପୁସ୍ତକ ମାଧ୍ୟମରେ ସମାଜର ବଡ଼ପଣ୍ଡାମାନଙ୍କୁ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଓ ମହାଲକ୍ଷ୍ମୀଙ୍କ ଅନ୍ତରାଳରେ ରହି ପ୍ରତିଦ୍ୱନ୍ଦ୍ୱୀ ମୂଳକ ଆହ୍ୱାନ ଜଣାଇଛନ୍ତି ।

ଆହୁରି ମଧ୍ୟ ମଧ୍ୟଯୁଗୀୟ ଓଡ଼ିଆ ସମାଜରେ ନାରୀର ଦୟନୀୟ ଅବସ୍ଥା ସମ୍ବନ୍ଧରେ ଆଲୋଚନା କରି କବି ତା' ବିରୁଦ୍ଧରେ ଏକ ପ୍ରତିବାଦମୂଳକ ଝଙ୍କାର ତୋଳି ସମାଜରେ ନାରୀର ମହତ୍ତ୍ୱ ପ୍ରତିଷ୍ଠା ଲାଗି ସତ୍ପରାୟଣ ଚେଷ୍ଟା କରିଛନ୍ତି । ମହାଲକ୍ଷ୍ମୀଙ୍କ ଜିଦ୍ ଆଗରେ ବଡ଼ଠାକୁର ଓ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମୁଣ୍ଡ ନୁଆଁଇ ଦେଇ କବି ପ୍ରତ୍ୟେକ ଓଡ଼ିଆ ଘରଣୀର କାନରେ ଅପୂର୍ବ ଆଶ୍ୱାସନାର ବାଣୀ ଶୁଣାଇଛନ୍ତି ।

କବି ବଳରାମ ଦାସ ଜଣେ ନୁହଁନ୍ତି, ଏକାଧିକ ବୋଲି ଆଲୋଚକମାନେ ମତ ଦିଅନ୍ତି । ଅବଶ୍ୟ କେତେକ ପୁସ୍ତକର ଭାଷା ଓ ଶୈଳୀ ଦୃଷ୍ଟିରୁ ଏପ୍ରକାର ଅନୁମାନ ଅସମୀଚୀନ ବୋଲି ମନେହୁଏ ନାହିଁ । ତଥାପି ସେ ସମ୍ବନ୍ଧରେ ସୁସ୍ପଷ୍ଟ ପ୍ରମାଣ ନମିଳିବା ପର୍ଯ୍ୟନ୍ତ ଓଡ଼ିଆ କବି ସମାଜରେ ଦୁଇଜଣ ବଳରାମ ଦାସଙ୍କୁ ସ୍ୱୀକାର କରିବା ସମ୍ଭବ ନୁହେଁ ।

ଯାହାହେଉ, ପୂର୍ବୋକ୍ତ ପୁସ୍ତକ ଗୁଡ଼ିକ ବ୍ୟତୀତ ବଳରାମ ଦାସଙ୍କ ନାମରେ ଭଣିତ ଆହୁରି— ବ୍ରହ୍ମାଣ୍ଡ ଭୂଗୋଳ, ଗୀତାନୁବାଦ, ସପ୍ତାଙ୍ଗ-ଯୋଗ-ସାରଟୀକା, ଭାବସମୁଦ୍ର, ବ୍ରହ୍ମଗୀତା, ଅବଧୂତ ପ୍ରଶ୍ନୋତ୍ତର; ଗୁପ୍ତଗୀତା ଟୀକା, ଜ୍ଞାନ ଉଜ୍ଜଳମଣି ଟୀକା, ବିରାଟ ଗୀତା, ଗୀତାବକାଶ, ପରଚେ ଚୂଡ଼ାମଣି, ମୃଗୁଣୀ ସ୍ତୁତି, କାନ୍ତ କୋଇଲି, ପଦ୍ମତୋଳା, ଶ୍ରୀରାଧା ଶାଶୁ, ବଧୂ କଳି, ଇନ୍ଦ୍ରଜିତ ମାରୁଣି, ପଣସବୋଲି, ଲକ୍ଷ୍ମୀ କେଶବ, ବିଷ୍ଣୁ ପଞ୍ଜିକ, ବ୍ୟାଘ୍ରବୋଲି, କମଳ ଲୋଚନ ବୋଲି, ଗୃହବୋଲି, ଲୁଖବନ୍ଧା, ମଙ୍ଗଳାସ୍ତୁତି ଓ ଚଣ୍ଡିକା ସ୍ତୁତି ଆଦି ଅନେକ ପୁସ୍ତକ ରହିଛି । ଏତଦ୍-ବ୍ୟତୀତ ଶ୍ରୀ ବଳରାମଙ୍କ ନାମରେ ଅନେକ ଭଜନ,ଚଉପଦୀ ମଧ୍ୟ ଥିବାର ଦେଖାଯାଏ । ପ୍ରସ୍ତୁତ ଆଲୋଚନାରେ ପ୍ରଦତ୍ତ ପୁସ୍ତକ ଗୁଡ଼ିକ ବ୍ୟତୀତ ବଳରାମଙ୍କ ନାମରେ ଭଣିତ

Digitized by PPRACHIN, SOA

ଆଉ ଯେ ପୁସ୍ତକ ନାହିଁ; ଏ'କଥା ନୁହେଁ, ଅନୁସନ୍ଧାନର କ୍ଷେତ୍ର ବିସ୍ତୃତ ହେବା ସଙ୍ଗେ ସଙ୍ଗେ ଆହୁରି ଅନେକ ପୁସ୍ତକ ହୁଏତ ଲୋକଲୋଚନର ଗୋଚରକୁ ଆସିପାରେ !

ଜଗନ୍ନାଥ ଦାସ —

ଓଡ଼ିଶାର ପୁଣ୍ୟଶ୍ଳୋକ କବି, 'ଓଡ଼ିଆ ଭାଗବତ'ର ପ୍ରଣେତା, ଓଡ଼ିଶାରେ ଅତିବଡ଼ି ସଂପ୍ରଦାୟର ପ୍ରବର୍ତ୍ତକ ମହାତ୍ମା ଜଗନ୍ନାଥ ଦାସ ଏ ଦେଶରେ ପୁରପଲ୍ଲୀରେ ସୁପରିଚିତ । ତାଙ୍କ ଲେଖନୀରୁ ଅନେକ ଗ୍ରନ୍ଥ ନିସୃତ ହୋଇଥିଲେହେଁ, ସଂସ୍କୃତରେ ଲିଖିତ 'ଶ୍ରୀମଦ୍‌ଭାଗବତ' ମହାପୁରାଣର ଅନୁସରଣରେ ରଚିତ ଭାଗବତ ଗ୍ରନ୍ଥଟି ତାଙ୍କୁ ଓଡ଼ିଶାର ଘରେ ଘରେ ପରିଚିତ କରାଇଛି । ଆଜି ମଧ୍ୟ ଓଡ଼ିଶାରେ ଏକ କୌଣସି ଗ୍ରାମ ନାହିଁ; ଯେଉଁଠାରେ ଭାଗବତ ପାଠ ସମ୍ବଳିତ 'ଭାଗବତ ଟୁଙ୍ଗି' ନାହିଁ । ତଦ୍‌ବ୍ୟତୀତ ଓଡ଼ିଶାର ପ୍ରତ୍ୟେକ ହିନ୍ଦୁ ଗୃହସ୍ଥର ଘରେ ମଧ୍ୟ ଭାଗବତ ଗ୍ରନ୍ଥରୁ ଖଣ୍ଡିଏ ଦୁଇଖଣ୍ଡି ପୁସ୍ତକର ଅଭାବ ପରିଲକ୍ଷିତ ହୁଏ ନାହିଁ ।

ଜଗନ୍ନାଥ ଦାସଙ୍କ 'ଭାଗବତ' ଗ୍ରନ୍ଥଟି ଆଦୌ ଅନୁବାଦ ନୁହେଁ । ଅତିବଡ଼ି ମୂଳ ଭାଗବତ ଗ୍ରନ୍ଥର ଅନୁସରଣ କରିଛନ୍ତି ମାତ୍ର !

ଅତିବଡ଼ି ଜଗନ୍ନାଥ ଦାସଙ୍କ ସମ୍ବନ୍ଧରେ ବିଶେଷ ପ୍ରାମାଣିକ ତଥ୍ୟ ଅଦ୍ୟାପି ଆଲୋଚକମାନଙ୍କ ହସ୍ତଗତ ହୋଇ ନ ଥିଲେ ମଧ୍ୟ ଅତିବଡ଼ି ସମ୍ପ୍ରଦାୟର ଶିଷ୍ୟ କବି ଦିବାକର ଦାସଙ୍କ 'ଜଗନ୍ନାଥ ଚରିତାମୃତ'ରୁ ଅନେକ କିଛି ଉପାଦାନ ମିଳେ । ଉକ୍ତ ପୁସ୍ତକରୁ ଜଣାଯାଏ—କବି ଜଗନ୍ନାଥ ପୁରୀଜିଲ୍ଲାର କପିଳେଶ୍ବରପୁର ଗ୍ରାମର ପୁରାଣପଣ୍ଡା ଭଗବାନ ଓ ପଦ୍ମାବତୀଙ୍କ କୋଡ଼ ମଣ୍ଡନ କରିଥିଲେ । ସେ ପିଲାଟିଦିନରୁ ବହୁଶାସ୍ତ୍ର ଅଧ୍ୟୟନରେ ମନ ନିଯୋଗ କରି 'ଭାଗବତ', 'ରାମାୟଣ' ଓ 'ମହାଭାରତ' ଆଦି ଗ୍ରନ୍ଥ ରଚନା କରିଥିଲେ ।

ଆଜ୍ଞା ପ୍ରମାଣେ ସେ ଅଇଲେ । ଓଡ଼ିଶା ରାଜ୍ୟେ ଜନ୍ମ ହେଲେ ॥
ନାମ କପିଳେଶ୍ବର ପୁର । ଶାସନ ମଧ୍ୟେ ତାଙ୍କ ଘର ॥
ପୁରାଣ ପଣ୍ଡା ଭଗବାନ । ପଦ୍ମା ବୋଲଣ ପତ୍ନୀ ନାମ ॥
ପିତାଙ୍କୁ ବିଭା ନାସ୍ତି କଲେ । ସକଳ ବିଦ୍ୟାଯେ ପଢ଼ିଲେ ॥
ଯଜୁର୍ବେଦ ସାମ ବେଦକୁ । କଣ୍ଠସ୍ଥ କଲେକ ତାହାକୁ ॥
କଳାପ ବର୍ଦ୍ଧମାନ ଦୁଇ । ରଖିଲେ ଜିହ୍ବା ଅଗ୍ରେ ନେଇ ॥

Digitized by PPRACHIN, SOA

ସକଳ ଶାସ୍ତ୍ରେ ପୂର୍ଣ୍ଣ ହେଲେ । ଭାରତ ସମଗ୍ର ପଢ଼ିଲେ ॥
ଶ୍ରୀ ରାମାୟଣ ଗ୍ରନ୍ଥ ସାଧି । ଶ୍ରୀ ଭାଗବତେ ଦେଲେ ବୁଦ୍ଧି ॥

ଉକ୍ତ ଉଦ୍ଧୃତରୁ ଜଗନ୍ନାଥଙ୍କ 'ରାମାୟଣ' ରଚନା ସମ୍ପର୍କରେ ସ୍ୱର୍ଗତ ବିଜୟ ମଜୁମଦାର କହିଛନ୍ତି—

"He took to the Composition of Ramayana in Oriya sometimes before the advent of Chaitanya in Orissa"

ଆହୁରି ମଧ୍ୟ ସ୍ୱର୍ଗତ ମଜୁମଦାର ତାଙ୍କ ଲିଖିତ 'Typical Selecti ns from Oriya Literature' ଶୀର୍ଷକ ଗ୍ରନ୍ଥରେ ଲେଖିଛନ୍ତି—

"I cannot too highly speak of what Jagannatha Das has done to raise his country men to a higher level of moral existence. No poet of old time enjoys so much popularity as poet Jagannatha Das does."

ଅତିବଡ଼ଙ୍କ ରଚିତ 'ଭାଗବତ' ଯେ କେବଳ ଓଡ଼ିଶାର ଜନସାଧାରଣଙ୍କୁ ମୁଗ୍ଧ କରିଥିଲା ତାହା ନୁହେଁ, ପଡ଼ୋଶୀ ବଙ୍ଗଳା ପ୍ରାନ୍ତର ପ୍ରଥମ ଭାଗବତ ଅନୁବାଦକ ସନାତନ ବିଦ୍ୟାବାଗୀଶ ମଧ୍ୟ ତାଙ୍କ ପ୍ରଭାବରେ ମୁଗ୍ଧ ହୋଇ ତାଙ୍କୁ (ଜଗନ୍ନାଥ ଦାସଙ୍କୁ) ଅନୁକରଣ କରିଥିବାର ସ୍ୱୀକାର କରିଛନ୍ତି—

"ଶୁନ ଶୁନ ଶ୍ରୋତାଗନ କର ନିବେଦନ ।
ପ୍ରଥମ ହଇତେ ଭାଷା ଲେଖିଲୁଁ ଆପନ ॥
ଦଶମେର ଶେଷ ଷଷ୍ଟ ଭାଷା ନା ପାଇନ ।
ଅନେକତ ପାଣି ଗ୍ରାମେ ଗ୍ରାମେ ବେଡ଼ାଇନ ॥
ଏ ହେତୁ ଉତ୍କଳ ଭାଷା କରିଲ ଲିଖନ ।
ଜଗନ୍ନାଥ ଦାସ କୃତ ଅପୂର୍ବ ବର୍ଣ୍ଣନ ॥
ଗ୍ରନ୍ଥ ସମାପନ ହୈତେ ଉତ୍କଣ୍ଠା ହଇୟାଁ ।
ବଙ୍ଗଜ ଭାଷାୟ ଉତ୍କଳ ମିଶାଇୟାଁ ॥

× × ×

ଇଥେ ସାଧୁଜନ ମୋର ଦୋଷ ନା ଲଇବେ ।
ଭାଗବତ ସାଧୁବାକ୍ୟ ଆନନ୍ଦେଶୁନିବେ ॥"

(ଓଡ଼ିଶା ରାଜ୍ୟ ସଂଗ୍ରହାଳୟର B/10 ପୋଥି ଦ୍ରଷ୍ଟବ୍ୟ)

Digitized by PPRACHIN, SOA

କବି ଜଗନ୍ନାଥ ଦାସ ମୂଳ ସଂସ୍କୃତ ଭାଗବତର 'ତିନିଶହ ବାଇଶି' ଅଧ୍ୟାୟ (୧ମରୁ ୧୧ଶ ସ୍କନ୍ଦ ସୁଦ୍ଧା)କୁ ସ୍ୱରଚିତ 'ଭାଗବତ'ରେ ତିନିଶହ ଅଠାଇଶି ଅଧ୍ୟାୟରେ ପରିଣତ କରିଛନ୍ତି । ସ୍ଥଳବିଶେଷରେ ସେ ମୂଳ ଭାଗବତର ଦୁଇଟି ଅଧ୍ୟାୟକୁ ଗୋଟିଏ ଅଧ୍ୟାୟରେ ପ୍ରକାଶ କରିବା ସଙ୍ଗେ ସଙ୍ଗେ, ଅନ୍ୟ କେତେକ ସ୍ଥଳରେ ବିଷୟବସ୍ତୁର ସ୍ପଷ୍ଟୀକରଣ ନିମିତ୍ତ ଅଧ୍ୟାୟ ସଂଖ୍ୟା ବୃଦ୍ଧି କରିଛନ୍ତି ।

ଅତଏବ ଜଗନ୍ନାଥ ଦାସ 'ଭାଗବତ' ଗ୍ରନ୍ଥଟିକୁ ଏକାଦଶ ସ୍କନ୍ଦ ପର୍ଯ୍ୟନ୍ତ ଲେଖି ବୈକୁଣ୍ଠ ଯାତ୍ରା କରନ୍ତେ, ତାଙ୍କ ଅନ୍ତେ ଦ୍ୱାଦଶ ସ୍କନ୍ଦଟିକୁ ମହାଦେବ ଦାସ ରଚନା କରି କେବଳ ଭଣିତାରେ ଜଗନ୍ନାଥଙ୍କ ନାମ ଉଲ୍ଲେଖ କରିଛନ୍ତି ।

"ସେ ନାରାୟଣ ପାଦେ ମୁହିଁ । ଶରଣ ଯାଇ ସେ ଅଛଇଁ ॥
ଦ୍ୱାଦଶ ସ୍କନ୍ଦ ଭାଗବତ । ତ୍ରୟୋଦଶ ଅଧ୍ୟା ନିମିତ ॥
ଜଗନ୍ନାଥ ଦାସ ପ୍ରକାଶ । କରିତ ଲୋଡ଼ୁଅଛୁ ଆଶ ॥
ନାମ ମୋହର ମହାଦେବ । ବିପ୍ର କୁଳରେ ମୁଁ ସମ୍ଭବ ॥
କୃଷ୍ଣ ସଙ୍ଗତେ ଜଗନ୍ନାଥ । ଚଳିଲେ ଗୋଲୋକ ଯେ ପଥ ॥
ଏହା ମୁଁ କରଇ ବିସ୍ତର । ଅଷ୍ଟାଦଶ ପୁରାଣ ସାର ॥
ଦ୍ୱାଦଶ ସ୍କନ୍ଦ ତ୍ରୟୋଦଶ । ଯେମନ୍ତେ ହୋଇବ ପ୍ରକାଶ ॥
ପୁରାଣମାନଙ୍କୁ ଉଦ୍ଧାରି । ସୂତ ଯା କହିଲେ ବିସ୍ତରି ।"

ମୂଳ ସଂସ୍କୃତ ଭାଗବତରେ 'ତ୍ରୟୋଦଶ ସ୍କନ୍ଦ' ଓ 'ଗୁପ୍ତ ଭାଗବତ' ନାମରେ କୌଣସି ଖଣ୍ଡ ନ ଥିଲେହେଁ, ଓଡ଼ିଆରେ ଉକ୍ତ ଦୁଇଟି 'ସ୍କନ୍ଦ' ଦେଖିବାକୁ ମିଳେ । ତ୍ରୟୋଦଶ ସ୍କନ୍ଦରେ ଜନୈକ 'ଦ୍ୱାରକା ଜଗନ୍ନାଥ'ଙ୍କ ନାମ ଭଣିତାରୁ ମିଳୁଛି । ଆହୁରି ମଧ୍ୟ ଏକାଦଶ ସ୍କନ୍ଦରେ 'ଭକ୍ତିଯୋଗ', ଜ୍ଞାନଯୋଗ, ବିଭୂତି ଯୋଗ, ସିଦ୍ଧିଯୋଗ, ସୃଷ୍ଟିତତ୍ତ୍ୱ, ଶରୀର ତତ୍ତ୍ୱ ଆଦିର ଆଲୋଚନା କରିବା ପରେ; ପୁଣି ତ୍ରୟୋଦଶ ସ୍କନ୍ଦରେ 'ଭକ୍ତ ଲକ୍ଷଣ' (୪ର୍ଥ ଅଧ୍ୟାୟ), ଜ୍ଞାନ ଲକ୍ଷଣ (୫ମ ଅଧ୍ୟାୟ), ଆଦି କାୟା ସୃଜନ (୯ମ ଅଧ୍ୟାୟ,) ବିଭୂତି ଯୋଗ (୧୦ମ ଅଧ୍ୟାୟ) ବିଷୟର ଅବତାରଣା କରିଥା'ନ୍ତେ ବା କାହିଁକି ?

ଏତଦ୍‌ବ୍ୟତୀତ ଏକାଦଶ ସ୍କନ୍ଦର ତ୍ରିଂଶ ଅଧ୍ୟାୟରେ ଉଦ୍ଧବ ଶ୍ରୀକୃଷ୍ଣଙ୍କ ଠାରୁ ବିଦାୟ ନେଇ ଉତ୍ତରାପଥରେ ତପଃସାଧନ କରିବାକୁ ପ୍ରସ୍ଥାନ କରିଥିବାର ବର୍ଣ୍ଣନା ଥିବା ସ୍ଥଳେ, ପୁଣି ତ୍ରୟୋଦଶ ସ୍କନ୍ଦରେ ଶ୍ରୀକୃଷ୍ଣଙ୍କ ସହିତ ଉଦ୍ଧବର ବୈକୁଣ୍ଠ ଗମନ ପ୍ରସଙ୍ଗ ନିତାନ୍ତ

Digitized by PPRACHIN, SOA

ଅପ୍ରାସଙ୍ଗିକ ନୁହେଁ କି ? ଏଣୁ ନିଶ୍ଚିତ ଭାବରେ ଧାରଣା କରାହୁଏ ଯେ, ତ୍ରୟୋଦଶ ସ୍କନ୍ଧ ଅନ୍ୟ କୌଣସି ଜଣେ କବିଙ୍କ ଦ୍ୱାରା ରଚିତ ହୋଇଛି ।

'ଗୁପ୍ତ ଭାଗବତ' ନାମରେ ମିଳୁଥିବା ପୁସ୍ତକଟି ଜଗନ୍ନାଥ ଦାସଙ୍କ ନାମରେ ଭଣିତା ହୋଇଥିଲେ ମଧ୍ୟ, ତାହା ଭାଗବତ ପ୍ରଣେତାଙ୍କ ପ୍ରଣୀତ ବୋଲି ଧାରଣା କରାହୁଏ ନାହିଁ । କାରଣ ଜଗନ୍ନାଥ ଦାସ ସ୍ୱରଚିତ 'ଭାଗବତ'ର ଦଶମ ସ୍କନ୍ଧ (ଗୋପଲୀଳା)ରେ 'ରାଧାଜନ୍ମ' ଓ 'ରାଧାକୃଷ୍ଣ ଲୀଳା' ପ୍ରସଙ୍ଗ ବର୍ଣ୍ଣନା ନ କରି, ପୁଣି ଏକ ସ୍ୱତନ୍ତ୍ର ପୁସ୍ତକର ଅବତାରଣା କରିଥା'ନ୍ତେ କାହିଁକି ? ତେଣୁ ଜଣାଯାଏ ଯେ, ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀରେ ଗୌଡ଼ୀୟ ମତବାଦର ଦୁଇଜଣ ପ୍ରବୀଣ ଉତ୍କଳୀୟ ପଣ୍ଡିତ— ବଳଦେବ ବିଦ୍ୟାଭୂଷଣ ଓ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କ ପ୍ରଚାର ଫଳରେ ରାଧାପୂଜା ଓଡ଼ିଶାରେ ପ୍ରବର୍ତ୍ତିତ ହେବା ପରେ ପରେ, 'ଗୁପ୍ତ ଭାଗବତ' ନାମକ ପୁସ୍ତକଟି ରଚିତ ହୋଇ ସ୍ୱନାମଧନ୍ୟ ତଥା ଓଡ଼ିଶାର ପୁରପଲ୍ଲୀରେ ସୁଖ୍ୟାତ ଅତିବଡ଼ ଜଗନ୍ନାଥ ଦାସଙ୍କ ନାମ ଭଣିତାରେ ଦିଆଯାଇଛି ।

ବର୍ତ୍ତମାନ 'ଭାଗବତ'ର ବିଭିନ୍ନ ପାଠଭେଦ ସମ୍ବଳିତ ପୁସ୍ତକ ଉପଲବ୍ଧ ହେଲାଣି । ଏପରି କି; ଜାନକୀ ବଲ୍ଲଭ କରଙ୍କ ସଂଶୋଧିତ ଜଗନ୍ନାଥ ଦାସଙ୍କ 'ଭାଗବତ'ର ପାଠ ସହିତ ଅନ୍ୟାନ୍ୟ ମୁଦ୍ରିତ ଓ ଅପ୍ରକାଶିତ ପୋଥିର ପାଠରେ ଅନେକ ପାର୍ଥକ୍ୟ ଥିବାର ଦେଖାଯାଉଛି ।

ଅତିବଡ଼ ଜଗନ୍ନାଥ ଦାସଙ୍କ ସମ୍ବନ୍ଧରେ ଆଲୋଚନା କରିଥିବା ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ; ସ୍ୱର୍ଗତଃ ମହାମହୋପାଧ୍ୟାୟ କାବ୍ୟକଣ୍ଠ ସଦାଶିବ ମିଶ୍ରଙ୍କ 'ଅତିବଡ଼ ଜଗନ୍ନାଥ' ଓ ଅଚ୍ୟୁତାନନ୍ଦଙ୍କ 'ଉଦୟ କାହାଣୀ' ଆଦି ପୁସ୍ତକ ଅନୁସାରେ, ତାଙ୍କ ଜନ୍ମ ଖ୍ରୀ: ଅ: ୧୪୮୭ରୁ ୧୪୯୦ ମଧ୍ୟରେ ଘଟିଥିବା ଅନୁମାନ କରିଛନ୍ତି । *

ଅତିବଡ଼ ଉଭୟ ସଂସ୍କୃତ ଓ ଓଡ଼ିଆ ଭାଷାରେ ଅନେକ ଗ୍ରନ୍ଥ ରଚନା କରି ଉତ୍କଳ ଭାରତୀଙ୍କ ପାଦରେ ଅର୍ପଣ କରିଛନ୍ତି । ତାଙ୍କ ରଚିତ ସଂସ୍କୃତ ଗ୍ରନ୍ଥଗୁଡ଼ିକ ହେଉଛି—

୧—କୃଷ୍ଣଭକ୍ତି କଳ୍ପଲତା, ୨—କୃଷ୍ଣଭକ୍ତି କଳ୍ପଲତା ଫଳ, ୩—ନିତ୍ୟ ଗୁପ୍ତ ଚିନ୍ତାମଣି ବା ନିତ୍ୟଗୁପ୍ତ ମାଳା, ୪—ଉପାସନା ଶତକ, ୫—ପ୍ରେମ ସୁଧାନିଧି,

---

* ଓଡ଼ିଆ ସାହିତ୍ୟର ଇତିହାସ (୧ମ ଭାଗ) ପୃ- ୫୮୫

Digitized by PPRACHIN, SOA

୬—ନିତ୍ୟାଚାର, ୭—ଦୀକ୍ଷା-ସମ୍ବତୋପାସନା ବିଧି, ୮—ନୀଳାଦ୍ରି ଶତକ, ୯—ଜଗନ୍ନାଥ ଚରିତାମୃତୋନିଧି ସରଣୀ ପ୍ରଭୃତି ।

ପ୍ରସ୍ତୁତ ସୂଚୀରେ ପ୍ରଦତ୍ତ ପୁସ୍ତକ ଗୁଡ଼ିକରୁ କେତେକଣ୍ଟି ଗ୍ରନ୍ଥର ନାମମାତ୍ର ଶୁଣିବାକୁ ମିଳେ; କିନ୍ତୁ ଉକ୍ତ ପୁସ୍ତକଗୁଡ଼ିକ କୌଣସିଠାରେ ଉପଲବ୍‌ଧ ହୁଏନାହିଁ ।

ଅତିବଡ଼ିଙ୍କ ଲେଖନୀରୁ ନିସୃତ ଯେଉଁ କେତେକଣ୍ଟି ଓଡ଼ିଆ ପୁସ୍ତକର ସନ୍ଧାନ ମିଳୁଛି, ତନ୍ମଧ୍ୟରେ 'ଭାଗବତ', ମହାଭାରତ, ରାମାୟଣ ଓ ଇତିହାସ ପୁରାଣ ଆଦି ଗ୍ରନ୍ଥ ମୂଳ ସଂସ୍କୃତ ଗ୍ରନ୍ଥର ଅନୁକରଣ ଓ ଅନୁସରଣରେ ଲିଖିତ । ତାଙ୍କ ସ୍ୱକୀୟ ପ୍ରତିଭାରୁ ଯେଉଁ କେତେକଣ୍ଟି ମୌଳିକ ରଚନା ଲୋକସମାଜରେ ପ୍ରଚଳିତ ହୋଇଛି; ତନ୍ମଧ୍ୟରେ କେତେକଣ୍ଟି ପୁସ୍ତକ ଅନ୍ୟଜଣେ 'ଜଗନ୍ନାଥ ଦାସ'ଙ୍କ ରଚନା ବୋଲି ଆଲୋଚକମାନେ ସନ୍ଦେହ ପ୍ରକାଶ କରନ୍ତି । ଅବଶ୍ୟ ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ 'ପ୍ରମୋଦ ଚନ୍ଦ୍ରମଣି'' ନାମକ ଖଣ୍ଡ ଏ କାବ୍ୟ ଭଦ୍ରକ ଅଞ୍ଚଳର ଊନବିଂଶ ଶତାବ୍ଦୀର କବି ଜଗନ୍ନାଥ ପାଣିଙ୍କ ଦ୍ୱାରା ବୋଲି ନିର୍ଣ୍ଣିତ ଭାବରେ ଜଣାଯାଏ । ସେ ଯାହାହେଉ, ଜଗନ୍ନାଥ ଦାସଙ୍କ ନାମରେ ଭଣିତ ନିମ୍ନଲିଖିତ କେତେକଣ୍ଟି ପୁସ୍ତକ ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ହୋଇଛି ।

୧—ବ୍ରହ୍ମାଣ୍ଡ ଭୂଗୋଳ, ୨—କାଳୀୟ ଦଳନ, ୩—ତୁଳାଭିଣା, ୪—ଷୋଳ ଚଉପଦୀ, ୫—ପାହାନ୍ତ ଅବକାଶ, ୬—ଇନ୍ଦ୍ର ମାଳିକା, ୭—ଗଜ ନିସ୍ତାରଣ, ୮—ଜ୍ଞାନସାଗର ଗୀତା, ୯—ମାଳା ନିର୍ଣ୍ଣୟ, ୧୦—ଭବିଷ୍ୟ ମାଳିକା, ୧୧—ଉଦ୍ଧବ ଜଣାଣ, ୧୨—ପଶାପାଳି, ୧୩—ପଦ୍ମକଳ୍ପ ଟୀକା, ୧୪—ହରିଣୀ ସୁତ୍ତ, ୧୫—ଗୋପୀଭାଷା ଅର୍ଥ, ୧୬—ଦୀକ୍ଷା ସମ୍ବାଦ, ୧୭—ଅକ୍ରୂର ବୋଲି, ୧୮—ରୁକ୍ମିଣୀ ମାଳିକା, ୧୯—ବ୍ରହ୍ମାଣ୍ଡ ଭୂଗୋଳ ଚୂଡ଼ାମଣି, ୨୦—ଭକ୍ତିଚନ୍ଦ୍ରିକା, ୨୧—ଗଜ ଉଦ୍ଧାରଣ, ୨୨—ଅର୍ଥ କୋଇଲି, ୨୩—କଳି ମାଳିକା, ୨ —ଜ୍ୱରବଳୀ (ପ୍ରସ୍ତୁତ ପୁସ୍ତକରେ ବାଣାସୁର ସହିତ ଶ୍ରୀକୃଷ୍ଣଙ୍କ ଯୁଦ୍ଧ ସମୟରେ ଶିବଜ୍ୱର ଓ ବିଷ୍ଣୁଜ୍ୱରଙ୍କର ଯୁଦ୍ଧ ବର୍ଣ୍ଣନା କରାଯାଇଛି), ୨୫—ଏକାଦଶୀ ବ୍ରତ ଗୀତା, ୨୬—ପଞ୍ଚଭୂତ ଗୀତା, ୨୭—ଗୁଣ୍ଡିଚା ବିଜେ, ୨୮—ଶୈବାଗମ, ୨୯—ଅଳଙ୍କାର ବୋଲି, ୩୦—ମନଃଶିକ୍ଷା, ୩୧—ଦାରୁବ୍ରହ୍ମ ଗୀତା, ୩୨—ପାଷାଣ୍ଡ ଦଳନ ଇତ୍ୟାଦି ।

ଏତଦ୍‌ବ୍ୟତୀତ ଜଗନ୍ନାଥ ଦାସଙ୍କ ନାମରେ ଭଣିତ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ 'ଭଜନ' ଓ ବ୍ରହ୍ମଜ୍ଞାନ ଭଜନ ଆଦି ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ହୋଇଅଛି ।

Digitized by PPRACHIN, SOA

ଏହି ରଚନା ଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକ ପରବର୍ତ୍ତୀ କାଳରେ ରଚିତ, ତାହା ନିର୍ଣ୍ଣୟ କରିବା ଆଦୌ ସହଜସାଧ୍ୟ ନୁହେଁ । ଅବଶ୍ୟ ପୁସ୍ତକ ଗୁଡ଼ିକର ସୂକ୍ଷ୍ମ ଅଧ୍ୟୟନ କଲେ, ତାହା ସମ୍ଭବ ହୋଇପାରେ । ତଥାପି ଅତିବଡ଼ି ଜଗନ୍ନାଥ ଦାସ ଯେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ, ଏଥିରେ ସନ୍ଦେହ ନାହିଁ ।

ଯଶୋବନ୍ତ ଦାସ—

ପଣ୍ଡିତ ସୂର୍ଯ୍ୟନାରାୟଣ ଦାସଙ୍କ ପ୍ରଣୀତ 'ଓଡ଼ିଆ ସାହିତ୍ୟର ଇତିହାସ'ରେ ପ୍ରଦତ୍ତ ବିବରଣୀରୁ ଜଣାଯାଏ ଯେ, ଯଶୋବନ୍ତ ଦାସ ପଞ୍ଚସଖାଙ୍କ ମଧ୍ୟରେ ତୃତୀୟସ୍ଥାନ ଅଧିକାର କରନ୍ତି । ତାଙ୍କ ସମୟ ସୂଚକ କୌଣସି ନିର୍ଦ୍ଦିଷ୍ଟ ପ୍ରମାଣ ମିଳି ନ ଥିଲେହେଁ 'ଉଦୟ କାହାଣୀ'ର ବିବରଣୀ ଅନୁସାରେ ଖ୍ରୀ: ଅ: ୧୪୮୭ରେ ଯଶୋବନ୍ତ ଦାସ ଜନ୍ମଗ୍ରହଣ କରିଥିବାର ଅନୁମାନ କରାଯାଏ ।

କଟକ ଜିଲ୍ଲାର 'ଅଡଙ୍ଗ' ଗ୍ରାମରେ ଯଶୋବନ୍ତ ଦାସ ଜଗୁ ମଲ୍ଲିକ ଓ ରେଖାଦେବୀଙ୍କ କୋଳ ମଣ୍ଡନ କରିଥିଲେ । ଯଶୋବନ୍ତ ଆବାଲ୍ୟରୁ ଆଧ୍ୟାତ୍ମିକ ମତବାଦୀ ଥିଲେ ଏବଂ ସେ ଶ୍ରୀକ୍ଷେତ୍ରରେ ଶ୍ରୀଚୈତନ୍ୟଦେବଙ୍କ ସଂସ୍ପର୍ଶରେ ଆସି ଦୀକ୍ଷା ଗ୍ରହଣ ପୂର୍ବକ ନିଜର ଜନ୍ମସ୍ଥାନକୁ ଫେରି ବୈବାହିକ ଜୀବନ ଯାପନ କରିବା ସଙ୍ଗେ ସଙ୍ଗେ ଈଶ୍ୱରାଧନାରେ କାଳାତିପାତ କରିବାକୁ ଲାଗିଲେ । ଜନଶ୍ରୁତିରୁ ଜଣାଯାଏ— ସେ ଜଣେ ଯୋଗଜନ୍ମା ପୁରୁଷ ଥିଲେ ଏବଂ ଅଦ୍ଭୁତ କର୍ମ କରି ଜନସାଧାରଣ ତଥା ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରାଇ ପାରୁଥିଲେ । କୌଣସି ଏକ ଅବସରରେ ଗଜପତି ପ୍ରତାପରୁଦ୍ରଦେବ ଯଶୋବନ୍ତ ଦାସଙ୍କ ଯୋଗସାଧନ ତଥା ଅଦ୍ଭୁତ ଶକ୍ତିରେ ବିମୁଗ୍ଧ ହୋଇଯାଇଥିଲେ ।

ସନ୍ଥ ଯଶୋବନ୍ତ ଦାସ ଥିଲେ— ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱର ପରିପୋଷକ ତଥା ନିରଞ୍ଜନ ବ୍ରହ୍ମଙ୍କର ଉପାସକ । ସେ ନିଜ ମତବାଦର ପ୍ରଚାର କରିବାକୁ ଯାଇ ଅନେକ 'ବ୍ରହ୍ମଜ୍ଞାନ ଭଜନ' ରଚନା କରିଛନ୍ତି । ଏହି ଭଜନଗୁଡ଼ିକ ତାଙ୍କ ଶିଷ୍ୟବର୍ଗ ଗାନକରି ଜନସମାଜରେ ଯଶୋବନ୍ତଙ୍କ ମତବାଦକୁ ପ୍ରଚାର କରନ୍ତି ।

"ଅଣ ଯେ ଅକ୍ଷର ଶୂନ୍ୟମଣ୍ଡଳ ଗୋଟିଏ ।
ଆଦ୍ୟ ଯେ ଅପର୍ଣ୍ଣା ତହିଁ ମଧ୍ୟୁ ଜାତ ହୋଏ ॥
ଓ ମିତ ଅକ୍ଷର ତହିଂ ହୁଏ ଉତପନ୍ନ ।
ପରମହଂସ ଆବୋର ସ୍ଥିତି ନିରଞ୍ଜନ ॥

Digitized by PPRACHIN, SOA

ନିରଞ୍ଜନ ପୁରୁଷଙ୍କ ଦେହେ ଚିର କଳା ।
ଅବନା ଆଠ ଅକ୍ଷର ଯେନ କରେ ଖେଳା ॥

× × ×

କହେ **ଯଶୋବନ୍ତ ଦାସ** ଶ୍ରୀଗୁରୁ ପୟର ।
ଏହା ଭେଦି ଭଜନ କରିବ ଏକାକ୍ଷର ॥

× × ×

କମଳର ଭିତରେ ଭ୍ରମରର ବାସ ।
କବାଠ କିଳିଣ ଯେ ରହିଛି ପରମହଂସ ॥
ଓଁ ତତ୍ତ୍ୱ ତାରକ ମନ୍ତ୍ର ରାମନାମ ବାଣୀ ।
ତ୍ରିବେଣୀ ଶିଖରେ ଏକା ପଡ଼ିଛି କଳିଣି ॥
କହେ **ଯଶୋବନ୍ତ** ସଦଗୁରୁଙ୍କ ପୟର ।
ଏହା ସେହି ଭଜନ କର ଏକାକ୍ଷର ହେ ॥"

କବି ଯଶୋବନ୍ତ ଦାସ ଅନେକ ଭଜନ ରଚନା କରିବା ସଙ୍ଗେ ସଙ୍ଗେ କେତେଖଣ୍ଡି ପୁସ୍ତକ ମଧ୍ୟ ରଚନା କରିଛନ୍ତି । ତାଙ୍କ ରଚିତ ପୁସ୍ତକ ଗୁଡ଼ିକ ମଧ୍ୟରେ ଶିବ ସ୍ୱରୋଦୟ ବା ସ୍ୱରୋଦୟ, ପ୍ରେମଭକ୍ତି ବ୍ରହ୍ମଗୀତା, ହେତୁ ଉଦୟ ଭାଗବତ, ଗୋବିନ୍ଦ-ଚନ୍ଦ୍ର ଗୀତା, ଢବ୍ୟଦେହ, ଲୋଇ ଗୀତା, ଯନ୍ତ୍ର ବୋଲି ଓ ବନଭୋଜ ବୋଲି ଆଦି ଦେଖିବାକୁ ମିଳେ ।

ତାଙ୍କ ରଚିତ 'ମାଳିକା' ମଧ୍ୟ ଓଡ଼ିଶାରେ ସୁପରିଚିତ । ଭବିଷ୍ୟତରେ ଦେଶବାସୀଙ୍କ ସ୍ୱଭାବ ଚରିତ୍ର, ଆଚାର ବିଚାର ଆଦିର ଏକ ଆନୁମାନିକ ବିବରଣୀ ମାଳିକା ପୋଥିରେ ପ୍ରଦତ୍ତ ହୋଇଛି ଏବଂ ତା' ଫଳରେ ଦେଶରେ ଯେଉଁ ଦୁର୍ବିପାକ ଘଟିବାର ସମ୍ଭାବନା ରହିଛି, ଜଣେ ଭବିଷ୍ୟଦ୍‌ବକ୍ତା ରୂପେ ଯୋଗୀ ଯଶୋବନ୍ତ ଦାସ ତା'ର ପୂର୍ଣ୍ଣ ବିବରଣୀ ଉଲ୍ଲେଖ କରିଛନ୍ତି ।

କବିଙ୍କ ରଚିତ 'ଗୋବିନ୍ଦଚନ୍ଦ୍ର ଗୀତା' ପୁସ୍ତକଟି ବଙ୍ଗଦେଶର ରାଜା ଗୋବିନ୍ଦଚନ୍ଦ୍ର ଓ ତାଙ୍କ ମାତା ମୁକ୍ତା ଦେଈଙ୍କ ଆଖ୍ୟାନ ଉପରେ ଆଧାରିତ । ଗୋବିନ୍ଦଚନ୍ଦ୍ର ହାଡ଼ିପା ନାମକ ଗୁରୁଙ୍କ ଉପଦେଶରେ କିପରି ମୋକ୍ଷମାର୍ଗର ପଥିକ ହୋଇଥିଲେ, ସେହି ଘଟଣାଟି ବିସ୍ତୃତ ଭାବରେ ପୁସ୍ତକରେ ବର୍ଣ୍ଣିତ ହୋଇଅଛି ।

Digitized by PPRACHIN, SOA

'ଶିବ ସ୍ୱରୋଦୟ' ଶୀର୍ଷକ ଗ୍ରନ୍ଥଟି ସଂସ୍କୃତର 'ସ୍ୱରୋଦୟ ଲେଶ' ନାମକ ଗ୍ରନ୍ଥର ଅବଲମ୍ବନରେ ଲିଖିତ । ଯୋଗସାଧନର ପ୍ରଣାଳୀ ଅତି ସହଜ ତଥା ସରଳ ଭାବରେ ଏଥିରେ ପ୍ରଦର୍ଶିତ ହୋଇଅଛି ।

'ପ୍ରେମଭକ୍ତି ବ୍ରହ୍ମଗୀତା' ପୁସ୍ତକଟି ଜ୍ଞାନମିଶ୍ରା ଭକ୍ତି ସାହିତ୍ୟ— ବିଭାଗର ଏକ ଉପାଦେୟ ରଚନା । ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ ମଧ୍ୟରେ ଜଗନ୍ନାଥ, ବଳଦେବ, ସୁଭଦ୍ରା ଓ ସୁଦର୍ଶନଙ୍କ ସୂକ୍ଷ୍ମ ଶରୀରକୁ ଆଧାର ରୂପେ ଗ୍ରହଣ କରି; ସୃଷ୍ଟିତତ୍ତ୍ୱ, ବ୍ରହ୍ମଙ୍କ ଅବସ୍ଥିତି, ଯୋଗମାୟାଙ୍କ ଜନ୍ମ ଓ ସୃଷ୍ଟିପ୍ରକ୍ରିୟା ପ୍ରଭୃତି ହେଉଛି — 'ବ୍ରହ୍ମଗୀତା' ପୁସ୍ତକର ପ୍ରତିପାଦ୍ୟ ବିଷୟ ।

'ଯନ୍ତ୍ରବୋଲି' ପୁସ୍ତକରେ ବିଭିନ୍ନ 'ଯନ୍ତ୍ରବସାଣ' ତଥା ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱର ସୂକ୍ଷ୍ମ ବିଚାର ସମ୍ବନ୍ଧରେ ବ୍ୟାଖ୍ୟା କରାଯାଇଛି । ଶରୀର ମଧ୍ୟରେ ଗୁହ୍ୟଚକ୍ର, ଲିଙ୍ଗଚକ୍ର, ନାଭିଚକ୍ର, ହୃଦୟଚକ୍ର, କଣ୍ଠଚକ୍ର ଓ ଲଲାଟ ଚକ୍ରର ଅବସ୍ଥିତି ଏବଂ ତହିଁରେ 'ପରମପୁରୁଷ'ଙ୍କର କାର୍ଯ୍ୟକଳାପ ଆଦିର ଆଧ୍ୟାତ୍ମିକ ବିଚାର ହେଉଛି — ପୁସ୍ତକଟିର ପ୍ରତିପାଦ୍ୟ ବିଷୟ ।

'ଲୋକଗୀତା' ଓ ଦିବ୍ୟଦେହ—ଉଭୟ ପୁସ୍ତକରେ ଆଧ୍ୟାତ୍ମିକ ଜ୍ୟୋତିର ସନ୍ଦର୍ଶନରେ ଦିବ୍ୟଜ୍ଞାନର ଉଦୟ ତଥା କ୍ଷିତି, ଆପ, ତେଜ, ମରୁତ୍ ଓ ବ୍ୟୋମର ସମାବେଶରେ ନିର୍ମିତ ଶରୀରର ମୋକ୍ଷ ପ୍ରାପ୍ତି ସାଧନ ସମ୍ବନ୍ଧରେ ବିଶେଷ ଆଲୋଚନା କରାଯାଇଛି ।

"ପୃଥିବୀ ଆପ ତେଜ ବାୟୁ ଆକାଶ ।
ପଞ୍ଚ ତତ୍ତ୍ୱ ଘେନି କାୟା ପ୍ରକାଶ ॥
× × ×
ଭାବେ ଭକ୍ତି କରି ଶରଣ ପଶ ।
ଭାବେ ଭଣିଲେ **ଯଶୋବନ୍ତ ଦାସ** ।"
(ଲୋକଗୀତା)

"ଜ୍ୟୋତି ପରମର ଯେଉଁ ବିଚାର ।
ତୋତେ କହଇ ଶୁଣ ସୁମନର ॥
ଯେଣେ ପାଇବୁ ଜ୍ଞାନ ସଦଗତି ।
ଯେଉଁ ପ୍ରକାରେ ପାଇବୁ ମୁକତି ॥

× × ×

Digitized by PPRACHIN, SOA

ମୋହ ହର ଭଗତ କ ମୁହାଁସ ।
ଅଣ ଅପ୍ରାଧି ଯଶୋବନ୍ତ ଦାସ ॥"
(ହବ୍ୟଦେଷ୍ଣା)

'ଆତ୍ମ ପରଚେ ଗୀତା' ଶୀର୍ଷକ ପୁସ୍ତକଟି ମଧ୍ୟ ଅନୁରୂପ ବ୍ରହ୍ମଜ୍ଞାନ ବିଷୟକ ଖଣ୍ଡିଏ ପାଞ୍ଚସର୍ଗ ବିଶିଷ୍ଟ କ୍ଷୁଦ୍ର ଗ୍ରନ୍ଥ । ଉକ୍ତ ପୁସ୍ତକରେ ଅଶୁଦ୍ଧ ସଂସ୍କୃତ ଭାଷାରେ କେତେକ ଶ୍ଳୋକ ରଚନା କରାଯାଇ ତା'ର ଓଡ଼ିଆ ଅନୁବାଦ କରାଯାଇଛି । ପୁସ୍ତକରେ ଆଲୋଚ୍ୟ ବିଷୟବସ୍ତୁର ସାରାଂଶ ପୁଷ୍ପିକାରୁ ଆଭାସ ମିଳେ ।

"ନିତ୍ୟର କଥା ଜାଣନ୍ତି ଶ୍ରୀହରି ।
ଯଶୋବନ୍ତ ଦାସ କହେ ବିଚାରି ।"

"ଇତିଶ୍ରୀ ଆତ୍ମପରଚେ ଗୀତା ହରି ଅର୍ଜୁନ ବିଚାର ଈଶ୍ୱର-ପାର୍ବତୀ ସମ୍ବାଦେ ଗୋଲୋକ ବୈକୁଣ୍ଠ ବିଚାର କଥନେ ନାମ ପଞ୍ଚମ ସର୍ଗ ।"

କବି ଯଶୋବନ୍ତ ଦାସ ଜ୍ଞାନମିଶ୍ରା ଭକ୍ତିର ପରିପୋଷକ ହୋଇଥିବାରୁ ତାଙ୍କର ପ୍ରତ୍ୟେକ ରଚନାରେ ଭକ୍ତିତତ୍ତ୍ୱର ସୂକ୍ଷ୍ମ ବିଚାର ସମ୍ବନ୍ଧରେ ଊଣା-ଅଧିକେ ଆଲୋଚନା କରାଯାଇଛି ।

ଅଚ୍ୟୁତାନନ୍ଦ ଦାସ—

ପଞ୍ଚସଖାଙ୍କ ମଧ୍ୟରେ ଅନ୍ୟତମ ସଖା ଅଚ୍ୟୁତାନନ୍ଦ ଦ୍ୱାପରର ଶ୍ରୀକୃଷ୍ଣଙ୍କ ସଖା ସୁଦାମାଙ୍କ ଅବତାର ବୋଲି ବିଭିନ୍ନ ପୁସ୍ତକରେ ପ୍ରଦତ୍ତ ବିବରଣୀରୁ ଜଣାଯାଏ ।

ଅଚ୍ୟୁତାନନ୍ଦ କଟକ ଜିଲ୍ଲାର ଚିତ୍ରୋତ୍ପଳା ନଦୀ ତଟବର୍ତ୍ତୀ ନେମାଳ ଗ୍ରାମର ଅନତିଦୂରରେ ଅବସ୍ଥିତ ତିଳକଣା ଗ୍ରାମରେ, ଦୀନବନ୍ଧୁ ଖୁଣ୍ଟିଆଙ୍କ ଔରସରେ ପଦ୍ମାବତୀଙ୍କ ଗର୍ଭରୁ ଜନ୍ମଗ୍ରହଣ କରିଥିଲେ ।

ଅଚ୍ୟୁତାନନ୍ଦଙ୍କ ଜନ୍ମ ସମ୍ବତ୍ସର ଖ୍ରୀ: ଅ: ୧୪୮୨ ବୋଲି କେତେକ ଆଲୋଚକ 'ଉଦୟ କାହାଣୀ' ପୁସ୍ତକରେ ପ୍ରଦତ୍ତ ବିବରଣୀ ଉପରେ ନିର୍ଭର କରି ମତ ଦିଅନ୍ତି । ଉକ୍ତ ଜନ୍ମ ସମ୍ବତ୍ସରରୁ ଅଚ୍ୟୁତାନନ୍ଦ ପଞ୍ଚସଖାଙ୍କ ମଧ୍ୟରେ ବୟୋଜ୍ୟେଷ୍ଠ ବୋଲି ପ୍ରମାଣିତ ହେଉଥିଲେହେଁ; ପ୍ରଚଳିତ ପରମ୍ପରା ଅନୁସାରେ ସେ ହେଉଛନ୍ତି— ଚତୁର୍ଥ ସଖା ।

Digitized by PPRACHIN, SOA

ଅଚ୍ୟୁତାନନ୍ଦ ଥିଲେ— ଜାତିରେ ଶୂଦ୍ର ଓ ସେ ଗୋପାଳ ଘରେ ଜନ୍ମ-ଗ୍ରହଣ କରିଥିଲେ । ଅବଶ୍ୟ ସେ ଜାତିରେ 'କରଣ' ଓ 'ଖଣ୍ଡାୟତ' ଥିବାର ଜଣେ ଅଧେ ଯୁକ୍ତି ପ୍ରଦର୍ଶନ କରନ୍ତି ।

"ଶୂଦ୍ର କୁଳରେ ମୁଁ ହୋଇବି ଜାତ ।
ନାମ ହୋଇବ ମୋର **ଅଚ୍ୟୁତ** ॥
ଶୂଦ୍ର ମଧ୍ୟରେ ଗଣନା ମୁଁହିତ ଅଟଇ ।
ଦୀକ୍ଷା ଗୋଟି ପାଇଅଛି ଗୋପକୁଳେ ଥାଇ ॥"

ବାଲ୍ୟକାଳରୁ ସିଦ୍ଧ ଅଚ୍ୟୁତାନନ୍ଦଙ୍କର ଜ୍ଞାନୋଦୟ ହୋଇଥିବାର କିମ୍ବଦନ୍ତୀ ରହିଛି । ସେ ପିତାମାତାଙ୍କ ଗହଣରେ ଶ୍ରୀକ୍ଷେତ୍ର ଧାମକୁ ଯାଇଥିବା ସମୟରେ, ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ସହିତ ତାଙ୍କର ସାକ୍ଷାତ୍ ହୋଇଥିଲା । କଥିତ ଅଛି— ଶ୍ରୀଚୈତନ୍ୟଙ୍କ ପାଦ ସ୍ପର୍ଶ ମାତ୍ରେ ଅଚ୍ୟୁତାନନ୍ଦଙ୍କର ଜ୍ଞାନୋଦୟ ହୋଇଥିଲା ।

ଆହୁରି ମଧ୍ୟ ଜଣାଯାଏ— ଶ୍ରୀଚୈତନ୍ୟଦେବଙ୍କର ଅନ୍ୟତମ ଅନୁଗାମୀ ସନାତନ ଦାସଙ୍କ ଠାରୁ ଅଚ୍ୟୁତାନନ୍ଦ ଦୀକ୍ଷା ଗ୍ରହଣ କରିଥିଲେ; କିନ୍ତୁ ଅନ୍ୟ ଗୋଟିଏ ସୂତ୍ରରୁ ଜଣାଯାଏ— ଶ୍ରୀଚରଣ ଗୋସାଇଁ ଥିଲେ ତାଙ୍କର ଦୀକ୍ଷାଗୁରୁ ।

ସନ୍ଥକବି ଯଶୋବନ୍ତ ଦାସଙ୍କ ଜନ୍ମସ୍ଥାନ ଅଡଙ୍ଗ ଗ୍ରାମର ପ୍ରସିଦ୍ଧ ବ୍ୟକ୍ତି ରଘୁରାମଙ୍କ କନ୍ୟା ଚମ୍ପାବତୀଙ୍କ ସହିତ ତାଙ୍କର ବିବାହ ସମ୍ପନ୍ନ ହୋଇଥିଲା ।

ଅଚ୍ୟୁତାନନ୍ଦ ଗୋସାଇଁ ଗୋପାଳମାନଙ୍କୁ ଦୀକ୍ଷାଦାନ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ସ୍ଥାନରେ ମଠ ସ୍ଥାପନ କରିଥିଲେ । ସେହି ମଠଗୁଡ଼ିକ ମଧ୍ୟରେ କଟକ ଜିଲ୍ଲାର ନେମ୍ପାଳ ମଠ ଓ ପୁରୀ ଜିଲ୍ଲାର ବାଙ୍କ ମୁହାଣ ମଠ ପ୍ରଧାନ ।

ସିଦ୍ଧ ଅଚ୍ୟୁତାନନ୍ଦ ନେମ୍ପାଳରେ କିଛିକାଳ ଅବସ୍ଥାନ କରିବା ପରେ, ଓଡ଼ିଶାର ବିଭିନ୍ନ ତୀର୍ଥକ୍ଷେତ୍ର ଓ ପ୍ରସିଦ୍ଧ ସ୍ଥାନ ପରିଭ୍ରମଣରେ ବାହାରି; ରଣପୁର ରାଜ୍ୟରେ କିଛିକାଳ ଅତିବାହିତ କରିଥିଲେ । ସେ ରଣପୁର ଅନ୍ତର୍ଗତ ମଣିନାଗ ପର୍ବତର ଏକ ଯୋଜନ ଦୂରରେ ଅବସ୍ଥିତ ମଟିଖଣ୍ଡ ଗ୍ରାମରେ ବାସ କରୁଥିବା ସମୟରେ ରଣପୁରର ରାଜା ପଦ୍ମନ ନରେନ୍ଦ୍ର, ତାଙ୍କ ପ୍ରତିଭାରେ ମୁଗ୍ଧ ହୋଇ, ତାଙ୍କର ଭରଣ-ପୋଷଣର ଭାର ଗ୍ରହଣ କରିଥିଲେ ।

Digitized by PPRACHIN, SOA

“ରଣପୁର ମଧ୍ୟ ଗ୍ରାମେ ବାସ କରିଥାଇଁ ।
ପ୍ରଦ୍ୟୁମ୍ନ ନରେନ୍ଦ୍ର ପୋଷନ୍ତି ଅନ୍ନବସ୍ତ୍ର ଦେଇ ॥

× × ×

ରଣପୁର ସୀମା ମହିଖଣ୍ଡ ଯେ ଗ୍ରାମରେ ।
ମୋହର ଘର ଅଟଇ ତହିଁର ମଧ୍ୟରେ ॥
(ହରିବଂଶ)

ଅଚ୍ୟୁତାନନ୍ଦ ଶ୍ରୀକୃଷ୍ଣଙ୍କ ଅପାର କରୁଣା ବଳରୁ କବିତ୍ୱ ଶକ୍ତି ଅର୍ଜନ କରିଥିଲେ । ତେଣୁ ତାଙ୍କ ଲିଖିତ ବହୁ ଗ୍ରନ୍ଥ ଦେଖିବାକୁ ମିଳେ । ଉକ୍ତ ଗ୍ରନ୍ଥଗୁଡ଼ିକ ମଧ୍ୟରେ—

“ଶବ୍ଦବ୍ରହ୍ମ ବା ଗୁରୁଜ୍ଞାନ, ଦଶପଟଳ ମାଳିକା, ଗରୁଡ଼ ଗୀତା, ଶୂନ୍ୟ ସଂହିତା, ମହାମନ୍ତ୍ର ବା ମନ୍ତ୍ରରାଜ, ଷଡ଼ଚକ୍ର, ତତ୍ତ୍ୱବୋଧିନୀ ଗୀତା, ଆଗତ ଭବିଷ୍ୟ ବ୍ରହ୍ମଶାଙ୍କୋଳ, ଅଣାକାର ସଂହିତା, ଗୁରୁଭକ୍ତି ଗୀତା, ଅକଳିତ ସଂହିତା; ଆଗତସାର, ପରମ ରହସ୍ୟ, ଗୁପତ ଗହନ ଗୀତା, ଧ୍ୱନି ସଂହିତା, ଗୁପ୍ତ ସଂହିତା, ଜ୍ୟୋତି ସଂହିତା, ବୀଜସାଗର ଗୀତା, ବସାଣ, ଅଣାକାର ବ୍ରହ୍ମଯନ୍ତ୍ର, କର୍ମସଂହିତା, ପରମ ଗୁପ୍ତ ଗୀତା, ଶିଶୁବେଦ ସପ୍ତାଙ୍ଗ, ଏକାକ୍ଷର ସଂହିତା, ଉଦୟ କାହାଣୀ, ବାରମାସ ଚଉତିଶା ଉପଦେଶ, ଅନାହତ ସଂହିତା, ଅନାହତ ଧ୍ୱନି ସଂହିତା, ଅବାଡ଼ ସଂହିତା, ଭାଗବତ ଲହରୀ, ହରିବଂଶ ଆଦି ଦେଖିବାକୁ ମିଳେ ।

ପ୍ରସ୍ତୁତ ତାଲିକାରେ ପ୍ରଦତ୍ତ ଗ୍ରନ୍ଥଗୁଡ଼ିକ ମଧ୍ୟରେ ‘ଲହରୀ ହରିବଂଶ’ ଗ୍ରନ୍ଥଟି ବିରାଟକାୟ ଓ ସାତଖଣ୍ଡରେ ବିଭକ୍ତ । ସେଥିରେ ଶ୍ରୀକୃଷ୍ଣଙ୍କ ଜନ୍ମ ଠାରୁ ଆରମ୍ଭ କରି ସମୁଦାୟ ଦ୍ୱାରକା ଲୀଳାର ବିଷୟବସ୍ତୁ ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଛି । ଉକ୍ତ ଗ୍ରନ୍ଥଟି କବିଙ୍କ ରଣପୁର ଅବସ୍ଥାନ ସମୟରେ ରଚିତ । ଏପରି ଏକ ବିଶାଳ ଗ୍ରନ୍ଥ ରଚନା ରଣପୁରର ରାଜା ପ୍ରଦ୍ୟୁମ୍ନ ନରେନ୍ଦ୍ରଙ୍କ ପୃଷ୍ଠପୋଷକତା ଯୋଗୁଁ ସମ୍ଭବପର ହୋଇଥିଲା ।

କବି ଅଚ୍ୟୁତାନନ୍ଦଙ୍କ ଗ୍ରନ୍ଥଗୁଡ଼ିକରୁ ଏତିକି ଜଣାଯାଏ ଯେ, ସେ ନିତ୍ୟ ରହସର ପ୍ରେମୀଯୁଗଳ ଶ୍ରୀ ରାଧାକୃଷ୍ଣଙ୍କର ଅନନ୍ୟ ଉପାସକ ଥିଲେ । ତେଣୁ ରାଧାକୃଷ୍ଣଙ୍କର ରହସ ଲୀଳା କୀର୍ତ୍ତନରେ ତାଙ୍କର ପ୍ରତ୍ୟେକ ରଚନା ମୁଖରିତ ହୋଇଛି । କବି ଅଚ୍ୟୁତଙ୍କର ଅନ୍ୟ କେତେକ ରଚନାରେ; ପରବର୍ତ୍ତୀ କାଳରେ

Digitized by PPRACHIN, SOA

ପ୍ରଚ୍ଛନ୍ନ ବୌଦ୍ଧଯାନର ନାସ୍ତିକତା ସମ୍ପର୍କରେ ଆଭାସ ମିଳେ । ସେ ତାଙ୍କର ଅଧି-କାଂଶ ଗ୍ରନ୍ଥରେ ପିଣ୍ଡ ବ୍ରହ୍ମାଣ୍ଡ, ଶୂନ୍ୟପୁରୁଷ, ନିରଞ୍ଜନ ଜ୍ୟୋତି ସ୍ୱରୂପ, ଶରୀର ମଧ୍ୟସ୍ଥ ଗୁହ୍ୟଚକ୍ର ଆଦି ଷଡ଼ଚକ୍ର, ପାଞ୍ଚମନ, ପଚିଶ ପ୍ରକୃତି, ଦ୍ୱାଦଶ ଦଳ, ଷଡ଼ରିପୁ ଓ ଏକାଦଶ ଇନ୍ଦ୍ରିୟ ଆଦିର ବିଶଦ ବର୍ଣ୍ଣନା ଓ ଆଲୋଚନା କରିଛନ୍ତି । ଶରୀର ମଧ୍ୟରେ ନିରଞ୍ଜନ ପୁରୁଷଙ୍କ ଆବାସ ଓ ତାଙ୍କୁ ଯୋଗସାଧନ ଫଳରେ ଆୟତ୍ତ କରି ଦେହଧାରୀ ମୋକ୍ଷପଥରେ ପଥିକ ହୋଇପାରେ । ମନୁଷ୍ୟ ସଂସାର ରୂପକ ଭ୍ରମପୂର୍ଣ୍ଣ ଆବର୍ତ୍ତରେ ପଡ଼ି ଘାଣ୍ଟି ହେଉଛି; ତା'ର ଶରୀର ମଧ୍ୟରେ ଷୋଡ଼ଶଦଳ ପଦ୍ମ ଉପରେ ଓଲଟ ହଂସ ବା ଅରୂପବ୍ରହ୍ମ ଲୀଳା କରୁଛନ୍ତି । ତାଙ୍କୁ (ବ୍ରହ୍ମଙ୍କୁ) ମାୟାମୋହ ପ୍ରଭୃତି ଦୁଷ୍ଟବୃତ୍ତିମାନେ ସ୍ପର୍ଶ କରିପାରୁ ନାହାନ୍ତି । ଯଦି ମନୁଷ୍ୟ ସେହି ନିରଞ୍ଜନଙ୍କର ଉପାସନା କରି ତାଙ୍କ ପଦାରବିନ୍ଦରୁ ଝରୁଥିବା ଅମୀୟ ରସ ପାନ କରିବାରେ ସକ୍ଷମ ହେବ; ତା'ହେଲେ ଏହି ସଂସାର ରୂପକ ପାରିବାରରୁ ସହଜରେ ମୁକ୍ତ ହୋଇ ପାରିବ ।

ଏହି ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ ବା ଶରୀରତତ୍ତ୍ୱ ସମ୍ବନ୍ଧରେ ପଞ୍ଚସଖାକାଳୀନ ଉତ୍କ-ଳରେ ଅନେକ ଆଲୋଚନା କରିଛନ୍ତି । ସେମାନଙ୍କ ମତବାଦର ବୋଧହୁଏ ପ୍ରଥମ ପ୍ରବର୍ତ୍ତକ ହେଉଛି— ପଞ୍ଚସଖା ସାହିତ୍ୟ । ଅଚ୍ୟୁତାନନ୍ଦଙ୍କ ପ୍ରତିପାଦିତ ମତବାଦ ସମ୍ବନ୍ଧରେ ସଂକ୍ଷେପରେ ଜାଣିବାକୁ ହେଲେ, ନିମ୍ନୋକ୍ତ ଉଦ୍ଧୃତାଂଶରୁ ଅନେକାଂଶରେ ଜିଜ୍ଞାସା ମେଣ୍ଟାଇ ହେବ—

"ଉର୍ଦ୍ଧ୍ୱେ କର ଯୋଡ଼ି କରି ତୁ ଲୟେ ।
ଉର୍ଦ୍ଧ୍ୱମୁଖ କରି କର ତୁ ଲୟେ ॥
ଉର୍ଦ୍ଧ୍ୱ ମୁଖ କରି ଶିତାକୁ ଧାୟି ।
ତ୍ରିକୂଟ ସନ୍ଧିରେ ଅଲେଖକୁ ନେଇ ॥
ନିରାକାର ମନ୍ତ୍ର କଣ୍ଠଚକ୍ରରେ ।
ବୋଲିବାକୁ ସ୍ୱର ଅର୍ଦ୍ଧ ମୁଖରେ ॥
ହାତ୍ରିଂଶ ଅକ୍ଷର ଉଚ୍ଚାର କର ।
ନୟନ ନ ଚଳୁ ଶିତା ଚକ୍ରର ॥
ଯେସନରେ ବାବୁ ବୋଇତ କାକ ।
ନ ଚଳେ ନ ଗୃଳେ ତିଳମାତ୍ରକ ॥

× × ×

Digitized by PPRACHIN, SOA

(ଏକୋଇଶି)

ଶୂନ୍ୟ ପୁରୁଷ ଉଦାରରେ ରହେ ।
ଶୂନ୍ୟ ପୁରୁଷ ସବୁ ମାୟା ବହେ ॥
ଶୂନ୍ୟ ପୁରୁଷ ଦୟାଳୁ ଅଟଇ ।
ଶୂନ୍ୟ ପୁରୁଷ ସବୁ ଘଟରେ ରହି ॥
ଶୂନ୍ୟ ପୁରୁଷ କରେ ନଟଘଟ ।
ଶୂନ୍ୟ ପୁରୁଷ ଜାଣେ ଛନ୍ଦ କୂଟ ॥

× × ×

ଏକାଦଶ ଇନ୍ଦ୍ର ବେଢ଼ି ଅଛନ୍ତି ।
କାମ କ୍ରୋଧ ମୋହ ଦ୍ୱାର ଜଗନ୍ତି ॥
ଦ୍ୱାଦଶ ଦଳାଇ ଗଡ଼ନାୟକ ।
ପଞ୍ଚଶ ପ୍ରକୃତି ପାଞ୍ଚ ମନ୍ ତ ॥
ଷଟ୍‌ଚକ୍ରରେ ପଞ୍ଚାଶ ଅକ୍ଷର ।
ବାସ୍ତୋରୀ ନାଡ଼ି ଯେ ଗଡ଼ ପାଖର ॥

× × ×

ଶୂନ୍ୟ ପୁରୁଷଙ୍କୁ ଥା'ନ୍ତି ଆବୋର ॥

× × ×

ଶୂନ୍ୟ ପୁରୁଷରେ ଏତେକ ତେଜ ।
ଶୂନ୍ୟ ହୋଇ ଭୋଗ୍ୟ କରଇ ରାଜ୍ୟ ॥
ଶୂନ୍ୟ ପୁରୁଷ ଅଲଗ ରହି ।
ଲୀଳା କରୁଛି ଶୂନ୍ୟ ପରେ ରହି ॥
ନ ଛୁଅନ୍ତି ତାଙ୍କୁ ପଚିଶ ଜନ ।
ଅଲଗେ ରହି କରେ ଭିନ୍ନାଭିନ୍ନ ॥

× × ×

ଏ ଦେହକୁ ବାବୁ ଚରତେ ନ ଯା ।
ନିରାକାର ଭଜ ଚରତେ ଯା ଯା ।”

Digitized by PPRACHIN, SOA

ପଞ୍ଚସଖା ସାହିତ୍ୟ, ବିଶେଷତଃ ଅଚ୍ୟୁତାନନ୍ଦଙ୍କ ରଚନାରେ ଗୁରୁପୂଜା ତଥା ଗୁରୁଦେବଙ୍କ ମହତ୍ତ୍ୱ ସମ୍ବନ୍ଧରେ ବିଶେଷ ଗୁରୁତ୍ୱ ଦିଆଯାଇଛି । କେବଳ ଓଡ଼ିଶାରେ କାହିଁକି; ସର୍ବଭାରତୀୟ ସ୍ତରରେ ନିର୍ଗୁଣ ଭକ୍ତି ସାହିତ୍ୟ ବା ଜ୍ଞାନମିଶ୍ରା ଭକ୍ତି ସାହିତ୍ୟରେ ଗୁରୁପୂଜାର ଉପାଦେୟତା ସ୍ପଷ୍ଟ ପରିଲକ୍ଷିତ ହୁଏ । ନିର୍ଗୁଣଭକ୍ତିର ଉପାସକମାନେ ଗୋବିନ୍ଦଙ୍କ ଅପେକ୍ଷା ଗୁରୁଙ୍କୁ ଅଧିକ ସମ୍ମାନ ଦେଇଥାନ୍ତି । ସନ୍ଥ-କବି କବୀର ଦାସଙ୍କ ଭାଷାରେ କହିବାକୁ ଗଲେ—

"ଗୁରୁ ଗୋବିନ୍ଦ ଦୋଉ ଖଡ଼େ କାକୋ ଲାଗୁଁ ପାୟ ।
ବଲିହାରି ବହି ଗୁରୁ ଜୋ ଗୋବିନ୍ଦ ଦିଓ ବତାୟ ॥"

ସଂସ୍କୃତ ସାହିତ୍ୟରେ ମଧ୍ୟ ଗୁରୁପୂଜାର ମାହାତ୍ମ୍ୟ କମ୍ ପରିଲକ୍ଷିତ ହୁଏ ନାହିଁ —

"ଗୁରୁର୍ବ୍ରହ୍ମା ଗୁରୁର୍ବିଷ୍ଣୁଃ
ଗୁରୁଦେବୋ ମହେଶ୍ୱରଃ ।
ଗୁରୁଃ ସାକ୍ଷାତ୍ ପରଂବ୍ରହ୍ମ
ତସ୍ମୈ ଶ୍ରୀ ଗୁରବେ ନମଃ ।"

× × ×

"ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନଶଳାକୟା ।
ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ।"

ଓଡ଼ିଆ ସାହିତ୍ୟରେ ଏକାଧିକ ଅଚ୍ୟୁତ ବା ଅଚ୍ୟୁତାନନ୍ଦ ଥିବାର ସମାଲୋଚକମାନେ ମତ ଦିଅନ୍ତି । 'ଛପୋଇ' ନାମକ ଖଣ୍ଡିଏ କୃଷ୍ଣଲୀଳା ମୂଳକ ଖଣ୍ଡ କାବ୍ୟର ପ୍ରଣେତା ହେଉଛନ୍ତି— ଅଚ୍ୟୁତ । ସେ ନିଜକୁ କେତେକ ସ୍ଥଳରେ ଅଚ୍ୟୁତ ଗୋକୁଳରାୟ ଚୂଡ଼ାମଣି ବୋଲି ଉଲ୍ଲିଖିତ କରିଛନ୍ତି । ଆହୁରି ମଧ୍ୟ, ଧ୍ରୁବ-ଲୀଳା, ଚମ୍ପାବତୀ ହରଣ ଓ ସର୍ବମଙ୍ଗଳା ଜଣାଣ ଆଦି ପୁସ୍ତକରେ "ଦ୍ୱିଜ ଅଚ୍ୟୁତ" ବୋଲି ଭଣିତା ଥିବାର ଜଣାଯାଏ । ଅବଶ୍ୟ, ଗୋଟିଏ ନାମରେ ଏକାଧିକ ଏକ ସମୟରେ ବା ଭିନ୍ନ ଭିନ୍ନ ସମୟରେ ଖ୍ୟାତି ଅର୍ଜନ କରିବା ଆଦୌ ଅସମ୍ଭବ ନୁହେଁ । ତଥାପି ସେ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା ଆବଶ୍ୟକ ।

ଅଚ୍ୟୁତାନନ୍ଦଙ୍କ ନାମରେ ଭଣିତା ହୋଇଥିବା ଅନେକ ବ୍ରହ୍ମଜ୍ଞାନ ଭଜନର ସନ୍ଧାନ ମିଳୁଛି ।

Digitized by PPRACHIN, SOA

"ହଂସ ଉଡ଼ିଯିବ ହଂସୁଲୀ ଚଳିବ ମୃତ୍ତିକା ଘଟ ଯେ ପଡ଼ି ରହିଥିବ ।
କହନ୍ତି **ଅଚ୍ୟୁତ** ନେମ୍ଭାଳ ମଠରେ ବେକ୍ତ ନାମ ଆଶ୍ରେ କର ॥"

× × ×

"ବୋହୂ ବାଳ ଅବଳାରେ,
ଖେଳଇ ବାରଜଣରେ ।
ବାରଜଣ ଛାଡ଼ି ତେରକୁ ଗମିଲେ
ବୋହୂର ପୂରବ କାଳ ॥"

× × ×

"ବୋହୂ ମୋର ଧନ ବୋହୂ ମୋ ଜୀବନ
ବୋହୂ ଲାଗି ଏତେ ସରି ।
ପାମର **ଅଚ୍ୟୁତ** ଭାବରେ ଭଣିଲେ
ହେବଂ ଭବଜଳୁ ପାରି ॥"

ଏହା ବ୍ୟତୀତ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଭଜନ ଗାନ କରି ଅନେକ ଗୀତ ରଚନା କରିଛନ୍ତି—

"ଦୀନବନ୍ଧୁ ହେ, ମୋ ଦୁଃଖ ନ ଗଲା ଯେ !
ତୁମ୍ଭେ ଦୀନବନ୍ଧୁ ମୋ ବନ୍ଧୁ ନୋହିଲେ,
ମୋ ବନ୍ଧୁ ହୋଇବ କେ ?"

× × ×

"ବିଷ୍ଣୁକୁ ଯେପରି ପିଞ୍ଜଡ଼ା ଆବୋରି
ଭକ୍ତକୁ ତେହ୍ନେ ଗୋସାଇଁ ।
ଦୀନ **ଅଚ୍ୟୁତ** ସେ ଭାବରେ କହିଲେ
ପ୍ରଭୁ ପାଦେ ଚିତ୍ତ ଦେଇ ।"

'ଗୋପାଳଙ୍କ ଓଗାଳ' ଶୀର୍ଷକ ଖଣ୍ଡିଏ କୃଷ୍ଣଲୀଳାତ୍ମକ ପୁସ୍ତକର ଭଣିତାରେ ଅଚ୍ୟୁତାନନ୍ଦଙ୍କ ନାମ ରହିଛି । ଖୁବ୍ ସମ୍ଭବତଃ, 'ଓଗାଳ' ଗୁଡ଼ିକ ଅଚ୍ୟୁତାନନ୍ଦଙ୍କର ପ୍ରଥମାବସ୍ଥାର ରଚନା । ସେଥିରେ ଦୋଳପୂର୍ଣ୍ଣିମା ସମୟରେ ଗୋପାଳମାନଙ୍କ ଲଉଡ଼ି ଖେଳ ଚାଲିଥିବାବେଳେ ପ୍ରଶ୍ନୋତ୍ତର ଢଙ୍ଗରେ କେତେକ କବିତା ରହିଛି ।

Digitized by PPRACHIN, SOA

"ଆହେ—

ଆଦ୍ୟ ମଗୁଶୀର ମାସର ମୂଳ ।
ଶ୍ରୀକୃଷ୍ଣ ଲେଉଡ଼ନ୍ତି ରାଧିକା କୋଳ;
ମୋ ମାଇଁ ଲୋ ! ·

× × ×

କାର୍ତ୍ତିକ ମାସରେ ଅଙ୍ଗ ସୁବେଶ ।
ବାରମାସୀ ଗୀତ ହୋଇଲା ଶେଷ,
ମୋ କାହ୍ନୁରେ !"

× × ×

"ପୂର୍ବଜନ୍ମେ କଂସାସୁର କିଏ ଥିଲା ଭାଇ !
ଦାନବ ବନ୍ଧୁରୁ ଜନ୍ମ ହୋଇଲା କମ୍ପାଇଂ ॥

× × ×

କଂସାସୁର ପୂର୍ବର ଯେ ଚରିତ କହୁଛି ।
ଯାହା ମୋତେ ଶ୍ରୀଗୁରୁଙ୍କ ଆଜ୍ଞା ହୋଇଅଛି ॥

× × ×

କଂସାସୁର ଜନ୍ମର ବିଧାନମାନ ଏହି ।
ଗୀତେ ଭଣିଲେ **ଅଚ୍ୟୁତ** କୃଷ୍ଣ ପାଦେ ଧ୍ୟାୟି ॥"
ଇତ୍ୟାଦି ।

ପରିଶେଷରେ, ଅଚ୍ୟୁତାନନ୍ଦଙ୍କ ସମ୍ବନ୍ଧରେ ଏତିକି କୁହାଯାଇ ପାରେ ଯେ, ସେ ଥିଲେ— ଜଣେ ବହୁମୁଖୀ ପ୍ରତିଭା ସମ୍ପନ୍ନ କବି, ସିଦ୍ଧ-ସାଧକ ଓ ଯୋଗ-ଜନ୍ମା ମହାପୁରୁଷ । ତାଙ୍କ ରଚିତ ଗ୍ରନ୍ଥାବଳୀ ଓଡ଼ିଆ ସାହିତ୍ୟର ଅମୂଲ୍ୟ ରତ୍ନ ରୂପେ ଯୁଗ ଯୁଗ ଧରି ଓଡ଼ିଶାର ସାକ୍ଷର ଜନତା ଦ୍ୱାରା ସମାଦୃତ ହେଉଥିବ, ସନ୍ଦେହ ନାହିଁ ।

ଅନନ୍ତ ଦାସ—

ପ୍ରସିଦ୍ଧ ସମାଲୋଚକ ସ୍ୱର୍ଗୀୟ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଆଲୋଚନାରୁ ଜଣାଯାଏ ଯେ, ମହାପୁରୁଷ ଅନନ୍ତ ଦାସ ଖ୍ରୀ: ଅ: ୧୪୯୩ ସାଲରେ ପୁରୀକଲ୍ଲାର ବାଲିପାଟଣା

Digitized by PPRACHIN, SOA

ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲ— କପିଳ ଓ ମାତାଙ୍କ ନାମ ଗୌରୀ ।

ଅନନ୍ତ ଦାସଙ୍କ ନାମ ପୂର୍ବରୁ କେତେକ ସ୍ଥଳରେ 'ଶିଶୁ' ଶବ୍ଦ ପ୍ରୟୋଗ ହୋଇଥିବାରୁ, ସମାଲୋଚକମାନେ ତାଙ୍କ ନାମ 'ଶିଶୁ ଅନନ୍ତ ଦାସ' ଓ ସେ ଓଡ଼ିଶାରେ 'ଶିଶୁ ସମ୍ପ୍ରଦାୟ'ର ପ୍ରବର୍ତ୍ତକ ଥିବାର ମତ ଦିଅନ୍ତି । କେବଳ ଅନନ୍ତ ଦାସ ନୁହଁନ୍ତି; ଓଡ଼ିଆ ସାହିତ୍ୟ ଜଗତରେ ଅନେକ ପ୍ରାଚୀନ କବି ନିଜକୁ ଶିଶୁ ବୋଲି ଲେଖିଛନ୍ତି । ଏ ସମ୍ବନ୍ଧରେ 'ରାମବିଭା' ଓ 'କଳ୍ପଲତା' କାବ୍ୟର ପ୍ରଣେତା ଅର୍ଜ୍ଜୁନ ଦାସ ରାୟ ଓ ଗୃହଇଛାବତୀ କାବ୍ୟର ରଚୟିତା ବନମାଳୀ ଦାସ, ଉଷାଭିଳାଷର କବି ଶଙ୍କର ଦାସ ଶଶିସେଣାର ପ୍ରଣେତା ପ୍ରତାପ ରାୟ ଓ ଅଶ୍ୱମେଧଯାଗ କବି ଦୟାନିଧି ଦାସ ପ୍ରଭୃତି ନିଜ ନାମର ପୂର୍ବରେ 'ଶିଶୁ' ଶବ୍ଦ ପ୍ରୟୋଗ କରିଛନ୍ତି ।

କେବଳ ସେତିକି ନୁହେଁ, ରସକଲ୍ଲୋଳର ପ୍ରଣେତା କୃଷ୍ଣ ଦାସ ନିଜ ନାମ ପୂର୍ବରେ 'ଦୀନ' ଶବ୍ଦ ଲଗାଇଛନ୍ତି । ଆହୁରି ମଧ୍ୟ ଅନେକ କବି ସ୍ୱ ସ୍ୱ ନାମ ପୂର୍ବରୁ 'ହୀନ' 'ପାମର' 'ମୂଢ଼' ଆଦି ନମ୍ରତା ସୂଚକ ପଦ ପ୍ରୟୋଗ କରିଛନ୍ତି । ତେଣୁ ଅନନ୍ତ ଦାସ 'ଶିଶୁ' ସଂପ୍ରଦାୟର ପ୍ରବର୍ତ୍ତକ ହେଲେ; ଅନ୍ୟମାନେ 'ଦୀନ', 'ହୀନ', 'ମୂଢ଼' ଓ 'ପାମର' ସଂପ୍ରଦାୟର ପ୍ରବର୍ତ୍ତକ ବୋଲି ପରିଚିତ ହେବେ କି ?

'ଶିଶୁ', 'ଦୀନ' ଆଦି ଶବ୍ଦ କେବଳ ନମ୍ରତାର ସୂଚକ ମାତ୍ର, କିନ୍ତୁ କୌଣସି ସଂପ୍ରଦାୟର ଚିହ୍ନ ନୁହେଁ ।

ପଣ୍ଡିତ ସୂର୍ଯ୍ୟନାରାୟଣ ଦାସଙ୍କ ଆଲୋଚନାରୁ ଜଣାଯାଏ ଯେ, ଅନନ୍ତ ଦାସ ଖ୍ରୀ: ଅ: ୧୪୮୬ରେ ଜନ୍ମଗ୍ରହଣ କରିଥିଲେ । * ଅନୁମାନ କ୍ଷେତ୍ରରେ ୧୪୮୬ ଓ ୧୪୯୩ ମଧ୍ୟରେ ବିଶେଷ ଗୁରୁତ୍ୱ ଦିଆଯାଇ ନ ପାରେ ।

ଅନ୍ୟ ଗୋଟିଏ କିମ୍ବଦନ୍ତୀରୁ ଜଣାଯାଏ ଯେ, ଅନନ୍ତ ଦାସ ଯୋଗାଭ୍ୟାସ ବଳରେ ଗୋଟିଏ ଶିଶୁ ରୂପରେ ମହାଲକ୍ଷ୍ମୀଙ୍କ କୋଳରେ ବସିଥିବାରୁ ଶ୍ରୀ ଜଗନ୍ନାଥ ମହାପ୍ରଭୁ ତାଙ୍କୁ 'ଶିଶୁ' ଉପାଧିରେ ଭୂଷିତ କରିଥିଲେ । ମହାପୁରୁଷମାନଙ୍କ ସମ୍ବନ୍ଧରେ ଏପ୍ରକାର କିମ୍ବଦନ୍ତୀ ଅନେକ ଶୁଣାଯାଏ । ଅବଶ୍ୟ, ଅନନ୍ତ ଦାସ ଜଣେ ପ୍ରସିଦ୍ଧ ଯୋଗୀ ଥିବାର ଅନେକ କିମ୍ବଦନ୍ତୀ ରହିଛି ।

* ଓଡ଼ିଆ ସାହିତ୍ୟର ଇତିହାସ (ପ୍ରଥମ ଖଣ୍ଡ) ପୃ–୭୧୦

Digitized by PPRACHIN, SOA

ମହାପୁରୁଷ ଅନନ୍ତ ଦାସଙ୍କର ଅନେକ ଶିଷ୍ୟ ଥିଲେ । ସେମାନଙ୍କ ମଧ୍ୟରେ ହଂସ ଦାସ ନାମକ ଶିଷ୍ୟ ଖୁବ୍ ପ୍ରସିଦ୍ଧି ଲାଭ କରିଥିଲେ । କଟକ ଜିଲ୍ଲାର 'ବଡ଼ଜଙ୍ଗା' ନାମକ ଗ୍ରାମରେ ନିଜକୁ 'ଅଧିକାରୀ' ରୂପେ ପରିଚିତ କରାଉଥିବା ଜଣେ ଗୃହୀ ବୈଷ୍ଣବଙ୍କ ଗୃହରେ ମହାତ୍ମା ହଂସ ଦାସଙ୍କ ଲିଖିତ ଅନେକ ତାଳପତ୍ର ପୋଥି ରହିଛି । ଆଉଥରେ ହଂସ ଦାସ ସେହି ବଂଶରେ ଜନ୍ମଗ୍ରହଣ କରି ପୋଥିଗୁଡ଼ିକ ପାଠ କରିବେ ବୋଲି ସେଠାକାର ଲୋକମାନଙ୍କ ଧାରଣା । ହଂସ ଦାସଙ୍କ ନାମରେ ଭଣିତ ଅନେକ ଭଜନ ଓଡ଼ିଆରେ ରହିଛି—

"ଜୀବ ବଡ଼ ମାୟା କଲି ରେ ।
କହୁ କହୁ ଜୀବ ଉଡ଼ିଗଲା ରେ !
ଯେତେ ଯେତେ ଠାରେ ପ୍ରୀତି ରଖିଥିଲି,
କାହାକୁ ଥରେ ନ କହିଗଲି ରେ ॥

× × ×

କହେ **ହଂସ ଦାସ** ଏ ରସ ।
ବନ୍ଦୀ ହେଉଅଛୁ ଏ ମାୟା ଫାଶ ॥
ଉତ୍ତମ ଶ୍ରୀଗୁରୁ ପଦ୍ମପାଦେ ଧାୟି
ଆଶ୍ରେ କରି ଗତି ଲଭିଗଲି ରେ ॥"

ଅନନ୍ତ ଦାସଙ୍କ ନାମରେ ଭଣିତ ଅର୍ଥତାରେଣି, ଚୁମ୍ବକମାଳିକା, ଅଣାକାର ଶବଦ, ଭକ୍ତି-ମୁକ୍ତି-ଦାୟକ ଗୀତା, ଭଜନତତ୍ତ୍ୱ, ମନ୍ତ୍ରଚନ୍ଦ୍ରିକା, ଗରୁଡ଼-କେଶବ ଚଉତିଶା, ଠିକ ବାଖର, ପିଣ୍ଡ-ବ୍ରହ୍ମାଣ୍ଡ ଗୀତା ଆଦି ପୁସ୍ତକ ଦେଖିବାକୁ ମିଳେ ।

'ଅର୍ଥତାରେଣୀ' ଶୀର୍ଷକ ପୁସ୍ତକଟି ଷୋହଳ ଅଧ୍ୟାୟରେ ଶେଷ ହୋଇଛି । ସିଦ୍ଧବାରଙ୍ଗ ନାମକ ଅନ୍ୟଜଣେ ଯୋଗୀଙ୍କୁ ଉପଦେଶ ଛଳରେ ସମୁଦାୟ ଗ୍ରନ୍ଥଟିର ବିଷୟବସ୍ତୁ କୁହାଯାଇଛି ।

"ଶ୍ରୀ ଶତ ବ୍ରହ୍ମାଣ୍ଡେ ଅନନ୍ତ ହେଲେ ଉଦିତ ।
ଶରଣାଗତ ଅନାଦିଙ୍କ ଚରଣେ ମାଗଇ ଶିଶୁ ଅନନ୍ତ ॥
ଶ୍ରୀ ଖଣ୍ଡଗିରିରେ ବସିଣ ବାରଙ୍ଗ କହିଲେ ଶିଶୁଙ୍କୁ ଗୁହ୍ୟ ।
ବାରଙ୍ଗ ଯେଉଂ ରୂପେ ଖୁଣ୍ଟିଆଙ୍କୁ ସଙ୍ଗେ ନେଇ ॥
ପରମ ଚେଷ୍ଟା ଉତ୍ପତ୍ତି ଚରିତ ଯେଉଂଠାରୁ ଜୀବ ଜାତ ।
ଶିଶୁବେଦ ଯେଉଂଠାରୁ ଉତପତ ଯେଉଂଠାରେ ଅନହତ ॥"

Digitized by PPRACHIN, SOA

ଚୁମ୍ବକ ମାଳିକା' ନାମକ କ୍ଷୁଦ୍ରଗ୍ରନ୍ଥଟି ଅନନ୍ତ ଦାସଙ୍କର ଖଣ୍ଡିଏ ଆଗତ ଭବିଷ୍ୟ ବୃତ୍ତାନ୍ତ ପୂର୍ଣ୍ଣ ରଚନା । କଳିଯୁଗର ମନୁଷ୍ୟମାନେ ଧୀରେ ଧୀରେ କପରି ଅଧୋଗତି ପ୍ରାପ୍ତ ହେବେ; ସେ ସମ୍ବନ୍ଧରେ କେତେକ ସୂଚନା ପୁସ୍ତକରେ ପ୍ରଦତ୍ତ ହୋଇଛି । କବି ପୁସ୍ତକର ଆରମ୍ଭରେ ନିର୍ବିକାର ପୁରୁଷ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ବନ୍ଦନା କରି ଭବିଷ୍ୟ ବୃତ୍ତାନ୍ତ ଆରମ୍ଭ କରିଛନ୍ତି ।

'ଅଣାକାର ଶବଦ' ଶୀର୍ଷକ ପୁସ୍ତକଟି ବ୍ରହ୍ମଜ୍ଞାନ ତତ୍ତ୍ୱ ବିଷୟକ ଖଣ୍ଡିଏ ନାତି-କ୍ଷୁଦ୍ର ରଚନା ।

"ଆଦ୍ୟ ଶୂନ୍ୟ ଭିତରେ ନିରାକାର ଥିତ ।
ଅଣାକାର ଘରେ ପରମବ୍ରହ୍ମ ମୃତ ॥

× × ×

ବନ୍ଦୁ ଅକ୍ଷରୁ ହୋଇଲା ଅଶେଷ ।
ଶିଶୁ ଅନନ୍ତ ସେହିଠାରୁ ଆଶ ।"

'ଭକ୍ତି-ମୁକ୍ତି-ଦାୟକ-ଗୀତା' ଶୀର୍ଷକ ପୁସ୍ତକରେ, ଯୁଧିଷ୍ଠିରଙ୍କ ଜିଜ୍ଞାସା-ମତେ ଶ୍ରୀକୃଷ୍ଣ ଆଗତ ଭବିଷ୍ୟ ସମ୍ବନ୍ଧରେ ଅନେକ ସଂଶୟ ଦୂର କରି ମୁକ୍ତିମାର୍ଗ ଆଡ଼କୁ ଭକ୍ତର ଅଗ୍ରଗତି କରାଇଛନ୍ତି । ଉକ୍ତ ପୁସ୍ତକର ପୁଷ୍ପିକାରୁ ସମୁଦାୟ ଗ୍ରନ୍ଥର ଆଲୋଚ୍ୟ ବିଷୟ ସମ୍ବନ୍ଧରେ କିଞ୍ଚିତ୍ ଆଭାସ ମିଳେ ।

"ଇତିଶ୍ରୀ ଭକ୍ତି-ମୁକ୍ତି-ଦାୟକ-ଗୀତା ବ୍ରହ୍ମା-ନାରଦ ସମ୍ବାଦେ ଶ୍ରୀକୃଷ୍ଣ-ଯୁଧିଷ୍ଠିର ବର୍ଣ୍ଣନେ ଭବିଷ୍ୟାନ୍ତ ବୋଧନେ ନାମ ଦ୍ୱାଦଶ ପଟଳ ।

ଭଣଇ **ଶିଶୁ ଅନନ୍ତ** ସମ୍ପୂର୍ଣ୍ଣରେ ବାଣୀ ।
ଦ୍ୱାଦଶ ପଟଳ ଶେଷ କରି ଚକ୍ରପାଣି ॥"

'ଭଜନତତ୍ତ୍ୱ' ଶୀର୍ଷକ ପୁସ୍ତକଟି ମଧ୍ୟ ବାରଟି ତତ୍ତ୍ୱ ଅଧ୍ୟାୟରେ ଶେଷ ହୋଇଛି । ସେଥିର ବିଷୟବସ୍ତୁ ମଧ୍ୟ ପୁସ୍ତକର ପୁଷ୍ପିକାରୁ ବେଶ୍ ପରିସ୍ଫୁଟ ହୁଏ ।

"ଇତିଶ୍ରୀ ଭଜନତତ୍ତ୍ୱେ ଗ୍ରନ୍ଥେ ଅନନ୍ତ ଦାସେନ ବିରଚିତଂ ଦ୍ୱାଦଶ ତତ୍ତ୍ୱାଖ୍ୟାନେ ଗୁରୁଶିଷ୍ୟ ସମ୍ବାଦେ ଶ୍ରୀ ଭଜନତତ୍ତ୍ୱ ଗ୍ରନ୍ଥ ଦ୍ୱାଦଶ ତତ୍ତ୍ୱ ଗ୍ରନ୍ଥ ଦ୍ୱାଦଶ ତତ୍ତ୍ୱ ସମ୍ପୂର୍ଣ୍ଣ ।"

Digitized by PPRACHIN, SOA

ଅନନ୍ତ ଦାସ ମଧ୍ୟ ଅନ୍ୟାନ୍ୟ ସଖାମାନଙ୍କ ପରି ଅନେକ ଭଜନ ରଚନା କରି ଲୋକସମାଜରେ ପ୍ରଚାର କରିଥିଲେ । ତାଙ୍କ ଭଜନ ଗୁଡ଼ିକ ମଧ୍ୟରେ ବ୍ରହ୍ମଜ୍ଞାନ ଭଜନ ଗୁଡ଼ିକ ବିଶେଷ ପ୍ରାଧାନ୍ୟ ଲାଭ କରିଛି—

"ଅବନା ଅକ୍ଷର ଜପ ଯିବ କୋଟିଜନ୍ମ ପାପ ।
ଅସାଧନା ମାର୍ଗେ ରହି ଅମାପକୁ ହୁଦେ ମାପ ॥
ଦନ୍ତ ଓଷ୍ଠ ନ ହଲିବ; ଶିର କଣ୍ଠ ନ କମ୍ପିବ ।
ମନ୍ତ୍ର ଯନ୍ତ୍ର ନାହିଁ ତହିଁ ଦେଖିବ ବ୍ରହ୍ମ ସ୍ୱରୂପ ॥
ବ୍ରହ୍ମା ବିଷ୍ଣୁ ସଦାଶିବ କରି ନ ପାରନ୍ତି ଠାବ ।
ଶେଷଦେବ ନ ପାଇଲେ କୋଟିଜନ୍ମ କରି ତପ ॥
ସସ୍ରଦଳ ଠାରେ ଅନା, ବିଜେ ନନ୍ଦସୁତ କହ୍ନା;
ବାମେ ଭାନୁରାଜ ଜେମା ଝିଟିଝିଟି ବିଦ୍ୟୁଭାବ ।

× × ×

ନ ଯା' ତୀର୍ଥ ବ୍ରତ କରି, ହୁଦେ ଜପ ରାମ ହରି;
କହନ୍ତି **ଅନନ୍ତ ଶିଶୁ** ତରିବୁ ଏ ଭବକୂପ ॥" ଇତ୍ୟାଦି ।

ଏହି ପ୍ରସଙ୍ଗରେ ଆଲୋଚିତ ପଞ୍ଚସଖାଙ୍କ ରଚନା ଗୁଡ଼ିକ ବ୍ୟତୀତ ଶିଷ୍ୟ ପରମ୍ପରା-କ୍ରମେ ସେମାନଙ୍କ ମତବାଦର ପରିପ୍ରଚାର ଉଦ୍ଦେଶ୍ୟରେ ଅନେକ ରଚନା ହୋଇଥିବାର ପ୍ରମାଣ ମିଳୁଛି । ଏ ଧରଣର ରଚନାରେ ବିଶେଷ ଭାବରେ 'ଆଗତ-ଭବିଷ୍ୟ' ସମ୍ବନ୍ଧରେ ଆଲୋଚନା କରାଯାଇଛି । କଳିଯୁଗରେ ଲୋକମାନଙ୍କର ଆଚାର ବିଚାର, କ୍ରିୟାକଳାପ ଆଦି କେଉଁଦିଗକୁ ଗତି କରିବ, ସେ ସମ୍ବନ୍ଧରେ ସୂଚନା ଦେଇ ପ୍ରାୟ ପ୍ରତ୍ୟେକ କବି ସେମାନଙ୍କ ରଚନାରେ କଳ୍ପନା କଳ୍ପି ଆଲୋଚନା କରି-ଛନ୍ତି । ସେହି ରଚନା ଗୁଡ଼ିକ ମଧ୍ୟରେ କୃଷ୍ଣ ଦାସଙ୍କ 'ଅର୍ଜୁନ ଗୀତା', ବନମାଳୀ ଦାସଙ୍କ 'ଆଗତ-ଭବିଷ୍ୟ', ବାଲଙ୍ଗା ଦାସଙ୍କ 'ଭବିଷ୍ୟ ମାଳିକା', ଜଗନ୍ନାଥ ଦାସଙ୍କ 'ତୁମ୍ବିକ ମାଳିକା', ପଦ୍ମକଳ୍ପଟୀକା', ସାଧୁଚରଣ ଦାସଙ୍କ 'ଉଦେ ବାଖର', ଦନାଇ ଦାସଙ୍କ 'କନଡ଼ା', ଆଦିକନ୍ଦ ଦାସଙ୍କ 'ଗଣେଶ ସପ୍ତାଙ୍କ', ବୃନ୍ଦାବନ ଦାସଙ୍କ 'ଗହନ ଗୀତା', ବାସୁ କଣ୍ଠଦାସଙ୍କ 'ପିଣ୍ଡ-ବ୍ରହ୍ମାଣ୍ଡ ଗୀତା', ପଶୁରାମ ଦାସଙ୍କ 'ବ୍ରହ୍ମଗୀତା', ଶିଶୁ ତ୍ରିଲୋଚନ ଦାସଙ୍କ 'ବ୍ରହ୍ମସାଗର ଗୀତା', ଦୟାସାଗର କୋଇଲି', କାଳନ୍ଦୀ ଦାସଙ୍କ 'ବ୍ରହ୍ମ ସଂହିତା', ଦାରିକା ଦାସଙ୍କ 'ବ୍ରହ୍ମଜ୍ଞାନ ପଟଳ', ବେଂରାଂଗୀ ଦାସଙ୍କ

Digitized by PPRACHIN, SOA

'ଶଶୁବେଦ କୋଇଲି', ଲୋକନାଥ ଦାସଙ୍କ 'ଜ୍ଞାନଉଦେ କୋଇଲି', ଗୋଲୋକ ଦାସଙ୍କ 'ଗୀତା', ଝାମ ଭୋଇଙ୍କ 'ଶ୍ରୁତିନିଷେଧ ଗୀତା' ଓ 'ନବେଦ ସାଧନ ଗୀତା ଆଦି ପ୍ରଧାନ ।

ମୋଟଉପରେ କହିବାକୁ ଗଲେ, ଓଡ଼ିଆ ସାହିତ୍ୟରେ ପଞ୍ଚସଖା ସାହିତ୍ୟ ଓ ନିର୍ଗୁଣ ସାହିତ୍ୟ ଏକ ଉତ୍କୃଷ୍ଟ ବିଭବ । ଏହି ବିଭବ ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀ ଠାରୁ ଆରମ୍ଭ ହୋଇ ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ପର୍ଯ୍ୟନ୍ତ ଅବ୍ୟାହତ ଥିଲା । ଏହି ବିଭବର ସମୁଦାୟ ଗ୍ରନ୍ଥ ପ୍ରଣେତାଙ୍କ ନାମ ଓ ତତ୍ସମ୍ବନ୍ଧୀୟ ତାତ୍ତ୍ୱିକ ଆଲୋଚନା କରିବା ଏଠାରେ ସମ୍ଭବ ନୁହେଁ । କେବଳ ଆଲୋଚନାର ପରିସରକୁ ଟିକିଏ ସୁଗମ କରିବା ଉଦ୍ଦେଶ୍ୟରେ ଏଠାରେ ଗ୍ରନ୍ଥଗୁଡ଼ିକର ଦିଗ୍‌ଦର୍ଶନ କରାଯାଇଛି ମାତ୍ର ।

ଓଡ଼ିଆ ଐତିହାସିକ କାବ୍ୟ—

ପ୍ରସ୍ତୁତ ନିବନ୍ଧରେ ପଞ୍ଚସଖା ସାହିତ୍ୟ ଓ ଓଡ଼ିଆ ଜ୍ଞାନମିଶ୍ରା ଭକ୍ତିସାହିତ୍ୟର ଆଲୋଚନା ପରେ 'ଓଡ଼ିଆ ଐତିହାସିକ କାବ୍ୟ' ସମ୍ବନ୍ଧରେ ଆଲୋକପାତ କରା-ଯାଉଛି । କାରଣ ସାହିତ୍ୟିକ ଆଲୋଚନାର ପରିସର ମଧ୍ୟରେ ଐତିହାସିକ କାବ୍ୟର ମୂଲ୍ୟବୋଧ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ । ସାଧାରଣ କାବ୍ୟରେ କବି କଳ୍ପନା ଜଗତରେ ପରିଭ୍ରମଣ କରି ଆଦର୍ଶୋନ୍ମୁଖ ବାସ୍ତବବାଦର ଚିତ୍ରଣରେ ମନ ବଳାଏ । କିନ୍ତୁ ଐତିହାସିକ କାବ୍ୟରେ କବିଙ୍କର ସେହି ସ୍ୱାଧୀନତା ନ ଥାଏ, ସେ କେବଳ ଐତି-ହାସିକ ଘଟଣାର ପରିପ୍ରେକ୍ଷୀରେ କାବ୍ୟିକ ଶୈଳୀର ବିକାଶ ନିମିତ୍ତ ପ୍ରସ୍ତୁତ ହୁଅନ୍ତି । ତେଣୁ କାଳ୍ପନିକ କାବ୍ୟ ତୁଳନାରେ, ଐତିହାସିକ କାବ୍ୟର ରଚନା କ୍ଷେତ୍ରରେ କବିଙ୍କର ଦାୟିତ୍ୱ ଯେପରି ଅଧିକ, ସ୍ୱାଧୀନତା ମଧ୍ୟ ସେହିପରି ସୀମାବଦ୍ଧ ।

ଆଜିକାଲି ଇତିହାସ କହିଲେ ଆମ୍ଭେମାନେ ଯାହା ବୁଝୁଥାଉଁ, ପ୍ରାଚୀନ କାଳରେ କବିମାନଙ୍କ ଦ୍ୱାରା ସେପ୍ରକାର ଐତିହାସିକ ବିବରଣୀ ଆଦୌ ସଂଗ୍ରହ କରାଯାଉ ନ ଥିଲା । ଯେ କୌଣସି ଐତିହାସିକ ଘଟଣାକୁ ପଦ୍ୟ କିମ୍ବା ଗଦ୍ୟରେ ରଚନା କରି, ସେଥିରେ କଳ୍ପନା ତଥା ଅତିଶୟୋକ୍ତିର ପ୍ରଲେପ ଦେବାରେ ସେ କାଳର କବିମାନେ ପଶ୍ଚାତ୍‌ପଦ ହେଉ ନ ଥିଲେ ! ସେହି ଧରଣର କାବ୍ୟ କବିତାରୁ ପ୍ରକୃତ ଐତିହାସିକ ତଥ୍ୟ ବାହାର କରିବା ନିତାନ୍ତ ଅସମ୍ଭବ ନ ହେଲେ ମଧ୍ୟ ସହଜସାଧ୍ୟ ନୁହେଁ ।

Digitized by PPRACHIN, SOA

ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ତାଳପତ୍ର ପୋଥିଗୁଡ଼ିକ ମଧ୍ୟରୁ 'ଓଡ଼ିଆ ଐତିହାସିକ କାବ୍ୟ' ନାମରେ ଗୋଟିଏ ସ୍ଵତନ୍ତ୍ର ବିଭାଗ ରହିଛି । ସେହି ପୁସ୍ତକ ଗୁଡ଼ିକରେ ଆଲୋଚିତ ତଥ୍ୟ ତଥା ବ୍ୟକ୍ତିବିଶେଷଙ୍କ ଚରିତ ଇତିହାସର ଆଦର-ଣୀୟ ବସ୍ତୁ ହୋଇଥିବାରୁ ସେଗୁଡ଼ିକର ଆଲୋଚନା ସ୍ଵତନ୍ତ୍ର ରୂପେ କରାଯିବା ବିଧେୟ । ଓଡ଼ିଆ ଐତିହାସିକ ରଚନାବଳି ମଧ୍ୟରେ ପ୍ରଥମସ୍ଥାନ ଅଧିକାର କରେ 'ମାଦଳାପାଞ୍ଜି' । ଐତିହାସିକ ଘଟଣାବଳୀ-ପୂର୍ଣ୍ଣ 'ମାଦଳାପାଞ୍ଜି' ଶୀର୍ଷକ ରଚନାଟି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀମନ୍ଦିରରେ ବଂଶ ପରମ୍ପରା କ୍ରମେ ଲିଖିତ ହୋଇଥିଲା । ଏହାକୁ ଶ୍ରୀମନ୍ଦିରର ଜନଶ୍ରୁତି ମୂଳକ ଇତିହାସ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ମାଦଳା ପାଞ୍ଜିର ପ୍ରାଚୀନତା ସମ୍ବନ୍ଧରେ ସର୍ବସାଧାରଣଙ୍କ ସ୍ତରର ଗବେଷକମାନଙ୍କ ଦ୍ୱାରା ବିଭିନ୍ନ ମତ ପୋଷଣ କରା-ଯାଉଥିଲେହେଁ, ଉକ୍ତ ପାଞ୍ଜି ସୂର୍ଯ୍ୟବଂଶୀ ଗଜପତି କପିଳେନ୍ଦ୍ର ଦେବଙ୍କ ସମୟରେ ରଚିତ ହୋଇଥିବା ସ୍ଥିର କରାଯାଇପାରେ । କାରଣ ସ୍ୱରୂପ ଏତିକ କୁହାଯାଇପାରେ ଯେ, କପିଳେନ୍ଦ୍ର ଦେବଙ୍କ ସମୟ ପୂର୍ବରୁ ମାଦଳାପାଞ୍ଜିରେ ଲିପିବଦ୍ଧ ଘଟଣା ଗୁଡ଼ିକର ଇତି-ହାସ ସହିତ ପ୍ରାଚୀନ ଶିଳାଲେଖ ଓ ତାମ୍ରଶାସନ ଗୁଡ଼ିକରୁ ଉପଲବ୍ଧ ଇତିହାସ ସମ୍ପୂର୍ଣ୍ଣ ରୂପେ ମେଳ ଖାଉନାହିଁ । କିନ୍ତୁ ତତ୍ପରବର୍ତ୍ତୀ ସମୟର ଘଟଣା ଗୁଡ଼ିକରେ ଐତିହାସିକ ସତ୍ୟ ସ୍ପଷ୍ଟତଃ ପରିଲକ୍ଷିତ ହୁଏ । ବିଶେଷତଃ ମାଦଳାପାଞ୍ଜିରେ ଲିପିବଦ୍ଧ କେତୋଟି ଘଟଣା ଓଡ଼ିଆ ସାହିତ୍ୟର ବିଭିନ୍ନ କାବ୍ୟ କବିତାରେ ମଧ୍ୟ ଦେଖିବାକୁ ମିଳେ । ଏହିସବୁ କାରଣରୁ ମାଦଳା ପାଞ୍ଜିର ରଚନା ସମୟ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀର ପ୍ରଥମାର୍ଦ୍ଧ ବୋଲି ଅନୁମାନ କରାଯିବା ଅସମୀଚୀନ ନୁହେଁ ।

ଓଡ଼ିଶାର ପ୍ରାଚୀ ସମିତି ପକ୍ଷରୁ ତିନଖଣ୍ଡି ମାଦଳାପାଞ୍ଜି ସଂଗୃହୀତ ହୋଇ ସ୍ୱର୍ଗତଃ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଦ୍ୱାରା ସଂପାଦିତ ହୋଇଛି । ରାଜ୍ୟ ସଂଗ୍ରହାଳୟ ପକ୍ଷରୁ ଖଣ୍ଡିଏ ମାଦଳା ପାଞ୍ଜି କଟକ ଜିଲ୍ଲାରୁ ଓ ଆଉଖଣ୍ଡିଏ ପୁରୀ ଜିଲ୍ଲାର କୋଟପଲ୍ଲୀ ଅଞ୍ଚଳରୁ ସଂଗୃହୀତ ହୋଇଛି । ତିନଖଣ୍ଡିଯାକ ମାଦଳାପାଞ୍ଜିର ପାଠ ମିଳାଇ ଦେଖିଲେ ଜଣାଯାଏ ଯେ, ତିନୋଟିଯାକ ପାଞ୍ଜି ଭିନ୍ନ ଭିନ୍ନ ସମୟରେ ତଥା ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ଦ୍ୱାରା ଲିଖିତ ହୋଇଛି । ଅବଶ୍ୟ ଏ ପ୍ରକାର ପାଠଭେଦ ଅନ୍ୟାନ୍ୟ କାବ୍ୟଗ୍ରନ୍ଥ ମାନଙ୍କରେ ଗ୍ରହଣୀୟ ହୋଇପାରେ, କିନ୍ତୁ ମାଦଳାପାଞ୍ଜି ପରି ଏକ ଐତି-ହାସିକ ତଥ୍ୟ ସମ୍ବଳିତ ଗ୍ରନ୍ଥରେ ଏହା ଆଦୌ ଉତ୍ସାହବର୍ଦ୍ଧକ ନୁହେଁ; ବରଂ ଏହା ଦ୍ୱାରା ମାଦଳା ପାଞ୍ଜିର ଐତିହାସିକତା ବା ପ୍ରାଚୀନତା ସମ୍ବନ୍ଧରେ ସନ୍ଦେହ ଜାତ ହୋଇଥାଏ ।

Digitized by PPRACHIN, SOA

ଗୌଡ଼ୀୟ ସମ୍ପ୍ରଦାୟର ପ୍ରତିଷ୍ଠାତା ତଥା ହରି ନାମ ସଂକୀର୍ତ୍ତନର ପ୍ରଧାନ ପ୍ରଚାରକ ଶ୍ରୀଚୈତନ୍ୟଦେବ ନଦୀୟାରେ ଜନ୍ମଗ୍ରହଣ କରିଥିଲେ ହେଁ, ଶ୍ରୀକ୍ଷେତ୍ରରେ ତାଙ୍କର ଅଧିକାଂଶ ଲୀଳା ପ୍ରଚାରିତ ହୋଇଛି । ଓଡ଼ିଶାର ଭକ୍ତ-ଶିରୋମଣି ରାୟ ରାମାନନ୍ଦ ପଟ୍ଟନାୟକ, ଭକ୍ତ ବଳରାମ ଦାସ ଓ ଅତିବଡ଼ି ଜଗନ୍ନାଥ ଦାସ ଗୋସ୍ୱାମୀ ଆଦି ଭକ୍ତକବି ମାନଙ୍କ ସହିତ ତାଙ୍କର ଆଲୋଚନା ପ୍ରତ୍ୟାଲୋଚନା ଆଦି ବିଷୟ 'ଶ୍ରୀଚୈତନ୍ୟ ଚରିତାମୃତ' ଗ୍ରନ୍ଥରେ ଆଲୋଚିତ । ବଙ୍ଗୀୟ କବି କବିରାଜ କୃଷ୍ଣ ଦାସ ଗୋସ୍ୱାମୀ ଖ୍ରୀ: ଅ: ୧୬୧୫ରେ ବୃନ୍ଦାବନ ଠାରେ ଉକ୍ତ ଗ୍ରନ୍ଥ ରଚନା କରିଥିଲେହେଁ, ଓଡ଼ିଶାରେ ଉକ୍ତ ଗ୍ରନ୍ଥର ପ୍ରଚାର ଯଥେଷ୍ଟ ହୋଇଥିବାର ଦେଖାଯାଏ । ଏହା ଫଳରେ ଓଡ଼ିଆ ଭକ୍ତମାନେ ଏହି ଗ୍ରନ୍ଥକୁ ନକଲ କରିବା ସମୟରେ ସେମାନଙ୍କ ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ, କେତେକ ଓଡ଼ିଆ ଶବ୍ଦ ଓ କିମ୍ବା ପଦ ସେଥିରେ ମିଶାଇ ଦେଇଛନ୍ତି ।

"କୃଷ୍ଣ ଆଲିଙ୍ଗନ ପାଇଲୁ ଜନମ ସଫଳ,
ଏଇ ସୁଖେ ମଗ୍ନ ରହେ ବୃକ୍ଷ କରି କୋଳ ।

× × ×

ଷଟ ଶ୍ଳୋକେ କୈଲ ଶ୍ରୀକୃଷ୍ଣ ଚୈତନ୍ୟ ମହିମା,
ପଞ୍ଚ ଶ୍ଳୋକେ କହି ନିତ୍ୟାନନ୍ଦ ତତ୍ତ୍ୱ ସୀମା ।
ସର୍ବ ଅବତାରୀ କୃଷ୍ଣ ସ୍ୱୟଂ ଭଗବାନ
ତାହାର ଦ୍ୱିତୀୟ ତନୁ ଶ୍ରୀଲ ବଳରାମ ।

× × ×

ଏକ ଦିନେ ଶ୍ରୀନିବାସ ମନ୍ଦିରେ ଗୋସାଇଁ
ନିତ୍ୟାନନ୍ଦ ସଙ୍ଗେ ନୃତ୍ୟ କରେ ଦୁଇ ଭାଇ ।

× × ×

ଶିରେ ଧରି ବନ୍ଦୋ ନିତ୍ୟ କରି ତାର ଆଶ
ଚୈତନ୍ୟ ଚରିତାମୃତ କହେ କୃଷ୍ଣ ଦାସ୍ୟ *

× × ×

* 'ଶ୍ରୀଚୈତନ୍ୟ ଚରିତାମୃତ' ଆଦ୍ୟ ଖଣ୍ଡ, ଓଡ଼ିଶା ମିଉଜିୟମ ପୋଥି No. Or H/1

Digitized by PPRACHIN, SOA

ଧନ୍ୱନ୍ତରୀ ରୂପେ କରେ ଅମୃତ ପ୍ରଦାନ
ଧ୍ୱଂସ ରୂପେ ବ୍ରହ୍ମାଦରେ କହେ ତତ୍ତ୍ୱ ଜ୍ଞାନ ।

× × ×

ଏ ଶିଶୁ କରିବ ନଷ୍ଟେଂ ଜଗତ ଉଦ୍ଧାର

× × ×

ବ୍ରହ୍ମା ଶିବ ଶୁକ ଯାହା ବାଂଛେ ଅନୁକ୍ଷଣ

× × ×

ଦେଖି ଜଗନ୍ନାଥ ମିଶ୍ର ସୁତେଜ ତାହାର ।" *

× × ×

'ଶ୍ରୀ ଚୈତନ୍ୟ ଭାଗବତ'-ଶୀର୍ଷକ ଗ୍ରନ୍ଥର ପ୍ରଣେତା ଈଶ୍ୱର ଦାସ କବିରାଜ କୃଷ୍ଣ ଦାସଙ୍କ 'ଶ୍ରୀଚୈତନ୍ୟ ଚରିତାମୃତ' ଓ ବୃନ୍ଦାବନ ଦାସଙ୍କ 'ଶ୍ରୀଚୈତନ୍ୟ ଭାଗବତ'ର ଅବଲମ୍ବନରେ ଐତିହାସିକ ତଥ୍ୟ ସମ୍ବଳିତ ସ୍ୱ ଗ୍ରନ୍ଥଟି ଲେଖିଛନ୍ତି । ଐତିହାସିକ ଦୃଷ୍ଟିକୋଣରୁ ବିଚାର କଲେ, ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀ ପ୍ରଥମଭାଗର କବି ଈଶ୍ୱର ଦାସଙ୍କ ଦ୍ୱାରା ରଚିତ ଶ୍ରୀଚୈତନ୍ୟ ଭାଗବତ ଓଡ଼ିଶାର ଘଟଣାବଳୀ ଦୃଷ୍ଟିରୁ କବିରାଜ କୃଷ୍ଣ ଦାସ ଓ ବୃନ୍ଦାବନ ଦାସଙ୍କ ଗ୍ରନ୍ଥ ତୁଳନାରେ ଅଧିକ ପ୍ରାମାଣିକ ତଥା ତଥ୍ୟ ସମ୍ବଳିତ ବୋଲି ମନେହୁଏ ।

ଶ୍ରୀଚୈତନ୍ୟଙ୍କ ସମସାମୟିକ ମାଧବ ଦାସଙ୍କ 'ଚୈତନ୍ୟ ବିଳାସ' ଶୀର୍ଷକ ଗ୍ରନ୍ଥଟି ଐତିହାସିକ ଉପାଦାନ ଦୃଷ୍ଟିରୁ କମ୍ ମହତ୍ତ୍ୱପୂର୍ଣ୍ଣ ପୁସ୍ତକ ନୁହେଁ । ତାଙ୍କ 'ଚୈତନ୍ୟ ବିଳାସ'ର ଦଶଟି ଛାନ୍ଦ ମଧ୍ୟରେ ସେ ନିଜର ପରିଚୟ ସମ୍ବନ୍ଧରେ କୌଣସି ପଦ ରଚନା କରି ନ ଥିଲେ ହେଁ, ଆଲୋଚକ ଶ୍ରୀ ସୁରେନ୍ଦ୍ର ମହାନ୍ତି ତାଙ୍କୁ 'ମାଧବ ପଟ୍ଟନାୟକ' ବୋଲି 'ଓଡ଼ିଆ ସାହିତ୍ୟର ମଧ୍ୟପର୍ବ' ପୁସ୍ତକରେ ଉଲ୍ଲେଖ କରିଛନ୍ତି । † କିନ୍ତୁ କବି ମାଧବ 'ଚୈତନ୍ୟ ବିଳାସ'ର କେତୋଟି ଛାନ୍ଦରେ ନିଜକୁ ମାଧବ ଦାସ କିମ୍ବା କେବଳ ମାଧବ ବୋଲି ଉଲ୍ଲେଖ କରିବା ସଙ୍ଗେ ସଙ୍ଗେ ଦ୍ୱିତୀୟ ଛାନ୍ଦର ଶେଷ ପଦରେ ନିଜ ନାମ ମାଧବ ରଥ ବୋଲି ଉଲ୍ଲେଖ କରିଛନ୍ତି ।

---

* 'ଶ୍ରୀ ଚୈତନ୍ୟ ମଙ୍ଗଳ' ଓଡ଼ିଶା ମିଉଜିୟମ ପୋଥି No OrH/4

† ଓଡ଼ିଆ ସାହିତ୍ୟର ମଧ୍ୟପର୍ବ, ପୃ-୩୧୨

Digitized by PPRACHIN, SOA

"କହଇ ମାଧବ ରଥ କରିଆଂ ବେଦନ,
ସନ୍ତତ ଈଶ୍ୱର ସେ ଶଚୀର ନନ୍ଦନ ।" *

ଅବଶ୍ୟ, ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ଆଉ ଖଣ୍ଡିଏ 'ଚୈତନ୍ୟ ବିଳାସ' ପୋଥିରେ ଠିକ୍ ସେହି ପଦ ସ୍ଥାନରେ ଅନ୍ୟ ଗୋଟିଏ ପଦ ରହିଛି ।

"ସେହି ସମୟରେ ପାଶେ ମିଳେ ନନ୍ଦନ
କହଇ ମାଧବ ଯେହ୍ନା କର କର୍ଦ୍ଦନ ।" ✠

'ଚେତନ୍ୟ ବୈରାଗ୍ୟ' ନାମକ ଓଡ଼ିଆ ଭାଷାରେ ଲିଖିତ ଖଣ୍ଡିଏ ଶ୍ରୀଚୈତନ୍ୟ ଦେବଙ୍କ ଜୀବନୀ ସମ୍ବଳିତ କାବ୍ୟ ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ହୋଇଛି, କିନ୍ତୁ ଉକ୍ତ ଗ୍ରନ୍ଥର ପ୍ରଣେତାଙ୍କ ନାମ ଜଣାପଡୁ ନାହିଁ ।

କବି ଦିବାକର ଦାସଙ୍କ ପ୍ରଣୀତ 'ଶ୍ରୀ ଜଗନ୍ନାଥ ଚରିତାମୃତ' ଅତିବଡ଼ି ଜଗନ୍ନାଥ ଦାସଙ୍କ ସମ୍ବନ୍ଧରେ କେତେକ ଐତିହାସିକ ତଥ୍ୟ ଜାଣିବା ଲାଗି ଏକ ଉପାଦେୟ ଗ୍ରନ୍ଥରୂପେ ଓଡ଼ିଆ ସମାଲୋଚକମାନଙ୍କ ମଧ୍ୟରେ ଆଦୃତ । ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ 'ଶ୍ରୀ ଜଗନ୍ନାଥ ଚରିତାମୃତ' ପୋଥିରୁ ଜଣାଯାଏ ଯେ, ଦିବାକର ଦାସ ଜଗନ୍ନାଥ ଦାସଙ୍କ ଶିଷ୍ୟ ପରମ୍ପରାରେ ଷଷ୍ଠ ବ୍ୟକ୍ତି । ତାଙ୍କ ପୂର୍ବରୁ ପୀତାମ୍ବର ଦାସ, କାହ୍ନୁ ଦାସ, କେଳୀକୃଷ୍ଣ ଦାସ, ବନମାଳୀ ଦାସ ଓ ଜଗନ୍ନାଥ ଦାସ ଗୁରୁ ପରମ୍ପରାକ୍ରମେ ପ୍ରଖ୍ୟାତ ଥିଲେ । ପ୍ରତ୍ୟେକ ପୁରୁଷ ପାଇଁ ଅନ୍ତତଃ ପଚିଶ ବର୍ଷ ଲେଖାଏଁ ସମୟ ଧାର୍ଯ୍ୟ କଲେ, ଦିବାକର ଦାସ ଖୁବ୍ ସମ୍ଭବତଃ ଖ୍ରୀ: ଅ: ସପ୍ତଦଶ ଶତାବ୍ଦୀର ମଧ୍ୟଭାଗରେ 'ଶ୍ରୀଜଗନ୍ନାଥ ଚରିତାମୃତ' ଶୀର୍ଷକ ଐତିହାସିକ ଗ୍ରନ୍ଥଟିକୁ ରଚନା କରିଥିଲେ

ହିନ୍ଦି ଜଗତର ପ୍ରଖ୍ୟାତ କବି ନାଭାଜୀ ୧୬୪୨ ବିକ୍ରମ ସମ୍ବତ୍ ବା ଖ୍ରୀ: ଅ: ୧୫୮୫ରେ 'ଭକ୍ତମାଳା' ନାମକ ଖଣ୍ଡିଏ ଗ୍ରନ୍ଥ ଲେଖିଥିଲେ । ଉକ୍ତ ଗ୍ରନ୍ଥଟି ସମଗ୍ର ଭାରତରେ ବିଶେଷ ଖ୍ୟାତି ଲାଭ କରିଥିଲା । ତାହାର ଅନୁକରଣରେ ମହାରାଷ୍ଟ୍ରରେ 'ଭକ୍ତ ବିଜୟ' ଓ ବଙ୍ଗଳାରେ 'ଭକ୍ତମାଳା' ରଚିତ ହୋଇଥିଲା । ଖୁବ୍ ସମ୍ଭବତଃ ନାଭାଜୀଙ୍କ ଅନୁକରଣରେ ବିପ୍ର ରାମ ଦାସ 'ଦାଢ଼୍ୟତା ଭକ୍ତି ରସାମୃତ' ନାମକ ଖଣ୍ଡିଏ

---

* 'ଚୈତନ୍ୟ ବିଳାସ', ଓଡ଼ିଶା ମିଉଜିୟମ ପୋଥି No. O. L /616

✠ ,, No. O. L /945-A

Digitized by PPRACHIN, SOA

ଗ୍ରନ୍ଥ ଲେଖିଥିଲେ । ଉକ୍ତ ଗ୍ରନ୍ଥର ପଚିଶଟି ଅଧ୍ୟାୟରେ କବି ଓଡ଼ିଆ ଭକ୍ତମାନଙ୍କର ଏକ ଜନଶ୍ରୁତି ମୂଳକ ଇତିହାସ ଲିପିବଦ୍ଧ କରିଛନ୍ତି ।

ମାଦଳା ପାଞ୍ଜିର ଅନୁକରଣରେ ଅନ୍ୟାନ୍ୟ ଗଡ଼ଜାତ ରାଜ୍ୟମାନଙ୍କରେ ପାଞ୍ଜି ଲେଖନର ପ୍ରଚଳନ ଥିଲା । ସେ ପାଞ୍ଜିଗୁଡ଼ିକୁ ମଧ୍ୟ 'ମାଦଳା' ଆଖ୍ୟା ଦିଆଯାଉଥିଲା । ଏହି ମାଦଳା ଗୁଡ଼ିକ ମଧ୍ୟରେ 'କଳାହାଣ୍ଡି ମାଦଳା' ଓ 'କେନ୍ଦୁଝର ମାଦଳା' ଆଦି ପ୍ରଧାନ । ଆହୁରି ମଧ୍ୟ ମାଦଳା ପାଞ୍ଜିର ଅବଲମ୍ବନରେ ଫକୀର ଚଯୁନଙ୍କ ଦ୍ୱାରା ଲିଖିତ 'ଚଯୁନ ଚକଡ଼ା' ନାମକ ଐତିହାସିକ ତଥ୍ୟ ସମ୍ବଳିତ ପୁସ୍ତକଟି ବିଶେଷ ପ୍ରଣିଧାନ ଯୋଗ୍ୟ । ଶ୍ରୀ ଚଯୁନ ଉକ୍ତ ପୁସ୍ତକରେ କଟକ ଜିଲ୍ଲାର ମହାନଦୀ କୂଳରେ ଥିବା ଓ ପରବର୍ତ୍ତୀ କାଳରେ ଧ୍ୱଂସପ୍ରାପ୍ତ ଷୋଳ ଶାସନର ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି । ସେହିପରି ଖୋର୍ଦ୍ଧା ରାଜବଂଶର ବିବରଣୀ ସମ୍ମିତ 'ଚକଡ଼ା ବିସାଣ' ନାମକ ପୁସ୍ତକଟି ଐତିହାସିକ ଦୃଷ୍ଟିକୋଣରୁ କମ୍ ମହତ୍ତ୍ୱପୂର୍ଣ୍ଣ ନୁହେଁ ।

'କେନ୍ଦୁଝର-ମାଦଳା' ବା 'ଗଣସମ୍ମିତ' ନାମରେ ଖ୍ୟାତ ଖଣ୍ଡିଏ ପୁସ୍ତକ ରାଜ୍ୟ ସଂଗ୍ରହାଳୟର ପୋଥି ଭଣ୍ଡାରରେ ସଂରକ୍ଷିତ ହୋଇଛି । ଉକ୍ତ 'ଗଣସମ୍ମିତ'ଟି ମୁଖ୍ୟତଃ କେନ୍ଦୁଝର ରାଜବଂଶର ପତ୍ରାବଳୀ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । କେନ୍ଦୁଝର ରାଜ-ଦରବାରରୁ ବିଭିନ୍ନ ରାଜ-ଦରବାରକୁ ଯାଇଥିବା ପତ୍ରଗୁଡ଼ିକୁ ଏକତ୍ର କରାଯାଇଛି । ଏପରିକି ଶେଷଆଡ଼କୁ ଇଂରେଜମାନଙ୍କୁ ମଧ୍ୟ ଲେଖାଯାଇଥିବା ପତ୍ରର ବିବରଣୀ ସେଥିରେ ରହିଛି । 'ଗଣସମ୍ମିତ'ରେ ଥିବା ଶେଷ ଚିଠିଟି ହେଉଛି — ସନ ୧୨୭୯ ସାଲ ମେଷ ଦଶହିନେ ଲେଖାଇ ରାଜଦରବାରକୁ ପଠାଯାଇଥିବା ଚିଠାଉ । ଏଥିରୁ ମନେହୁଏ 'ଗଣସମ୍ମିତ' ପୁସ୍ତକଟି ଉନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ପର୍ଯ୍ୟନ୍ତ ଲେଖାଯାଉଥିଲା ।

ଖ୍ରୀଷ୍ଟୀୟ ଊନବିଂଶ ଶତାବ୍ଦୀରେ ଲିଖିତ ଭଞ୍ଜବଂଶ ଚରିତ' ନାମକ ମୟୂର ଭଞ୍ଜର ଇତିହାସ ସମ୍ବଳିତ ଏକ ରଚନା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ହୋଇଛି । ଉକ୍ତ ପୁସ୍ତକରେ ମୟୂରଭଞ୍ଜର ରାଜଧାନୀ ଆଦିପୁର, ଖିଚିଙ୍ଗ୍, ହରିହରପୁର ଓ ଉକ୍ତ ରାଜବଂଶର ଅଧିନରେ ଥିବା ବ୍ରାହ୍ମଣଘୋଟୀ ଆଦି ସମ୍ବନ୍ଧରେ ଅନେକ ପ୍ରାମାଣିକ ତଥ୍ୟ ରହିଛି । ପୋଥିଟି ଜୀର୍ଣ୍ଣଶୀର୍ଣ୍ଣ ଓ କୀଟଦଂଷ୍ଟ ହୋଇଥିଲେହେଁ, ସେଥିରୁ ଆଦି ସିଂହ, ହରେକୃଷ୍ଣ ଭଞ୍ଜ, ବୈଦ୍ୟନାଥ ଭଞ୍ଜ ଓ ଯଦୁନାଥ ଭଞ୍ଜ ଆଦି ରାଜାଙ୍କ କାର୍ଯ୍ୟକଳାପ ସମ୍ବନ୍ଧରେ ବିସ୍ତୃତ ତଥ୍ୟ ରହିଛି ।

Digitized by PPRACHIN, SOA

ପୁସ୍ତକର ପ୍ରଣେତାଙ୍କ ନାମ ମିଳୁ ନ ଥିଲେହେଁ, ନକଲ ସମୟ ଓ ସ୍ଥାନ ସମ୍ବନ୍ଧରେ କେତେକ ବିବରଣୀ ମିଳେ ।

"ଅଠରଶ ପଅଁଷଠି ସାଲର,
ପୁସ୍ତକ ଲେଖା ହୋଇଲା ନକର ।
ଶ୍ରୀଧର ମିଶ୍ରଙ୍କୁ ଡାକଣ ନେଲ

× × ×

ଖିଚିଂ ଗ୍ରାମେ ଗ୍ରମ ଧଳ ଘର

× × ×

ବନା ଧଳ ବୋଲି ପୁଆଣ ଜାତି

× × ×

ଏମାନଙ୍କୁ ଘେନ ଖିଚିଂ ଗଲି,
ଖିଚିଙ୍ଗେ ଥାଇ ପୁସ୍ତକ ଲେଖିଲି ।

× × ×

ମାଳିକା ନେଇ ବାରିପଦା ଗଲି
ରଜା ହଜୁରେ ନେଇ ଦେଖାଇଲି ।

× × ×

ସୁପୁତ୍ର ଯେତୁ ଜନମ ହୋଇବ,
ମାଳିକା ସେତୁ ସମ୍ପୂର୍ଣ୍ଣ କରିବ ।" *

× × ×

ଏତଦ୍‌ବ୍ୟତୀତ ମୟୂରଭଞ୍ଜ ବଂଶ ଅଧୀନରେ ଥିବା ବ୍ରାହ୍ମଣ ଘାଟି (ବାଉନ ଘାଟି ବୋଲି କେତେକ ସ୍ଥଳରେ ଅଛି) ରଜାଙ୍କ ବିଦ୍ରୋହ ଦମନ ସମ୍ବନ୍ଧରେ 'ଢେଙ୍କା ପୋଷି ଯୁଦ୍ଧ' ନାମକ ଖଣ୍ଡିଏ ପୁସ୍ତକର କେତୋଟି ଛିନ୍ନପତ୍ର ମିଳୁଛି । ପୁସ୍ତକର

---

* 'ଭଞ୍ଜବଂଶ ଚରିତ', ଓଡ଼ିଶା ମିଉଜିୟମ ପୋଥି No Or H/18

Digitized by PPRACHIN, SOA

ଶେଷ ପଦରୁ ଜଣାଯାଏ ଯେ, 'ଢେଣ୍ଟା ପୋଷି ଯୁଦ୍ଧ' ପୁସ୍ତକର ପ୍ରଣେତା ହେଉଛନ୍ତି ବିପ୍ର କୃପାସିନ୍ଧୁ ଏବଂ ସେହି ଯୁଦ୍ଧଟି ଯଦୁନାଥ ଭଞ୍ଜଙ୍କ ଅମଳରେ ହୋଇଥିଲା ।

"ବ୍ରାହ୍ମଣ ଘାଟିର ନରେନ୍ଦ୍ର, ········· ବଡ଼ ଦ୍ୱନ୍ଦ ।
ସ୍ୱରାଜ୍ୟ ରାଜା ହେବା ଅର୍ଥେ, ଦ୍ୱନ୍ଦ ଭେଇଲେ ନୃପନାଥେ ।
ଏ ରାଜା ସୂର୍ଯ୍ୟବଂଶେ ଜାତ, ନାମ ତାହାଙ୍କ ଯଦୁନାଥ ।
ମୟୂରଭଞ୍ଜର କରତା, ତିନଶ କୋଶେ ଏକ ଛତା ।

× × ×

କହଇ ବିପ୍ର କୃପାସିନ୍ଧୁ, ଭଞ୍ଜ ବିଳାସ ପୂର୍ଣ୍ଣଇନ୍ଦୁ ।" *

ଏହି ଯଦୁନାଥ ଖ୍ରୀଷ୍ଟୀୟ ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ମୟୂରଭଞ୍ଜର ରାଜସିଂହାସନ ଅଳଙ୍କୃତ କରିଥିଲେ । ଏହି ରାଜାଙ୍କ ୨୫ ଅଙ୍କ ସନ ୧୨୫୪ ସାଲ ଶକାବ୍ଦ ୧୭୬୮ ବା ୧୮୪୭ ଖ୍ରୀଷ୍ଟାବ୍ଦରେ ପଡ଼ିଥିବାର ପ୍ରମାଣ ବାରିପଦା ଅଞ୍ଚଳରୁ ମିଳିଥିବା ଖଣ୍ଡିଏ ପୋଥିର ପୁଷ୍ପିକାରୁ ମିଳେ । †

ଏତଦ୍‌ବ୍ୟତୀତ ରାଜ୍ୟ ସଂଗ୍ରହାଳୟର ତାଳପତ୍ର ପୋଥି ଭଣ୍ଡାରରେ ପଦ୍ମନ ସିଂହଙ୍କ 'ନାଗବଂଶ ଚରିତ', ଗୋପୀନାଥ ମିଶ୍ରଙ୍କ 'କାଦମ୍ବଗାଥା', ପଟିଆ ରାଜବଂଶାବଳୀ ଆଦି ଐତିହାସିକ ତଥ୍ୟ ସମ୍ବଳିତ ପୁସ୍ତକ ସଂରକ୍ଷିତ ହୋଇଅଛି । ଏହି ବଂଶାବଳୀ ଗୁଡ଼ିକର ଅଧ୍ୟୟନ ଫଳରେ ଓଡ଼ିଶାର ବିଭିନ୍ନ ରାଜବଂଶ ସମ୍ବନ୍ଧରେ ଅନେକ ଅପ୍ରକାଶିତ ତଥ୍ୟ ଲୋକ-ଲୋଚନର ଗୋଚରକୁ ଆସିପାରିବ ।

ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରେ (ଖ୍ରୀ: ଅ: ୧୭୮୦ରେ ଲିଖିତ ବୋଲି ଆଲୋଚକ ଶ୍ରୀଯୁକ୍ତ ସୁଧାକର ପଟ୍ଟନାୟକ ମତ ଦିଅନ୍ତି) ଲିଖିତ 'ସମର ତରଙ୍ଗ' ନାମକ ପୁସ୍ତକରେ ମରହଟ୍ଟା ବର୍ଗୀମାନଙ୍କ ସହିତ ଢେଙ୍କାନାଳର ରାଜା ତ୍ରିଲୋଚନ ମହୀନ୍ଦ୍ର ବାହାଦୁରଙ୍କ ଯୁଦ୍ଧର କାହାଣୀ ବର୍ଣ୍ଣିତ ହୋଇଛି । 'ସମର ତରଙ୍ଗ' ପୁସ୍ତକ ସମ୍ବନ୍ଧରେ ଆଲୋଚକ ଶ୍ରୀଯୁକ୍ତ ପଟ୍ଟନାୟକଙ୍କ ଭାଷାରେ କହିବାକୁ ଗଲେ— 'ତତ୍କାଳୀନ ଶୃଙ୍ଗାର ରସ ପ୍ଳାବିତ ଯୁଗରେ ମଧ୍ୟ ଆମ୍ଭେମାନେ ଦେଖୁଁ,

---

* 'ଭଞ୍ଜ ବିଳାସ' ବା 'ଢେଣ୍ଟାପୋଷି ଯୁଦ୍ଧ', ଓଡ଼ିଶା ମିଉଜିୟମ ପୋଥି No. Or. H/20 F

† O. R. P./53 ଓଡ଼ିଶା ମିଉଜିୟମ ପୋଥିର ପୁଷ୍ପିକା ଦ୍ରଷ୍ଟବ୍ୟ

Digitized by PPRACHIN, SOA

'ସମର ତରଙ୍ଗ' ବର୍ଣ୍ଣିତ ବୀର ତ୍ରିଲୋଚନଙ୍କର ସମର ଘନଘଟା ନିନାଦିତ ମନ୍ଦ୍ରବାଣୀ ଢେଙ୍କାନାଳର ସୁପ୍ତ ନିଦ୍ରିତ ପାଇକ ବୁକୁରେ ବୀର ରସର ଯେଉଁ ହିଲ୍ଲୋଳ ଓ ଉନ୍ମାଦନା ଖେଳାଇ ଦେଇଥିଲା, ତାହାହିଁ ସେମାନଙ୍କୁ ମରହଟ୍ଟା ଯୁଦ୍ଧରେ ଝାମ୍ପ ଦେବାକୁ ଉଦ୍‌ବୁଦ୍ଧ କରି ମରହଟ୍ଟା ସମ୍ରାଟ୍ ଶକ୍ତିକୁ ପଶ୍ଚାତ୍ପଦ କରାଇ ଦେଇଥିଲା ।"*

ପୁରୀ ଜିଲ୍ଲା ଅନ୍ତର୍ଗତ ସାନପୁଟ ଗଡ଼ର ମଧୁସୂଦନ ବିପ୍ରଙ୍କ ଦ୍ୱାରା ରଚିତ 'ଫିରିଙ୍ଗି କଳିଭାରତ' ସନ ୧୨୪୨ସାଲ ବା ୧୮୩୪ । ୩୫ମସିହାରେ ରଚିତ ହୋଇ-ଥିଲା । ଉକ୍ତ ପୁସ୍ତକରେ ଖୋର୍ଦ୍ଧା ଗଜପତି ମୁକୁନ୍ଦ-ଦେବଙ୍କ ସହିତ ରଣପୁର, ବାଙ୍କୀ, ଡମପଡ଼ା ଓ ଇଂରେଜମାନଙ୍କ ଯୁଦ୍ଧ ବର୍ଣ୍ଣିତ ହେବା ସଙ୍ଗେ ସଙ୍ଗେ ହରିଶ୍ୱରୀ (ଖୋର୍ଦ୍ଧା ନିକଟସ୍ଥ ଗଡ଼ ତାପଙ୍ଗ ଦଳବେହେରାଙ୍କ ଅଧିଷ୍ଠାତ୍ରୀ ଦେବୀ)ଙ୍କ ବରପ୍ରସାଦ ଲାଭ କରି-ଥିବା ତାପଙ୍ଗର ଦଳବେହେରା ମାଧବଚନ୍ଦ୍ରଙ୍କର ଇଂରେଜମାନଙ୍କ ସହିତ ଯୁଦ୍ଧ ଅତି ଚମତ୍କାର ଭାବରେ ବର୍ଣ୍ଣିତ ହୋଇଛି । କବି ମଧୁସୂଦନ ଫିରିଙ୍ଗି କଳିଭାରତଟିକୁ ପ୍ରାଚୀନ ପୁରାଣ ଢଙ୍ଗରେ ଉମା-ମହେଶ୍ୱର ସମ୍ବାଦ ଛଳରେ ଲେଖିଛନ୍ତି । ଗ୍ରନ୍ଥର ବିବରଣୀରୁ ଜଣାଯାଏ, ଇଂରେଜମାନେ ଓଡ଼ିଶାର ସମସ୍ତ ଅଞ୍ଚଳ ଦଖଲକୁ ଆଣିବା ପରେ ଖୋରଧାର ଗଡ଼ ତାପଙ୍ଗକୁ ଖାସ ଦଖଲରେ ଆଣିବା ପାଇଁ ପ୍ରଚେଷ୍ଟା କଲେ । କିନ୍ତୁ ତାପଙ୍ଗରେ ତତ୍କାଳୀନ ଦଳବେହେରା ସାମନ୍ତ ମାଧବଚନ୍ଦ୍ର ଇଂରେଜଙ୍କ ପ୍ରବଳ ଶକ୍ତିକୁ ଭ୍ରୂକ୍ଷେପ ନ କରି ଯୁଦ୍ଧ ପାଇଁ ଆଗଭର ହେଲେ । କର୍ଣ୍ଣେଲ ହାରକର୍ଟ୍ ଓ ସାମନ୍ତ ମାଧବଚନ୍ଦ୍ର ଦଳବେହେରାଙ୍କ ମଧ୍ୟରେ ମନାନ୍ତର ସନ ୧୨୩୪ ସାଲ ବୃଷ ମାସ ୧୦ ଦିନ ଅର୍ଥାତ୍ ୧୮୨୭ ମସିହା ମଇ ମାସ ମଧ୍ୟରେ ଆରମ୍ଭ ହେଲା । ଧୀରେ ଧୀରେ ସେ ମନାନ୍ତର ବିଦ୍ରୋହରେ ପରିଣତ ହେଲା । ଇଂରେଜମାନେ ଦୃଢ଼ ହସ୍ତରେ ସେ ବିଦ୍ରୋହ ଦମନ କରିବାକୁ ଆଗଭର ହେଲେ । ଏହି ଯୁଦ୍ଧରେ ମାଧବଚନ୍ଦ୍ରଙ୍କୁ ସାହାଯ୍ୟ କରିବା ପାଇଁ ସାତ ଦଳବେହେରା, ଚଉଳିଶ ଦଳାଇ, ପାଞ୍ଚ କୋଠ କରଣମାନେ ପ୍ରସ୍ତୁତ ହୋଇ-ଥିଲେ । ସାମନ୍ତ ମାଧବଚନ୍ଦ୍ରଙ୍କ ସେନାପତିତ୍ୱରେ ମଲ୍ଲୀପଡ଼ାର ନାରାୟଣ ଗଡ଼, ରାମଚଣ୍ଡୀ ଗଡ଼, ସରାଇ ଗଡ଼, ରଥୀପୁର ଗଡ଼, କାଇପଦର ଗଡ଼ ଓ ତାପଙ୍ଗ ବାରପଲ୍ଲୀରୁ ଆସିଥିବା ସୈନ୍ୟମାନେ ପାଞ୍ଚଦିନ କାଳ ଯୁଦ୍ଧକରି ନିର୍ମମ ଭାବରେ ପରାସ୍ତ ହେଲେ । ଇଂରେଜମାନେ ବିଜୟ ବୈଜୟନ୍ତୀ ଉଡ଼ାଇ ସଂଦର୍ପରେ ତାପଙ୍ଗ ଗଡ଼ ଦଖଲ କଲେ । ସାମନ୍ତ ମାଧବଚନ୍ଦ୍ର ପ୍ରାଣରକ୍ଷା ଉଦ୍ଦେଶ୍ୟରେ ବଡ଼ପାରଗଡ଼ରେ ଆଶ୍ରୟ ଗ୍ରହଣ

* ବ୍ରଜନାଥ ଗ୍ରନ୍ଥାବଳୀ, ମୁଖବନ୍ଧ ପୃଷ୍ଠା-୩୭

Digitized by PPRACHIN, SOA

କରି ପରିଶେଷରେ ଇଂରେଜମାନଙ୍କ ଠାରେ ଖୋର୍ଦ୍ଧାରେ ଆତ୍ମସମର୍ପଣ କଲେ । କଛୁଦିନ ପରେ ଇଂରେଜ କର୍ତ୍ତୃପକ୍ଷ ସାମନ୍ତ ମାଧବଙ୍କୁ ବନ୍ଦୀରୁ ମୁକୁଳାଇ ଦେଇ ତାପଙ୍ଗରେ ସ୍ଥାୟୀ ଶାନ୍ତିର ବ୍ୟବସ୍ଥା କଲେ । ଏହି ଐତିହାସିକ ଚରିତଟିକୁ କବି ମଧୁସୂଦନ ୧୨୪୨ ସାଲ ଅର୍ଥାତ୍ ୧୮୩୫ ମସିହାରେ ରଚନା କରିଥିଲେ ।

"ଫିରିଙ୍ଗି କଳି ଭାରତ ଏଥୁ କଲି ଶେଷ
ଦୋଷ ମୋହର ନ ଧର ସୁଜ୍ଞାମା ବିଦୁଷ ।
ପୁରୀ ଜିଲ୍ଲା ମଧ୍ୟେ ଅଟେ ସାନପୁଟ ଗଡ଼
ତାହାର ମଧ୍ୟରେ ବାସ ଅଟଇ ମୋହର ।
ଶ୍ରୀମଧୁସୂଦନ ବିପ୍ର ଅଟେ ମୋର ନାମ
ଶ୍ରୀ ମଲ୍ଲୀକେଶ୍ୱର ଦେବଙ୍କୁ କଲି ଆରାଧନ ।
ତାଙ୍କ କୃପା ବଳେ ମୁହିଁ ଏ କଳି ଭାରତ
ଲେଖି ଶେଷ କଲି ଏ ସମସ୍ତ ଚରିତ ।

× × ×

ଶେଷରେ ଗଡ଼ ତାପଙ୍ଗ ଯୁଦ୍ଧକୁ ଲେଖିଲି
ଗୃହବନ୍ଦନ ମୁହିଁ ଏହି ଯୁଦ୍ଧ ଦେଖିଥିଲି ।

× × ×

ବାରଶ ବୟାଳିଶ ସାଲେ ଗ୍ରନ୍ଥ ହୋଇଲା ଶେଷ
ମେଷ ପଚିଶ ଦିନ ଯେ ବୁଝ ହେ ବିଦୁଷ ।"

ଏହି ଗଡ଼ ତାପଙ୍ଗ ଯୁଦ୍ଧ ସମ୍ବନ୍ଧରେ କାଶୀନାଥ ନାମକ କୌଣସି ଜଣେ କବିଙ୍କ ଲିଖିତ 'ସାରପ୍ରଶ୍ନ' ନାମକ ଖଣ୍ଡିଏ ଅପ୍ରକାଶିତ ପାଣ୍ଡୁଲିପି ଦେଖିବାକୁ ମିଳୁଛି । ତାହା ଖୁବ୍ ସମ୍ଭବତଃ 'ଫିରିଙ୍ଗି କଳି ଭାରତ'ର ଅନୁକରଣରେ ଲିଖିତ ଖଣ୍ଡିଏ ଅର୍ବାଚୀନ ପୁସ୍ତକ ।

କବି ଚୈତନ୍ୟ ଦାସଙ୍କ ଦ୍ୱାରା ଲିଖିତ 'ଖଲ୍ଲିକୋଟ ଯୁଦ୍ଧ' ନାମକ ଏକ କ୍ଷୁଦ୍ର ପାଣ୍ଡୁଲିପିରେ ଆଠଗଡ଼ (ଗଞ୍ଜାମ)ର ରାଜା ରାମଚନ୍ଦ୍ର ହରିଚନ୍ଦନ ଜଗଦେବ ଓ ଖଲ୍ଲିକୋଟର ରାଜା ନାରାୟଣ ମର୍ଦ୍ଦରାଜଙ୍କ ମଧ୍ୟରେ ସୀମା ସରହଦ ନେଇ

Digitized by PPRACHIN, SOA

ହୋଇଯିବା ଯୁଦ୍ଧର ବର୍ଣ୍ଣନା କରାଯାଇଛି । ନାରାୟଣ ମର୍ଦ୍ଦରାଜ ବର୍ତ୍ତମାନର ଖଲ୍ଲି-କୋଟ ରାଜାଙ୍କର ପ୍ରପିତାମହ ଏବଂ ଓଡ଼ିଶାର ପ୍ରଖ୍ୟାତ ଦାନୀ ତଥା ଲୋକହିତକର କାର୍ଯ୍ୟରେ ଅଗ୍ରଣୀ ହରିହର ମର୍ଦ୍ଦରାଜଙ୍କ ପିତାମହ । କବି ଚୈତନ୍ୟ ଦାସ ପୁସ୍ତକର ଶେଷରେ ଲେଖିଛନ୍ତି—

"ବୋଲେ ଦାସ ଚଇତନ, ଶୁଣିବ ଶ୍ରଦ୍ଧାରେ ଦେଇ ଯେ ମନ
ମୋ ଧାଙ୍ଗଡ଼ାରେ
ସେହୁ ଜାଣିବ ଏଥିର ଶ୍ରମ ।"

ପୁସ୍ତକର ୩୮ ପଦରେ ଖଲ୍ଲିକୋଟ ଓ ଆଠଗଡ଼ ମଧ୍ୟରେ ହୋଇଥିବା ଯୁଦ୍ଧର ସମୟ ନିର୍ଦ୍ଦେଶିତ ହୋଇଛି । ସେଥିରୁ ଜଣାଯାଏ, ଖୁବ୍ ସମ୍ଭବତଃ ପୁସ୍ତକଟି ୧୮୪୯-୫୦ ମସିହା ମଧ୍ୟରେ ରଚିତ ହୋଇଥିଲା ।

ଏତଦ୍‌ବ୍ୟତୀତ ଅନୁଗୋଳର ରାଜା ସୋମନାଥ ସିଂହ ଜଗଦେବଙ୍କ ସହିତ ଢେଙ୍କାନାଳର ରାଜା ଶ୍ୟାମସୁନ୍ଦର ଭ୍ରମରବରଙ୍କ ଯୁଦ୍ଧ ବର୍ଣ୍ଣନା 'ରଙ୍ଗ ତରଙ୍ଗ' ନାମକ ଏକ କ୍ଷୁଦ୍ର ପାଣ୍ଡୁଲିପିରେ କବି ଭାଗୀରଥି ଉଲ୍ଲେଖ କରିଛନ୍ତି । ଏହି ଐତି-ହାସିକ କାବ୍ୟଟି ପାଞ୍ଚଟି ଅଧ୍ୟାୟରେ ବିଭକ୍ତ ଏବଂ ସେଥିରେ ଓଡ଼ିଆ ପାଇକଙ୍କ ଅସ୍ତ୍ରଶସ୍ତ୍ର ତଥା ସମର କୌଶଳ ଆଦି ସମ୍ବନ୍ଧରେ ଅତ୍ୟନ୍ତ ମନୋଜ୍ଞ ବର୍ଣ୍ଣନା ରହିଛି ।

ଖ୍ରୀ: ଅ: ୧୮୫୩ ପରେ ଅର୍ଥାତ୍ ଅନୁଗୋଳର ରାଜା ସୋମନାଥ ସିଂହ ଜଗଦେବଙ୍କ ମୃତ୍ୟୁର ଅବ୍ୟବହିତ ପରେ ନୃସିଂହ ରାୟଗୁରୁଙ୍କ ଦ୍ୱାରା 'ବୁଢାପଙ୍ଗ ଯୁଦ୍ଧ ବା ରାଜା ସୋମନାଥ ସିଂହ ଜଗଦେବ' ଶୀର୍ଷକ ଖଣ୍ଡିଏ ଯୁଦ୍ଧକାବ୍ୟ ରଚିତ ହୋଇଛି । ସେଥିରେ ଇଂରେଜମାନଙ୍କ ସହିତ ରାଜା ସୋମନାଥଙ୍କ ଦୁଃସାହସିକ ଯୁଦ୍ଧ, କାରାବରଣ ଓ ପରିଶେଷରେ ମୃତ୍ୟୁ ହିଁ ମୁଖ୍ୟତଃ ବର୍ଣ୍ଣନୀୟ ବିଷୟ । ପୁସ୍ତକଟି ଓଡ଼ିଆ ଐତିହାସିକ କାବ୍ୟମାଳାର ଏକ ମହାର୍ଘ ରତ୍ନ । ଉକ୍ତ ପୁସ୍ତକରେ କବି ନିଜର ହିନ୍ଦି ଭାଷାରେ ଦକ୍ଷତା ଥିବା ପ୍ରମାଣ କରାଇ ଦ୍ୱାଦଶ ଓ ପଞ୍ଚଦଶ ଛନ୍ଦମାନଙ୍କୁ ରଚନା କରିଛନ୍ତି । ପୁସ୍ତକଟି ବିସ୍ତୃତ ମୁଖବନ୍ଧ ସହିତ ଆଲୋଚକ ଶ୍ରୀଯୁକ୍ତ ସୁଧାକର ପଟ୍ଟ-ନାୟକଙ୍କ ଦ୍ୱାରା ସଂପାଦିତ ଓ ପ୍ରକାଶିତ ହୋଇଛି ।

ବର୍ତ୍ତମାନଙ୍କର ଓଡ଼ିଆ ବିଭାଗରେ ତଗିରିଆ ଅଞ୍ଚଳରୁ ସଂଗୃହୀତ ହୋଇ କେତେଖଣ୍ଡି ତାଳପତ୍ର ପୋଥି ସଂରକ୍ଷିତ ହୋଇଛି । ଉକ୍ତ ପୋଥିଗୁଡ଼ିକ ମଧ୍ୟରେ

Digitized by PPRACHIN, SOA

'ଭୁଙ୍ଗ ବଂଶାବଳୀ' ନାମରେ ଖଣ୍ଡିଏ ପୋଥି ରହିଛି । ଉକ୍ତ ପୋଥିରେ ପୂର୍ବତନ ତିଗିରିଆ ରାଜ୍ୟର ରାଜା ଜଗନ୍ନାଥ ଭୁଙ୍ଗ, ହରିହର ଭୁଙ୍ଗ ଓ ବନମାଳୀ ଭୁଙ୍ଗ ଆଦି ରାଜାଙ୍କ ଗୁଣ, ଚରିତ୍ର ତଥା କୃତିତ୍ୱମାନ ବର୍ଣ୍ଣିତ ହୋଇଛି । ପୁସ୍ତକରେ ମୋଟ ଚୈତିଶଟି ସଂସ୍କୃତ ଶ୍ଳୋକ ରଚିତ ହୋଇ ତହିଁର ଗଦ୍ୟ ଓ ପଦ୍ୟାନୁବାଦ ପ୍ରଦତ୍ତ ହୋଇଛି । ଉକ୍ତ ପୁସ୍ତକରେ ଶକାବ୍ଦ ୧୮୦୮ ବା ଖ୍ରୀ: ଅ: ୧୮୮୬ ମସିହା ଠାରୁ ଆରମ୍ଭ କରି ସନ ୧୩୦୨ ସାଲ ବା ଖ୍ରୀ:ଅ: ୧୮୯୫ ମସିହା ସୁଦ୍ଧା ରାଜା ବନମାଳୀଙ୍କ ସମ୍ବନ୍ଧରେ କେତେକ ବିବରଣୀ ପ୍ରଦତ୍ତ ହୋଇଛି । ପୁସ୍ତକର ପୁଷ୍ପିକାରୁ ଜଣାଯାଏ ଯେ, ସନ ୧୩୨୨ ସାଲ ବା ୧୯୧୫ ମସିହାରେ ରଘୁନାଥ ଦେବଶର୍ମା ପୁସ୍ତକଟିକୁ ନକଲ କରିଥିଲେ । ହୁଏତ ଉକ୍ତ ରଘୁନାଥ ଦେବଶର୍ମା ପୁସ୍ତକର ପ୍ରଣେତା ହୋଇ-ପାରନ୍ତି । ଉକ୍ତ ପୁସ୍ତକରୁ ଗୋଟିଏ ଗଦ୍ୟାଂଶ ଓ ଗୋଟିଏ ପଦ୍ୟାଂଶ ଏଠାରେ ପାଠକମାନଙ୍କର ଅବଗତି ନିମିତ୍ତ ପ୍ରଦତ୍ତ ହେଲା—

"ନୃପେଣ ବନମାଳୀ ନାମକ ରାଜା ସେ ତିଗିରିଆ ଦୁର୍ଗ ଶୈଳସ୍ଥଳ ଯେ ପର୍ବତ ସ୍ଥଳ, ତହିଁରେ ରୁଚିରା ବୋଇଲେ ମନୋହର ଅଟେ, ଏପରି ପାଷାଣ ଦ୍ୱାରା ରଚିତ ଯେ ମହାମନ୍ଦିର, ତହିଁରେ ବଳରାମ ଏବଂ ସୁଭଦ୍ରାଙ୍କ ସହିତ ନିବାସ କରିଅଛନ୍ତି କୃପାମୟ ଅଟନ୍ତି ଅର୍ଥାତ୍ ଦୟାମୟ ଅଟନ୍ତି ଯେ ପ୍ରସନ୍ନ ପୁରୁଷୋତ୍ତମ ସେ ସର୍ବଦା ରାଜାଙ୍କର ଶ୍ରେୟ ନିମିତ୍ତ ପ୍ରକାଶମାନ ହୁଅନ୍ତୁ ।"

× × ×

"ଜୟ ଜୟ ଜୟ ରମା-ରମଣ,
ଜୟ ଆରତତ୍ରାଣ ନାରାୟଣ ।

× × ×

ଶ୍ରୁତ କରିବା ହୋଉ ସୁଜ୍ଞଜନ,
ତି ସଦନ ଦୁର୍ଗର ଯେ ରାଜନ ।
ସୋମବଂଶୀ ସେ ନାମ ଜଗନ୍ନାଥ,
ତାହାଙ୍କର ସୁତ
ନାମ ହରିହର ହେଲା ବିଦିତ ।

Digitized by PPRACHIN, SOA

(ଏକଟ୍ଲଳିଗି ')

"ଯହୁଁ ଉଦ୍ଭବ ହେଲେ ଯହିଁ ସୁତ,
ନାମ ବନମାଳୀ କାମ ସାକ୍ଷାତ ।
ଅଠରଶ ଯେ ଆଠ ଶକାବ୍ଦର
ରାଜତ୍ୱ ଦିବ୍ୟସିଂହଙ୍କର ।
ଚଉତିରଶ ଅଙ୍କ ଚଳୁଥିଲା
ଫାଲ୍‌ଗୁନ ଶୁକ୍ଲପକ୍ଷ ପ୍ରବେଶିଲା ।
ନବମୀ ତିଥିର,
ତହିଁ ହୋଇଥିଲା ଗୁରୁବାସର ।
ଅଙ୍ଗ୍ରେଜରେ ସେ ଯାଉଅଛି ଲୁହା
ଅଠରଶ ଶତ ଅଶୀ ମସିହା ।
ସେହି ଦିନକୁ କରଣ ପ୍ରମାଣ
ପ୍ରାସାଦ ଆରମ୍ଭ ହୋଇଲା ପୁଣ ।"

ପ୍ରସ୍ତୁତ ଆଲୋଚନାରେ ଆଲୋଚିତ ଐତିହାସିକ କାବ୍ୟଗୁଡ଼ିକ ବ୍ୟତୀତ ସେବା ଦାସଙ୍କ 'ରାମାନନ୍ଦ ଚରିତାମୃତ' ଓ 'ବ' ଆଦ୍ୟ ନୁପ୍ରାସରେ ରଚିତ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କର 'ବଶୀମ୍ବର ବିହାର' ବା 'ଗୋରଚନ୍ଦ୍ର ଲୀଳା' ଖଣ୍ଡିଏ ଖଣ୍ଡିଏ ଅନବଦ୍ୟ ଗ୍ରନ୍ଥ । ଐତିହାସିକ ମୂଲ୍ୟବୋଧ ଦୃଷ୍ଟିରୁ ଉକ୍ତ ପୁସ୍ତକ ଗୁଡ଼ିକର ଆଲୋଚନା କରାଗଲେ ପାଠକ ତଥା ଗବେଷକମାନଙ୍କୁ ଅନେକ ଉପାଦାନ ମିଳିପାରିବ ।

ତଥାକଥିତ କହ୍ନାଇ ଚମ୍ପତିଙ୍କ ଦ୍ୱାରା ଲିଖିତ ଓ ପୁରୀର ଶ୍ରୀଜଗନ୍ନାଥ ଗବେଷଣା ସମିତି ଦ୍ୱାରା ପ୍ରକାଶିତ 'ପାଇକ ଖେଦା' ନାମକ ଖଣ୍ଡିଏ ଯୁଦ୍ଧ-କାବ୍ୟ ଦେଖିବାକୁ ମିଳେ । ସଂପାଦକ ଉକ୍ତ ପୁସ୍ତକର ମୁଖବନ୍ଧରେ କବିଙ୍କ ସମୟ ସମ୍ବନ୍ଧରେ ଯେଉଁ ଆଲୋଚନା କରିଛନ୍ତି, ସେଥିରୁ ପୁସ୍ତକଟି ସମ୍ପୂର୍ଣ୍ଣ କପୋଳକଳ୍ପିତ ତଥା ଭ୍ରମପ୍ରମାଦ ପୂର୍ଣ୍ଣ ବୋଲି ମତ ଦେବା ଆଦୌ ଅସମୀଚୀନ ନୁହେଁ । ଉକ୍ତ ପୁସ୍ତକରୁ ଐତିହାସିକ ସତ୍ୟ ମିଳିବା ତ ଦୂରର କଥା ବରଂ ଇତିହାସର ଉପହାସ କରାଯାଇଛି ।

ଓଡ଼ିଆ ପୁସ୍ତକ ଭଣ୍ଡାରରେ ଅନୁସନ୍ଧାନ କଲେ ଆମକୁ ଆହୁରି କେତେଖଣ୍ଡି ଐତିହାସିକ କାବ୍ୟ ମିଳିପାରେ, କିନ୍ତୁ ପ୍ରସ୍ତୁତ ଆଲୋଚନାରେ କେବଳ ଉପଲବ୍ଧ କେତେଖଣ୍ଡି ଐତିହାସିକ କାବ୍ୟ ସମ୍ବନ୍ଧରେ ଆଲୋଚନା କରାଯାଇଛି ।

Digitized by PPRACHIN, SOA

ଓଡ଼ିଆ କୃଷ୍ଣକାବ୍ୟ—

ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଶ୍ରୀ ରାଧାକୃଷ୍ଣ ପ୍ରେମଲୀଳାର ଅବଲମ୍ବନରେ ରଚିତ କାବ୍ୟଗୁଡ଼ିକ ସମ୍ବନ୍ଧରେ ଜ୍ଞାନଲାଭ ନିମିତ୍ତ 'ଓଡ଼ିଶାରେ ଶ୍ରୀକୃଷ୍ଣ ଭକ୍ତିଧାରା' ଉପରେ ସମ୍ୟକ୍ ଆଲୋକପାତ ଆବଶ୍ୟକ । ଅନ୍ୟଥା 'ଓଡ଼ିଆ କୃଷ୍ଣକାବ୍ୟ' ସମ୍ପର୍କରେ ଆଲୋଚନା ପୂର୍ଣ୍ଣାଙ୍ଗ ହୋଇପାରିବ ନାହିଁ ।

ଗଙ୍ଗବଂଶର ଅଭ୍ୟୁତ୍ଥାନ ପୂର୍ବରୁ ଓଡ଼ିଶାରେ କୃଷ୍ଣଭକ୍ତି ଧାରା କିପରି ଭାବରେ ପ୍ରବାହିତ ହେଉଥିଲା; ସେ ସମ୍ବନ୍ଧରେ ନିଶ୍ଚିତ ଧାରଣା ଦେବା କଷ୍ଟସାଧ୍ୟ ବ୍ୟାପାର । କିନ୍ତୁ ଗଙ୍ଗବଂଶୀୟ ପ୍ରଥମ ସମ୍ରାଟ ଅନନ୍ତବର୍ମା ଚୋଡ଼ଗଙ୍ଗଦେବଙ୍କ ରାଜତ୍ୱ (୧୦୭୭-୧୧୪୭ଖ୍ରୀଷ୍ଟାବ୍ଦ) ଓ ତତ୍ପରବର୍ତ୍ତୀ କାଳରେ ନିମ୍ବାର୍କାଦି ବୈଷ୍ଣବ ଆଚାର୍ଯ୍ୟମାନଙ୍କ ଓଡ଼ିଶା ଆଗମନହିଁ ଏ ଦେଶରେ କୃଷ୍ଣଭକ୍ତିଧାରା ବା ରାଧା-କୃଷ୍ଣ ଭକ୍ତିଧାରାର ସ୍ରୋତ ପ୍ରଖର କରାଇ ଦେଲା । ଶାସକ ତଥା ଆଚାର୍ଯ୍ୟମାନଙ୍କ ଠାରୁ ପ୍ରୋତ୍ସାହନ ଲାଭ କରିବା ଫଳରେ ଶ୍ରୀରାଧା-କୃଷ୍ଣ ଭକ୍ତିଧାରାର ଅବଲମ୍ବନରେ ମୂର୍ତ୍ତି ଗଠନ ତଥା କବିତା ରଚନା ଆରମ୍ଭ ହେଲା । ସେହି ସମୟରେ ପରମ କୃଷ୍ଣଭକ୍ତ ବିଲ୍ୱମଙ୍ଗଳ ସ୍ୱାମୀଙ୍କ ରଚିତ ଅତ୍ୟନ୍ତ ଲୋକପ୍ରିୟ 'କୃଷ୍ଣକର୍ଣ୍ଣାମୃତମ୍' ଗ୍ରନ୍ଥର

"କସ୍ତୁରୀତିଲକଂ ଲଲାଟ ପଟଳେ ବକ୍ଷେସ୍ଥଳେ କୌସ୍ତୁଭଂ,
ନାସାଗ୍ରେ ବରମୌକ୍ତିକଂ କରତଳେ ବେଣୁଂ କରେ କଙ୍କଣମ୍ ।
ସର୍ବାଙ୍ଗେ ହରିଚନ୍ଦନଂ ସୁଲଳିତଂ କଣ୍ଠେ ଚ ମୁକ୍ତାବଳୀ,
ଗୋପସ୍ତ୍ରୀପରିବେଷ୍ଟିତୋ ବିଜୟତେ ଗୋପାଳ ଚୂଡ଼ାମଣିଃ ।"

ଆଦି ବହୁ ଶ୍ଳୋକର ଅବଲମ୍ବନରେ ମୂର୍ତ୍ତିମାନ ଗଠିତ ହୋଇ ଶ୍ରୀକୃଷ୍ଣ ଭକ୍ତିର ମହିମା ପ୍ରକୃରିତ ହେଲା ।

ତା'ପରେ ଶ୍ରୀରାଧାମାଧବଙ୍କ ଏକାନ୍ତ ଲୀଳାର ମାଧୁରୀରେ ମୁଗ୍ଧ ଉତ୍କଳୀୟ କବିରାଜ ଶ୍ରୀ ଜୟଦେବ କାନ୍ତକୋମଳ ପଦାବଳୀଯୁକ୍ତ 'ଶ୍ରୀ ଗୀତଗୋବିନ୍ଦମ୍' ରଚନା କରି ଗାଇଉଠିଲେ 'ରାଧାମାଧବୟୋର୍ଜୟନ୍ତି ଯମୁନାକୂଳେ ରହଃ କେଳୟଃ ।' ସେହି ଭାବଧାରାରେ ଅନୁପ୍ରାଣିତ ହୋଇ କବିଚନ୍ଦ୍ର ରାୟ ଦିବାକର ମିଶ୍ର 'ଅଭିନବ ଗୀତ-ଗୋବିନ୍ଦମ୍' କାବ୍ୟରେ ମଧ୍ୟ ରାଧାକୃଷ୍ଣଙ୍କ ଲୀଳାବିଳାସକୁ ଅଭିନବ ଭଙ୍ଗୀରେ ପ୍ରକାଶ କରି କବି ତଥା ବିଦ୍ୱତ୍ ସମାଜରେ ପ୍ରଖ୍ୟାତ ହେଲେ । ସେ 'ଗୀତଗୋବିନ୍ଦ'ର ଅନୁକରଣରେ ଆଉ ଖଣ୍ଡିଏ ଗ୍ରନ୍ଥ ଲେଖିଥିଲେହେଁ, ତାହା ନାମତଃ କେବଳ 'ଅଭି-

Digitized by PPRACHIN, SOA

.ନବ ଗୀତଗୋବିନ୍ଦ' ବୋଲି କଥିତ ହେଲା ସତ, କିନ୍ତୁ ଜୟଦେବଙ୍କ 'ଗୀତଗୋବିନ୍ଦ'ର ଭାବ, ଭାଷା, ଶୈଳୀ ତଥା ସର୍ବୋପରି 'ଶ୍ରୀରାଧାକୃଷ୍ଣ ଲୀଳା ବିଳାସ-ଲହରୀ'ର ଅପୂର୍ବ ପଦ ସଂଯୋଜନା ଗୁଡ଼ି, କବିଚନ୍ଦ୍ର ମିଶ୍ରଙ୍କ ଲେଖନୀରୁ ନିଃସୃତ ହୋଇନାହିଁ ।

ସାରଳା ଦାସଙ୍କ ମହାଭାରତରେ କୃଷ୍ଣଲୀଳାର ବର୍ଣ୍ଣନା କମ୍ ହୋଇନାହିଁ । ଅବଶ୍ୟ ଶ୍ରୀରାଧାଙ୍କ ଚରିତ୍ର ଚିତ୍ରଣରେ ସାରଳା ଦାସ ସେପରି ଉଦାରତା ପ୍ରଦର୍ଶନ କରିନାହାନ୍ତି । ସେ ଶ୍ରୀରାଧାଙ୍କୁ ଏକ ନଷ୍ଟଚରିତ୍ରା ଦୋଷୀତ୍ରଣୀ ରୂପେ ବର୍ଣ୍ଣନା କରି, ସ୍ୱ କଳ୍ପନା ବିଳାସକୁ ଚରିତାର୍ଥ କରିଛନ୍ତି । ଯାହାହେଉ, ତାହା ପୁରାଣର ବିଷୟ ହୋଇଥିବାରୁ ପ୍ରସ୍ତୁତ ଆଲୋଚନା ପକ୍ଷରେ ପ୍ରାସଙ୍ଗିକ ନୁହେଁ ।

ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀ ବେଳକୁ ଓଡ଼ିଆ ଭାଷାରେ କୃଷ୍ଣଲୀଳା ସମ୍ପର୍କୀୟ କବିତା ରଚନା ଆରମ୍ଭ ହୋଇଯାଇଥିଲା । ଅବଶ୍ୟ ଅଷ୍ଟାଦଶ ଶତାବ୍ଦୀ ବେଳକୁ ଗୌଡ଼ୀୟ ମତବାଦର ପରିପ୍ରେକ୍ଷୀରେ ଫଳରେ ଓଡ଼ିଆ ସାହିତ୍ୟରେ କୃଷ୍ଣକାବ୍ୟ ରଚନା ଯେପରି କ୍ଷିପ୍ରଗତିରେ ଆରମ୍ଭ ହେବାକୁ ଲାଗିଲା, ସେ ଧରଣର ସମୁନ୍ନତ ପଞ୍ଚଦଶ ଶତାବ୍ଦୀ ଠାରୁ ସପ୍ତଦଶ ଶତାବ୍ଦୀ ମଧ୍ୟରେ ପରିଦୃଷ୍ଟ ହୁଏନାହିଁ ।

ପ୍ରସିଦ୍ଧ ସମାଲୋଚକ ସ୍ୱର୍ଗତ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ମତାନୁସାରେ ଦାମୋଦର ଦାସଙ୍କ ରସକୁଲ୍ୟା ଚଉତିଶା ପଞ୍ଚସଖା ସାହିତ୍ୟର ପୂର୍ବବର୍ତ୍ତୀ ରଚନା । କବି ·ଦାମୋଦରଙ୍କ ରସକୁଲ୍ୟା ଚଉତିଶା' ପରବର୍ତ୍ତୀ କାଳରେ ରଚିତ ବହୁ କାବ୍ୟରେ 'ବାଣୀ' ରୂପେ ପରିଗୃହୀତ ।

"କହଇ ରାଧା ସଖୀ ଦୂତିକାକୁ
କଦମ୍ବ ମୂଳେ ଦେଖିଲି କୃଷ୍ଣଙ୍କୁ ।
କଳା କଳେବର ରଙ୍ଗା ଅଧର
କପୋଳେ କସ୍ତୁରୀ ଚିତା ସୁନ୍ଦର ସେ
କୁବଳୟ ଫଳ ନାସେ ଯେ,
କାମ ବିକାର କଲିକ ପ୍ରାଣବନ୍ଧୁ ଦେଖି ସୁଧାନନ୍ଦ ହାସେ ଯେ ।"

ଗଜପତି ପ୍ରତାପରୁଦ୍ର ଦେବଙ୍କ ସମସାମୟିକ ଓ ମହାପାତ୍ର ବୃଦ୍ଧ ଚମ୍ପତିରାୟଙ୍କ ରଚନାରେ ମଧ୍ୟ ରାଧାକୃଷ୍ଣ ଲୀଳା ବିଷୟକ ବର୍ଣ୍ଣନା ପରିଲକ୍ଷିତ ହୁଏ । ଶ୍ରୀରାଧାଙ୍କ ବିରହ ଦଶା ବର୍ଣ୍ଣନାରେ ସେ ଲେଖିଛନ୍ତି—

Digitized by PPRACHIN, SOA

(ଚଢ଼େଇଲାଗି)

"ଶରଦ ରାତ୍ତି କୁନ୍ଦକାନ୍ତି କେତକୀକାନ୍ତି ଶୋଭନ୍ତି ଆ,
ମଲ୍ଲିକାକୁଳ ମାଧବୀ ଫୁଲ ମନ୍ଦ ଗନ୍ଧ ଭ୍ରମନ୍ତି ଆ ।
ସୁରଭି ସମଏ ଶଶୀ ବିଷମଏ ବହନ୍ତି ମଳୟ ପବନୁ ଆ,
ବିସର ନେଲେ ଚୂତଧୂଳି ଜୀମୂତାନ୍ତ ଦହନୁଆ ।
ଅବଧି ପୂର୍ଣ୍ଣ ନ କରି ଖିନ ଯୁଗଶଶୀ ପ୍ରାପ୍ୟେ ଧାନୁଆ,
ଚମ୍ପତିରାୟେ ସ୍ୱାମୀ ବିରହେ ନଷ୍ଟପ୍ରାୟେ ଜୀବନ ନରହେ ଆ ।"

ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀର ଶେଷାର୍ଦ୍ଧ ଓ ଷୋଡ଼ଶ ଶତାବ୍ଦୀର ପ୍ରଥମାର୍ଦ୍ଧ ଏହି ଏକଶତ ବର୍ଷ ମଧ୍ୟରେ ଯେଉଁ କବିମାନେ ଶ୍ରୀକୃଷ୍ଣ ଲୀଳାମୃତ ସାଗରରେ ନିଜକୁ ନିମଜ୍ଜନ କରାଇ ସାହିତ୍ୟ-ରସ ପିଆସୁମାନଙ୍କ ଆକାଙ୍‌କ୍ଷା ପୂରଣ କରିଥିଲେ, ସେମାନଙ୍କ ମଧ୍ୟରେ ପଞ୍ଚସଖାଙ୍କ ନାମ ବିଶେଷ ଉଲ୍ଲେଖମାୟ । *

ବଳରାମ ଦାସ ଓ ଅତିବଡ଼ି ଜଗନ୍ନାଥ ଦାସ ଜ୍ଞାନମିଶ୍ରା ଭକ୍ତି ସାହିତ୍ୟର ପ୍ରବର୍ତ୍ତକ ହୋଇଥିଲେହେଁ, ଶ୍ରୀକୃଷ୍ଣ ଲୀଳାମୂଳକ କବିତା ଉଭୟଙ୍କ ଲେଖନୀରୁ ନିସୃତ ହୋଇଥିଲି । ଅଚ୍ୟୁତାନନ୍ଦ ଦାସ ମଧ୍ୟ ଶୂନ୍ୟ ସଂହିତାଦି ବହୁ ଜ୍ଞାନମିଶ୍ରା ଭକ୍ତି ସାହିତ୍ୟର ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲେହେଁ 'ଭାଗବତ ଲହରୀ ହରିବଂଶ' ତାଙ୍କ ରଚନା ମଧ୍ୟରେ ଏକ ଶ୍ରେଷ୍ଠ କୃଷ୍ଣଲୀଳାତ୍ମକ ପୁରାଣ । ତଦ୍‌ବ୍ୟତୀତ 'ଗୋପାଳଙ୍କ ଓଗାଳ' ତାଙ୍କ ରଚନାରେ କମ୍ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରେ ନାହିଁ । ଏଥିରେ ଗୋପାଳ ବାଳକଙ୍କ ମେଳରେ ଶ୍ରୀକୃଷ୍ଣଙ୍କ ଲଉଡ଼ି ଖେଳର ବର୍ଣ୍ଣନା ଜନସମାଜରେ ବିଶେଷ ଆଦୃତ ହେଲା । ଗଜପତି ପ୍ରତାପରୁଦ୍ର ଦେବଙ୍କ ସମସାମୟିକ 'ପରିମଳା' ନାମକ ଏକ ଉତ୍କୃଷ୍ଟ କାଳ୍ପନିକ କାବ୍ୟର ପ୍ରଣେତା ନରସିଂହ ସେଣ ମଧ୍ୟ 'ଶ୍ରୀରାଧାକୃଷ୍ଣ ଲୀଳା, ବର୍ଣ୍ଣନାତ୍ମକ 'ଗୋପକେଳି' ନାମକ ଏକ ପୁସ୍ତକ ରଚନା କରିଥିଲେ । ଏଥିରେ ଶ୍ରୀ ଜୟୃଦେବଙ୍କ 'ଶ୍ରୀ ଗୀତଗୋବିନ୍ଦ'ର ଅନୁକରଣରେ ଶ୍ରୀରାଧା ଓ ଗୋପୀମାନଙ୍କର ଶ୍ରୀକୃଷ୍ଣଙ୍କ ସହିତ ବସନ୍ତକାଳୀନ ରାସଲୀଳା ଅତି ଚମତ୍କାର ଭାବରେ ବର୍ଣ୍ଣିତ ହୋଇଅଛି । ×

---

* ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶ—ପୃ-୯୮

× ଝଙ୍କାର ୧୯ଖଣ୍ଡ ପୃ ୭୦୮—୭୧୩

Digitized by PPRACHIN, SOA

ନରସିଂହ ସେଣଙ୍କ ପରବର୍ତ୍ତି କବି ବୃନ୍ଦ ଦାସଙ୍କ ରଚିତ 'ଗୋପୀଚନ୍ଦନ' ଏକ ଯୁଗାନ୍ତକାରୀ କାବ୍ୟ । ପୁସ୍ତକର ନାମରୁ ବୃନ୍ଦ ଦାସଙ୍କ ବର୍ଣ୍ଣିତ ବିଷୟବସ୍ତୁର ଆଭାସ ସ୍ପଷ୍ଟ ଭାବରେ ମିଳୁ ନ ଥିଲେହେଁ ଉକ୍ତ ପୁସ୍ତକଟି ଓଡ଼ିଆ କୃଷ୍ଣକାବ୍ୟମାଳାର ଯେ ଏକ ହୀରକଖଣ୍ଡପ୍ରାୟ ଗ୍ରନ୍ଥ, ଏଥିରେ ସନ୍ଦେହ ନାହିଁ । ଉକ୍ତ ପୁସ୍ତକରେ କବି ବୃନ୍ଦ ଦାସ, ରୁକ୍ମଣୀ ଆଦି ଅଷ୍ଟପାଟରାଣୀଙ୍କ ଗର୍ବଗଞ୍ଜନ ନିମିତ୍ତ ଗୋପପୁରରୁ ଗୋପୀମାନଙ୍କୁ ଅଣାଇ ଦ୍ୱାରକାରେ ଶ୍ରୀକୃଷ୍ଣଙ୍କ ଦ୍ୱାରା ରାସଲୀଳା କରାଇବାର ବର୍ଣ୍ଣନା କରିଛନ୍ତି । ସେହି ରାସଲୀଳା ପ୍ରସଙ୍ଗରେ ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ନଟବର ବେଶରେ ସଜ୍ଜିତ କରାଇ ତାଙ୍କ ସର୍ବାଙ୍ଗରେ 'ଗୋପୀଚନ୍ଦନ' ଲେପନ କରିଥିଲେ । ଶ୍ରୀକୃଷ୍ଣଙ୍କ ପ୍ରତି ଗୋପୀମାନଙ୍କ ଅନାବିଲ ସ୍ନେହ ଓ ଶ୍ରଦ୍ଧାଭାବ ପ୍ରଦର୍ଶନ କରି ଦ୍ୱାରକାର ରାଣୀମାନେ ଲଜ୍ଜିତା ହୋଇଥିଲେ । କବି ବୃନ୍ଦ ଦାସ ଏହି ପ୍ରସଙ୍ଗରେ ଶ୍ରୀକୃଷ୍ଣଙ୍କ ବେଶ ବର୍ଣ୍ଣନାରେ ମୁଗ୍ଧ ହୋଇ ଲେଖିଛନ୍ତି—

"ଗୋପୀ କୃଷ୍ଣ ଆଜ୍ଞା ପାଇ ବେଢ଼ିଲେ ମଣ୍ଡଳୀ ହୋଇ
ମଧ୍ୟେଣ ଶ୍ରୀ ଜଗନ୍ନାଥ ଜଗତହିତ ଯେ,
ନୃପତି ବେଶ ଉଲଗି କରାଇଲେ ଗୋପୀ ବେଗି
ଶ୍ରୀ ନଟବର କାଛେଣି କରାନ୍ତି ଆଣି ଯେ ।
ଶିରେ ଶିଖି ପୁଚ୍ଛ ଚୂଳ ଅବତଂସ ଗୁଞ୍ଜମାଳ
ଗୁଞ୍ଜାଗ୍ରପାଟୀ ବାନ୍ଧନ୍ତି ଅଳକାପ୍ରାନ୍ତ ଯେ ।
ନବ ଜାମୁଡ଼ାଳ ଖୋସି ତଳେକ ଲିହନ୍ତି ବସି
ଚନ୍ଦନ ଚୋପି ମଧ୍ୟରେ ସିନ୍ଦୁରେ ଶିରେ ଯେ ।
ବଇଡୁର୍ଯ୍ୟ ରଙ୍ଗ ଜ୍ୟୋତି ଆନରୁ ଆନ ସେ ପ୍ରଭି
ଲଲାଟପାଟୀର ଶୋଭା କି ଅବା ଦେବା ଯେ ।
କଜଳ ଦେଇ ସାଉଂଳ ମୁକୁରେ ଦେଖନ୍ତି ବାଳୀ
ନାସିକ ପୁଟେ ଲମ୍ବାନ୍ତି ନିର୍ମଳ ମୋତି ଯେ ।

× × ×

ଶ୍ରୀଅଙ୍ଗେ ଲେପି ଚନ୍ଦନ ଛଡ଼ାଇ ଦେଲେ ବହନ
କି ଆହା କହିବା କାନ୍ତି ଗୋରା କଳାର ଭ୍ରାନ୍ତି ଯେ ।
ନାନା ଫୁଲେ ଅଲଙ୍କାର ଫୁଲର ଦେକ ହାର
ଫୁଲ ରଞ୍ଜିତ ଡୋର ସୁମନୋହର ଯେ ।"

Digitized by PPRACHIN, SOA

କବି ଗୃନ୍ଦ ଦାସ ଗଜପତି ରାମଚନ୍ଦ୍ର ଦେବ(୧ମ)ଙ୍କ (୧୫୬୮—୧୬୦୦ ଖ୍ରୀଷ୍ଟାବ୍ଦ) ସମକାଳୀନ ହୋଇଥିବାରୁ ଉକ୍ତ କାବ୍ୟଟି ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀର ଶେଷଭାଗରେ ରଚିତ ହୋଇଥିବାର ସ୍ଥିର କରାଯାଇଅଛି ।

କବି ଗୃନ୍ଦ ଦାସ କ୍ରମବର୍ଦ୍ଧମାନ ଶ୍ରୀରାଧା ଭକ୍ତିବାଦର ପ୍ରଭାବରେ ପ୍ରଭାବିତ ହୋଇ 'ଗୋପୀଚନ୍ଦନ' କାବ୍ୟର ଅଳ୍ପକେତୋଟି ସ୍ଥାନରେ ଶ୍ରୀରାଧାଙ୍କ ନାମମାତ୍ର ଉଚ୍ଚାରଣ କରିଥିଲେହେଁ, କାବ୍ୟରେ ଶ୍ରୀରାଧାଙ୍କ ଅପ୍ରତିହତ ପ୍ରଭାବ ପରିଲକ୍ଷିତ ହୁଏ ନାହିଁ । କାରଣ ତତ୍କାଳୀନ ଓଡ଼ିଆ ସାହିତ୍ୟ ଓ ସମାଜରେ ଶ୍ରୀରାଧା ବିଶେଷ ପ୍ରାଧାନ୍ୟ ବିସ୍ତାର କରି ନ ଥିଲେ ।

କବି ଗୃନ୍ଦ ଦାସଙ୍କ 'ଗୋପୀଚନ୍ଦନ' ରଚନାରେ ଅନୁପ୍ରାଣିତ ହୋଇ କବି ଦେବଦୁର୍ଲ୍ଲଭ ଦାସ 'ରହସ୍ୟ ମଞ୍ଜରୀ' ଶୀର୍ଷକ ଖଣ୍ଡିଏ କାବ୍ୟ ଲେଖିଛନ୍ତି ଏବଂ ସେଥିରେ ମଧ୍ୟ ସେ ଗୋପବାଳୀମାନଙ୍କ ସାଯୁଜ୍ୟ ଭକ୍ତିର ମାହାତ୍ମ୍ୟ ବିଶେଷ ଭାବରେ ବର୍ଣ୍ଣନା କରିଛନ୍ତି ।

ଦେବଦୁର୍ଲ୍ଲଭ ଦାସଙ୍କ ବର୍ଣ୍ଣନାରୁ ଜଣାଯାଏ ଯେ— ଶ୍ରୀକୃଷ୍ଣଙ୍କୁ ଦିନୁଦିନ କ୍ଷୀଣ ହେଉଥିବାର ଦେଖି ଅଷ୍ଟପାଟବଂଶୀମାନେ ତାହାର କାରଣ ପଚାରନ୍ତେ ଶ୍ରୀକୃଷ୍ଣ ଗୋପୀମାନଙ୍କ ବିଶେଷତଃ ଶ୍ରୀରାଧାଙ୍କ ବିରହ ବୃତ୍ତାନ୍ତ ପ୍ରକାଶ କରିଥିଲେ । ଏହା ଶୁଣି ଅଷ୍ଟପାଟବଂଶୀମାନଙ୍କ ମଧ୍ୟରେ ଖେଦ ଜାତ ହେବାରୁ ସେମାନଙ୍କୁ ସଙ୍ଗରେ ଧରି ଶ୍ରୀକୃଷ୍ଣ ଗୋପପୁରକୁ ଆସି ଗରୁଡ଼ ପୃଷ୍ଠରେ ସେମାନଙ୍କୁ ରଖାଇ ନିଶାର୍ଦ୍ଧରେ ବୃନ୍ଦାବନରେ ପଶି ବଂଶୀବାଦନ କରିଥିଲେ । ବହୁଦିନ ପରେ ବଂଶୀସ୍ୱନ ଶୁଣି ବିରହିଣୀ ଶ୍ରୀରାଧା କେଶବାସ ଅସମ୍ଭାଳ ହୋଇ ଶ୍ରୀକୃଷ୍ଣଙ୍କ ନିକଟରେ ଉପସ୍ଥିତ ହୋଇ ତାଙ୍କୁ ମୃଦୁ ଭର୍ତ୍ସନା କରିଥିଲେ । ପରେ ଶ୍ରୀକୃଷ୍ଣଙ୍କ ଠାରୁ ସାନ୍ତ୍ୱନା ଲଭିକରି ବୃନ୍ଦାବନରେ କେଳୀ ଆରମ୍ଭ କରିଥିଲେ । ଏହି ରସୋତ୍ସବରେ ଗୋପବାଳୀମାନେ ଯୋଗ ଦେଇଥିଲେ ଏବଂ ବନରୁ ନାନାବିଧ କୁସୁମ ତୋଳି ଶ୍ରୀକୃଷ୍ଣଙ୍କ ଗଳାରେ ଲମ୍ବାଇଥିଲେ । ଗୋପୀମାନଙ୍କର ଏତାଦୃଶ ଭକ୍ତି ଦେଖି ଅଷ୍ଟପାଟବଂଶୀଙ୍କର ଭ୍ରମ ଧାରଣା ଦୂର ହୋଇଥିଲା । ପରେ ଶ୍ରୀକୃଷ୍ଣ ପାଟବଂଶୀମାନଙ୍କ ସହିତ ଶ୍ରୀରାଧାଦି ଗୋପୀମାନଙ୍କର ମିଳନ କରାଇ ଦ୍ୱାରକା ପ୍ରତ୍ୟାଗମନ କରିଥିଲେ ।

କବି ଦେବଦୁର୍ଲ୍ଲଭ ଦାସଙ୍କ ସମୟ ସମ୍ବନ୍ଧରେ ବିଭିନ୍ନ ଆଲୋଚକ ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ଆଲୋଚନା କରିଥିଲେହେଁ, ତାଙ୍କ ରଚନା ଯେ ଗୃନ୍ଦ ଦାସଙ୍କ 'ଗୋପୀଚନ୍ଦନ'ର ପରବର୍ତ୍ତୀ ରଚନା, ଏଥିରେ ସନ୍ଦେହ ନାହିଁ ।

Digitized by PPRACHIN, SOA

ଓଡ଼ିଆ କୃଷ୍ଣକାବ୍ୟ ଗୁଡ଼ିକ ମଧ୍ୟରେ କୃଷ୍ଣ ଦାସଙ୍କ 'ରସକଲ୍ଲୋଳ' କାବ୍ୟଟି ଏକ ଅନବଦ୍ୟ ରଚନା । ଆଦ୍ୟାନୁପ୍ରାସ ରୂପେ 'କ'କୁ ଗ୍ରହଣ କରି କବି କୃଷ୍ଣ ଦାସ ଯେଉଁ ସଙ୍ଗୀତମୟ କାବ୍ୟଟି ରଚନା କରିଛନ୍ତି, ଓଡ଼ିଆ ସାହିତ୍ୟ ଭଣ୍ଡାରରେ ଏହା ଏକ ମହାର୍ଘ ରତ୍ନ ।

କାବ୍ୟକାର କୃଷ୍ଣ ଦାସଙ୍କ ସମ୍ବନ୍ଧରେ ଓଡ଼ିଆ ସାହିତ୍ୟରେ ବହୁଦିନରୁ କେତେପ୍ରକାର ବାଦବିବାଦ ଲାଗିଆସୁଛି । କେତେକ ଆଲୋଚକଙ୍କ ମତରେ 'ରସ-କଲ୍ଲୋଳ'ର ପ୍ରଣେତା ଓ 'ରସବିନୋଦ'ର ପ୍ରଣେତା ଜଣେ ବ୍ୟକ୍ତି, କିନ୍ତୁ ଅନ୍ୟ କେତେକଙ୍କ ମତରେ କୃଷ୍ଣ ଦାସ ଦୁଇଜଣ । ମାତ୍ର ଓଡ଼ିଆ ସାହିତ୍ୟର ସାଗର ମନ୍ଥନରୁ ଜଣାଯାଏ ଯେ, କୃଷ୍ଣ ଦାସ ଜଣେ କିମ୍ବା ଦୁଇଜଣ ନୁହଁନ୍ତି । କୃଷ୍ଣ ଦାସ ନାମରେ ଅନେକ କବି ଓଡ଼ିଆ ସାହିତ୍ୟରେ କାବ୍ୟ ଆଦି ରଚନା କରିଛନ୍ତି । ଏମାନଙ୍କ ମଧ୍ୟରେ ମଧୁସୂଦନ ପୁତ୍ର କୃଷ୍ଣ ଦାସ, ନରସିଂହ ପୁତ୍ର କୃଷ୍ଣ ଦାସ, ଜଡ଼ା କୃଷ୍ଣ ଦାସ, 'ବୈଦ୍ୟଶାସ୍ତ୍ର ବୋଲି'ର ପ୍ରଣେତା କୃଷ୍ଣ ଦାସ; 'ବ୍ରହ୍ମଜ୍ଞାନ ଗୀତା', 'ଷଡ଼ରସ ଗୀତା' ପ୍ରଭୃତି ଆଗତ ଭବିଷ୍ୟ ଚରିତର ପ୍ରଣେତା କୃଷ୍ଣ ଦାସ ଓ 'ଗୀତପ୍ରକାଶ' ଶୀର୍ଷକ ପ୍ରସିଦ୍ଧ ସଂଗୀତ ଗ୍ରନ୍ଥର ରଚୟିତା କୃଷ୍ଣ ଦାସ (ବଡ଼ଜେନା ମହାପାତ୍ର) ନିଶ୍ଚିତ ଭାବରେ ଜଣେ ଜଣେ ସ୍ୱତନ୍ତ୍ର କବି ।

'କୃଷ୍ଣ' ଗୋଟିଏ ନାମବାଚକ ଶବ୍ଦ ଏବଂ ଭାରତୀୟ ସଂସ୍କୃତିର ପ୍ରଧାନ କର୍ଣ୍ଣଧାର ଯୁଗାବତାରୀ କୃଷ୍ଣଙ୍କ ନାମାନୁସାରେ ପୁତ୍ରର ନାମକରଣ କରିବା ସେ ଯୁଗରେ ଏକ ଆଦରଣୀୟ ବିଷୟ ଥିଲା । ଆଜି ମଧ୍ୟ ସର୍ବଭାରତୀୟ ସ୍ତରରେ ଜୟଦେବ ନାମ-ଧାରୀ ଷୋହଳଜଣ କବି ଥିବାର ପ୍ରମାଣ ସମାଲୋଚକମାନଙ୍କର ହସ୍ତଗତ ହୋଇଛି । ବଳରାମ, ଅଚ୍ୟୁତ ଓ ଜଗନ୍ନାଥ ନାମଧାରୀ ଏକାଧିକ କବି ଓଡ଼ିଆ ସାହିତ୍ୟରେ ମିଳୁଥିବା ବେଳେ କୃଷ୍ଣ ନାମଧାରୀ ଏକାଧିକ ବ୍ୟକ୍ତି ଓଡ଼ିଆ କାବ୍ୟ ଜଗତରେ ପ୍ରଖ୍ୟାତ ହେବା ଆଦୌ ଅସମୀଚୀନ ବୋଲି ବୋଧହୁଏ ନାହିଁ । ସେହିପରି 'ଦାସ' ଓ 'ଦୀନ' ଦୁଇଟିଯାକ ନମ୍ରତା ସୂଚକ ଶବ୍ଦ ପ୍ରାଚୀନ କାଳରେ କବିମାନେ ପ୍ରାୟ ନିଜ ନାମର ଆଦ୍ୟ ପ୍ରାନ୍ତରେ ଯୋଗକରି କବିତା ରଚନା କରୁଥିଲେ । ତେଣୁ କୃଷ୍ଣ ଦାସ ବା ଦୀନ କୃଷ୍ଣ ଦାସ ଲେଖିବା ଆଦୌ ଅସ୍ୱାଭାବିକ ନୁହେଁ ।

ରସକଲ୍ଲୋଳକାର ଓ 'ରସବିନୋଦ'ର ପ୍ରଣେତା ଦୁଇ ସ୍ୱତନ୍ତ୍ର ବ୍ୟକ୍ତି । ଏହା ଉଭୟ ପୁସ୍ତକର ଭାଷା, ଭାବ, ଶୈଳୀ ଓ ସଂଗୀତ ମୂର୍ଚ୍ଛନାରୁ ସ୍ପଷ୍ଟ ପ୍ରତିଭାତ ହୁଏ । ବର୍ତ୍ତମାନ ବିଶେଷ ଆଲୋଚନାର ବିଷୟ ହେଉଛି— 'ରସକଲ୍ଲୋଳ'ର ପ୍ରଣେତା କୃଷ୍ଣ

Digitized by PPRACHIN, SOA

ଦାସ କିଏସେ ? ତାଙ୍କର ଅନ୍ୟ କୌଣସି ରଚନା ଉପଲବ୍ଧ ହୁଏ କି ? ଏ ସମ୍ବନ୍ଧରେ କୌଣସି ପ୍ରତ୍ୟକ୍ଷ ପ୍ରମାଣ ମିଳେନାହିଁ । କେବଳ ପରୋକ୍ଷ ପ୍ରମାଣ ବଳରେ ତାଙ୍କ ସମ୍ବନ୍ଧରେ ଏକ ସମୀକ୍ଷା କରାଯାଇପାରେ ।

'ରସକଲ୍ଲୋଳ'ର ଆଲୋଚନା କରିବାକୁ ଯାଇ ପ୍ରସିଦ୍ଧ ବିଦେଶୀ ସମାଲୋଚକ ଜନ୍ ବିମ୍ସ୍ The Indian Antiquary Vol. Iରେ ଲେଖିଛନ୍ତି—

"The Rasakallola or 'Wave of Delight' is the most popular poem in Orissa. Its songs are sung by the peasantry in every part of the country, many of its lines have passed into proverbs, and have become 'household words' with all classes. It owes this great popularity in some measure to its comparative freedom from long sanskrit words, being for the most part, except when the poet soars in to the hiegher style, written in the purest and simplest Oriya Vernacular.

× × ×

The Rasakallola is one of this class, and super adds to the usual impurity of Indian poems in this subject, that special and peculiarly revolting obscenity which is the distinguishing characteristic of the Oriya mind."

ଆଲୋଚକ ଜନ୍ ବିମ୍ସଙ୍କ ଆଲୋଚନାରୁ ଜଣାଯାଏ ଯେ, 'ରସକଲ୍ଲୋଳ' ଉତ୍କୃଷ୍ଟ ସଂଗୀତ ଶାସ୍ତ୍ରାନୁମୋଦିତ ଏକ ଉନ୍ନତ ଗ୍ରନ୍ଥ । ସେହି ଦୃଷ୍ଟିକୋଣରୁ ବିଚାର କଲେ ରସକଲ୍ଲୋଳକାର କୃଷ୍ଣ ଦାସ ଜଣେ ପ୍ରସିଦ୍ଧ ସଂଗୀତଜ୍ଞ ଥିଲେ । ତେଣୁ ସେ ସଂଗୀତଜ୍ଞ କିଏ ? ଏହି ପ୍ରଶ୍ନର ଉତ୍ତରରେ ଏକମାତ୍ର ସମୁଚିତ ଉତ୍ତର ହେଉଛି — ସେହି ବ୍ୟକ୍ତି ଗୀତପ୍ରକାଶକାର କୃଷ୍ଣ ଦାସ ହୋଇପାରନ୍ତି ।

ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀର ପ୍ରସିଦ୍ଧ ସଂଗୀତ ଗ୍ରନ୍ଥ 'ଗୀତପ୍ରକାଶ'ର ରଚୟିତା କୃଷ୍ଣ ଦାସ ନିଜକୁ କୃଷ୍ଣ ଦାସ ବଡ଼ଜେନା ମହାପାତ୍ର ନାମରେ ପରିଚିତ କରାଇଛନ୍ତି । ସେ ମଧ୍ୟ ବାଦ୍‌ଶାହ ଆକବରଙ୍କ ଦରବାରରେ ସୁନାମ ଅର୍ଜ୍ଜନ କରି-

Digitized by PPRACHIN, SOA

ଥିବାର ପ୍ରମାଣ ଐତିହାସିକ ଶ୍ରୀ କେଦାରନାଥ ମହାପାତ୍ରଙ୍କ ଆଲୋଚନାରୁ ମିଳେ । * ସେହି ଦୃଷ୍ଟିରୁ ଗୀତପ୍ରକାଶକାର ଓ ରସକଲ୍ଲୋଳକାର କୃଷ୍ଣ ଦାସଙ୍କୁ ଏକ ଓ ଅଭିନ୍ନ ବ୍ୟକ୍ତି ରୂପେ ବିଚାର କରିବା ବୋଧହୁଏ ଅସମୀଚୀନ ହେବ ନାହିଁ । ରସକଲ୍ଲୋଳର ରଚନା କାଳ ସମ୍ବନ୍ଧରେ ଆଲୋଚନା କଲେ ସ୍ୱତଃ ଧାରଣା ହୁଏ ଯେ, କୃଷ୍ଣ ଦାସ ବା କୃଷ୍ଣ ଦାସ ବଡ଼ଜେନା ମହାପାତ୍ର ଗଜପତି ମୁକୁନ୍ଦ ଦେବଙ୍କ ସମୟରେ ଅର୍ଥାତ୍ ଖ୍ରୀ: ଅ: ୧୫୫୯—୧୫୬୮ ମଧ୍ୟରେ 'ଗୀତପ୍ରକାଶ' ରଚନା କରି ବାଦ୍‌ଶାହ ଆକବର (ଖ୍ରୀ: ଅ: ୧୫୫୭—୧୬୦୭)ଙ୍କ ଦରବାରରେ ସମ୍ମାନିତ ହେବା ପରେ ପରେ, ପରି-ଣତ ବୟସରେ ଶ୍ରୀ ଜଗନ୍ନାଥଙ୍କ ଧାମରେ ରସକଲ୍ଲୋଳ ଶୀର୍ଷକ 'କ' ଆଦ୍ୟାନୁପ୍ରାସ ମୂଳକ କାବ୍ୟଟିକୁ ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀର ଶେଷଭାଗରେ ରଚନା କରିଥିବେ । କାରଣ ଶ୍ରୀକୃଷ୍ଣଲୀଳା ମୂଳକ ଓଡ଼ିଆ କବିତା ମଧ୍ୟ 'ଗୀତପ୍ରକାଶ'ର ଉଦାହରଣ ରୂପେ ଦେଖିବାକୁ ମିଳେ । ରସକଲ୍ଲୋଳକାରଙ୍କ ସମ୍ବନ୍ଧରେ ଅନ୍ୟ କୌଣସି ସିଦ୍ଧ ସ୍ପଷ୍ଟ ପ୍ରମାଣ ମିଳିବା ଦୂରରୁ ଏପ୍ରକାର ଅନୁମାନ ଆଦୌ ଅସମୀଚୀନ ନୁହେଁ ।

ଶ୍ରୀଚୈତନ୍ୟ ଦେବଙ୍କ ସମସାମୟିକ ମାଧବ ରଥ ବା ମାଧବ ବିପ୍ରଙ୍କ ପ୍ରଣୀତ 'କୃଷ୍ଣଜନ୍ମ ରହସ୍ୟ' ନାମକ ଖଣ୍ଡିଏ କାବ୍ୟ ସଂଗ୍ରହାଳୟର ପୋଥିଭଣ୍ଡାରରେ ସଂରକ୍ଷିତ ହୋଇଛି । ଉକ୍ତ ମାଧବ ରଥ 'ଚୈତନ୍ୟ ବିଳାସ' ନାମକ ଅନ୍ୟ ଖଣ୍ଡିଏ ଉପାଦେୟ ପୁସ୍ତକ ରଚନା କରିଛନ୍ତି ।

ଓଡ଼ିଆ କବି ଜୟଦେବଙ୍କ 'ଗୀତଗୋବିନ୍ଦ' ଶୀର୍ଷକ ପ୍ରସିଦ୍ଧ କୃଷ୍ଣଲୀଳାତ୍ମକ କାବ୍ୟର ପ୍ରଥମ ଓଡ଼ିଆ ଅନୁବାଦକ ଧରଣୀଧର ବୋଲି ସମାଲୋଚକମାନେ ଅନୁମାନ କରନ୍ତି ଏବଂ ତାଙ୍କର ସମୟ ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀ ବୋଲି ମଧ୍ୟ ଧାରଣା କରା-ଯାଏ । ସେ 'ଗୀତଗୋବିନ୍ଦ'ର ସରଳ ସାବଲୀଳ ପଦାବଳୀର ପ୍ରାଞ୍ଜଳ ଓଡ଼ିଆ ଅନୁବାଦ କରି ଓଡ଼ିଆ କୃଷ୍ଣକାବ୍ୟମାଳାର ଶ୍ରୀବୃଦ୍ଧି କରିଛନ୍ତି । ତାଙ୍କର ପଦାଙ୍କ ଅନୁସରଣ କରି ବୃନ୍ଦାବନ ଦାସ, କୃଷ୍ଣ ଦାସ (ଅମୃତ ସାଗର), ବଳରାମ ଦାସ (ଅର୍ଥ ଗୋବିନ୍ଦ), ଉଦ୍ଧବ ଦାସ, ଜଗନ୍ନାଥ ମିଶ୍ର, ବାଣୀଭୂଷଣ ଅନନ୍ତ ରଥ, ପିଣ୍ଡିକ ଶ୍ରୀଚନ୍ଦନ (ବସନ୍ତ ରାସ), ଶ୍ୟାମସୁନ୍ଦର ଭଞ୍ଜ (ବସନ୍ତ କ୍ରୀଡ଼ା ସମୁଜ୍ଜଳ ରସାବଳୀ) ଓ

* Descriptive Catalogue of Sanskrit Manuscripts Vol. II Introduction Page (CXXII.)

Digitized by PPRACHIN, SOA

ଚୈତନ୍ୟ ଦାସ ପ୍ରଭୃତି କବିମାନେ ଗୀତଗୋବିନ୍ଦର ଓଡ଼ିଆ ଅନୁବାଦ କରି ଓଡ଼ିଆ କୃଷ୍ଣକାବ୍ୟକୁ ସମୁନ୍ନତ କରିବାରେ ପ୍ରଗାଢ଼ ପ୍ରୟାସ କରିଛନ୍ତି ।

'ବନମାଳୀ ରାସ' ବା 'ବନମାଳୀ ରାହାସ' ନାମକ ଖଣ୍ଡିଏ ଶ୍ରୀକୃଷ୍ଣ ଲୀଳା ମୂଳକ କାବ୍ୟ ଓଡ଼ିଶାରେ ବିଶେଷ ପ୍ରସିଦ୍ଧି ଲାଭ କରିଛି । 'ବନମାଳୀ ରାସ' ଓଡ଼ିଶାର ସୁଦୂର ପଶ୍ଚିମାଞ୍ଚଳ କଳାହାଣ୍ଡି ପ୍ରଭୃତି ଅଞ୍ଚଳରେ କବି ପରିବାରରେ ମଧ୍ୟ ଆଦୃତ ହୋଇଥିଲା ।

'ବନମାଳୀ ରାସ'ର ପ୍ରଣେତା ହେଉଛନ୍ତି ବନମାଳୀ ଦାସ । ପୂର୍ବରୁ କଳାହାଣ୍ଡି ଅଞ୍ଚଳରୁ 'ବନମାଳୀ ରାସ'ର ଦୁଇଖଣ୍ଡି ଅସମ୍ପୂର୍ଣ୍ଣ ପୁସ୍ତକ ମିଳିଥିଲା । ଅଳ୍ପଦିନ ତଳେ ବୌଦ୍ଧ ରାଜପରିବାରରୁ ଖଣ୍ଡିଏ ସମ୍ପୂର୍ଣ୍ଣ 'ବନମାଳୀ ରାସ' ଆମର ହସ୍ତଗତ ହେବାରୁ ପୁସ୍ତକର ବିଷୟବସ୍ତୁ, କବି ଓ ତାଙ୍କର ପୃଷ୍ଠପୋଷକ ଆଦି ସମସ୍ତ ତଥ୍ୟ ବିସ୍ତୃତ ଭାବରେ ଜଣାପଡ଼ିଲା ।

'ବନମାଳୀ ରାସ' ପୋଥିଟି ଗୃରିଶହ ଏଗାର ପଦ ସମ୍ବଳିତ ଏକ ବିରାଟ ଗ୍ରନ୍ଥ । ଏଥିରେ ଶ୍ରୀକୃଷ୍ଣଙ୍କ ଜନ୍ମ ଠାରୁ କଂସର ମୃତ୍ୟୁ ପର୍ଯ୍ୟନ୍ତ ଶ୍ରୀମଦ୍ ଭାଗବତ ଦଶମ ସ୍କନ୍ଧ ଗୋପଲୀଳାର ଚରିତ ବର୍ଣ୍ଣିତ ହେଲେହେଁ, ରାସଲୀଳା ପ୍ରକରଣଟି ଅତି ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରାଯାଇଛି । କବି ସ୍ଥଳବିଶେଷରେ ନିଜ କଳ୍ପନା ଶକ୍ତିର ବଳରେ ଅତିମାନବୀୟ ଅଲୌକିକ ବର୍ଣ୍ଣନାରେ 'ରାସଲୀଳା' ପ୍ରକରଣକୁ ସମୃଦ୍ଧ କରିବା ସଙ୍ଗେ ସଙ୍ଗେ ଓଡ଼ିଆ ପାଠକ ଓ ସମାଲୋଚକମାନଙ୍କ ପ୍ରାଣରେ ଅଭିନବ ରସର ସଞ୍ଚାର କରାଇଛନ୍ତି ।

ଉକ୍ତ ପୁସ୍ତକର ଶେଷରେ କବି ବନମାଳୀ ଦାସ ନିଜର ବିସ୍ତୃତ ପରିଚୟ ଦେଇ ଆଲୋଚକମାନଙ୍କର ମହୋପକାର କରିଛନ୍ତି, ଅନ୍ୟଥା ତାଙ୍କ ରଚନା କାଳ ଓ ବାସସ୍ଥାନ ଆଦି ସମ୍ବନ୍ଧରେ ଆଲୋଚକମାନେ ଚିରଦିନ ଅନ୍ଧକାରରେ ରହିଥାନ୍ତେ !

"ଅଖିଳ ମଙ୍ଗଳ ତ୍ରୈଲୋକ୍ୟ ନାରାୟଣ
ବନମାଳୀ ଦାସ ମୁଁ ଶରଣ ଜନ୍ମେ ଜନ୍ମ ।
ବାଳୁତ ମତି କୁବୁଦ୍ଧି ଅଜ୍ଞ ଜଡ଼ଦେହୀ
ବର୍ଣ୍ଣେଣ ଗୋପାଳ ମୁଁ ସୁଜନ ସଙ୍ଗ ନାହିଁ ।
ପିତା ମୋହନ ଜେନା ପରେଣ ଉପକାର
ତାହାଙ୍କ ଧର୍ମରୁ ସେ ନିର୍ମଳ ମୋ ଶରୀର ।

× × ×

Digitized by PPRACHIN, SOA

କନ୍ଧାନ ଦେଶେ ଜାତ କୁଳିତ ମୋର ମତ
ପ୍ରାପତ ନାହିଁ ମୋତେ ସୁଜନ ସଙ୍ଗତ ।

× × ×

ରଣପୁର ରାଜ୍ୟରେ ବଡ଼ଦେଶେ ଘର
ମହିଖଣ୍ଡ ଗ୍ରାମରେ ରହଣି ମୋହର ।
ପଦ୍ମନାଭ ନରେନ୍ଦ୍ର ଭୂମିର ଅଧିପତି
ମହତ୍ତ୍ୱ ମର୍ଯ୍ୟାଦା ବିବେକ ଜନପ୍ରୀତି ।
ସାନୁଜ ମଙ୍ଗରାଜ ପୁରୁଷୋତ୍ତମ ନାମ

ଅତ୍ୟନ୍ତ ଭାଗ୍ୟବନ୍ତ ଦୁଃଖିଲୋକେ ଦୟା
ମୋହଠାରେ ଅନୁଗ୍ରହ ବହୁତ ସୁଦୟା ।"

ଉପରୋକ୍ତ ଉଦ୍ଧୃତାଂଶରୁ ଜଣାଯାଏ ଯେ, କବି କନ୍ଧାନ ଦେଶ ଅର୍ଥାତ୍ ରଣପୁର ରାଜ୍ୟର ବଡ଼ଦେଶ ମହିଖଣ୍ଡ (ଆଧୁନିକ ନାମ ମହିଆଖଣ୍ଡ) ଗ୍ରାମରେ ମୋହନ ଜେନା ନାମକ ଗୋପାଳଙ୍କ ଗୃହରେ ଜନ୍ମଗ୍ରହଣ କରିଥିଲେ । କବି ତାତ୍କା-ଳୀନ ରଣପୁରର ପ୍ରସିଦ୍ଧ ରାଜା ପଦ୍ମନାଭ ନରେନ୍ଦ୍ରଙ୍କ ସାନଭାଇ ପୁରୁଷୋତ୍ତମ ମଙ୍ଗରାଜଙ୍କ ପୃଷ୍ଠପୋଷକତାରେ ରହି ଶ୍ରୀକୃଷ୍ଣଙ୍କ ରାସଲୀଳାର ରଚନାରେ ମନ ବଳାଇଥିଲେ ।

ରାଜା ପଦ୍ମନାଭ ନରେନ୍ଦ୍ର ଭକ୍ତ କବି ଅଚ୍ୟୁତାନନ୍ଦଙ୍କର ପୃଷ୍ଠପୋଷକ ଥିଲେ ଏବଂ କବି ବନମାଳୀ ଦାସ ସେହି ରାଜାଙ୍କ ଅମଳରେ ତାଙ୍କ ସାନୁଜଙ୍କ ପୃଷ୍ଠ-ପୋଷକତାରେ ରହି ସାହିତ୍ୟ ସାଧନାରେ ମନ ବଳାଇଥିଲେ ।

ଖୁବ୍ ସମ୍ଭବତଃ 'ବନମାଳୀ ରାସ'ର ପ୍ରଣେତାଙ୍କ ଦ୍ୱାରା 'ଗୃହଇଚ୍ଛାବତୀ' ନାମକ ଆଉ ଖଣ୍ଡିଏ ଶ୍ରେଷ୍ଠ କାବ୍ୟ ରଚିତ ହୋଇଥିଲା । ଉକ୍ତ କାବ୍ୟର କଥାବସ୍ତୁ ଏତେ ରୋଚକ ତଥା ହୃଦୟଗ୍ରାହୀ ଯେ, ତାହାର ଅବଲମ୍ବନରେ ବଙ୍ଗଳା ଓ ଓଡ଼ି-ଆରେ ତିନି ଗୃହଖଣ୍ଡି କାବ୍ୟ ରଚିତ ହୋଇଥିଲା ।

'ବନମାଳୀ ରାସ'ର ପ୍ରଣେତା ଓ 'ବନମାଳୀ ପଦ୍ୟାବଳୀ'ର ରଚୟିତା ଏକ ବ୍ୟକ୍ତି ବୋଲି କେତେକଙ୍କର ଧାରଣା; ମାତ୍ର ଉଭୟ 'ରାସ' ଓ 'ପଦ୍ୟାବଳୀ'ର ଭାଷା

Digitized by PPRACHIN, SOA

ଶୈଳୀ ଓ ଛନ୍ଦ ଆଦିର ଆଲୋଚନା କଲେ ସେ ଧାରଣା ଭ୍ରାନ୍ତ ଥିବାର ଜଣାଯାଏ । 'ରାସ' ଓ 'କୃଷ୍ଣଇଚ୍ଛାବତୀ'ର ପ୍ରଣେତା ବନମାଳୀ ଦାସ ତାଙ୍କ ରଚନାରେ ଛନ୍ଦ ଯୋଜନାର ଜଟିଳତା ମଧ୍ୟରେ ବିଶେଷ ଅଗ୍ରସର ନ ହୋଇ କେବଳ ସରସ, ସାବଲୀଳ ଓ ଅପେକ୍ଷାକୃତ ଅଧିକ ଦେଶଜ ଶବ୍ଦ ପ୍ରୟୋଗରେ କାବ୍ୟ ଦୁଇଟିକୁ ରସାଣିତ କରିଛନ୍ତି । କିନ୍ତୁ 'ପଦ୍ୟାବଳୀ'ର ପ୍ରଣେତା ବନମାଳୀ ପଟ୍ଟନାୟକ ଛନ୍ଦ ଯୋଜନାରେ ଜଣେ ପ୍ରଖ୍ୟାତ କବି ତଥା ତାଙ୍କ ରଚନାରେ ପଦ ଯୋଜନା ଅପେକ୍ଷା ରସୋତ୍ତୀର୍ଣ୍ଣ ଛନ୍ଦ ଯୋଜନା ପ୍ରତି ଅଧିକ ଦୃଷ୍ଟି ଦିଆଯାଇଛି । ଖୁବ୍ ସମ୍ଭବତଃ ବନମାଳୀ ପଟ୍ଟନାୟକ 'ମଥୁରା ଲୀଳା' ନାମକ ଆଉଖଣ୍ଡିଏ ଶ୍ରେଷ୍ଠ କାବ୍ୟ ରଚନା କରିଥିଲେ । ପଦ୍ୟାବଳୀର ରଚୟିତା ବନମାଳୀ ଗଜପତି ବୀରକେଶରୀ ଦେବ (ପ୍ରଥମ)ଙ୍କ ସମସାମୟିକ ଥିଲେ ଓ ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରେ ଖ୍ୟାତିଲାଭ କରିଥିଲେ ।

ଶିଶୁ ଶଙ୍କର ଦାସ ବା ଶଙ୍କର ଦାସ ଓଡ଼ିଆ କୃଷ୍ଣକାବ୍ୟ-ଧାରାର ଅନ୍ୟତମ ଉପାସକ । କୃଷ୍ଣଲୀଳା ମୂଳକ କେତୋଟି ଚଉପଦୀ ଓ ଚଉତିଶା ବ୍ୟତୀତ ଶ୍ରୀକୃଷ୍ଣଙ୍କ ପୌତ୍ର ଅନିରୁଦ୍ଧ ଓ ବାଣାସୁର କନ୍ୟା ଉଷାର ପରିଣୟ ଉପରେ ସେ ଏକ ରୋଚକ କାବ୍ୟ ରଚନା କରିଥିଲେ । ଏହି କାବ୍ୟର ପ୍ରଭାବ ପରବର୍ତ୍ତୀ କାଳୀନ କବିମାନଙ୍କ ଉପରେ ବିଶେଷ ଭାବରେ ପଡ଼ିଥିବାର ଦେଖାଯାଏ ।

ଓଡ଼ିଆ ସାହିତ୍ୟ ଜଗତର ଅନ୍ୟତମ ପ୍ରସିଦ୍ଧ ସାଧକ ରାଜକବି ଧନଞ୍ଜୟ ଭଞ୍ଜ, 'ରଘୁନାଥ ବିଳାସ', 'ଅନଙ୍ଗରେଖା', 'ଇଚ୍ଛାବତୀ', 'ମଦନମଞ୍ଜରୀ' ଆଦି ଖଣ୍ଡିଏ ଉପାଦେୟ ରାମକାବ୍ୟ ଓ ତିନୋଟି କାଳ୍ପନିକ କାବ୍ୟ ରଚନା କରିଥିଲେହେଁ, ତାଙ୍କ ଲେଖନୀରୁ କ୍ଷୁଦ୍ର 'କୃଷ୍ଣକ୍ରୀଡ଼ା କାବ୍ୟ' ମଧ୍ୟ ନିସୃତ ହୋଇଛି ।

"ଆଭିରୀ ବିହାରୀ କୃଷ୍ଣ ଚରଣ ଦୁଇ
ନୃପ ଧନଞ୍ଜୟ ଭଞ୍ଜ ସତତ ଧାୟି ॥

× × ×

ଶ୍ରୀକୃଷ୍ଣର କ୍ରୀଡ଼ା ବୋଲି ଏ ଗୀତର ନାମ ।
କହିବାକୁ ମଧୁର ଶ୍ରୁତିକି ଅଭିରାମ ॥
ଶୁଣି ବୁଧ ଜନେ ମୋର ନ ଧରିବ ଦୋଷ ।
ଭଣେ ନୃପ ଧନଞ୍ଜୟ ଶ୍ରୀକୃଷ୍ଣର ଦାସ ॥"

Digitized by PPRACHIN, SOA

(ଚୈତନ)

ଦୀନବନ୍ଧୁ ଦାସ ନାମକ ଜନୈକ କବି 'ରାଧାକୃଷ୍ଣ-ଲୀଳାମୃତ ସାଗର' ଶୀର୍ଷକ ଖଣ୍ଡିଏ କୃଷ୍ଣକାବ୍ୟ ରଚନା କରିଛନ୍ତି । ଭକ୍ତକବି ରାମ ଦାସ ତାଙ୍କ 'ଦାର୍ଢ୍ୟତା ଭକ୍ତି ରସାମୃତ' ପୁସ୍ତକରେ ଦୀନବନ୍ଧୁ ଦାସଙ୍କ ନାମ ଉଲ୍ଲେଖ କରିଥିବାରୁ ତାଙ୍କୁ ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀର କବି ରୂପେ ଗ୍ରହଣ କରାଯାଇ ପାରେ । ତାଙ୍କ ଲିଖିତ 'ଛାନ୍ଦ ରତ୍ନପ୍ରଭା' ନାମକ ଆଉଖଣ୍ଡିଏ ପୁସ୍ତକ ଥିବାର ଜଣାଯାଏ । 'ରାଧାକୃଷ୍ଣ ଲୀଳାମୃତ ସାଗର' ପୁସ୍ତକଟି 'ପଞ୍ଚତ୍ରିଂଶ ତରଙ୍ଗ'ରେ ବିଭକ୍ତ ଏବଂ କବି ସମୁଦାୟ ଗ୍ରନ୍ଥଟିକୁ ଭକ୍ତକବି ଜଗନ୍ନାଥ ଦାସଙ୍କ 'ଭାଗବତ ବାଣୀ' ବା 'ନବାକ୍ଷରୀ ବୃତ୍ତ'ରେ ରଚନା କରିଛନ୍ତି । ପ୍ରସ୍ତୁତ କାବ୍ୟର ଶେଷ 'ତରଙ୍ଗ'ରେ ପ୍ରଦତ୍ତ କବିଙ୍କ ନମ୍ରତା ସୂଚକ ପଦ୍ୟାଂଶରୁ ତାଙ୍କୁ ଅନ୍ୟତମ ଭକ୍ତକବି ରୂପେ ଗଣନା କରାଯାଇ ପାରେ ।

"ହେ ମନ କହୁ ଅଛୁ ତୋତେ ।
ସାଧୁଙ୍କ ସଙ୍ଗ କର ନିତ୍ୟେ ॥
ଗୋବିନ୍ଦ ନାମ ସଂକୀର୍ତ୍ତନ ।
ଆନନ୍ଦେ ଗାଅ କୃଷ୍ଣ ଗୁଣ ॥
ରାଧା-କୃଷ୍ଣର ଲୀଳା ଯେତେ ।
ଆନନ୍ଦେ ଶୁଣ ହରିବାସରେ ॥
ଶରତେ ସୁମର ନିତି ପ୍ରତି ।
ହୋଇବ ନିର୍ମଳ ଭଗତି ॥
ସୁଜନେ ହୁଅ ସାବଧାନ ।
ଗୋବିନ୍ଦ ନାମ ମହା ଧନ ॥
ରାଧା-କୃଷ୍ଣର ଯେ ଭଗତ ।
ତାଙ୍କୁ ମୋହର ଦଣ୍ଡବତ ॥
ଯେ ରାଧା ଗୋବିନ୍ଦର ଦାସ ।
ତାଙ୍କ ଚରଣେ ନିତ୍ୟ ଆଶ ॥
କହଇ ଦୀନବନ୍ଧୁ ଦାସ ।
ରାଧା-ଗୋବିନ୍ଦେ ରହୁ ଆଶ ॥"

ଜନାର୍ଦ୍ଦନ ଦାସ ବା ଦନାଇ ଦାସଙ୍କ ଲିଖିତ 'ଗୋପୀଭାଷା' ଶୀର୍ଷକ ପୁସ୍ତକଟି ଓଡ଼ିଶାର ସାଧାରଣ ପାଠକମାନଙ୍କ ଠାରୁ ଆରମ୍ଭ କରି ବଙ୍ଗ ସମାଲୋଚକ

Digitized by PPRACHIN, SOA

ମାନଙ୍କ ମହଲରେ ସୁପରିଚିତ । ଶ୍ରୀକୃଷ୍ଣଙ୍କ ମଥୁରା ବିଜୟ ପରେ ଗୋପପୁରର ଯୁବତୀମାନେ ପ୍ରାଣପ୍ରିୟଙ୍କ ଗୁଣ ବାହୁନ ପରସ୍ପର ଅନୁତପ୍ତା ହୋଇଥିବାର ବିଷୟ ପ୍ରସ୍ତୁତ ପୁସ୍ତକରେ ବର୍ଣ୍ଣିତ ହୋଇଛି । ଏହାଙ୍କ ରଚନା ସମୟ ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀର ପୂର୍ବବର୍ତ୍ତୀ ନୁହେଁ ବୋଲି ଆଲୋଚକମାନେ ମତ ଦିଅନ୍ତି ।

ବୃନ୍ଦାବତୀ ଦାସୀ ନାମ୍ନୀ ଜନୈକା ନାରୀକବିଙ୍କ ଲେଖମାରୁ 'ପୂର୍ଣ୍ଣତମ ଚନ୍ଦ୍ରୋଦୟ' ଶୀର୍ଷକ ଖଣ୍ଡିଏ କୃଷ୍ଣକାବ୍ୟ ନିଃସୃତ ହୋଇଛି । ତାଙ୍କ ରଚନା ସମୟ ଖ୍ରୀ: ଅ: ୧୬୯୯ ବୋଲି କେତେକ ଆଲୋଚନାରୁ ଜଣାଯାଏ । ନାରୀ-କବିଙ୍କ ପୂର୍ବାଶ୍ରମ ଦାସ ଖୁବ୍ ସମ୍ଭବତଃ 'ଭକ୍ତି ରତ୍ନାବଳୀ' ନାମକ ଗ୍ରନ୍ଥର ରଚୟିତା ଥିଲେ ।

ଦାଶରଥି ଦାସ ନାମକ ଜନୈକ କବି 'ବ୍ରଜବିହାର' ନାମକ ଖଣ୍ଡିଏ ସରସ କୃଷ୍ଣକାବ୍ୟ ଓଡ଼ିଆ ପାଠକ ଓ ଭକ୍ତସମାଜ ହସ୍ତରେ ଅର୍ପଣ କରିଥିଲେ । କବି ଉକ୍ତ କାବ୍ୟଟିକୁ ଖ୍ରୀ: ଅ: ୧୭୩୧ ମସିହାରେ ସମ୍ପୂର୍ଣ୍ଣ କରିଥିବାର ପ୍ରମାଣ ଉପଲବ୍ଧ ହୁଏ ।

"ବୃହସ୍ପତି ଆଠଶତ ବତିଶ ।
କଳିଯୁଗ ଭୋଗ ଏତେ ବରଷ ॥
ଶକ ଅବଦ ଷୋଳଶ ତେପନ ।
ରାମଚନ୍ଦ୍ର ଦେବ ମହାରାଜନ ॥
ଆଠ ଅଙ୍କ କୁମାର ପୌର୍ଣ୍ଣମୀରେ ।
ବ୍ରଜ ବେହାର ଗ୍ରନ୍ଥ ସମ୍ପୂର୍ଣ୍ଣ ରେ ॥"

କବିଙ୍କ ପ୍ରଦତ୍ତ ଏହି ସମୟଟି ଖ୍ରୀ: ଅ: ୧୭୩୧ ମସିହା ଅକ୍ଟୋବର ମାସ ୪ ତାରିଖରେ ପଡ଼ିଥିଲା ବୋଲି ଗଣନାରୁ ଜଣାଯାଏ ।

'ବ୍ରଜବିହାର' ପୁସ୍ତକଟି ଖଣ୍ଡିଏ ବିରାଟ କାବ୍ୟଗ୍ରନ୍ଥ । ପୁସ୍ତକରେ ଥିବା ଦଶଗୋଟି 'ବେଳା'ର ମୋଟ ପଦ ସଂଖ୍ୟା ୧୩୧୪୧ । କବି ଗ୍ରନ୍ଥର ବିଷୟବସ୍ତୁ ଶ୍ରୀମଦ୍ଭାଗବତ ଓ ବ୍ରହ୍ମବୈବର୍ତ୍ତ ପୁରାଣାଦିରୁ ସଂଗ୍ରହ କରିଥିବାର ଜଣାଯାଏ । କବି ଦାଶରଥି ଦାସ ପୌରାଣିକ ଆଖ୍ୟାୟିକାଟିକୁ ନିଜ କାବ୍ୟର ବିଷୟବସ୍ତୁ ରୂପେ ଗ୍ରହଣ କରିଥିଲେହେଁ, ରୀତିଯୁଗୀୟ କବିମାନଙ୍କ ପରି ନାୟିକାର ନଖଶିଖ ବର୍ଣ୍ଣନାରେ ଛଳେହେଲେ ତ୍ରୁଟି କରିନାହାନ୍ତି । ବରଂ କହିବାକୁ ଗଲେ, କେତେକ ସ୍ଥଳରେ କାଳ୍ପନିକ କାବ୍ୟଗୁଡ଼ିକର ନାୟିକାମାନଙ୍କ ଯୌବନ ବର୍ଣ୍ଣନାର ତୁଳନାରେ କବି

Digitized by PPRACHIN, SOA

ଦାଶରଥି ଆଗେଇ ଯାଇଛନ୍ତି । ମୋଟଉପରେ ଶ୍ରୀମଦ୍‌ଭାଗବତର ଗୋପଲୀଳା ଉପରେ ପୂର୍ଣ୍ଣତଃ ଆଧାରିତ ହୋଇଥିଲେହେଁ, ମହାକାବ୍ୟର ଲକ୍ଷଣ 'ବ୍ରଜବିହାର' ପୁସ୍ତକରେ ପୂରି ରହିଛି ଏବଂ କବି ପୁସ୍ତକଟିକୁ ଅତ୍ୟନ୍ତ ରୋଚକ ତଥା ଖ୍ରୀଷ୍ଟକାଳୀନ କାବ୍ୟଗୁଡ଼ିକ ମଧ୍ୟରେ ଏକ ଉନ୍ନତ ଗ୍ରନ୍ଥ ରୂପେ ପରିଚିତ କରାଇବାର ପୂର୍ଣ୍ଣ ପ୍ରୟାସ କରିଛନ୍ତି ।

କବି ଦାଶରଥି ଦାସ ରଣପୁର ରାଜ୍ୟର ଏକ କରଣ କୁଳରେ ଜନ୍ମଗ୍ରହଣ କରିଥିଲେ ଏବଂ ତାଙ୍କର ଶିକ୍ଷାଗୁରୁ ଥିଲେ— 'ନଅପୋଇ' ଓ 'ରାମାଚନ୍ଦ୍ରିକା' ଆଦି ପ୍ରସିଦ୍ଧ କାବ୍ୟଗୁଡ଼ିକର ପ୍ରଣେତା କଣ୍ଠଦାସ । 'ବ୍ରଜବିହାର'ର ବିଭିନ୍ନ 'ବୋଲି'ରେ କବି ଏହା ସ୍ୱୀକାର କରି ସମାଲୋଚକମାନଙ୍କର କୌତୂହଳ ଉପଶମ କରିଛନ୍ତି ।

"କାଶ୍ୟପ ଗୋତ୍ରେ ହୋଇ ଜାତ ।
ସିଷ୍ଟି କରଣ କୁଳେ ଖ୍ୟାତ ॥

× × ×

ରଣପୁର ମଣ୍ଡଳେ ମୋର ବାସ ।
ନାମ ବିଦିତ ଦାଶରଥି ଦାସ ॥

× × ×

କଣ୍ଠ ଦାସ ଗୋସାଇଁ ଚରଣ ଆଶ୍ରୟେ ।
ଦାଶରଥି ଦାସର ସ୍ଫୁରିତ ହୃଦୟେ ॥

× × ×

ଶ୍ରୀଗୁରୁ କଣ୍ଠ ଦାସ ଗୋସାଇଁ ଚରଣ ପ୍ରସାଦୁ ।

× × ×

ଗୁରୁଦେବ କଣ୍ଠ ଦାସ ପଦେ ସେବି ॥"

କୃପାସିନ୍ଧୁ ଦାସ କୃତ 'ବ୍ରଜବିହାର' ଶୀର୍ଷକ ଆଉ ଖଣ୍ଡିଏ କୃଷ୍ଣକାବ୍ୟ ଓଡ଼ିଆ କାବ୍ୟଜଗତରେ ଦେଖିବାକୁ ମିଳେ । କୃପାସିନ୍ଧୁ କଟକ ଜିଲ୍ଲାର ଡାଲିଯୋଡ଼ା ରାଜ୍ୟର ଅଧିବାସୀ ଭଗୀରଥି ଖରସୁଧା ପଟ୍ଟନାୟକଙ୍କ ପୁତ୍ର ଥିଲେ । ଉକ୍ତ କାବ୍ୟରେ ୨୧ଟି ଛାନ୍ଦ ଥିଲେ ମଧ୍ୟ ମୋଟ ପଦ ସଂଖ୍ୟା ହେଉଛି—୯୯୮ ଅର୍ଥାତ୍ ଦାଶରଥି ଦାସଙ୍କ 'ବ୍ରଜବିହାର' କାବ୍ୟର ପଦସଂଖ୍ୟା ଠାରୁ ପ୍ରାୟ ତେରଗୁଣ କମ୍ । କବି

Digitized by PPRACHIN, SOA

କୃପାସିନ୍ଧୁ ବୃନ୍ଦାବତୀ ଦାସୀଙ୍କ ପୌତ୍ର ଓ ଶ୍ୟାମ ଦାସଙ୍କ ପୁତ୍ର ବୋଲି କେହି କେହି ଅନୁମାନ କରନ୍ତି । କିନ୍ତୁ କବି କୃପାସିନ୍ଧୁ 'ବ୍ରଜବିହାର' କାବ୍ୟରେ ତାଙ୍କର ସ୍ପଷ୍ଟ ପରିଚୟ ଦେଇ ଲେଖିଛନ୍ତି—

"ଶ୍ରୀ ବୀରକେଶରୀ ନାମ ଗଜପତି ନୃପୋତ୍ତମ ।
ତେର ଅଙ୍କ କନ୍ୟା ମାସ ଗୁରୁବାର ପଞ୍ଚମୀରେ ପୂର୍ଣ୍ଣକାମ ॥
ଡାଲଯୋଡ଼ା ରାଜ୍ୟେ ଜାତ ପିତା ଭଗୀରଥି ଖ୍ୟାତ ।

× × ×

ବୋଲେ କୃପାସିନ୍ଧୁ ଦୀନବନ୍ଧୁ ନାମ ମୋ'ଠାରେ କଲେ ପ୍ରକାଶ ।"

ଗଣନା ଅନୁସାରେ ବୀରକେଶରୀ ଦେବଙ୍କ ୧୩ ଅଙ୍କ କନ୍ୟା ମାସ ଗୁରୁବାର ପଞ୍ଚମୀ, ଖ୍ରୀ: ଅ: ୧୭୫୫ ସେପ୍ଟେମ୍ବର ମାସ ୨୫ ତାରିଖରେ ପଡ଼ିଥିଲା ।

ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ସୁରଙ୍ଗୀର ରାଜା କେଶବରାଜ ହରିଚନ୍ଦନଙ୍କ କୃଷ୍ଣ-ଲୀଳାତ୍ମକ 'ରସସିନ୍ଧୁ ସୁଲକ୍ଷଣା' ଓଡ଼ିଆ ସାହିତ୍ୟର ଗନ୍ତାଘରେ ଖଣ୍ଡିଏ ଅମୂଲ୍ୟ ରତ୍ନ । ଶ୍ରୀମଦ୍‌ଭାଗବତରେ ବର୍ଣ୍ଣିତ ସୁଲକ୍ଷଣା ଓ ଶ୍ରୀକୃଷ୍ଣଙ୍କ ବିବାହ ଉପରେ ଆଧାରିତ ଏହି କାବ୍ୟ ଖ୍ରୀ: ଅ: ୧୭୧୦ ମସିହା ଜାନୁଆରୀ ୨୪ ତାରିଖରେ ରଚିତ ହୋଇଥିବାର ଗଣନା କରି ଐତିହାସିକ ଶ୍ରୀଯୁକ୍ତ କେଦାରନାଥ ମହାପାତ୍ର ତାଙ୍କ 'ଖୁର୍ଦ୍ଧା ଇତିହାସ' ପୁସ୍ତକରେ ଲେଖିଛନ୍ତି ।

ଏହି ସମୟର ଅବ୍ୟବହିତ ପୂର୍ବରୁ ସୁବର୍ଣ୍ଣରେଖା ତୀରବର୍ତ୍ତୀ ଜଳେଶ୍ୱର ଅଞ୍ଚଳର କୃଷ୍ଣ ଦାସ ବ୍ରାହ୍ମଣୀ ନଦୀ କୂଳବର୍ତ୍ତୀ ଶ୍ୟାମନଗରୀ ଦଣ୍ଡପାଟ ବା ଢେଙ୍କାନାଳ ରାଜ୍ୟର ଏକଘରିଆ ଗ୍ରାମର କନକେଶ୍ୱର ମହାଦେବଙ୍କ ସମୀପବର୍ତ୍ତୀ ସ୍ଥାନରେ ବାସ କରୁଥିଲେ । ତାଙ୍କର ରଚନା ଗୁଡ଼ିକ ମଧ୍ୟରେ 'ରସବିନୋଦ' ଏକ ପ୍ରଖ୍ୟାତ କାବ୍ୟ । ତାଙ୍କର ଅନ୍ୟ ରଚନା ଗୁଡ଼ିକ ମଧ୍ୟରେ ଭୂତକେଳୀ, ଅମୃତସାଗର, ଜାମ୍ବବତୀ ବିଭା, ସତ୍ୟବତୀ ବିଭା, ବୃନ୍ଦାବନ ରାସ ଆଦି କୃଷ୍ଣଲୀଳାତ୍ମକ କାବ୍ୟ ।

ଗଜପତି ରାଜା ଦିବ୍ୟସିଂହ ଦେବଙ୍କ ଅମଳରେ ଘୁମୁସରର ପ୍ରଖ୍ୟାତ ଯଶା ଉପେନ୍ଦ୍ର ଭଞ୍ଜ ଓଡ଼ିଆ କାବ୍ୟଜଗତକୁ ବୈଦେହୀଶ ବିଳାସ, ଲାବଣ୍ୟବତୀ ପ୍ରଭୃତି ଅନୁପମ କାବ୍ୟ-ମାଳା ଉପହାର ସ୍ୱରୂପ ଅର୍ପଣ କରି ଓଡ଼ିଆ ପାଠକ ଓ ସମାଲୋଚକମାନଙ୍କର ଅଶେଷ ଉପକାର କରିଛନ୍ତି । କାଳ୍ପନିକ କାବ୍ୟ ରଚନାରେ ଭଞ୍ଜୀୟ ରୀତି କାଳୀନ ସାହି-

Digitized by PPRACHIN, SOA

ତ୍ୟର ଶ୍ରେଷ୍ଠ ସମ୍ପଦ ରୂପେ ପରିଗଣିତ ହୋଇଥିଲେହେଁ, କବିସମ୍ରାଟଙ୍କ ଲେଖନୀରୁ ରାମଲୀଳାତ୍ମକ ଗୁରିଖଣ୍ଡି କାବ୍ୟ ନିସୃତ ହୋଇଛି । ରାମ-ତାରକ ମନ୍ତ୍ରରେ ସିଦ୍ଧ ଭଞ୍ଜ ବୀରବର ଉପେନ୍ଦ୍ର କୃଷ୍ଣଲୀଳାତ୍ମକ କାବ୍ୟ ରଚନାରେ ମଧ୍ୟ ଅନୁରୂପ ଦକ୍ଷତା ପ୍ରଦର୍ଶନ କରିଛନ୍ତି । ତାଙ୍କ ରଚନା ଗୁଡ଼ିକ ମଧ୍ୟରେ 'ବ୍ରଜଲୀଳା', 'କୁଞ୍ଜବିହାର', 'ରହାସ ଲୀଳା' ଓ 'କ' ଆଦ୍ୟପ୍ରାନ୍ତ ଅନୁପ୍ରାସରେ ଲିଖିତ 'କଳା କଉତୁକ' ଶୀର୍ଷକ କାବ୍ୟଟି ଶ୍ରାଦ୍ଧିକ ଭଞ୍ଜକବିଙ୍କର ରଚନା ପାଟବର ଏକ ଶ୍ରେଷ୍ଠ ନିଦର୍ଶନ । କଥିତ ଅଛି, କୃଷ୍ଣ ଦାସଙ୍କ 'ରସକଲ୍ଲୋଳ'ର ଲୋକପ୍ରିୟତାକୁ କ୍ଷୁର୍ଣ୍ଣ କରିବା ଉଦ୍ଦେଶ୍ୟରେ କବିସମ୍ରାଟ ଉପେନ୍ଦ୍ର କେବଳ ଆଦ୍ୟାନୁପ୍ରାସ ରୂପେ କାହ୍ନିକ, ଆଦ୍ୟ ପ୍ରାନ୍ତ ଉଭୟ ଅନୁପ୍ରାସ ରୂପେ 'କ' ପ୍ରୟୋଗ କରି 'କଳା କଉତୁକ' ରଚନାରେ ତତ୍କାଳୀନ ସୁଧୀସମାଜକୁ ଚମତ୍କୃତ କରିଥିଲେ ।

ଖ୍ରୀ: ଅ: ୧୭୫୬ରେ ଗଞ୍ଜାମର ସୁରଙ୍ଗୀ ରାଜା କେଶବ ରାଜ ହରିଚନ୍ଦନଙ୍କ ସୁପୁତ୍ର ଦୀନବନ୍ଧୁ ରାଜ ହରିଚନ୍ଦନଙ୍କ ଦ୍ୱାରା 'ନବ-ବୃନ୍ଦାବନ ବିହାର' ନାମକ ଏକ ଷୋଡ଼ଶ ଛାନ୍ଦ ବିଶିଷ୍ଟ କୃଷ୍ଣକାବ୍ୟ ରଚିତ ହୋଇଥିଲା । କବି ନିଜର ପରିଚୟ ଦେବାକୁ ଯାଇ 'ନବ-ବୃନ୍ଦାବନ ବିହାର'ର ଷୋଡ଼ଶ ଛାନ୍ଦରେ ଲେଖିଛନ୍ତି—

"ସୁରଙ୍ଗୀ ରାଜ୍ୟ ଅଧିପତି ବୀରଶ୍ରୀ ଗୋଲରାଜ ହରିଚନ୍ଦନ
ବିବେକୀ ଦାତା ଧୀର କବି ସୁଶାନ୍ତ ଗୁଣଙ୍କ ମଣ୍ଡନ,
ସୁଜନେ
ସେ ହରିଚନ୍ଦନଙ୍କ ସୁତ
କେଶବ ରାଜ ହରିଚନ୍ଦନ ନାମେ ଅଟନ୍ତି ଜଗତ ବିଖ୍ୟାତ ।

× × ×

ତାହାଙ୍କର ଅଟେ ନନ୍ଦନ
ଶ୍ରୀ ନବ ବୃନ୍ଦାବନ ବିହାର ଭଣେ ଦୀନବନ୍ଧୁ ରାଜ ହରିଚନ୍ଦନ ।
ଷୋଡ଼ଶ ଚଉସ୍ତରି ସନ ପ୍ରବେଶେ ଚିତ୍ରଭାନୁ ସମ୍ବତ୍ସରେ
ଚଇତ୍ର ଶୁକ୍ଳ ଷଷ୍ଠୀ ମଙ୍ଗଳ ବାସରେ ସୌଭାଗ୍ୟ ନାମ ଯୋଗରେ,
ଶଶାଙ୍କ
ରୋହିଣୀ ଋକ୍ଷ ଯା ସଂସ୍ଥିତ
ଶ୍ରୀ ବୀରକେଶରୀ ଦେବ ଊନବିଂଶ ଅଙ୍କେ ପୂର୍ଣ୍ଣ ହେଲା ଏ ଗୀତ ।"

Digitized by PPRACHIN, SOA

ଅର୍ଥାତ୍ ଉକ୍ତ ଗ୍ରନ୍ଥ ୧୬୭୪ ଶକାବ୍ଦ ବା ୧୭୫୨ ଖ୍ରୀଷ୍ଟାବ୍ଦରେ ସମ୍ପୂର୍ଣ୍ଣ ହୋଇଥିଲା ।

ଆଲୋଚନାରୁ ଜଣାଯାଏ ଯେ, ଦୀନବନ୍ଧୁ ରାଜ ହରିଚନ୍ଦନ ପରବର୍ତ୍ତୀ ଜୀବନରେ ସନ୍ନ୍ୟାସ ବ୍ରତରେ ଦୀକ୍ଷିତ ହୋଇଥିଲେ । ପୂର୍ବରୁ ଆଲୋଚିତ 'ରାଧାକୃଷ୍ଣ ଲୀଳାମୃତ ସାଗର'ର ପ୍ରଣେତା ଦୀନବନ୍ଧୁ ଦାସ ଓ ଦୀନବନ୍ଧୁ ରାଜ ହରିଚନ୍ଦନ ଏକ ବ୍ୟକ୍ତି ହୋଇପାରନ୍ତି । ଓଡ଼ିଆ କୃଷ୍ଣଭକ୍ତି-ଧାରାର ଅନ୍ୟତମ ପ୍ରସିଦ୍ଧ ଭକ୍ତକବି ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ରଚିତ 'ଯୁଗଳ ରସାମୃତ ଭଙ୍ଗୀ'ର ଶେଷ ଛାନ୍ଦରେ ଦୀନବନ୍ଧୁ ରାଜଙ୍କୁ ପ୍ରସିଦ୍ଧ କୃଷ୍ଣଭକ୍ତ ଭାବରେ ବର୍ଣ୍ଣନ କରିଛନ୍ତି । ଏପରିକି 'ରସକଲ୍ଲୋଳ'ର ପ୍ରଣେତା କୃଷ୍ଣ ଦାସ ପ୍ରଭୃତିଙ୍କ ତୁଳନାରେ ଦୀନବନ୍ଧୁ ରାଜଙ୍କୁ ଉନ୍ନତ କୃଷ୍ଣଭକ୍ତ ରୂପେ ବର୍ଣ୍ଣନା କରିଛନ୍ତି । ଯଥା —

"ସୁକବି ଗୁଣ ରତନ, ଦୀନବନ୍ଧୁ ରାଜ ଧନ୍ୟ
ବ୍ରଜେନ୍ଦ୍ର କୁମାର ରାଗ, ଯା ହୃଦେ ଦାଗ ଯେ ।" (ପୃ ୫୬)

ପାରଳାଖେମୁଣ୍ଡିର ରାଜା ଜଗନ୍ନାଥ ନାରାୟଣ ଦେବଙ୍କ ନାମରେ ଭଣିତ 'ବୃନ୍ଦାବନ ଚନ୍ଦ୍ର ବିହାର' ନାମରେ ଖଣ୍ଡିଏ ପୁସ୍ତକ ଦେଖିବାକୁ ମିଳେ । କବି ଜଗନ୍ନାଥ ନାରାୟଣ ଦେବ ଗ୍ରନ୍ଥର ବିଷୟବସ୍ତୁ ସମ୍ବନ୍ଧରେ କହିବାକୁ ଯାଇ ଲେଖିଛନ୍ତି—

"ହେ ମୁନି ବ୍ରଜମଣ୍ଡଳେ ଶ୍ରୀକୃଷ୍ଣ ବିହାର
ସଂକ୍ଷେପି କହିଣ ମୋତେ କରିବା ବିସ୍ତାର ହେ ।"

'ବୃନ୍ଦାବନ ଚନ୍ଦ୍ର ବିହାର'ର ଚତୁର୍ଥ ପ୍ରକାଶରେ ଓ ଶେଷରେ ଗ୍ରନ୍ଥ ରଚନା ସମୟ, ଗୁରୁଙ୍କ ନାମ ଆଦି ବିଷୟର ସୂଚନା ଦେଇଛନ୍ତି —

ସେ ବୃନ୍ଦାବନ ଭୂମି ଅନେକ କାଳ ଭ୍ରମି
ଯମୁନା ଜଳେ କରି ସ୍ନାନ,
କୁଣ୍ଡ କୁଞ୍ଜ ସଙ୍କେତ ସାଧୁଙ୍କୁ ଦଣ୍ଡବତ
କରି ହୋଇଲୁ ସଦଜ୍ଞାନ ସେ ।
ବିଶ୍ୱେଶ୍ୱର ପଣ୍ଡିତ ଗୋସ୍ୱାମୀ ଆଶ୍ରିତ
ତାହାଙ୍କ କୃପାରୁ ରଚିତ,

Digitized by PPRACHIN, SOA

କୃଷ୍ଣଲୀଳା ଚତୁର୍ଥ ପ୍ରକାଶ
ଜଗନ୍ନାଥ ନାରାୟଣ ଦେବ କଥିତ ସେ ॥"

× × ×

ଶକାବ୍ଦ ଷୋଳଶ ଅଣନବ୍ଭ ସମ୍ବତ୍ସର ନାମ ସର୍ବଜିତହେ ସୁଜନ
କାର୍ତ୍ତିକ ଶୁକ୍ଳ ପଞ୍ଚମୀରେ ଆରମ୍ଭ କଲୁ ଏ ଗ୍ରନ୍ଥ ବିଧାନ ।
ମାଘ ବସନ୍ତ ପଞ୍ଚମୀରେ ପୂର୍ଣ୍ଣ
ମଙ୍ଗଳବାର ଦ୍ୱାଦଶ ଦଣ୍ଡଭୋଗ ବଢଶ ଲୀଳା ପ୍ରମାଣ ହେ ସୁଜନେ ।
ବସି ଶ୍ରୀରାମ ସ୍ୱାମୀଙ୍କ ସମ୍ମୁଖରେ
ଅତି ତୋଷେ ଖିମୁଣ୍ଡି ପତ୍ତନରେ ।
ଗଙ୍ଗବଂଶୋତ୍ପତ୍ତି ଜଗନ୍ନାଥ ନାରାୟଣ ଦେବ ସୁଚରିତ୍ରରେ ।"

ଅର୍ଥାତ୍ ସେ ୭-୧୧-୧୭୬୭ରେ ଉକ୍ତ ଗ୍ରନ୍ଥ ଆରମ୍ଭ କରି ୩-୨-୧୭୬୭ରେ ଏହାକୁ ସମାପ୍ତ କରିଥିଲେ । ପ୍ରସ୍ତୁତ ପୁସ୍ତକଟି ଏକାଦଶ 'ପ୍ରକାଶ' ବା ଅଧ୍ୟାୟରେ ସମ୍ପୂର୍ଣ୍ଣ ହୋଇଛି ଏବଂ 'ଶ୍ରୀମଦ୍ ଭାଗବତ'ର 'ଗୋପଲୀଳା' ପ୍ରକରଣଟି ଏଥିରେ ବର୍ଣ୍ଣିତ ହୋଇଅଛି ।

ଓଡ଼ିଆ କୃଷ୍ଣ ରସାତ୍ମକ କାବ୍ୟଧାରାର ପ୍ରସିଦ୍ଧ ଭକ୍ତକବି ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ଖୋର୍ଦ୍ଧା ଗଜପତି ବୀରକେଶରୀ ଦେବ (ଖ୍ରୀ: ଅ: ୧୭୩୭-୯୩)ଙ୍କ ସମୟରେ ପ୍ରଖ୍ୟାତ ହୋଇଥିଲେ । ଭକ୍ତିରସାତ୍ମକ ରଚନା ଗୁଡ଼ିକ ବ୍ୟତୀତ 'ଯୁଗଳ ରସାମୃତ ଲହରୀ' ତାଙ୍କର ଏକ ପ୍ରସିଦ୍ଧ କୃଷ୍ଣକାବ୍ୟ । କବି ଉକ୍ତ କାବ୍ୟରେ କାବ୍ୟିକ ଚିନ୍ତାଧାରାର ପରିପ୍ରକାଶ କରାଇବାରେ ଯେପରି ଯତ୍ନଶୀଳ ହୋଇଛନ୍ତି, ରାଧାକୃଷ୍ଣ ଭକ୍ତିଭାବର ଅମୃତ ନିସ୍ୟନ୍ଦନୀ ଝରାଇବାରେ ତତୋଧିକ ସଫଳକାମ ହୋଇଛନ୍ତି । ଜଣାଯାଏ ଖ୍ରୀ:ଅ: ୧୭୫୭ରେ ସେ ଯାଜପୁର ଅନ୍ତର୍ଗତ ବାଲିଆ ଠାରେ ଯଜ୍ଞାନୁଷ୍ଠାନର ପୌରହିତ୍ୟ କାର୍ଯ୍ୟ କରିଥିଲେ । ତା'ରି ଫଳରେ 'ବିଦଗ୍ଧ ଚିନ୍ତାମଣି' ନାମକ ପ୍ରଖ୍ୟାତ କୃଷ୍ଣକାବ୍ୟର ପ୍ରଣେତା ଅଭିମନ୍ୟୁ ସାମନ୍ତସିଂହାର ଜନ୍ମଗ୍ରହଣ କରିଥିଲେ । ଆଲୋଚନାରୁ ଜଣାଯାଏ, ଖ୍ରୀ: ଅ: ୧୭୬୭ ପର୍ଯ୍ୟନ୍ତ ଅଭିମନ୍ୟୁଙ୍କ ସହିତ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କ ଘନିଷ୍ଠ ସମ୍ପର୍କ ରହିଥିଲା । କବିସୂର୍ଯ୍ୟ ବ୍ରହ୍ମାଙ୍କ ରଚନା ଗୁଡ଼ିକ ତୁଳନାରେ ଅଭିମନ୍ୟୁ ସାମନ୍ତସିଂହାରଙ୍କ ରଚନା ଲୋକମୁଖରେ ଅଧିକ ଖ୍ୟାତ ।

ହରିବଂଶ ରାୟ ନାମକ ଜନୈକ କବି 'ପ୍ରେମକଳ୍ପଲତା' ନାମରେ ଖଣ୍ଡିଏ କୃଷ୍ଣକାବ୍ୟ ଲେଖିଥିବାର ଜଣାଯାଏ । ଉକ୍ତ କାବ୍ୟରେ କବି ଶ୍ରୀରାଧା-କୃଷ୍ଣଙ୍କର

Digitized by PPRACHIN, SOA

କୁତୁହଳ ଲୀଳାର ବର୍ଣ୍ଣନା କରିଛନ୍ତି । କାବ୍ୟଟି ପନ୍ଦର 'ଉଲ୍ଲାସ'ରେ ସମ୍ପୂର୍ଣ୍ଣ ହୋଇଛି । କାବ୍ୟର ଶେଷ ଅଧ୍ୟାୟରୁ ଜଣାଯାଏ ଯେ, କବି ଶକାବ୍ଦ ୧୭୧୮ ବା ଖ୍ରୀଷ୍ଟାବ୍ଦ ୧୭୯୭ରେ ପୁସ୍ତକଟିକୁ ସମ୍ପୂର୍ଣ୍ଣ କରିଥିଲେ ।

ଗଞ୍ଜାମ ଜିଲ୍ଲା ବଡ଼ଖେମୁଣ୍ଡିର ରାଜା ପୁରୁଷୋତ୍ତମ ଅନଙ୍ଗଭୀମ ଦେବଙ୍କ ନାମରେ ଭଣିତ 'କୃଷ୍ଣକେଳୀ ତରଙ୍ଗିଣୀ' ନାମକ ଖଣ୍ଡିଏ କାବ୍ୟ ରାଜ୍ୟ ସଂଗ୍ରହାଳୟର ପୋଥି ଭଣ୍ଡାରରେ ସଂରକ୍ଷିତ ହୋଇଛି । କାବ୍ୟଟି ଦଶଗୋଟି ଛାନ୍ଦରେ ସମ୍ପୂର୍ଣ୍ଣ । କବି ନିଜର ପରିଚୟ ଦେବାକୁ ଯାଇ ଲେଖିଛନ୍ତି—

"ଗୁରୁ ଚରଣାରବିନ୍ଦ ବନ୍ଦନ
କରି ବାସୁଦେବ ନୃପ ନନ୍ଦନ ।
ଏ ଭାବରେ ଭଣି
ପୁ ରୁଷୋତ୍ତମ ଦେବ ନୃପମଣି ।

× × ×

ଗଙ୍ଗବଂଶ ଅବତଂଶ ନୃପ କଶ୍ୱି ହରି
ଭଣିଲେ ପୁରୁଷୋତ୍ତମ ଅନଙ୍ଗ କେଶରୀ ।

× × ×

ରାଧା-ଗୋବିନ୍ଦ ପଦାରବିନ୍ଦ ବେନି ମନରେ ଘେନି
ପୁରୁଷୋତ୍ତମ ଅନଙ୍ଗଭୀମ ନୃପତିମଣି ଭଣି ।

× × ×

ବିଜୟ ନଗର ନରପତି ପୁରୁଷୋତ୍ତମ ନାମ ଖ୍ୟାତି
କ୍ଷତ୍ରିୟାଂଶ ଗଙ୍ଗବଂଶ ଅବତଂଶ ନୃପ ସାରସ ବାସର ପତି ।
ରାଧାକୃଷ୍ଣ ଭାବ,
ମନେକରି ଭବାନ୍ଧିବ ନାବ
ଭଣିଲେ ଅନଙ୍ଗଭୀମ ଦେବ ।"

× × ×

ରାଜକବି ପୁରୁଷୋତ୍ତମ ଦେବଙ୍କ ସମୟ ଖ୍ରୀ: ଅ: ୧୮୨୮—୭୬ ବୋଲି ଆଲୋଚକମାନେ ମତ ଦିଅନ୍ତି । କବି ଖୁବ୍ ସମ୍ଭବତଃ ପରିଣତ ବୟସରେ କାବ୍ୟଟିକୁ

Digitized by PPRACHIN, SOA

ରଚନା କରିଥିବେ ବୋଲି ଅନୁମାନ କରାଯାଇପାରେ । 'କୃଷ୍ଣକେଳୀ ତରଙ୍ଗିଣୀ'ର ସରଳ ସାବଲୀଳ ଭାଷା, ଶ୍ରୁତି ସୁଖକର ଛନ୍ଦ ଓ ମନୋଜ୍ଞ ପଦାବଳୀ ପ୍ରତ୍ୟେକ ପାଠକକୁ ମୁଗ୍‌ଧ କରେ ।

ଖୋର୍ଦ୍ଧା ଅନ୍ତର୍ଗତ ପଙ୍ଗାରସିଂହ ଦୁର୍ଗର କୋଟପଲ୍ଲୀ ଗ୍ରାମରେ କବି ମାଗୁଣି ପଟ୍ଟନାୟକ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ରଘୁନାଥ ପଟ୍ଟନାୟକ । ସେ 'ରାମଚନ୍ଦ୍ର ବିହାର' ନାମକ ଏକ ଅନବଦ୍ୟ ରାମକାବ୍ୟ ଲେଖିବା ସଙ୍ଗେ ସଙ୍ଗେ 'କ' ଆଦ୍ୟାନୁପ୍ରାସରେ 'ଗୋପଚରିତ' ଶୀର୍ଷକ ଖଣ୍ଡିଏ ଉପାଦେୟ କୃଷ୍ଣକାବ୍ୟ ରଚନା କରିଛନ୍ତି । କବି ବୀରକେଶରୀ ଦେବଙ୍କ ଅ ୪୫ଙ୍କ ଅର୍ଥାତ୍ ୧୭୭୨ ଖ୍ରୀଷ୍ଟାବ୍ଦରେ ତାଙ୍କ 'ରାମଚନ୍ଦ୍ର ବିହାର' ରଚନା କରିଥିବାରୁ 'ଗୋପଚରିତ'କାବ୍ୟଟି ସେହି ସମୟର ଅଳ୍ପ ବ୍ୟବଧାନରେ ରଚିତ ହୋଇଥିବାର ଅନୁମାନ କରା-ଯାଇ ପାରେ । 'ଗୋପଚରିତ'ର ଶେଷରେ କବି କାବ୍ୟର ପରିଚୟ ଦେବାକୁ ଯାଇଲେଖିଛନ୍ତି—

"କଞ୍ଜ ନେତ୍ରୀ ଗୋପୀ ବାଣୀ　　କହିଲି କଳ୍ପିତ ଜାଣି
'କ' ଅକ୍ଷରେ ଏ ଗୀତ　　କଲି ନିର୍ମିତ ଏ ।
କଉତୁକ ଷଷ୍ଠ ପଣ　　କରି ଏ ଗ୍ରନ୍ଥ ସୁରସ
କର ସୁଜନେ ଗାୟନ　　କୃଷ୍ଣ ଭଜନ ଏ ।
କରିବେ ପ୍ରଭୁ ଉଦ୍ଧାର　　କାଳ ଗ୍ରାରକୁ ନ ଡ଼ର
କୃପାସିନ୍ଧୁ କୃପା କରି　　କରିବେ ପାର ଏ ।
କୁବୁଦ୍ଧି ପଟ୍ଟନାଏକ　　କହେ ମାଗୁଣିଆ ମୂର୍ଖ
କୃଷ୍ଣ ଅଧମ ଉଦ୍ଧାର　　କରିବେ ପାର ଏ ।"

'ମୋହନଲତା' ନାମକ ଏକ ସୁଲଳିତ କାଳ୍ପନିକ କାବ୍ୟର ପ୍ରଣେତା କବି ଗୋପୀନାଥ ଦାସ 'ଗୋବିନ୍ଦ ବିଳାସ' ନାମକ ସାତ ଗ୍ରନ୍ଥ ବିଶିଷ୍ଟ ଖଣ୍ଡିଏ କୃଷ୍ଣକାବ୍ୟ ରଚନା କରିଛନ୍ତି ।

"ଦକ୍ଷିଣ ଜଳନିଧି ତଟ ନିକଟ କଳପ ବଟ ପାର୍ଶ୍ୱରେ
ଦାରୁ ରୂପ ଧରି ଯେଉଁ ଜଗନ୍ନାଥ ବିଜେ ନୀଳଗିରି ଶିଖରେ,
ତାହାଙ୍କ
ଚରଣ ଚିନ୍ତି ଗୋପୀନାଥ
ଭଣେ ଗୋବିନ୍ଦ ବିଳାସ ନାମେ ଗୀତ ସପ୍ତ ଗ୍ରନ୍ଥେ ହେଲା ପୂରିତ ।"

Digitized by PPRACHIN, SOA

କବିଙ୍କ ରଚନା ସମୟ ସମ୍ବନ୍ଧରେ ଐତିହାସିକ ଶ୍ରୀ କେଦାର ନାଥ ମହାପାତ୍ର ଆଲୋଚନା କରି ତାଙ୍କୁ ଖ୍ରୀ: ଅ: ୧୬୭୭ ମସିହାର ପୂର୍ବବର୍ତ୍ତୀ କବି ରୂପେ ମତ ଦେଇଛନ୍ତି ।

କୃଷ୍ଣଲୀଳାତ୍ମକ କାବ୍ୟ ରଚନାରେ ବିଶେଷ କୃତିତ୍ୱ ହାସଲ କରିଥିବା କବି-ମାନଙ୍କ ମଧ୍ୟରେ ବିଦଗ୍ଧବାକ୍ ଚକ୍ରପାଣି ପଟ୍ଟନାୟକ ଥିଲେ ଅନ୍ୟତମ । ତାଙ୍କ ପିତା ବ୍ରଜସୁନ୍ଦର ପଟ୍ଟନାୟକଙ୍କ ନାମରେ ରାଧାକୃଷ୍ଣ କେଳି ପଦ୍ମ ଓ ଚଉତିଶା ଆଦିର ଭଣିତା ହୋଇଛି । ଉଭୟ ପିତା ପୁତ୍ର ସଂସ୍କୃତ ଓ ଓଡ଼ିଆ କାବ୍ୟ ରଚନାରେ ଓଡ଼ିଶାରେ ସୁଖ୍ୟାତି ଅର୍ଜନ କରିଛନ୍ତି ।

କବି ଚକ୍ରପାଣି 'କୃଷ୍ଣବିଳାସ' ଶୀର୍ଷକ ଷଡ଼ବିଂଶ ସର୍ଗ ବିଶିଷ୍ଟ ଖଣ୍ଡିଏ କୃଷ୍ଣକାବ୍ୟ ଲେଖିଛନ୍ତି ।

> "ଶ୍ରୀରୂପ କୃପା ପ୍ରସାଦେ ଏ ଗୀତ ବିନା ପ୍ରମାଦେ,
> ଶୁଭେ ହେଲା ଶେଷ ଶ୍ରୀକୃଷ୍ଣ ବିଳାସ ନାମ ଷଟବିଂଶ ଛନ୍ଦେ ।"

କରୁଣାକର ପଟ୍ଟନାୟକ ନାମକ ଜନୈକ କବି 'କୃଷ୍ଣ ରସାମୃତ' ଶୀର୍ଷକ ଖଣ୍ଡିଏ ଉପାଦେୟ କୃଷ୍ଣକାବ୍ୟ ରଚନା କରିଛନ୍ତି । କାବ୍ୟଟି ଚଉରାଳିଶଟି 'ବିଳାସ' ବା ଛାନ୍ଦରେ ସମ୍ପୂର୍ଣ୍ଣ ହୋଇଛି । କବି କାବ୍ୟର ବିଷୟବସ୍ତୁ ଓ ନିଜର ପରିଚୟ ତଥା ସମୟ ସମ୍ବନ୍ଧରେ ସୂଚନା ଦେଇ 'କୃଷ୍ଣରସାମୃତ'ରେ ଲେଖିଛନ୍ତି—

> "କୃଷ୍ଣ ଜନ୍ମ ଠାରୁ କଂସ ବଧ ପରିଯନ୍ତେ
> ବୃନ୍ଦାବନର ଲୀଳା ବିହାର କେତେ କେତେ ।
> ବାଳ ପୌଗଣ୍ଡ କୈଶୋର ଯୁବାବସ୍ଥା ମାନ
> ସ୍ୱପ୍ନ ଦର୍ଶନ ସହ ପ୍ରତ୍ୟଙ୍ଗ ବର୍ଣ୍ଣନ ।
> ରାଧାମାଧବ ବିରହ ସମ୍ଭୋଗ ବିଚ୍ଛେଦ
> ଏ ଉତ୍ତରୁ ଅନୁଚିନ୍ତା ଚିଠାଉ ସମ୍ବାଦ ହେ ।
> ଗୀତର ଭୂଷଣ ଦୃଷ୍ଟି ଉପମା ଆଶୟ
> ଷଡ଼ାକ୍ଷର ମଧ୍ୟ ଯମକ ସମୁଦାୟ ହେ ।

× × ×

Digitized by PPRACHIN, SOA

ପଦ୍ମାକାର ପୁର ଯେ ବା ଅଦ୍ଭୁତ ବର୍ଣ୍ଣନା
ଏ ପ୍ରକାରେ ଦେଖି ରାଜାଙ୍କ କୃତି ସୁରଚନା ହେ ।

× × ×

ବୃନ୍ଦାବନ ଦୁର୍ଗ ବେଦହର୍ତ୍ତା ଭଗୀରଥି ସୁପଟ୍ଟନାୟକ
କରଣ କୁଳ କୁମୁଦ ସୁଧାକର ସକଳ ଗୁଣ ସ୍ଥାୟକ ।
ତାଙ୍କ କନିଷ୍ଠ ସୁତ ଗଦାଧର ପଟ୍ଟନାୟକ ବିଖ୍ୟାତ
କରୁଣାକର ନାମଧେୟ ନାମ ମୋହର ଏହାଙ୍କ କନିଷ୍ଠ ସୁତ ।
ଶ୍ରୀ ମୁକୁନ୍ଦଦେବ ମହାରାଜାଙ୍କର ଦଶଅଙ୍କ ବୃଷ ମାସେ
ବୋଲଗଡ଼ ତଳେ କପାସିଆ ଗ୍ରାମେ ରଚିଲି ପରମ ହରଷେ ।
ଶ୍ରୀଗୁରୁ ଚରଣ ସେବାରୁ ପ୍ରକାଶ କଲି କୃଷ୍ଣ ରସାମୃତ
ସାଧୁଜନ ଦୋଷ ନ ଧର ମୋଠାରେ ହୋଇଅଛି ଦୋଷ ଚିତ୍ତ ।”

ଏହି ମୁକୁନ୍ଦଦେବ ବ୍ରିଟିଶ ଅଧିକାର ସମୟରେ ଖୁରୁଧାର ରାଜା ଥିଲେ । ତାଙ୍କ ୧୦ ଅଙ୍କ ବା ୧୮୦୭ ଖ୍ରୀଷ୍ଟାବ୍ଦରେ ଏହି ଗ୍ରନ୍ଥ ସମାପ୍ତ ହୋଇଥିଲା ।

“ଶ୍ରୀ ରୂପ ଚରଣ ଦ୍ୱନ୍ଦ୍ୱ ଆଶ୍ରିତ ଜନ ସମ୍ପଦ
ଦୀନ ଚନ୍ଦ୍ରପାଣି ସେହି ଧ୍ୟାନେ ନାଶ କଲି ଅଶେଷ ବିଷାଦ ।

× × ×

ରୂପଗୋସ୍ୱାମୀ ଚରଣକୁ ଆଶ ଚନ୍ଦ୍ରପାଣି କହେ କୃଷ୍ଣବିଳାସ ॥

ଚନ୍ଦ୍ରପାଣି ପଟ୍ଟନାୟକ ୧୭୭୮ ଖ୍ରୀଷ୍ଟାବ୍ଦରେ ‘ଗୁଣ୍ଡିଚା ଚମ୍ପୂ’ ନାମକ ସଂସ୍କୃତ ଖଣ୍ଡକାବ୍ୟଟି ପ୍ରଣୟନ କରିଥିବାରୁ ସେହି ସମୟର ଅବ୍ୟବହିତ ପରେ ସେ ସମ୍ଭବତଃ ‘କୃଷ୍ଣବିଳାସ’ କାବ୍ୟଟି ଲେଖିଥିବେ । ଚନ୍ଦ୍ରପାଣିଙ୍କ ନାମରେ କେତୋଟି ଚଉପଦୀ ମଧ୍ୟ ଦେଖିବାକୁ ମିଳେ ।

‘ସ୍ୱର-ସରଣୀ’ ପ୍ରଭୃତି କେତେଖଣ୍ଡି ଜ୍ୟୋତିଷ ପୁସ୍ତକର ପ୍ରଣେତା କୃଷ୍ଣ-ଚନ୍ଦ୍ର ଶୂର ତରଳା (ବର୍ତ୍ତମାନ ଆନ୍ଧ୍ର ରାଜ୍ୟ ଅନ୍ତର୍ଗତ) ରାଜ୍ୟର ଅଧିପତି ଥିଲେ । ତାଙ୍କ ନାମରେ ଭଣିତ ‘ଶ୍ରୀରାଧା ବିଳେଣି’ ଶୀର୍ଷକ ଖଣ୍ଡିଏ କୃଷ୍ଣଲୀଳାତ୍ମକ ଖଣ୍ଡକାବ୍ୟ ଦେଖିବାକୁ ମିଳେ । ପୁସ୍ତକଟି ସମ୍ଭବତଃ ଖ୍ରୀ: ଅ: ୧୭୮୦ରୁ ୯୦ ମଧ୍ୟରେ ରଚିତ ହୋଇଥିବାର ଅନୁମାନ କରାଯାଏ ।

Digitized by PPRACHIN, SOA

ଭକ୍ତ-ପ୍ରବର ରଘୁ ଅରକ୍ଷିତଙ୍କ ବଂଶଧର ଓ ବାଲୁଙ୍କେଶ୍ୱର ପଟ୍ଟନାୟକଙ୍କ ପୁତ୍ର ବ୍ରଜନାଥ ବଡ଼ଜେନା ଏକାଧାରରେ ଥିଲେ ଜଣେ ପ୍ରସିଦ୍ଧ କବି ଓ ଚିତ୍ରକର । ସେ ମଧ୍ୟ ସଂସ୍କୃତ, ଓଡ଼ିଆ, ହିନ୍ଦୀ, ବଙ୍ଗଳା ଓ ତେଲୁଗୁ ଭାଷାରେ ପ୍ରବୀଣ ଥିଲେ । କବିଙ୍କ ଲିଖିତ 'ଗୁଣ୍ଡିଚା ବିଜେ' ଶୀର୍ଷକ ପ୍ରାଚୀନ ହିନ୍ଦୀ ଭାଷାରେ ଲିଖିତ ପୁସ୍ତକ ବିଦ୍ୱତ୍ ସମାଜରେ ସୁପରିଚିତ । କବି ବ୍ରଜନାଥଙ୍କ ପ୍ରଣୀତ 'ଅମ୍ବିକା ବିଳାସ', 'କେଳୀ କଳାନିଧି', 'ଚତୁର ବିନୋଦ', ପ୍ରଭୃତି ପୁସ୍ତକ ବ୍ୟତୀତ 'କୃଷ୍ଣଲୀଳା', 'ଗୋପୀ ବିଳାସ', 'ଶ୍ୟାମ ରାସୋତ୍ସବ' ପ୍ରଭୃତି କୃଷ୍ଣକାବ୍ୟ ରୂପେ ପାଠକ ଓ ସମାଲୋଚକମାନଙ୍କ ଦୃଷ୍ଟି ଆକର୍ଷଣ କରେ । କବି ବଡ଼ଜେନା ନିଜ ପ୍ରତିଭା ବଳରେ ଉଭୟ ଢେଙ୍କାନାଳ ଓ କେନ୍ଦୁଝର ରାଜଦରବାରରେ ସମ୍ମାନିତ ହୋଇଥିଲେ । ଶ୍ରୀକୃଷ୍ଣ ଲୀଳା ମୂଳକ ଅନେକ ଚୌ ପଦୀ ଓ ଅନ୍ୟାନ୍ୟ ଖଣ୍ଡ କବିତା ମଧ୍ୟ ବ୍ରଜନାଥଙ୍କ ନାମରେ ଭଣିତା ହୋଇ-ଥିବାର ଦେଖାଯାଏ । କବି ବ୍ରଜନାଥ ବଡ଼ଜେନାଙ୍କ କାବ୍ୟ କବିତା ଗୁଡ଼ିକ ଆନୁ-ମାନିକ ଖ୍ରୀ: ଅ: ୧୭୫୦—୧୮୦୦ ମଧ୍ୟରେ ରଚିତ ହୋଇଥିଲା ।

ଓଡ଼ିଆ ସାହିତ୍ୟର ଯୁଗ ନିର୍ମାତା ବିଦଗ୍ଧ ଚିନ୍ତାମଣି, ସୁଲକ୍ଷଣା ପ୍ରଭୃତି ଉପାଦେୟ କାବ୍ୟର ପ୍ରଣେତା ଅଭିମନ୍ୟୁ ସାମନ୍ତସିଂହାର ଖ୍ରୀ: ଅ: ୧୭୫୭ରେ ଜନ୍ମ-ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଇନ୍ଦ୍ରଜିତ ଓ ମାତାଙ୍କ ନାମ ତୁଳସୀ ଦେବୀ । ତାଙ୍କ ଶିକ୍ଷା ଓ ଦୀକ୍ଷାଗୁରୁ ଥିଲେ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା । ଭଞ୍ଜୀୟ ଶୈଳୀର ଅନୁସରଣରେ କବି ସାମନ୍ତସିଂହାର ସ୍ୱରଚିତ ବିଦଗ୍ଧ ଚିନ୍ତାମଣି ଲାଗି ଓଡ଼ିଆ ପାଠକ ଓ ସମାଲୋଚକ ମହଲରେ ସୁପରିଚିତ । କବି ଅଭିମନ୍ୟୁ ବିଦଗ୍ଧ ଚିନ୍ତା-ମଣିରେ ରାଧାକୃଷ୍ଣ ପ୍ରେମତତ୍ତ୍ୱର ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା କରି ନିଜକୁ ସଦାନନ୍ଦ କବିସୂର୍ଯ୍ୟଙ୍କର ଉପଯୁକ୍ତ ଶିଷ୍ୟ ରୂପେ ପ୍ରତିପାଦିତ କରିଛନ୍ତି । ତାଙ୍କର ଅମର ଲେଖନୀରୁ ସୁଲକ୍ଷଣା, ପ୍ରୀତିଚିନ୍ତାମଣି, ରସବତୀ, ପ୍ରେମତରଙ୍ଗିଣୀ, ରସକଳା ପ୍ରଭୃତି କେତେଖଣ୍ଡି ଉନ୍ନତ କାବ୍ୟ ମଧ୍ୟ ନିସୃତ ହୋଇଛି । ଏତଦ୍‌ବ୍ୟତୀତ କବିଙ୍କ ନାମରେ ଭଣିତ କୃଷ୍ଣରସାତ୍ମକ କେତୋଟି ଚଉପଦୀ ଓ ଖଣ୍ଡକବିତା ଥିବାର ଦେଖାଯାଏ ।

ଓଡ଼ିଆ କୃଷ୍ଣକାବ୍ୟ-ଧାରାର ପ୍ରବାହ ଅକ୍ଷୁର୍ଣ୍ଣ ରଖି ଯେଉଁମାନେ କାବ୍ୟ ସାଧନାରେ ମନ ବଳାଇଥିଲେ, ସେମାନଙ୍କ ମଧ୍ୟରେ ଭକ୍ତଚରଣ ଦାସ ବା ଭଗତ ଦାସ ଅନ୍ୟତମ । ରାଧାକୃଷ୍ଣ ଲୀଳା ବିଷୟକ ଏକ ଉଚ୍ଚକୋଟୀର ଗ୍ରନ୍ଥ 'ମଥୁରାମଙ୍ଗଳ' ହେଉଛି ତାଙ୍କର ସର୍ବଶ୍ରେଷ୍ଠ ରଚନା । ଆଲୋଚନାରୁ ଜଣାଯାଏ ଯେ, କବିଙ୍କ ଜନ୍ମସ୍ଥାନ ହେଉଛି ବୋଲଗଡ଼ ନିକଟବର୍ତ୍ତୀ ସାନପଦର ଗ୍ରାମ । ସେ ମଧ୍ୟ ରଣପୁର ନିକଟବର୍ତ୍ତୀ

Digitized by PPRACHIN, SOA

ସୁନାଖଳା ଗ୍ରାମରେ ଗୋଟିଏ ମଠ ସ୍ଥାପନ କରି ଜୀବନର ଅଧିକାଂଶ ସମୟ ସେଠାରେ ଅତିବାହିତ କରିଥିଲେ ।

ପ୍ରାଚୀନ ବଙ୍ଗଳା ସାହିତ୍ୟରେ ବିଶେଷ ଆଦୃତ ଚୈତନ୍ୟ ମଙ୍ଗଳ, ଅଦ୍ୱୈତ ମଙ୍ଗଳ, ମନସା ମଙ୍ଗଳ ଓ ଚଣ୍ଡୀ ମଙ୍ଗଳ ପ୍ରଭୃତି କାବ୍ୟ ଏବଂ ଓଡ଼ିଆ ଭାଷାରେ ଲିଖିତ ମଧୁ ମଙ୍ଗଳ, ଗୋବିନ୍ଦ ମଙ୍ଗଳ, ଦଧି ମଙ୍ଗଳ, ରୁକ୍ମଣୀ ମଙ୍ଗଳ ପ୍ରଭୃତି ରଚନା ଦ୍ୱାରା ଅନୁପ୍ରାଣିତ ହୋଇ କବି ଭକ୍ତଚରଣ "ମଥୁରା ମଙ୍ଗଳ" ରଚନାରେ ପ୍ରବୃତ୍ତ ହୋଇଥିଲେ । ଭକ୍ତଚରଣଙ୍କ ଲିଖିତ "ଗୋପ ମଙ୍ଗଳ" ଶୀର୍ଷକ ରାଧାକୃଷ୍ଣ ଲୀଳା ବିଷୟକ ଖଣ୍ଡିଏ କାବ୍ୟ ଥିବାର ଶୁଣାଯାଏ । ଏତଦ୍‌ବ୍ୟତୀତ ଭକ୍ତଚରଣଙ୍କ ଦ୍ୱାରା ଅନେକ ଚଉପଦୀ, ଖଣ୍ଡ କବିତା ଓ ଚଉତିଶା ମଧ୍ୟ ରଚିତ ହୋଇଥିଲା ।

ପୁରୀ ଜିଲ୍ଲାର ଖୋର୍ଦ୍ଧା ମହକୁମା ଅନ୍ତର୍ଗତ ହଲଦିଆର ରାଜା ଶ୍ୟାମସୁନ୍ଦର ଭଞ୍ଜ ରାଧାକୃଷ୍ଣ ଲୀଳା ବିଷୟକ କେତେଖଣ୍ଡି ସୁପାଠ୍ୟ କାବ୍ୟ ରଚନା କରିଥିଲେ । ସେ ଗୁଡ଼ିକ ମଧ୍ୟରେ ରସ ରତ୍ନାକର, ବସନ୍ତ କ୍ରୀଡ଼ା ସମୁଜ୍ଜ୍ୱଳ-ରସାବଳୀ, ଶରତ-କେଳୀ, ରାସ ରସୋଦୟ, କେଳୀ କଳାନିଧି ଓ ରାଧାକୃଷ୍ଣ ଲୀଳା ଚଉପଦୀ ଗୁଡ଼ିକ ଆଲୋଚକ ମାନଙ୍କର ହସ୍ତଗତ ହୋଇପାରିଛି ।

'ରାଧାକୃଷ୍ଣ ଲୀଳା ଚଉପଦୀ'ରେ ତିନିଶହ ଅଣଚାଳିଶଟି ଚଉପଦୀ ରହିଛି ଏବଂ ସେଥିରେ ବହୁ ରାଗ-ରାଗିଣୀର ସମନ୍ୱୟ କରାଯାଇଛି । ଚଉପଦୀ ଗୁଡ଼ିକର ଭାଷା ରଚନା ଶୈଳୀ ଓ ପଦବିନ୍ୟାସ ପ୍ରତ୍ୟେକ ପାଠକର ହୃଦୟକୁ ସ୍ପର୍ଶ କରେ ।

"ମରୁଆ ମରୁଛୁ ଝୁରି-ଝୁରି
ସରୁଆ ଟିକିକୁ ଝୁରି ଝୁରି ।
କରୁଣା କରୁଣା କଲେ କମ୍ପା ଜଣା
ଅନୁଗତ ଜନେ ବେଣୁଧାରୀ ।
କୁରୁଙ୍ଗକ,
ପୂରୁ ଆଣିଦେଲେ ଶ୍ୟାମ କେତେ ଦୁଃଖ ।
କେତକୀ ଜାତିରୁ କରି ତେଜ୍ୟା
ମାତି ତାଙ୍କ ରସେ ଅଇଲୁ ଯା
ଅତି ସ୍ନେହେ ଏହି ଫଳ କି ବିଲୋକ୍ୟା

Digitized by PPRACHIN, SOA

ଗଲେ କି ବାସବ ଗର୍ବଗଞ୍ଜା
କୁନ୍ଦଲତା,
ସୁନ୍ଦର ଦେଲେ ଆମ୍ଭଙ୍କୁ ବଡ଼ ଚିନ୍ତା ।”

ରସ ରତ୍ନାକର ନାମକ ପୁସ୍ତକଟି ବଙ୍ଗଳା ମିଶା ଓଡ଼ିଆରେ ରଚିତ ହୋଇଛି । କବି ଖୁବ୍ ସମ୍ଭବତଃ ଚୈତନ୍ୟ ମତାବଲମ୍ବୀ ସାଧୁମାନଙ୍କର ସଦିଚ୍ଛା ପାଇବା ପାଇଁ, ସ୍ଥଳବିଶେଷରେ ବଙ୍ଗଳା ପଦ ବ୍ୟବହାର କରି ‘ରସ ରତ୍ନାକର’ କାବ୍ୟ ରଚନା କରିଛନ୍ତି ।

“ରସ ରତ୍ନାକରଂ ନାମେ ଏ ପ୍ରବନ୍ଧ ହବେ,
ସଭାର ମତି ଶ୍ରବଣେ ତୃପତି କରିବେ ।
× × ×
ଧୀରେ ଧୀରେ ହସ୍ତାଂ ମନ୍ଦ ମରୁତ ବହୁଛି
ସୁଶୀତଳ ଗନ୍ଧେ ପ୍ରତି ଦିଗ ଚହଟୁଛି ।
× × ×
ଆସ ଆସ ବେଗେ ମଧୁକୁଣ୍ଡ ଘରେ ଯିବା
ଭାସ୍କର ପୁଜିବ ରାମା-ରତନ ଦେଖିବା ।”

‘ବସନ୍ତ ଲୀଳା ସମୁଜ୍ଜଳ ରସାବଳୀ’ କାବ୍ୟଟି ଗୀତଗୋବିନ୍ଦର ବଙ୍ଗଳା ପଦାବଳୀ ମିଶ୍ରିତ ଓଡ଼ିଆ ଅନୁବାଦ । ‘ଶରତ କେଳୀ ରାସ ରସୋଦୟ’ ଓ ‘କେଳୀ-କଳାନିଧି’ ଉଭୟ କାବ୍ୟରେ ଶରତ କାଳରେ ଗୋପୀ ମଣ୍ଡଳୀ ସହିତ ଶ୍ରୀକୃଷ୍ଣଙ୍କ ରାସଲୀଳା ଅତି ଚମତ୍କାର ଭାବେ ବର୍ଣ୍ଣିତ ହୋଇଛି । କବି ନିଜର ପରିଚୟ ଦେବାକୁ ଯାଇ ଲେଖିଛନ୍ତି —

“ହରି ଦ୍ୱାର ଦୁର୍ଗ ନୃପ ପ୍ରବର
ଧାନ ମଣ୍ଡି ଭଞ୍ଜ ଶ୍ୟାମସୁନ୍ଦର ।
ଜଣାଉଛି ହୋଇ ଏତେ ଦୈନ୍ୟତା
ଯେଣୁ ଅଟ ତୁମ୍ଭେ ନିଖିଳ କର୍ତ୍ତା ସେ ।
ବିପଦ ଚନ୍ଦ୍ରମା ରାହୁ ହେ,
ତୁମ୍ଭ ଶ୍ରୀପଦ୍ମର କମଳେ ଭ୍ରମର
ଭାବେ ମତି ସଦା ଥାଉ ହେ ।”

Digitized by PPRACHIN, SOA

ଆଲୋଚନାରୁ ଜଣାଯାଏ କବି ଶ୍ୟାମସୁନ୍ଦର ଅଷ୍ଟାଦଶ ଶତାବ୍ଦୀର ଶେଷ ଦଶକରେ ଗ୍ରନ୍ଥ ରଚନାରେ ମନ ବଳାଇଥିଲେ ।

ଓଡ଼ିଆ କୃଷ୍ଣକାବ୍ୟ ରଚନାରେ ଆଶାତୀତ ଦକ୍ଷତା ପ୍ରଦର୍ଶନ କରିଥିବା କବିମାନଙ୍କ ମଧ୍ୟରେ ବୀରକେଶରୀ ଦେବ (ପ୍ରଥମ)ଙ୍କ ପୁତ୍ର ଶ୍ୟାମସୁନ୍ଦର ଦେବ ଅନ୍ୟତମ । ସେ 'ଅ ବର୍ଣ୍ଣ' ଆଦ୍ୟାନୁପ୍ରାସରେ 'ଅନୁରାଗ କଳ୍ପଲତା' ନାମକ ଖଣ୍ଡିଏ କୃଷ୍ଣକାବ୍ୟ ରଚନା କରିଛନ୍ତି । କବି ତାଙ୍କ ରଚନା ସମୟ କହିବାକୁ ଯାଇ ଲେଖିଛନ୍ତି—

"ଅଟେ ଯେ ଶାଳୀବାହାନ ଶକ ଅବ୍ଦ ସଂଖ୍ୟାମାନ
ଅଧିକ ଚବିଶ ସପ୍ତଦଶ ଶତ ଯେ ମାସ ମାର୍ଗଶୀର ପୁଣ ।"

ଏଥିରୁ ଜଣାଯାଏ, କବି ୧୭୨୪ ଶକାବ୍ଦ ବା ଖ୍ରୀ.ଅ. ୧୮୦୨ରେ 'ଅନୁରାଗ କଳ୍ପଲତା' କାବ୍ୟଟିକୁ ସମ୍ପୂର୍ଣ୍ଣ କରିଥିଲେ । କାବ୍ୟଟି ମୋଟ ଆଠଟି ସ୍ତବକରେ ବିଭକ୍ତ । ପ୍ରତ୍ୟେକ ସ୍ତବକ କେତୋଟି କୁସୁମରେ ବିଭକ୍ତ କରାଯାଇଛି । କବି ସ୍ୱପରିଚୟ ଓ ସ୍ୱରଚିତ କାବ୍ୟ ସମ୍ବନ୍ଧରେ ଲେଖିଛନ୍ତି —

"ଅବନୀ ବୈକୁଣ୍ଠ କ୍ଷେତ୍ର ଶ୍ରୀପୁରୁଷୋତ୍ତମ,
ଅଚ୍ୟୁତ ସର୍ବଦା ନ ତେଜନ୍ତି ସେହୁ ଧାମ ଯେ ।

× × ×

ଅଧିପ ଗଜେଶ ଚକ୍ରବର୍ତ୍ତୀ ସେ କ୍ଷେତ୍ରରେ,
ଆତପତ୍ର ଜଗନ୍ନାଥଙ୍କର ଯାହା ଶିରେ ଯେ ।
ଆନ ଲକ୍ଷ ନୁହେ ଯେଣୁ ସେ କୁଳେ ସେ ଜାତ,
ଅବନୀପାଳ ଶ୍ରୀରାମଚନ୍ଦ୍ର ଦେବ ଖ୍ୟାତ ଯେ ।
ଅରି ପଦ୍ମ ଖେଦ ମୁଦ କୁଳ କୁମୁଦର,
ଆତ୍ମଜ ବୀରକେଶରୀ ଦେବ ନୃପବର ଯେ ।
ଅଧିରାଜ ରାଜାଙ୍କର ବଂଶ ପଦ୍ମ ରବି,
ଆତ୍ମଜ ଶ୍ୟାମସୁନ୍ଦର ଦେବ ଖ୍ୟାତ ଭୂବି ।
ଅନବରତରେ ରାଧା ମାଧବରେ ଧ୍ୟାନ,
ଅନୁକମ୍ପା ବଶୁ ଲୀଳା ବର୍ଣ୍ଣନାରେ ମନ ଯେ ।
ଅକାର ଆଦ୍ୟରେ ବ୍ରଜକେଳୀ ବିରଚିତା,
ଅଷ୍ଟ ସ୍ତବକରେ ଅନୁରାଗ କଳ୍ପଲତା ଯେ ।"

Digitized by PPRACHIN, SOA

ଖ୍ରୀଷ୍ଟୀୟ ଊନବିଂଶ ଶତାବ୍ଦୀରେ ଯେଉଁ କେତେଜଣ ବଚନ-କର୍ମୀ କବି କୃଷ୍ଣ ଭକ୍ତିଧାରାର ବିକାଶ ସାଧନ ପାଇଁ କାବ୍ୟ କବିତାଦି ରଚନାରେ ମନ ବଳାଇ-ଥିଲେ, ସେମାନଙ୍କ ମଧ୍ୟରେ ଗୋପାଳକୃଷ୍ଣ ପଟ୍ଟନାୟକ, କବିସୂର୍ଯ୍ୟ ବଳଦେବ ରଥ, ଗୌରହରି ପରିଚ୍ଛା, ରଘୁନାଥ ପରିଚ୍ଛା, କିଶୋର ଚନ୍ଦ୍ର ରାଜେନ୍ଦ୍ର ଦେବ, ରାଜକବି ନଟବର ଭ୍ରମରବର ଓ ଶ୍ରୀନିବାସ ରାଜମଣିଙ୍କ ନାମ ଉଲ୍ଲେଖଯୋଗ୍ୟ ।

ଗୋପାଳକୃଷ୍ଣ ପାରଳାଖେମୁଣ୍ଡିର ଅଧିବାସୀ ବନବାସୀ ପଟ୍ଟନାୟକ ଓ ଲଳିତା ଦେବୀଙ୍କ କୋଳ ମଣ୍ଡନ କରିଥିଲେ । ଜଣାଯାଏ ଯେ, ତାଙ୍କ ପିତା ଥିଲେ ଯାଜପୁରର ଅଧିବାସୀ ଏବଂ ସେ ପାରଳାଖେମୁଣ୍ଡି ରାଜଦରବାରରେ ଅନ୍ୟତମ ପାଞ୍ଜିଆ ରୂପେ ନିଯୁକ୍ତ ହୋଇଥିଲେ । ଗୋପାଳକୃଷ୍ଣଙ୍କ ଲିଖିତ ଭଜନ, ଚଉପଦୀ ଓ ଅନ୍ୟାନ୍ୟ ଖଣ୍ଡ କବିତା ଶହ ଶହ ସଂଖ୍ୟାରେ ଓଡ଼ିଶାର ଜନସାଧାରଣଙ୍କ ମୁଖରେ ଗୀତ ହେଉଛି । ରାଧାକୃଷ୍ଣଙ୍କର ବିଭିନ୍ନ ଲୀଳା-ବିଳାସର ଚିତ୍ରଣରେ କବି ଗୋପାଳକୃଷ୍ଣ ଶତମୁଖ ହୋଇ ଯେଉଁ ରଚନା କରିଯାଇଛନ୍ତି,ତାହା ଓଡ଼ିଆ ସାହିତ୍ୟର କୃଷ୍ଣକାବ୍ୟ-ଧାରାର ଅମୂଲ୍ୟ ରତ୍ନ ରୂପେ ପରିଗୃହୀତ । କବି ଆଜୀବନ ରାଧାକୃଷ୍ଣଙ୍କ ସେବାରେ ନିରତ ରହି ୧୮୬୨ ମସିହାରେ ଶେଷ ନିଶ୍ବାସ ତ୍ୟାଗ କରିବା ପୂର୍ବରୁ ‘ଜୀବ ଯିବାକୁ ହୋଇଲା ସଜ, ରାଧାଗୋବିନ୍ଦ ଭଜ’ ଶୀର୍ଷକ କବିତାଟିଏ ରଚନା କରି ଇହଧାମ ତ୍ୟାଗ କରିଥିଲେ ।

କବିସୂର୍ଯ୍ୟ ବଳଦେବ ରଥ ଜଳନ୍ତର (ଆନ୍ଧ୍ର ପ୍ରଦେଶ) ଆଠଗଡ଼ (ଗଞ୍ଜାମ ଜିଲ୍ଲା) ଓ ପୁରୀ ରାଜାଙ୍କ ଦରବାରରେ ଅଶେଷ ସମ୍ମାନିତ ହେବା ସଙ୍ଗେ ସଙ୍ଗେ ଚନ୍ଦ୍ରକଳା, କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ, ରତ୍ନାକର ଚମ୍ପୂ ଓ ଶହ ଶହ ପଦାବଳୀ ରଚନା କରି ଓଡ଼ିଆ ପାଠକ ଓ ସମାଲୋଚକ ମଣ୍ଡଳୀରେ ପ୍ରସିଦ୍ଧି ଲାଭ କରିଥିଲେ । ତାଙ୍କ ରଚନା ଗୁଡ଼ିକ ମଧ୍ୟରେ କୃଷ୍ଣଲୀଳା ବିଷୟକ କବିତାର ସଂଖ୍ୟା ସର୍ବାଧିକ ବୋଲି ମନେହୁଏ । କବି ବଳଦେବ ମଧ୍ୟ ସଂସ୍କୃତ ଭାଷାରେ ଅନେକ କବିତା ରଚନା କରିଛନ୍ତି । ତାଙ୍କ ଲିଖିତ ‘କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ’ ଓଡ଼ିଶାର ସାଧାରଣ ଜନତାଙ୍କ ଠାରେ ବିଶେଷ ଖ୍ୟାତି ଅର୍ଜନ କରିଛି । କବିସୂର୍ଯ୍ୟଙ୍କ କବିତା ଗୁଡ଼ିକୁ ପଣ୍ଡିତ କୁଳମଣି ଦାସ ସଂଗୀତ କଳ୍ପଲତା, କବିତା କଲ୍ଲୋଳମା ନାମରେ ସଙ୍କଳନ କରିଛନ୍ତି । କବିସୂର୍ଯ୍ୟଙ୍କ ନାମରେ ଭଣିତ ଆହୁରି ଅନେକ ଚଉପଦୀ ଓ ଖଣ୍ଡ କବିତା ଅଦ୍ୟାପି ଅପ୍ରକାଶିତ ରହିଛି ।

Digitized by PPRACHIN, SOA

କବି ଗୌରହରି ପରିଛା, କବି ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ସମକାଳୀନ ବ୍ୟକ୍ତି ଥିଲେ । ତାଙ୍କ ଲେଖନୀରୁ ଶତାଧିକ କୃଷ୍ଣଲୀଳା ବିଷୟକ କବିତା ନିସୃତ ହୋଇଛି । ଏତଦ୍‌ବ୍ୟତୀତ କବି ପରିଛାଙ୍କ ଲିଖିତ ରଚନା ଗୁଡ଼ିକ ମଧ୍ୟରେ 'ଅଷ୍ଟକାଳ ସେବା', 'ବସ୍ତ୍ରାପହରଣ' ଓ 'ଗୀତଗୋବିନ୍ଦ'ର ଅନୁବାଦ ଓଡ଼ିଆ କୃଷ୍ଣ ଭକ୍ତିଧାରାର ଅମୂଲ୍ୟ ପୁସ୍ତକ ରୂପେ ପରିଗୃହୀତ ।

କବି ଗୌରହରି ପରିଛାଙ୍କ ସମସାମୟିକ ରଘୁନାଥ ପରିଛା ଓଡ଼ିଶୀ ସଙ୍ଗୀତଧାରାର ଅନ୍ୟତମ ଉପାସକ ରୂପେ ଉତ୍କଳରେ ସୁପରିଚିତ । ତାଙ୍କ ଲେଖନୀରୁ 'ଗୋପୀନାଥ ବଲ୍ଲଭ ନାଟକ', 'ସଙ୍ଗୀତ କୃଷ୍ଣଲୀଳା', 'ରାଧା-ମାଧବ ବିଳାସ' ଓ 'ରାଧାକୃଷ୍ଣ ପରିହାସ ଚିନ୍ତାମଣି' ଆଦି କୃଷ୍ଣଲୀଳାତ୍ମକ ପୁସ୍ତକ ନିସୃତ ହୋଇଛି ।

ଚିକିଟି ରାଜା ବିଶ୍ୱମ୍ଭର ରାଜେନ୍ଦ୍ର ଜଣେ ବାଣୀ ଆରାଧକ ରୂପେ ପ୍ରସିଦ୍ଧି ଲାଭ କରିଥିଲେ । ତାଙ୍କ ଦ୍ୱାରା ଅନେକ କାବ୍ୟଗ୍ରନ୍ଥ ରଚିତ ହେବା ସଙ୍ଗେ ସଙ୍ଗେ ରାଧାକୃଷ୍ଣ ବିଷୟକ ବହୁ କବିତା ରଚିତ ହୋଇଥିଲା । ସେହି ସ୍ୱନାମଧନ୍ୟ ରାଜକବିଙ୍କ ପୁତ୍ର କିଶୋର ଚନ୍ଦ୍ର ରାଜେନ୍ଦ୍ର ଯୁବରାଜ ଥିବା ସମୟରୁ କାବ୍ୟ କବିତାଦି ରଚନାରେ ମନ ବଳାଇ କେତେଖଣ୍ଡି ପୁସ୍ତକ ପ୍ରଣୟନ କରିଥିଲେ । ସେଗୁଡ଼ିକ ମଧ୍ୟରେ 'ଝୁଲଣ ଚମ୍ପୂ', 'ଚନ୍ଦନଯାତ ପାଲି,' 'କିଶୋରଚନ୍ଦ୍ର ପାଲି' ଓ 'ରାଧା ପ୍ରେମମାଳା ନାଟକ' ଆଦି କେତେଖଣ୍ଡି ଉପାଦେୟ କୃଷ୍ଣଲୀଳାତ୍ମକ ପୁସ୍ତକ ।

ପୁରୀ ଜିଲ୍ଲା ଅନ୍ତର୍ଗତ ଖଣ୍ଡପଡ଼ାର ରାଜା ନଟବର ଭ୍ରମରବରଙ୍କ ଭଣିତା ଯୁକ୍ତ 'କୃଷ୍ଣ କଳ୍ପଲତା' ଶୀର୍ଷକ କାବ୍ୟଟି ପ୍ରସିଦ୍ଧ କୃଷ୍ଣକାବ୍ୟ ଗୁଡ଼ିକ ମଧ୍ୟରେ ଏକତମ । ଶୁଣାଯାଏ, ରାଜକବି ନଟବର କାବ୍ୟ କବିତା ରଚନାରେ ଆଦୌ ଦକ୍ଷ ନ ଥିଲେ, ତେଣୁ ତାଙ୍କ ନାମରେ ଅନ୍ୟ କେତେକ କବି କାବ୍ୟ କବିତା ଆଦି ରଚନା କରି ରାଜାଙ୍କ ପରିତୁଷ୍ଟି ନିମିତ୍ତ ଅର୍ପଣ କରୁଥିଲେ । ସେ ଯା'ହେଉ, ରାଜକବି ନଟବରଙ୍କ ନାମରେ ଭଣିତ 'କୃଷ୍ଣ କଳ୍ପଲତା' କାବ୍ୟଟି ଏକ ଉପାଦେୟ କୃଷ୍ଣକାବ୍ୟ । ଏଥିରେ ରୀତିକାଳୀନ କବିତାର ସମସ୍ତ ଲକ୍ଷଣ ପୂରି ରହିଛି ; ବିଶେଷତଃ 'ଘ' ଆଦ୍ୟାନୁପ୍ରାସରେ କବିଙ୍କ ରଚିତ ଗୋଟିଏ ଛାନ୍ଦ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ।

"ଘୋର ବରଷା ପ୍ରବେଶ ହେଲା,
ଘନାଘନ ଘନ ପ୍ରକାଶିଲା ।

(ସତୁର)

ଘଡ଼ଘଡ଼ ନାଦେ ମୟୂର ପ୍ରମୋଦେ
ଟେକ କଳାପ ମତ୍ତେ ନାଚିଲା ।
ସେ ସମୟେ

× × ×

ଘାତ ପାଇ ସୁମନା ବଗିଖେ
ଘାରି ହୁଅନ୍ତି ବିରହ ଦୁଃଖେ ।
ଘଷି ବେନି ଚକ୍ଷୁ ରୋଦନ କରନ୍ତି
ମନ୍ଦ ହାସ ନାହିଁ ଶଶି ମୁଖେ ।
ସେ ନୃତନା
ଘୋଷୁଛନ୍ତି ଏକା ଶ୍ୟାମ ନାମ ଘଟି
ବିଚେଷ୍ଟା କରଇ କାମ ।
ଘୋରି ହୋଇଗଲା ସୁବର୍ଣ୍ଣ ଶଳାକା
ତୁଲା କାନ୍ତି ଅତି ମନୋରମ ।
ସେ ନୃତନା,
ଘନ ତାପେ ତୁଟେ ହାର ମୋତି
ଘଡ଼ି ଘଡ଼କେ ଦମକେ ଗୁନ୍ତି ।
ଘୂର୍ଣ୍ଣିତ ନୟନ ନ କରି ଶୟନ
ଉଜାଗରେ ପୁହାଇଲେ ରାତି
ସେ ନୃତନା ।"

ରାଜକବି ନଟବର ଭ୍ରମରବର ଖ୍ରୀ: ଅ: ୧୮୩୭ରେ ଜନ୍ମ ଗ୍ରହଣ କରି ୨୮-୨-୧୮୬୭ରେ ସିଂହାସନ ଆରୋହଣ କରିଥିଲେ । ସେ ସମୟର ଅବ୍ୟବହିତ ପରେ ତାଙ୍କ ନାମରେ 'କୃଷ୍ଣ କଳ୍ପଲତା' ପୁସ୍ତକଟି ଭଣିତା ହୋଇଥିବ ! ତାଙ୍କ ନାମରେ ଭଣିତ 'ନୃସିଂହ ଗୀତ' ଓ ଅନ୍ୟାନ୍ୟ ବହୁ କବିତା ଥିବାର ଦେଖାଯାଏ ।

ଓଡ଼ିଶା ସାହିତ୍ୟିକୁ ମଞ୍ଜୁଷା ରାଜବଂଶର ଦାନ ଅତୁଳନୀୟ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ସେହି ବଂଶର ନରେଶମାନଙ୍କ ମଧ୍ୟରେ ଊନବିଂଶ ଶତାବ୍ଦୀରେ ଆବିର୍ଭୂତ ଶ୍ରୀନିବାସ ରାଜମଣି କାବ୍ୟ କବିତାଦି ରଚନାରେ ବିଶେଷ ଖ୍ୟାତି ଅର୍ଜନ କରିଥିଲେ । 'ଅମରୁ ଶତକ' ଆଦି ବହୁ ସଂସ୍କୃତ ଗ୍ରନ୍ଥର ଅନୁବାଦ

Digitized by PPRACHIN, SOA

କରିବା ସଂଗେ ସଂଗେ ସେ 'ମୁକ୍ତାଲତାବଳୀ' ଶୀର୍ଷକ ଖଣ୍ଡିଏ କୃଷ୍ଣକାବ୍ୟ ପ୍ରଣୟନ କରିଥିଲେ । ଦୁର୍ଭାଗ୍ୟବଶତଃ କାବ୍ୟଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି, କେବଳ ଶେଷ ପୃଷ୍ଠାର କିୟଦଂଶରୁ କାବ୍ୟ ଓ କବିଙ୍କ ନାମ ଜଣାପଡ଼ୁଛି ।

"ଘେନ ସୁଧୀରେ ସୁଧୀରେ ଏ ହରି ଚରିତ
ମୁକ୍ତାଲତାବଳୀ ଗ୍ରନ୍ଥ କଲି ସମାପତ ହେ ।
ତ୍ରୁଟି ରସ ମୋର ଦୋଷ ନ ଧର ମାନସ
ମାୟାବି କୃଷ୍ଣର ମାୟା କେଳୀକୃତ ରସ ହେ ।
ସଂଗୀତ ଭଙ୍ଗୀରେ ଗୀତ କରିଅଛି ଯେତେ
କବି ସିନା ଜାଣିବେ କବିତାକ୍ଳେଶ କେତେ ହେ ।
ଖଳ ମୁଖେ ଉପହାସ ବିଅର୍ଥେ ଉଦିତ
ଦୋଷ କେବଳି ଗ୍ରହଣ ତାହାଙ୍କ ବିହିତ ହେ ।
ଏଣୁ ଶତକୋଟି ପ୍ରଣିପାତ ତାଙ୍କୁ ମୋର
ରସିକ ମାନସ ହଂସ କ୍ରୀଡ଼ନେ ଏ ସର ହେ ।
ଚନ୍ଦନ ଇନ୍ଧନ ଖରେ ବନ୍ଧନ ପରି ରେ
ଅରସିକ ଜନ ଏହା ଭାବିବେ ମନରେ ।
ମଞ୍ଜୁଷା ନରେଶ ଶ୍ରୀନିବାସ ରାଜମଣି
ଶତାର୍ଦ୍ଧ ଏକଇ ଗୀତେ ଏ ଚରିତ ଭଣି ହେ ।"

ଶ୍ରୀନିବାସ ରାଜମଣି ଖ୍ରୀ: ଅ: ୧୮୧୨ରେ 'ମିତାକ୍ଷରା'ର ଓଡ଼ିଆ ଅନୁବାଦ ସମାପ୍ତ କରିଥିବାର ଜଣାଯାଏ । ତେଣୁ ଊନବିଂଶ ଶତାବ୍ଦୀର ଦ୍ୱିତୀୟ ବା ତୃତୀୟ ଦଶକ ମଧ୍ୟରେ କବି ରାଜମଣି "ମୁକ୍ତାଲତାବଳୀ" କାବ୍ୟଟି ରଚନା କରିଥିବାର ଅନୁମିତ ହୁଏ ।

ପ୍ରସ୍ତୁତ ଆଲୋଚନାରେ ପ୍ରଦତ୍ତ କୃଷ୍ଣକାବ୍ୟ ଗୁଡ଼ିକ ବ୍ୟତୀତ ଚରଣ ଦ୍ୱିଜଙ୍କ 'ଶ୍ରୀକୃଷ୍ଣ ରସାମୃତ', ପଟିଆ ରାଜା ଦିବ୍ୟସିଂହ ଦେବଙ୍କ 'ଦ୍ୱାରକା ଲୀଳା', ପଟିଆ ରାଣୀ କ୍ଷିରୋଦମାଳୀଙ୍କ 'ପଦ୍ମନ ଜନ୍ମ', ବ୍ରଜ ଦାସଙ୍କ 'ମଧୁମାଳତୀ', ଦୁଃଖିଶ୍ୟାମ ଦାସଙ୍କ 'କାଳୀୟ ଦଳନ', ବୈଶ୍ୟ ହରିଙ୍କ 'ଦଧିମନ୍ଥନ ଲୀଳା', ବାଲ୍ମୀକୀ ଶରଣଙ୍କ 'ରାଧାକୃଷ୍ଣ କେଳୀ', ମଥୁରା ଦାସଙ୍କ 'ଗୋପୀବିଳାପ', ଶ୍ୟାମ ସାହୁଙ୍କ 'ଗୋପଲୀଳା', ବୈଷ୍ଣବ ଦାସ ଓ କହ୍ନାଇ ଦାସଙ୍କ 'ଗୋପୀଚିନ୍ତା ଗୀତା', ବୈରାଗୀ ଦାସଙ୍କ 'ଗୋପୀଚିନ୍ତା' ଆଦି ବହୁ ରଚନା ଦ୍ୱାରା ଓଡ଼ିଆ ସାହିତ୍ୟର ଗନ୍ତାଘର ପୂର୍ଣ୍ଣ ରହିଛି ।

Digitized by PPRACHIN, SOA

ଓଡ଼ିଆ ଗୀତିକାବ୍ୟ ଭଜନ, ଚଉତିଶା, ବୋଲି, ପୋଈ ଓ କୋଇଲିଗୁଡ଼ିକ ମଧ୍ୟରେ ବହୁ ସଂଖ୍ୟକ ଖଣ୍ଡକାବ୍ୟ ରାଧାକୃଷ୍ଣ ଲୀଳା ବିଳାସରେ ପରିପୂର୍ଣ୍ଣ । ସେ-ଗୁଡ଼ିକର ଆଲୋଚନା କଲେ ଜଣାଯାଏ ଯେ, ଓଡ଼ିଆ ଗୀତିକାବ୍ୟର ପ୍ରତ୍ୟେକ ବିଭାବରେ ରାଧାକୃଷ୍ଣ ବିଷୟକ ରଚନାର ସଂଖ୍ୟା ସର୍ବାଧିକ ।

ଓଡ଼ିଆ ଭାଷାରେ ରଚିତ ଭଜନ ଗୁଡ଼ିକ ମଧ୍ୟରେ ବ୍ରହ୍ମଜ୍ଞାନ ଭଜନ, ଶ୍ରୀ ଜଗନ୍ନାଥ ଭଜନ ଓ ଶ୍ରୀକୃଷ୍ଣ ଭଜନର ସଂଖ୍ୟା ଅନ୍ୟାନ୍ୟ ଭଜନ ତୁଳନାରେ ଅତ୍ୟଧିକ । ତନ୍ମଧ୍ୟରେ ଶ୍ରୀକୃଷ୍ଣଙ୍କ ଲୀଳା ବର୍ଣ୍ଣନାର ଅବଲମ୍ବନରେ ଯେଉଁ ଭଜନ ଗୁଡ଼ିକ ଓଡ଼ିଆରେ ରଚିତ ହୋଇଛି, ତା'ର ସଂଖ୍ୟା ଆଦୌ ନଗଣ୍ୟ ନୁହେଁ । ଏହାର କାରଣ ସମ୍ପର୍କରେ ଅନୁଧ୍ୟାନ କଲେ ଜଣାଯାଏ ଯେ, ଶ୍ରୀରାମ ଆଦି ଅନ୍ୟାନ୍ୟ ଅବତାର ମାନଙ୍କର କଠୋର ବ୍ରତ ଓ ଦୁଃଖ ଦୁର୍ଦ୍ଦଶାମୟ ଜୀବନ- ଯାପନର ଆଦର୍ଶ ମନୁଷ୍ୟ ସଭ୍ୟତାକୁ ସୁଦୃଢ଼ କରି ଗଠନ କରିବାରେ ବିଶେଷ ସହାୟକ ହୋଇଥିଲେ ହେଁ, ବୃନ୍ଦାବନର ଷୋଳ ସହସ୍ର ନବଯୌବନା ଗୋପାଙ୍ଗନାଙ୍କ ମେଳରେ ନବକିଶୋର, ନଟବର ନାଗର, ରସିକଶେଖର, ବଂଶୀଧାରୀଙ୍କ ରାସୋତ୍ସବର ବର୍ଣ୍ଣନା ଯେପରି ହୃଦ୍ୟ ତଥା ଉପଭୋଗ୍ୟ ହୋଇ ପ୍ରତ୍ୟେକ ଶ୍ରେଣୀର ପାଠକ ଓ ଶ୍ରୋତାମାନଙ୍କୁ ରସସାଗରରେ ନିମଜ୍ଜିତ କରାଇପାରିଛି; ତାହା ଅନ୍ୟାନ୍ୟ ଭଜନରେ ସମ୍ଭବପର ନୁହେଁ । ବିଶେଷତଃ ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀରେ ଆବିର୍ଭୂତ ଶ୍ରୀଚୈତନ୍ୟ ଦେବ ଓ ତାଙ୍କର ଅନୁଗାମୀ ଗୌଡ଼ୀୟ ଷଡ଼୍ ଗୋସ୍ୱାମୀ ତଥା ପରବର୍ତ୍ତୀ କାଳର ପ୍ରସିଦ୍ଧ ଉତ୍କଳୀୟ ବୈଷ୍ଣବ ପ୍ରଚାରକ ପ୍ରଭୁ ଶ୍ୟାମାନନ୍ଦ ଓ ତତ୍ ଶିଷ୍ୟ ରସିକାନନ୍ଦ ଦେବ ଗୋସ୍ୱାମୀ ଏବଂ ଶ୍ୟାମାନନ୍ଦ ସମ୍ପ୍ରଦାୟର ଭାରତ ବିଖ୍ୟାତ ପଣ୍ଡିତ ଓ 'ଗୋବିନ୍ଦ ଭାଷ୍ୟ'ର ପ୍ରଣେତା ଉତ୍କଳୀୟ ପଣ୍ଡିତ ବଳଦେବ ବିଦ୍ୟାଭୂଷଣଙ୍କ ପ୍ରଚାର ଫଳରେ ଶ୍ରୀରାଧାକୃଷ୍ଣ ଉପାସନା ପୂର୍ବ ଭାରତରେ ଗୌରବମୟ ଆସନ ଅଧିକାର କରିଥିଲା । ତେଣୁ ଓଡ଼ିଆ ସାହିତ୍ୟରେ ଶ୍ରୀକୃଷ୍ଣ ଲୀଳା ମୂଳକ ଭଜନର ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ଲାଭ କରିଥିଲା ।

ଶ୍ରୀରାଧାକୃଷ୍ଣ ଲୀଳାତ୍ମକ ଭଜନ ରଚନାରେ ଯେଉଁ ଧୁରୀଣ କବିମାନେ ଓଡ଼ିଆ ଭଜନ ସାହିତ୍ୟକୁ ସମୃଦ୍ଧ କରିଥିଲେ ସେମାନଙ୍କ ମଧ୍ୟରେ ବଳରାମ ଦାସ, ଜଗନ୍ନାଥ ଦାସ, ଗଜପତି ପ୍ରତାପରୁଦ୍ର ଦେବ, ସାଲବେଗ, ବନମାଳୀ ଦାସ, ରଘୁ ଅରକ୍ଷିତ, ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା, ଜୟଦେବ (ଗୀତଗୋବିନ୍ଦର ପ୍ରଣେତା ନୁହନ୍ତି) ହରିବଂଶୀ ଦେବ, ରାମଚନ୍ଦ୍ର ପଟ୍ଟନାୟକ, ନାରାୟଣ ଶୂର, ଶ୍ୟାମସୁନ୍ଦର ଭଞ୍ଜ, ଗୋପାଳକୃଷ୍ଣ, କବିସୂର୍ଯ୍ୟ ଓ ଗୌରଚରଣ ଆଦି କବିଙ୍କ ନାମ ବିଶେଷ ଉଲ୍ଲେଖଯୋଗ୍ୟ

Digitized by PPRACHIN, SOA

ଶ୍ରୀକୃଷ୍ଣ ଲୀଳା ମୂଳକ ଚଉତିଶା ଗୁଡ଼ିକ ସମ୍ବନ୍ଧରେ ଆଲୋଚନା କଲେ ଜଣାଯାଏ ଯେ, ଶ୍ରୀକୃଷ୍ଣଙ୍କ ବାଳଲୀଳା, ରାସକ୍ରୀଡ଼ା, ମଥୁରାବିଜେ, ଗୋପୀଚିନ୍ତା, କୃଷ୍ଣ-ଭାଳେଣି, ଗୋପୀ ବିରହ ଚିନ୍ତା ତଥା ଭଜନ ଓ ଜଣାଣ ଆଦି ଭେଦରେ ଶହ ଶହ ଚଉତିଶା ରହିଛି । ତନ୍ମଧ୍ୟରେ ବୃନ୍ଦ ଦାସଙ୍କ ଗୋପଜୀବନ ଚଉତିଶା, ବଂଶୀ ଦାସଙ୍କ 'ଉଦ୍ଧବ ଚଉତିଶା', ଶିଶୁ ଯଦୁ ଦାସଙ୍କ 'ହଂସଦୂତ ଚଉତିଶା', ପତିତପାବନଙ୍କ 'କମଳ ବଦନୀ ଚଉତିଶା', ଧୀବର ନାୟକଙ୍କ 'ରସକୁମୁଦ ଚଉତିଶା', ଦନାଇ ଦାସଙ୍କ 'ବଡ଼ ଉଦ୍ଧବ ଚଉତିଶା', କବି କୁଅଁରଙ୍କ 'କମଳାକାନ୍ତ ଚଉତିଶା', ହରି ଦାସଙ୍କ 'ମଥୁରାବିଜେ ଚଉତିଶା', ସଦାନନ୍ଦଙ୍କ 'ଦୂତୀ ଚଉତିଶା', ଦୀନବନ୍ଧୁ ରାଜ ହରିଚନ୍ଦନଙ୍କ 'ଜଣାଣ ଚଉତିଶା', ଲୋକନାଥ ବିଦ୍ୟାଧରଙ୍କ 'ଗୋପଲୀଳା ସପ୍ତରାଗ ଚଉତିଶା' ଓ 'କୃଷ୍ଣ ବିଳାପ ଚଉତିଶା', ହରିପ୍ରିୟା ଦାସୀଙ୍କ 'କୃଷ୍ଣ ବିରହ ଚଉତିଶା', କୃଷ୍ଣ ଦାସଙ୍କ 'ଶ୍ୟାମ ଚଉତିଶା' ରଘୁ ଅରକ୍ଷିତଙ୍କ 'ମଥୁରା ବିଜେ ଚଉତିଶା' ଓ ଅଜ୍ଞାତନାମା କବିଙ୍କର 'ବିପ୍ରସିଂହା ଚଉତିଶା', 'ଗୃହ ତରଙ୍ଗ ଚଉତିଶା' ଆଦି ଭାଷା, ଭାବ, ଶୈଳୀ ଓ ରସ ପରିବେଷଣ ଦିଗରେ ବେଶ୍ ଉପଭୋଗ୍ୟ ହୋଇଛି । ଏତଦ୍‌ବ୍ୟତୀତ 'ଚିଠାଉ ଚଉତିଶା'ରେ ମଧ୍ୟ କେତେଗୁଡ଼ିଏ ଶ୍ରୀରାଧାକୃଷ୍ଣ ବିଷୟକ ଚିଠାଉ ରହିଛି । ଏହି ଆଲୋଚନାର କ୍ଷୁଦ୍ର ପରିସର ମଧ୍ୟରେ ସେ ସମ୍ବନ୍ଧରେ ବିସ୍ତୃତ ଭାବରେ ଲେଖିବା ସମ୍ଭବ ନୁହେଁ ।

ଓଡ଼ିଆ ଗୀତି କାବ୍ୟରେ 'ବୋଲି' ବିଭବଟି ଆଦୌ ଅନୁନ୍ନତ ନୁହେ । ପ୍ରାଚୀନ 'ବୋଲି' ଗୁଡ଼ିକ ମଧ୍ୟରେ ରସସାଗର ଶ୍ରୀକୃଷ୍ଣ ଲୀଳାମୟୀ ଶ୍ରୀରାଧାଙ୍କ ସହିତ ମିଳିତ ହେବାଲାଗି ନାନା ବେଶରେ ସଜ୍ଜିତ ହୋଇ ବୁଲିଥିବାର ଘଟଣାବଳୀକୁ ବିଭିନ୍ନ ନେଇ ଲେଖକ ଗୀତି ରଚନା କରିଛନ୍ତି । ଏହି କବିତା ଗୁଡ଼ିକ ମଧ୍ୟରେ ବଳରାମ ଦାସଙ୍କ ପଣସ ବୋଲି, ଶ୍ରୀପଞ୍ଚମୀ ବୋଲି, ମହାଦେବ ଦାସଙ୍କ କାଞ୍ଚନ ବୋଲି, ଦୀନକୃଷ୍ଣ ଦାସ ଓ ଦାଶରଥି ଦାସଙ୍କ ଅଳଙ୍କାର ବୋଲି, ବ୍ରଜ ଦାସଙ୍କ ଘାଟ ବୋଲି, ଦ୍ୱିଜ ବନମାଳୀଙ୍କ ରାଧିକା ବୋଲି, ହରେକୃଷ୍ଣ ଦାସଙ୍କ କଂସ ବୋଲି, ବାଲୁକେଶ୍ୱର ଦାସଙ୍କ ବସନ ବୋଲି, ବ୍ରଜନାଥ ବଡ଼ଜେନାଙ୍କ ଗୋପୀ ବୋଲି, ଭଗବାନ ଦାସଙ୍କ କୋଳି ବୋଲି, ଅର୍ଜ୍ଜୁନ ଦାସଙ୍କ ଦଧିମନ୍ଥନ ବୋଲି, କୃଷ୍ଣ ଦାସଙ୍କ ସଜ ବୋଲି, ଜଗନ୍ନାଥ ଦାସଙ୍କ ଅଳଙ୍କାର ବୋଲି, ବାମଦେବ ପଟ୍ଟନାୟକଙ୍କ ଗୋପୀଚିନ୍ତା ବୋଲି ଆଦି ଓଡ଼ିଶାର ଜନସାଧାରଣଙ୍କ ମଧ୍ୟରେ ବିଶେଷ ଆଦୃତ ହୋଇପାରିଛି ।

Digitized by PPRACHIN, SOA

ଓଡ଼ିଆ ସାହିତ୍ୟର ବହୁ ବିଭାଗ ମଧ୍ୟରେ 'କୋଇଲି ସାହିତ୍ୟ' ସୁଲଳିତ ଛନ୍ଦ, ସୁଶ୍ରାବ୍ୟ ପଦାବଳୀ ଓ ହୃଦୟସ୍ପର୍ଶୀ ଭାବଧାରା ଲାଗି ପ୍ରସିଦ୍ଧି ଲାଭ କରିଛି । ପ୍ରାଚୀନ ସଂସ୍କୃତ ସାହିତ୍ୟର ବିଶେଷ ଲୋକପ୍ରିୟ ଦୂତକାବ୍ୟ ଗୁଡ଼ିକ ଓଡ଼ିଆ କୋଇଲି ସାହିତ୍ୟର ଆଦର୍ଶ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଓଡ଼ିଆ ସାହିତ୍ୟର ଅନ୍ୟାନ୍ୟ ବିଭାଗ ପରି କୋଇଲି ଗୁଡ଼ିକ ରାମ, କୃଷ୍ଣ ଓ ବ୍ରହ୍ମଜ୍ଞାନ ବିଷୟକ ଭାବଧାରାରେ ସମୃଦ୍ଧ ହୋଇ-ଥିବାର ଦେଖାଯାଏ । ସେ ଗୁଡ଼ିକ ମଧ୍ୟରେ ରାଧାକୃଷ୍ଣ ଲୀଳା ବିଷୟକ କୋଇଲିର ସଂଖ୍ୟା ଅଧିକ ।

ଶ୍ରୀ ରାଧାକୃଷ୍ଣ ବିଷୟକ 'କୋଇଲି' ଗୁଡ଼ିକ ମଧ୍ୟରେ ମାର୍କଣ୍ଡ ଦାସଙ୍କ 'କେଶବ କୋଇଲି' ସର୍ବାପେକ୍ଷା ପ୍ରାଚୀନତମ ବୋଲି ଆଲୋଚକମାନେ ମତ ଦିଅନ୍ତି । କବି ମାର୍କଣ୍ଡ ଦାସ ବା ମାର୍କଣ୍ଡେୟ ଦାସ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀର ଆଦ୍ୟଭାଗରେ ବାତ୍ସଲ୍ୟ ତଥା କରୁଣ ରସାପ୍ଳୁତ 'କେଶବ କୋଇଲି'ର ରଚନା କରି ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ଅର୍ପଣ କରିଛନ୍ତି । ଆଉ ଯେଉଁ କବିମାନେ ଶ୍ରୀ ରାଧାକୃଷ୍ଣ ବିଷୟକ 'କୋଇଲି' ପ୍ରଣୟନ କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି ସେମାନଙ୍କ ମଧ୍ୟରେ ଚୈତନ୍ୟ ଦାସଙ୍କ 'କୋଇଲି', ରାମକୃଷ୍ଣଙ୍କ 'ଯଶୋଦା କୋଇଲି', ଜଗନ୍ନାଥଙ୍କ 'ଯଶୋଦା କୋଇଲି', ଗୋପାଳକୃଷ୍ଣଙ୍କ 'କୋଇଲି' ଭାଗୀରଥି ଦାସଙ୍କ 'କୋଇଲି' ଆଦି ପାଠକ ଓ ସମାଲୋଚକମାନଙ୍କ ଦ୍ୱାରା ବିଶେଷ ଭାବରେ ଆଦୃତ ।

ଓଡ଼ିଆ ଗୀତିକାବ୍ୟର ଆଉ ଏକ ସମୃଦ୍ଧ ବିଭାଗ ହେଉଛି— 'ପୋଇ' । ଏହି 'ପୋଇ' କବିତା ଗୁଡ଼ିକ ସଂସ୍କୃତର 'ପଦ୍ୟ' ଶବ୍ଦର ଅପଭ୍ରଂଶ ବୋଲି ମନେହୁଏ । 'ପଦ୍ୟ'ରୁ 'ପଇ' ଓ କାଳକ୍ରମେ ତାହା 'ପୋଇ'ରେ ପରିଣତ ହୋଇଛି ।

ଓଡ଼ିଆ ସାହିତ୍ୟରେ ମିଳୁଥିବା 'ପୋଇ' ଗୁଡ଼ିକରେ ଦୁଇ ପ୍ରକାର ଛନ୍ଦ ପ୍ରୟୋଗ ହୋଇଥିବାର ଦେଖାଯାଏ । ଉଭୟ ପ୍ରକାର ଛନ୍ଦକୁ ପରବର୍ତ୍ତୀ କାଳୀନ କବିମାନେ 'ପୋଇ ଛନ୍ଦ' ନାମରେ ନାମିତ କରିଛନ୍ତି । ତନ୍ମଧ୍ୟରେ, ଗୋଟିଏ ଚତୁର୍ବିଂଶାକ୍ଷର ବିଶିଷ୍ଟ ଓ ଅନ୍ୟଟି ଦ୍ୱାବିଂଶାକ୍ଷର ବୋଲି ଜଣାଯାଏ—

'ମହୀ, ମହିଳା ପ୍ରଚୁର, ଇନ୍ଦ୍ରଗୋପ ବାର,
ସିନ୍ଦୂର ବିନ୍ଦୁକ ପ୍ରକାଶିଲା ।

Digitized by PPRACHIN, SOA

(ପିଞ୍ଜସ୍ତର)

କହେ, ଯୁଗ ଭଞ୍ଜ ଭୂପ, କସ୍ତୁରୀ କଳାପ,
ପଙ୍କ ଓଡ଼ୁବର ପ୍ରକାଶିଲା ।।
(ଯୁଗ ଭଞ୍ଜଙ୍କ ବାରପୋଇ)

× × ×

"ନାନା ଛବି ହୋଉ, ମୋହିମା ଲଗାଉ,
ବଳେ ହରି ନେଉ ପର ନାଶି ।
ପବନକୁ ଫାନ୍ଦ, ଗଗନରୁ ଚନ୍ଦ
ଯେହ୍ନେ ନେଉ ଅଛୁ କରେ ଧରି" ।।
(କଣ୍ଠ ଦାସଙ୍କ ନ'ପୋଇ)

ଅଦ୍ୟାପି ପ୍ରାପ୍ତ ଶ୍ରୀକୃଷ୍ଣ ଲୀଳା ବିଷୟକ ପୋଇ ଗୁଡ଼ିକ ମଧ୍ୟରେ କଣ୍ଠ ଦାସ ବା ନୀଳକଣ୍ଠ ଦାସଙ୍କ 'ନ'ପୋଇ' ଖଣ୍ଡକାବ୍ୟଟି ହେଉଛି ପ୍ରାଚୀନତମ । ଏତଦ୍‌ବ୍ୟତୀତ ଯୁଗ ଭଞ୍ଜ ବା ଉପେନ୍ଦ୍ର ଭଞ୍ଜଙ୍କ 'ଦଶ ପୋଇ' ଓ 'ବାର ପୋଇ', ଅଚ୍ୟୁତ ଦାସଙ୍କ 'ଛ'ପୋଇ' ସୁଦର୍ଶନ ଦାସଙ୍କ 'ବାର ପୋଇ' ଓ 'ସାତ ପୋଇ', ବ୍ରଜନାଥ ବଡ଼ଜେନାଙ୍କ 'ଦଶ ପୋଇ',ଗିରିଧର ଦାସଙ୍କ 'ବାର ପୋଇ',ଶ୍ୟାମସୁନ୍ଦର ଦେବଙ୍କ 'ଆଠ ପୋଇ', କୃଷ୍ଣ କରଙ୍କ 'ପନ୍ଦର ପୋଇ' ଓ ସ୍ୱର୍ଣ୍ଣପୁର ଭୂପଙ୍କ ନାମରେ ଭଣିତ 'ଚଉଦ ପୋଇ' ଆଦି ନଟ-ନାଗର ଶ୍ରୀକୃଷ୍ଣଙ୍କ ଲୀଳା ବର୍ଣ୍ଣନାରେ ମୁଖରିତ ହୋଇ ଉଠିଛି । ଏହା ବ୍ୟତୀତ 'ରାଧାକୃଷ୍ଣ ପୋଇ' ଶୀର୍ଷକ ଖଣ୍ଡକାବ୍ୟ ଆଦି ସଂଖ୍ୟାବାଚକ ନ ହେଲେ ମଧ୍ୟ ଶ୍ରୀକୃଷ୍ଣ ଭକ୍ତିଧାରାର ପ୍ରଭାବ ବିସ୍ତାର କରିବା ଅପେକ୍ଷା ରୀତିକାଳୀନ ରସ ସୃଷ୍ଟିରେ ସାହିତ୍ୟକୁ ପରିପୁଷ୍ଟ କରିଛନ୍ତି ।

ପୂର୍ବୋକ୍ତ ସଂଖ୍ୟା ବାଚକ ପୋଇ ଗୁଡ଼ିକର ବିଶେଷତ୍ୱ ହେଉଛି— ଯେଉଁ ସଂଖ୍ୟକ ପୋଇ, ସେଥିରେ ସେତିକ ସଂଖ୍ୟକ ଛାନ୍ଦ ବା ଅଧ୍ୟାୟ ଓ ପ୍ରତ୍ୟେକ ଛାନ୍ଦରେ ସେତିକ ସଂଖ୍ୟକ ପଦ ସନ୍ନିବେଶିତ ହୋଇଛି ।

ପ୍ରସ୍ତୁତ ଆଲୋଚନାରେ ପ୍ରଦତ୍ତ ଭଜନ, ଚଉତିଶା, ବୋଲି, କୋଇଲି ଓ ପୋଇ ଗୁଡ଼ିକ ବ୍ୟତୀତ, ଜଗନ୍ନାଥ ଦାଶ, ଧନଞ୍ଜୟ ଭଞ୍ଜ, ଉପେନ୍ଦ୍ର ଭଞ୍ଜ ଓ ବିଶ୍ୱମ୍ଭର ରାଜେନ୍ଦ୍ର ଆଦି କବିଙ୍କ ଦ୍ୱାରା ଲିଖିତ ରାଧାକୃଷ୍ଣ ବିଷୟକ ବହୁ ସଂଖ୍ୟକ 'ଚୌପଦୀ'; କବିସୂର୍ଯ୍ୟ ବଳଦେବ ରଥ ପ୍ରଭୃତି କବିଙ୍କ ଦ୍ୱାରା ରଚିତ କେତେକ 'ଚମ୍ପୂ'; ରାସ

Digitized by PPRACHIN, SOA

ରାମାନନ୍ଦ ପଟ୍ଟନାୟକ, ମାଳାମ୍ବର ଦାସ, ଦୁଃଖିଶ୍ୟାମ ଦାସ ଧରଣୀଧର ଗଜେନ୍ଦ୍ର ଓ ସୂର୍ଯ୍ୟମଣି ଜେମା ଆଦି କବିଙ୍କ ଦ୍ୱାରା ପ୍ରଣୀତ କେତେଖଣ୍ଡି 'କୃଷ୍ଣଲୀଳା' ପୁସ୍ତକ ଓଡ଼ିଆ ସାହିତ୍ୟକୁ ଶ୍ରୀ ରାଧାକୃଷ୍ଣ ରସାମୃତରେ ଆପ୍ଲୁତ କରିଛି ।

ପ୍ରସ୍ତୁତ ଭୂମିକାରେ ପ୍ରଦତ୍ତ ପ୍ରାଚୀନ ଓଡ଼ିଆ ସାହିତ୍ୟର ଓଡ଼ିଆ ଜ୍ଞାନମିଶ୍ରା ଭକ୍ତି ସାହିତ୍ୟ, ଐତିହାସିକ କାବ୍ୟ ଓ କୃଷ୍ଣ କାବ୍ୟ ପ୍ରଭୃତି ବିଭାଗକୁ ଓଡ଼ିଶାର ବହୁ କବି-କୋବିଦ ସେମାନଙ୍କ ଅମୂଲ୍ୟ ରଚନା ଦ୍ୱାରା ଋଦ୍ଧିମନ୍ତ କରିଛନ୍ତି । କିନ୍ତୁ ସେମାନଙ୍କ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିବା ପ୍ରସ୍ତୁତ ଭୂମିକାର ସୀମିତ ପରିସର ମଧ୍ୟରେ ଆଦୌ ସମ୍ଭବପର ନଥିଲେ ମଧ୍ୟ ସେଗୁଡ଼ିକ ସମ୍ବନ୍ଧରେ ପ୍ରଦତ୍ତ ସୂଚନା ପାଠକବର୍ଗଙ୍କ ଜ୍ଞାନ ପିପାସା ବୃଦ୍ଧି କରିବ ବୋଲି ଆଶା କରାଯାଏ ।

ଓଡ଼ିଶା ରାଜ୍ୟ ସଂଗ୍ରହାଳୟ,
ଭୁବନେଶ୍ୱର । }

ଶ୍ରୀ ନୀଳମଣି ମିଶ୍ର

Digitized by PPRACHIN, SOA

CONTENTS

OF

ORIYA KĀVYA MANUSCRIPTS.

Serial No.	Catalogue No.	Name of the work	Name of the author	Page
		(ଖ)		
1	O L/202	ଖଡ଼ିପୋଥି		୧
2	O L/1356	ଖଣ୍ଡ କବିତା	ଦୁର୍ଯ୍ୟୋଧନ ଓ ଅନ୍ୟାନ୍ୟ	୨
3	O.L/520-F	ଖଲ୍ଲିକୋଟ ରାଜାଙ୍କ ଯଶ	ଚଇତନ ଦାସ	୩
4	Or.Pr./2	ଖୁଦୁରୁକୁଣୀ ଓଷା		୫
5	O.L/1120	ଖୁଦୁରୁକୁଣୀ ଓଷା	ଗୋପୀନାଥ ଦାସ	୭
6	O.L/1433	ଖୁଦୁରୁକୁଣୀ ଓଷା	,,	୭
7	O.L/724-A	ଖୋଷାକଟା	ମଧୁ ଦାସ	୭
		(ଗ)		
8	O.L 1159 G	ଗଉଡ଼ ସୁଆଙ୍ଗ	ବୈଶ୍ୟ ସଦାଶିବ ଓ ମାଗୁଣି	୮
9	O.L/674-D	ଗଉଗ କଳସା	ବଂଶୀ ଦାସ	୯
10	Or.Pr./41-G	ଗଉଶ୍ରୀ ବ୍ରତ		୧୦
11	Or.Ms/76-C	ଗଙ୍ଗା ମାହାତ୍ମ୍ୟ	ପୁରୁଷୋତ୍ତମ ଦାସ	୧୧
12	O L/1116-G	ଗଜ ଉଦ୍ଧାରଣ	ଜଗନ୍ନାଥ ଦାସ	୧୨
13	O.L/1366-G	ଗଜ ଉଦ୍ଧାରଣ	ବିପ୍ର ଜଗନ୍ନାଥ	୧୪
14	O.L/343-A	ଗଜ ନିସ୍ତାରଣ	ଜଗନ୍ନାଥ ଦାସ	୧୪

Digitized by PPRACHIN, SOA

Serial No	Catalogue No.	Name of the work	Name of the author	Page
15	O L/590	ଗଜ ନିସ୍ତାରଣ	ଜଗନ୍ନାଥ ଦାସ	୧୫
16	O.L/449-E	ଗଜେନ୍ଦ୍ର ମୋକ୍ଷଣ		୧୫
17	Or.Ms /134	ଗଣ ସମ୍ମତ		୧୭
18	O.L./1159-M	ଗଣ୍ଡାମାଚୁଣି	ଦୀନ ଗୋପାଳ ଓ ଜଦୁନାଥ	୧୮
19	O.L/1159-D	ଗଣେଶ ଜନ୍ମ	ବଳଭଦ୍ର	୨୦
20	O L/966	ଗଣେଶ ଟୀକା	ଅନାଥ	୨୧
21	O L/1228	ଗଣେଶ ପଟଗ୍ରା	ସୋମନାଥ	୨୩
22	O.L/1232	ଗଣେଶ ପୁରାଣ	ଦ୍ୱିଜ ଚଇତନ	୨୪
23	O.L/857-C	ଗଣେଶ ବିଭୂତି		୨୫
24	O.L/1256-A	ଗଣେଶ ବିଭୂତି		୨୫
25	O.L/294	ଗଣେଶ ବିଭୂତି ଟୀକା		୨୭
26	O.L/1289	ଗଣେଶ ବିଭୂତି ଟୀକା		୨୭
27	O L/1468-G	ଗଣେଶ ବିଭୂତି ଟୀକା		୨୭
28	Or.Pr./26 A	ଗଣେଶ ବ୍ରତ କଥା		୨୮
29	Or.Pr./34-A	ଗଣେଶ ବ୍ରତ କଥା		୨୯
30	O L/280	ଗଣେଶ ସପ୍ତାଙ୍ଗ		୨୯
31	O.L/736	ଗଦାପର୍ବ	କପିଳେଶ୍ୱର ନନ୍ଦ	୩୦
32	O.L/937-C	ଗରୁଡ଼ କେଶବ ନବଦଶା	ଶିଶୁ ଅନନ୍ତ ଦାସ	୩୧
33	O.L/7-B	ଗରୁଡ଼ ଗୀତା	ଅଚ୍ୟୁତାନନ୍ଦ ଦାସ	୩୩
34	O.L/857-B	ଗରୁଡ଼ ଗୀତା	ଦୀନ ଅଚ୍ୟୁତ	୩୫
35	O.L/1297	ଗରୁଡ଼ ଗୀତା	ଆଚ୍ୟୁତାନନ୍ଦ	୩୭
36	O L/1365	ଗରୁଡ଼ ଗୀତା		୩୭
37	O.L/1497	ଗରୁଡ଼ ଗୀତା	ମଥୁରା ଦାସ, ଅଚ୍ୟୁତାନନ୍ଦ ଦାସ	୩୭
38	O.L/538	ଗଞ୍ଜନ ଗୀତା	ବୃନ୍ଦାବନ ଦାସ	୩୮

Digitized by PPRACHIN, SOA

Serial No.	Catalogue No.	Name of the work	Name of the author	Page
39	O.L/372-J	ଗୀତ	ଦୀନକୃଷ୍ଣ ଦାସ	୩୯
40	O.L/139	ଗୀତଗୋବିନ୍ଦ with Oriya Poetry translation	ଜୟଦେବ ଉଦ୍ଧବ ଓ ଧରଣୀଧର	୪୦
41	O.L/302	ଗୀତଗୋବିନ୍ଦ with Oriya Poetry translation	ଜୟଦେବ ଉଦ୍ଧବ ଓ ଧରଣୀଧର ଦାସ	୪୪
42	O.L/322-B	ଗୀତଗୋବିନ୍ଦ with Oriya Poetry translation	ଜୟଦେବ ଧରଣୀଧର	୪୫
43	O.L/598	ଗୀତଗୋବିନ୍ଦ with Oriya Poetry translation		୪୬
44	O.L/666	ଗୀତଗୋବିନ୍ଦ and others with Oriya Poetry translation	,,	୪୭
45	Or.Ms./82	ଗୀତଗୋବିନ୍ଦ with Oriya Poetry translation	,,	୪୯
46	O.L/1436-A	ଗୀତଗୋବିନ୍ଦ with translation	,,	୫୧
47	O.L/599	ଗୀତଗୋବିନ୍ଦ with Oriya Poetry translation	,,	୫୨
48	Or.Ms./99	ଗୀତଗୋବିନ୍ଦ with Oriya Poetry translation	,,	୫୩

Digitized by PPRACHIN, SOA

Serial No	Catalogue No	Name of the work	Name of the author	Page
49	O.L/773-A	ଗୀତଗୋବିନ୍ଦ with Oriya Poetry translation	ଜୟଦେବ ବଳଭଦ୍ର ଦାସ	୫୪
50	O.L/1041	ଗୀତଗୋବିନ୍ଦ with Oriya Poetry translation	ଜୟଦେବ ଦ୍ୱିଜ ଚଇତନ	୫୪
51	Or Ms./186	ଗୀତ ପ୍ରକାଶ ବୋଲି	ଗିରିଗଦାଧର ଦାସ	୫୫
52	O.L/82	ଗୀତା, ଭଜନ	ଶ୍ୟାମାନନ୍ଦ ଓ ଅନ୍ୟାନ୍ୟ	୫୭
53	O L/179-B	ଗୀତା	ବହ୍ମାଣ୍ଡ ପୁରୁଷୋତ୍ତମ ଦାସ	୫୭
54	O L/877	ଗୀତା	ଅଚ୍ୟୁତ	୫୭
55	O L/3	ଗୀତାନୁବାଦ	ବଳରାମ ଦାସ	୫୮
56	O.L/878	ଗୀତାନୁବାଦ	,,	୬୦
57	O.L/972-A	ଗୀତାନୁବାଦ	,,	୬୧
58	O L/1325	ଗୀତାନୁବାଦ	,,	୬୧
59	O L/1348	ଗୀତାନୁବାଦ	,,	୬୨
60	O.L/1512	ଗୀତାନୁବାଦ	,,	୬୨
61	O L/808-A	ଗୀତାନୁବାଦ	କୃଷ୍ଣ ସିଂହ	୬୩
62	O.L/809	ଗୀତାନୁବାଦ		୬୪
63	O L/971-A	ଗୀତାନୁବାଦ		୬୫
64	O.L/1175	ଗୀତାନୁବାଦ	,,	୬୫
65	O.L/1322	ଗୀତାନୁବାଦ		୬୬
66	O.L/1506	ଗୀତାନୁବାଦ	,,	୬୬
67	O.L/1151-A	ଗୀତାନୁବାଦ	ସାଧୁଚରଣ ଦାସ	୬୭
68	O.L/1469	ଗୀତାନୁବାଦ	ସନ୍ନ୍ୟାସ ମଧୁସୂଦନ ପୁରୀ	୬୯
69	O.L/306-A	ଗୀତାଭିଧାନ	ଉପେନ୍ଦ୍ର ଭଞ୍ଜ	୭୦

Digitized by PPRACHIN, SOA

Serial No.	Catalogue No.	Name of the werk	Name of the author	Page
70	O.L /624	ଗୀତାଭିଧାନ	ଉପେନ୍ଦ୍ର ଭଞ୍ଜ	୭୨
71	O L /632-B	ଗୀତାଭିଧାନ		୭୨
72	O.L /824-A	ଗୀତାଭିଧାନ		୭୩
73	O.L /896-B	ଗୀତାଭିଧାନ	,,	୭୩
74	O L./1048	ଗୀତାଭିଧାନ	,,	୭୪
75	O.L /1098-A	ଗୀତାଭିଧାନ	,,	୭୪
76	O.L./1158-G	ଗୀତାଭିଧାନ	,,	୭୫
77	O.L./808-B	ଗୀତା ମାହାତ୍ମ୍ୟ	ଗୋପୀନାଥ ଦାସ	୭୫
78	O.L /642	ଗୀତାର୍ଥ ସାର ଟୀକା	ଜାନକୀବଲ୍ଲଭ	୭୭
79	O.L /1097-A	ଗୀତାପ୍ରକାଶ	ବଳରାମ ଦାସ	୭୭
80	O.L /822	ଗୀତାବଳୀ	ବୀରକେଶରୀ ଦେବ ଓ ଅନ୍ୟାନ୍ୟ	୭୮
81	O.L./861	ଗୀତାବଳୀ	ବଳଭଦ୍ର ବୈଶ୍ୟ ଓ ଅନ୍ୟାନ୍ୟ	୮୨
82	O.L /895	ଗୀତାବଳୀ	ଦୀନ ସୁବୁଦ୍ଧି ଓ ଅନ୍ୟାନ୍ୟ	୮୩
83	Or Pr./12-B	ଗୀତ ସାର	ବଳଭଦ୍ର ବୈଶ୍ୟ	୮୭
84	O.L./274-C	ଗୁଣ୍ଡିଆ ଶଙ୍କର ପାଲା	ବିଶ୍ୱନାଥ	୮୭
85	O.L./418-F	ଗୁଣ୍ଡିଆ ଶଙ୍କର ପାଲା	,,	୮୮
86	O.L /275-F	ଗୁଣ୍ଡିଆ ଶଙ୍କର ପାଲା	ଜୟକୃଷ୍ଣ	୮୯
87	O.L./276-B	ଗୁଣ୍ଡିଆ ଶଙ୍କର ପାଲା	କବି କର୍ଣ୍ଣ	୯୦
88	O L /619-G	ଗୁଣ୍ଡିଆ ଶଙ୍କର ପାଲା	,,	୯୧
89	O.L /1077-C	ଗୁଣ୍ଡିଆ ଶଙ୍କର ପାଲା	,,	୯୧
90	O.L./1080-K	ଗୁଣ୍ଡିଆ ଶଙ୍କର ପାଲା	,,	୯୨
91	O.L /65	ଗୁଣସାଗର	ଦୀନକୃଷ୍ଣ ଦାସ	୯୩
92	O.L./307	ଗୁଣସାଗର	,,	୯୩
93	O.L./350	ଗୁଣସାଗର		୯୫

Digitized by PPRACHIN, SOA

Serial No.	Catalogue No.	Name of the work	Name of the author	Page
94	O.L./426	ଗୁଣସାଗର	ଦୀନକୃଷ୍ଣ ଦାସ	୯୫
95	O L./433	ଗୁଣସାଗର	,,	୯୬
96	O.L./445	ଗୁଣସାଗର		୯୬
97	O L/10J6	ଗୁଣସାଗର	,,	୯୭
98	O.L./1C27	ଗୁଣସାଗର		୯୭
99	O.L/1033	ଗୁଣସାଗର		୯୮
100	O L./1103	ଗୁଣସାଗର		୯୮
101	O L./1109	ଗୁଣସାଗର	,,	୯୯
102	O.L/1113	ଗୁଣସାଗର		୧୦୦
103	O L/1128	ଗୁଣସାଗର	,,	୧୦୦
104	O L./1239	ଗୁଣସାଗର	,,	୧୦୦
105	O.L./1303	ଗୁଣସାଗର	,,	୧୦୧
106	O.L./1324	ଗୁଣସାଗର		୧୦୧
107	O.L/1363	ଗୁଣସାଗର		୧୦୨
108	O L./1399-B	ଗୁଣସାଗର	,,	୧୦୩
109	Or.Ms./76-D	ଗୁଣସାଗର	,,	୧୦୩
110	O L./586	ଗୁଣସାଗର ବୋଲି	,,	୧୦୪
111	O.L/281	ଗୁଣିଗାରେତ୍ତ		୧୦୪
112	O.L./317	ଗୁଣିଗାରେତ୍ତ		୧୦୫
113	O L./377	ଗୁଣିଗାରେତ୍ତ		୧୦୫
114	O L./401-G	ଗୁଣିଗାରେତ୍ତ		୧୦୬
115	O.L./186	ଗୁଣ୍ଡିଚ୍ଚା ଯାତ୍ରା	ଯୁଧିଷ୍ଠିର ଦାସ	୧୦୭
116	O L./520-B	ଗୁଣ୍ଡିଚ୍ଚା ଯାତ୍ରା	ଜଗନ୍ନାଥ	୧୦୮
117	O.L./260-D	ଗୁଣ୍ଡିଚ୍ଚା ବସନ୍ତ ଓ ଅନ୍ୟାନ୍ୟ	ବିପ୍ର ରାମ ଦାସ	୧୦୯

Digitized by PPRACHIN, SOA

Serial No.	Catalogue No	Name of the work	Name of the author	Page
118	O.L./899-(5)	ଗୁଣ୍ଡିଚ୍ଚା ବସନ୍ତ ଚଉତିଶା	ଲୋକନାଥ ବିଦ୍ୟାଧର	୧୧୧
119	O.L./1144	ଗୁଣ୍ଡିଚ୍ଚା ବିଜେ	ବିପ୍ର କାଶୀ ଦାସ	୧୧୨
120	O.L./1247	ଗୁଣ୍ଡିଚ୍ଚା ବିଜେ	ଶିଶୁ ଗୋବିନ୍ଦ	୧୧୨
121	O.L./1486-G	ଗୁଣ୍ଡିଚ୍ଚା ବିଜେ	ଜଗନ୍ନାଥ ଦାସ	୧୧୩
122	O.L./412-C	ଗୁପତ ଗହନ ଗୀତା	ଅଚ୍ୟୁତାନନ୍ଦ ଦାସ	୧୧୪
123	O.L./338	ଗୁପତ ଗୀତା	ବଳରାମ ଦାସ	୧୧୫
124	O.L./399-D	ଗୁପତ ଗୀତା		୧୧୭
125	O.L./988	ଗୁପତ ଗୀତା		୧୧୮
126	O.L./1149-B	ଗୁପତ ଗୀତା		୧୧୯
127	O.L./1464-I	ଗୁପତ ଗୀତା	,,	୧୨୦
128	O.L./1477-B	ଗୁପତ ଗୀତା		୧୨୧
129	O.L./1483	ଗୁପତ ଗୀତା	,,	୧୨୧
130	O.L./972-B	ଗୁପତ ଚିନ୍ତାମଣି	ସ୍ୱପନ ଦାସ	୧୨୨
131	O.L./627-D	ଗୁପତ ରହସ୍ୟ		୧୨୩
132	O.L./1-A	ଗୁପ୍ତଗୀତା	ବଳରାମ ଦାସ	୧୨୪
133	O.L./4	ଗୁପ୍ତଗୀତା	,,	୧୨୫
134	O.L./342-B	ଗୁପ୍ତଗୀତା	,,	୧୨୬
135	O.L./390-A	ଗୁପ୍ତଗୀତା	,,	୧୨୭
136	O.L./390	ଗୁପ୍ତଗୀତା	,,	୧୨୯
137	O.L./723	ଗୁପ୍ତଗୀତା	,,	୧୩୦
138	O.L./773-B	ଗୁପ୍ତଗୀତା	,,	୧୩୩
139	O.L./952-A	ଗୁପ୍ତଗୀତା		୧୩୪
140	O.L./1017	ଗୁପ୍ତଗୀତା	,,	୧୩୫
141	O.L./1018	ଗୁପ୍ତଗୀତା	,,	୧୩୭

Digitized by PPRACHIN, SOA

Serial No.	Catalogue No.	Name of the work	Name of the author	Page
142	O.L./1019	ଗୁପ୍ତଗୀତା	ବଳରାମ ଦାସ	୧୩୭
143	O L./1112-A	ଗୁପ୍ତଗୀତା (ଟୀକା ସାର)		୧୩୮
144	O L./1194-A	ଗୁପ୍ତଗୀତା	,,	୧୩୮
145	O.L./1207	ଗୁପ୍ତଗୀତା		୧୩୯
146	O.L./342-C	ଗୁପ୍ତଗୀତା ଟୀକା	,,	୧୩୯
147	O.L./2	ଗୁପ୍ତଭାଗବତ	ଜଗନ୍ନାଥ ଦାସ	୧୪୧
148	O L /1151-C	ଗୁପ୍ତଭାଗବତ	,,	୧୪୨
149	O L /764-G	ଗୁରୁତତ୍ତ୍ୱସାର	ଗୋପୀନାଥ	୧୪୩
150	Or.Pr./18-B	ଗୁରୁପଞ୍ଚମୀ ବ୍ରତକଥା		୧୪୪
151	O.L /603	ଗୁରୁ ପ୍ରଣାଳୀ ଓ ଅନ୍ୟାନ୍ୟ		୧୪୫
152	O.L /381-C	ଗୁରୁଭକ୍ତି ଗୀତା	ଅଚ୍ୟୁତାନନ୍ଦ ଦାସ	୧୪୭
153	O.L /702-B	ଗୁରୁବାର ବ୍ରତ	ଦ୍ୱିଜ ଅନିରୁଦ୍ଧ	୧୪୭
154	O.L./703	ଗୁରୁବାର ବ୍ରତ	,,	୧୪୮
155	O.L./353-H	ଗୁରୁଶିଷ୍ୟ ଚଉତିଶା	ଲୋକନାଥ	୧୪୯
156	O L /948	ଗୋପ ଚରିତ	ମାଗୁଣି ପଟ୍ଟନାୟକ	୧୫୦
157	Or Ms./54	ଗୋପଲୀଳା	ଶ୍ୟାମ ସାହୁ	୧୫୧
158	O L./899-A	ସପ୍ତରଗ ଚଉତିଶା	ଲୋକନାଥ ବିଦ୍ୟାଧର	୧୫୨
159	O.L./1138-E	ଗୋପବିଳାପ ଚଉତିଶା	ସୁହାସ ନୃପ-ନନ୍ଦନ	୧୫୪
160	O.L./1448	ଗୋପାଳକୃଷ୍ଣ ପଦ୍ୟାବଳୀ	ଗୋପାଳକୃଷ୍ଣ ପଟ୍ଟନାୟକ	୧୫୪
161	O.L./892-I	ଗୋପୀ ଚଉତିଶା		୧୫୫
162	Or.Ms./135	ଗୋପୀଚନ୍ଦନ	ବୃନ୍ଦ ଦାସ	୧୫୬
163	O.L./303	ଗୋପୀଚନ୍ଦ୍ରା ଓ ଅନ୍ୟାନ୍ୟ	ଦୁଃଖିଶ୍ୟାମ ଦାସ	୧୫୭
164	O.L./396-E	ଗୋପୀଚନ୍ଦ୍ରା ଓ ଅନ୍ୟାନ୍ୟ	ବୈରାଗୀ	୧୫୭
165	O L./1013-K	ଗୋପୀଚନ୍ଦ୍ରା ଓ ଅନ୍ୟାନ୍ୟ	ବିଦ୍ୟାଧର	୧୫୯

Digitized by PPRACHIN, SOA

Serial No	Catalogue No	Name of the work	Name of the author	Page
166	O.L/401-A	ଗୋପୀଚିନ୍ତା ଗୀତା ଓ ଅନ୍ୟାନ୍ୟ	କହ୍ନାଇ	୧୬୦
167	O L /401-D	ଗୋପୀଚିନ୍ତା ଗୀତା	ବୈଷ୍ଣବ ଦାସ	୧୬୧
168	O L /263-E	ଗୋପୀଚିନ୍ତା ବୋଲି ଓ ଅନ୍ୟାନ୍ୟ	ବାମଦେବ ପଟ୍ଟନାୟକ	୧୬୨
169	O L /687	ଗୋପୀଚିନ୍ତା ବୋଲି ଓ ଅନ୍ୟାନ୍ୟ		୧୬୩
170	O L /143	ଗୋପୀନାଥ ବଲ୍ଲଭ ନାଟକ	କବିଚନ୍ଦ୍ର ରଘୁନାଥ ପରିଛା	୧୬୪
171	O L./682-A	ଗୋପୀନାଥ ବଲ୍ଲଭ ନାଟକ ଓ ଅନ୍ୟାନ୍ୟ	,,	୧୬୫
172	O L./156	ଗୋପୀପ୍ରେମ ପ୍ରକାଶ ଓ ଅନ୍ୟାନ୍ୟ	ପୁରୁଷୋତ୍ତମ ଦାସ	୧୬୬
173	O L./443 A	ଗୋପୀଭାଷା	ଦନାଇ ଦାସ	୧୬୭
174	O L /492-B	ଗୋପୀଭାଷା ଓ ଅନ୍ୟାନ୍ୟ	,	୧୬୮
175	O L /438-A	ଗୋପୀଭାଷା		୧୭୧
176	O L /492	ଗୋପୀଭାଷା ଓ ଅନ୍ୟାନ୍ୟ		୧୭୨
177	O L /847-A	ଗୋପୀଭାଷା	,,	୧୭୩
178	O L /1022-A	ଗୋପୀଭାଷା		୧୭୪
179	O L /1300	ଗୋପୀଭାଷା		୧୭୪
180	O L /1124	ଗୋପୀଭାଷା		୧୭୫
181	O L /1424	ଗୋପୀଭାଷା		୧୭୫
182	O L /741	ଗୋପୀଭାଷା ଅର୍ଥ	ଜଗନ୍ନାଥ ଦାସ	୧୭୬
183	Or.Ms /189	ଗୋପୀଭାଷା ଚରିତ	ମାଗୁଣି ପଟ୍ଟନାୟକ	୧୭୭
184	O.L /1182	ଗୋପୀଭାଷା ରାସକ୍ରୀଡ଼ା	ଜଗନ୍ନାଥ ଦାସ	୧୭୮
185	O.L./1081-B	ଗୋପୀ ବିଳାପ	ମଥୁରା ଦାସ	୧୭୮
186	O L /934-E	ଗୋରଖ କବୀର ସମ୍ବାଦ		୧୮୧
187	O.L./401-F	ଗୋରଖ ମଲ୍ଲିକା ସମ୍ବାଦ	ଗୋରଖନାଥ	୧୮୧
188	O.L./415-C	ଗୋରଖ ସପ୍ତାଙ୍ଗ	,,	୧୮୨
189	O.L./1374	ଗୋବିନ୍ଦଚନ୍ଦ୍ର	ଦାସ ବର୍ତ୍ତି ଦାସ	୧୮୩

Digitized by PPRACHIN, SOA

Serial No.	Catalogue No.	Name of the work	Name of the author	Page
190	O L./1475-C	ଗୋବନ୍ଦଚନ୍ଦ୍ର	ସିଦ୍ଧେଶ୍ୱର ଦାସ	୧୮୪
191	O L./688-B	ଗୋବନ୍ଦ ମଙ୍ଗଳ	କୃଷ୍ଣସିଂହ ଦାସ	୧୮୫
192	O.L./1190-C	ଗୋବନ୍ଦ ମଙ୍ଗଳ	ଗୌରଚନ୍ଦ୍ର ଭ୍ରମରବର ମାନସିଂହ ମହାରାଜ	୧୮୬
193	O.L./147	ଗୋବନ୍ଦ ଲୀଳାମୃତ	ଯଦୁନନ୍ଦନ ଦାସ	୧୮୮
194	O.L /170-C	ଗୋବନ୍ଦ ବିଳାସ	ଗୋପୀନାଥ ଦାସ	୧୮୮
195	Or.Ms/195	ଗୋବନ୍ଦ ବିଳାସ	ଘନ ଭଞ୍ଜ	୧୯୦
196	O.L./1273	ଗୌରାଙ୍ଗ ଭାଗବତ (ଅନ୍ତ୍ୟଲୀଳା)	ଭଗବାନ ଦାସ	୧୯୧
197	O.L./690-G	ଘନଦୂତ ଚଉତିଶା	ଘନ ଦାସ	୧୯୨
198	O L./690-N	ଘନମାଳ ଚଉତିଶା	ବାମଦେବ	୧୯୩
199	Or.Ms./93	ଘାଟ ବୋଲି	ବ୍ରଜ ଦାସ	୧୯୪
200	O.L./761 D	ଘାଟସଧା ଓ ଅନ୍ୟାନ୍ୟ	ଅଚ୍ୟୁତାନନ୍ଦ ଦାସ	୧୯୫
201	O.L./99-L	ଚତୁର୍ଦଶ ରାଗ ଚଉତିଶା	ଲୋକନାଥ ବିଦ୍ୟାଧର	୧୯୬
202	O.L./764-D	ଚଉତିଶା	ରଙ୍କା	୧୯୭
203	O.L./764-E	ଚଉତିଶା	ଜଗା ଦାସ	୧୯୮
204	O L./900	ଚଉତିଶା	ଯଦୁ ଦାସ	୧୯୮
205	O L./901	ଚଉତିଶା	ସାମନ୍ତ ସିଂହାର ମହାପାତ୍ର ଚକ୍ରଧର ଭଞ୍ଜ	୨୦୨
206	O L./1474-C	ଚଉତିଶା ଓ ଅନ୍ୟାନ୍ୟ	ରାମକୃଷ୍ଣ	୨୦୩
207	Or.Ms./166	ଚଉତିଶା	ବିଷ୍ଣୁ ଦାସ	୨୦୪
208	O.L./751	ଚଉତିଶା ମାଳା	ଗୋବର୍ଦ୍ଧନ ଦାସ ଓ ଅନ୍ୟାନ୍ୟ	୨୦୫
209	O.L./327	ଚଉପଦୀ ଓ ଅନ୍ୟାନ୍ୟ	ଦ୍ୱିଜ କୁଳମଣି	୨୧୧
210	O.L./502	ଚଉପଦୀ	କବିସୂର୍ଯ୍ୟ ବଳଦେବ ରଥ ଓ ଅନ୍ୟାନ୍ୟ	୨୧୩
211	O.L./532	ଚଉପଦୀ	ନରେନ୍ଦ୍ରଦେବ ଓ ଅନ୍ୟାନ୍ୟ	୨୧୫

Digitized by PPRACHIN, SOA

Serial No	Catalogue No.	Name of the work	Name of the author	Page
212	O.L./643-A	ଚଉପଦୀ	ସତ୍ୟବାଦୀ ହରିଚନ୍ଦନ ଓ ଅନ୍ୟାନ୍ୟ	୧୨୬
213	O L /683	ଚଉପଦୀ	ଉପେନ୍ଦ୍ର ଭଞ୍ଜ ଓ ଅନ୍ୟାନ୍ୟ	୧୨୭
214	O.L./743	ଚଉପଦୀ	ସାଧୁଚରଣ ଓ ଅନ୍ୟାନ୍ୟ	୧୨୯
215	Or.Ms./56-B	ଚଉପଦୀ	କଣେଇଚନ୍ଦ୍ର, ରାଜେନ୍ଦ୍ର	୧୧୨
216	Or.Ms /56-C	ଚଉପଦୀ	ପଦ୍ମନାଭ ଦେବ	୧୧୧
217	O.L./758	ଚଉପଦୀ	ଦୀନବନ୍ଧୁ ରାୟ ଓ ଅନ୍ୟାନ୍ୟ	୧୧୩
218	O.L /893	ଚଉପଦୀ	ହେମଚନ୍ଦ୍ର ଓ ଅନ୍ୟାନ୍ୟ	୧୧୪
219	O.L /1031-B	ଚଉପଦୀ	ଉପେନ୍ଦ୍ର ଭଞ୍ଜ ଓ ଅନ୍ୟାନ୍ୟ	୧୧୫
220	O.L./1165	ଚଉପଦୀ	ମହେନ୍ଦ୍ର ଓ ଅନ୍ୟାନ୍ୟ	୧୧୬
221	O.L./1366-F	ଚଉପଦୀ	କବିସୂର୍ଯ୍ୟ ଓ ଅନ୍ୟାନ୍ୟ	୧୧୯
222	O.L./1388	ଚଉପଦୀ	ଲକ୍ଷ୍ମୀଚରଣ ଭଞ୍ଜ	୧୩୦
223	O L./1432	ଚଉପଦୀ	ମଧୁମଣି	୧୩୨
224	Or Ms./143	ଚଉପଦୀ	କୁଞ୍ଜବିହାରୀ ଓ ଅନ୍ୟାନ୍ୟ	୧୩୧
225	O.L./396-B	ଚଉପଦୀ ଚନ୍ଦ୍ର	ଉପେନ୍ଦ୍ର ଭଞ୍ଜ	୧୩୩
226	O.L./79	ଚଉପଦୀ ଚନ୍ଦ୍ରୋଦୟ	କବିସୂର୍ଯ୍ୟ ବଳଦେବ ରଥ	୧୩୪
227	Or.Ms./105	ଚଉପଦୀ ଚଉତିଶା	ବାଲଜୀ ପଟ୍ଟନାୟକ ଓ ଅନ୍ୟାନ୍ୟ	୧୩୫
228	Or.Ms./106	ଚଉପଦୀ, ଚଉତିଶା	ଭୁବନେଶ୍ୱର ଓ ଅନ୍ୟାନ୍ୟ	୧୩୭
229	O.L./253	ଚଉପଦୀ ଚିନ୍ତାମଣି	ବିଶ୍ୱମ୍ଭର ରାଜେନ୍ଦ୍ର ଦେବ	୧୩୮
230	Or.Ms /52	ଚଉପଦୀ ଚିନ୍ତାମଣି	,,	୧୩୯
231	Or.Ms./53	ଚଉପଦୀ ଚିନ୍ତାମଣି		୧୪୦
232	O.L./396-D	ଚଉପଦୀ ଭୂଷଣ	ନୃସିଂହ ପଟ୍ଟନାୟକ	୧୪୧
233	O L /457	ଚଉପଦୀ ଭୂଷଣ	ଜଗନ୍ନାଥ ନାରାୟଣଦେବ ଓ ଅନ୍ୟାନ୍ୟ	୧୪୧

Digitized by PPRACHIN, SOA

Serial No.	Catalogue No.	Name of the work	Name of the author	Page
234	O L /583	ଚଉପଦୀ ଭୂଷଣ ଓ ଅନ୍ୟାନ୍ୟ	ଧନଞ୍ଜୟ ଭଞ୍ଜ	୨୪୪
235	O.L /68	ଚଉପଦୀମାଳା	ଦୀନକୃଷ୍ଣ ଦାସ	୨୪୬
236	O.L./71	ଚଉପଦୀମାଳା	ରାମଚନ୍ଦ୍ର ଦେବ ଓ ଅନ୍ୟାନ୍ୟ	୨୪୬
237	O L./72	ଚଉପଦୀମାଳା	ଦ୍ୱିଜ ନ ରାୟଣ ଓ ଅନ୍ୟାନ୍ୟ	୨୪୮
238	O.L./74	ଚଉପଦୀମାଳା	ମୁକୁନ୍ଦଦେବ ଓ ଅନ୍ୟାନ୍ୟ	୨୫୦
239	O.L./75	ଚଉପଦୀମାଳା	ଭୁବନେଶ୍ୱର କବିଚନ୍ଦ୍ର ଓ ଅନ୍ୟାନ୍ୟ	୨୫୨
240	O L./77	ଚଉପଦୀମାଳା	ଦୟାନିଧି ପାତ୍ର ଓ ଅନ୍ୟାନ୍ୟ	୨୫୩
241	O.L /81	ଚଉପଦୀ ସାଗର	ଜଗନ୍ନାଥ ଦେବ ଓ ଅନ୍ୟାନ୍ୟ	୨୫୪
242	O L /262-B	ଚଉପଦୀ ସାର ସଂଗ୍ରହ	କବିସୂର୍ଯ୍ୟ ବଳଦେବ ରଥ	୨୫୬
243	Or Ms./131	ଚଉଷଠି ରତିବନ୍ଧ	ଗୋପାଳ ଭଞ୍ଜ	୨୫୬
244	Or.Ms./121	ଚକଡ଼ା	ଫକୀର ଚରଣ	୨୫୮
245	O.L./1286	ଚଣ୍ଡିକା ସ୍ତୁତି ଓ ଅନ୍ୟାନ୍ୟ	ବଳରାମ ଦାସ ଓ ଅନ୍ୟାନ୍ୟ	୨୬୦
246	O.L./303-S	ଚଣ୍ଡୀଦାସ ଜଣାଣ ଓ ଅନ୍ୟାନ୍ୟ	ଚଣ୍ଡୀ ଦାସ ଓ ଅନ୍ୟାନ୍ୟ	୨୬୧
247	O.L /522-B	ଚଣ୍ଡୀଦାସ ପଦ୍ୟାବଳୀ	ଚଣ୍ଡୀ ଦାସ	୨୬୨
248	O.L./986	ଚଣ୍ଡୀ ରହସ୍ୟ	ମଧୁସୂଦନ	୨୬୨
249	Or Ms /144	ଚଣ୍ଡୀ ବିହାର	ଦ୍ୱିଜ ନଟବର	୨୬୪
250	O.L./108	ଚତୁର୍ଦ୍ଧାମୂର୍ତ୍ତି ବର୍ଣ୍ଣନ	କୃପା ସମୁଦ୍ର ଦାସ	୨୬୬
251	O.L /1464-G	ଚତୁର୍ଦ୍ଧାମୂର୍ତ୍ତି ବର୍ଣ୍ଣନ	କୃପାସିନ୍ଧୁ ଦାସ	୨୬୬
252	Or.Pr./18-C	ଚଇତ୍ରମାସ୍ୟା ଗୁରୁବାର କଥା		୨୬୮
253	Or.Ms /55-C	ଚନ୍ଦନଯାତ୍ରା ପାଲା	କିଶୋରଚନ୍ଦ୍ର ରାଜେନ୍ଦ୍ର	୨୬୯
254	O.L /252-D	ଚନ୍ଦନଯାତ୍ରା ପାଲା	କିଶୋରଚନ୍ଦ୍ର ପାଟଦେଓ	୨୭୧
255	O.L./111	ଚନ୍ଦ୍ରକଳା	ବିଲୋଚନ ବଳିୟାର ସିଂହ	୨୭୧
256	O.L./674-A	ଚନ୍ଦ୍ରକଳା	,,	୨୭୩

Digitized by PPRACHIN, SOA

Serial No.	Catalogue No.	Name of the work	Name of the author	Page
257	O L /326	ଚନ୍ଦ୍ରକଳା	କବିସୂର୍ଯ୍ୟ ବଳଦେବ ରଥ	୨୭୪
258	O.L./25	ଚନ୍ଦ୍ରକଳା ହରଣ	ସାରଳା ଚଣ୍ଡୀ ଦାସ	୨୭୪
259	O.L /759-B	ଚନ୍ଦ୍ରଦୂତ ଚଉତିଶା	ଘନ ଭଞ୍ଜ	୨୭୫
260	O.L./899-U	ଚନ୍ଦ୍ରବଦନା ଚଉତିଶା	ଲୋକନାଥ ବିଦ୍ୟାଧର	୨୭୬
261	Or Ms./169	ଚନ୍ଦ୍ରହାସ କେଳି ଅଭିଳାଷ	ପୀତାମ୍ବର	୨୭୭
262	O.L /619-K	ଚନ୍ଦ୍ରାଙ୍କିତ ପାଲା	କବି କର୍ଣ୍ଣ	୨୭୮
263	O L./1342-B	ଚନ୍ଦ୍ରାଙ୍କିତ ପାଲା	,,	୨୭୯
264	O.L./406	ଚନ୍ଦ୍ରାବତୀ ହରଣ	ଗିରିଧାରୀ ଦାସ	୨୮୦
265	O.L./551-B	ଚନ୍ଦ୍ରାବତୀ ହରଣ	ସାରଳା ଦାସ	୨୮୨
266	O.L /1187-B	ଚନ୍ଦ୍ରାବତୀ ହରଣ	,,	୨୮୪
267	O.L /761-A	ଚନ୍ଦ୍ରାବତୀ ହରଣ	ଦ୍ୱିଜ ହୃଷୀକେଶ	୨୮୫
268	O.L./1141	ଚନ୍ଦ୍ରାବତୀ ହରଣ	ଭିକାରୀ ଦାସ	୨୮୬
269	O.L./1159-K	ଚନ୍ଦ୍ରାବତୀ ହରଣ ସୁଆଙ୍ଗ	ଦୀନବନ୍ଧୁ	୨୮୭
270	O.L./561-B	ଚମତ୍କାର ଚନ୍ଦ୍ରିକା	ନରୋତ୍ତମ ଦାସ	୨୮୯
271	O.L./496-A	ଚମ୍ପାବତୀ ହରଣ	ଅଚ୍ୟୁତାନନ୍ଦ ଦାସ	୨୮୯
272	O L./303-N	ଚମ୍ପୂ	କବିସୂର୍ଯ୍ୟ ବଳଦେବ ରଥ	୨୯୨
273	O.L./729	ଚମ୍ପୂ		୨୯୩
274	Or H./16	ଚଯ୍ୟନ ଚକଡ଼ା		୨୯
275	Or.H/17	ଚଯ୍ୟନ ଚକଡ଼ା	ଫକୀର ଚରଣ	୨୯୪
276	O.L /102	ଚରଣ ସୁଧାନିଧି	ଗୋବିନ୍ଦ ଭଞ୍ଜ	୨୯୫
277	O.L./103	ଚରଣ ସୁଧାନିଧି		୨୯୭
278	O.L./1023	ଚରଣ ସୁଧାନିଧି	,,	୨୯୮
279	Or.Ms./205	ଚଉଶ ଉପଦେଶ	ଅଚ୍ୟୁତାନନ୍ଦ ଦାସ	୨୯୮
280	O.L./18	ଚୈତ୍ର ଇଚ୍ଛାବତୀ	ବନମାଳୀ ଦାସ	୩୦୦

Digitized by PPRACHIN, SOA

Serial No	Catalogue No.	Name of the work	Name of the author	Page
281	O.L./1255-C	ଗୁପ୍ତ ଇଚ୍ଛାବତୀ	ବନମାଳୀ ଦାସ	୩୦୦
282	O.L./1366-H	ଗୁପ୍ତ ଇଚ୍ଛାବତୀ		୩୦୧
283	O.L./1013-J	ଗୁପ୍ତ ବୋଲି	ବଳରାମ ଦାସ ଓ ରଘୁ	୩୦୨
284	O.L./842-C	ଗୁପ୍ତ ଗୀତ	ନାରାୟଣ ମର୍ଦ୍ଦରାଜ ଓ ଅନ୍ୟାନ୍ୟ	୩୦୩
285	O.L./899-J	ଗୁପ୍ତଚନ୍ଦ୍ର ଚଉତିଶା	ଲୋକନାଥ ବିଦ୍ୟାଧର	୩୦୮
286	O.L./492-C	ଗୁଣକ୍ୟମାଳ		୩୦୯
287	O.L./991-C	ଗୁଣକ୍ୟମାଳ		୩୦୯
288	Or Pr./51	ଗୁଣକ୍ୟମାଳ		୩୧୦
289	O.L./1189-B	ଗୁଣକ୍ୟ ମାଳ		୩୧୧
290	O.L./1189-E	ଗୁଣକ୍ୟମାଳ		୩୧୨
291	O.L./1486-F	ଗୁଣକ୍ୟମାଳ		୩୧୩
292	O.L./153-E	ଗୁପ୍ତ ଲହରୀ	ରସମୟୀ ଦାସ	୩୧୪
293	O.L./690-C	ଗୁରୁମନ୍ତ୍ର ଚଉତିଶା	ବାଳୁଙ୍କ	୩୧୫
294	O.L./425-(21)	ଚଟାଉ		୩୧୬
295	O.L./425-(22)	ଚଟାଉ	ଦାଶରଥି	୩୧୭
296	O.L./425-H	ଚଟାଉ	ରାମଚନ୍ଦ୍ର	୩୧୭
297	O.L./425-(24)	ଚଟାଉ	ଦାଶରଥି	୩୧୮
298	O.L./425-(25)	ଚଟାଉ	ଗୋପୀନାଥ ହରିଚନ୍ଦନ	୩୧୯
299	O.L./520-G	ଚଟାଉ	ଦୀନବନ୍ଧୁ ରାଜ ହରିଚନ୍ଦନ ଓ ଦ୍ୱିଜ ହରି	୩୨୦
300	O.L./759-A	ଚଟାଉ	କୃପାସିନ୍ଧୁ ସୁମନ୍ତ ଓ ଅନ୍ୟାନ୍ୟ	୩୨୧
301	O.L./425-(1)	ଚଟାଉ ଭଷା	ଶ୍ରେଷ୍ଠରାୟ	୩୨୩
302	O.L./425-(18)	ଚଟାଉ ଭଷା	ବାମଦେବ ପଟ୍ଟନାୟକ	୩୨୪

Digitized by PPRACHIN, SOA

Serial No.	Catalogue No.	Name of the work	Name of the author	Page
303	O.L /425-(19)	ଚଟାଉ ଭାଷା	ବାମଦେବ ପଟ୍ଟନାୟକ	୩୧୫
304	O.L./425-(20)	ଚଟାଉ ଭାଷା		୩୧୬
305	O.L /63	ଚନ୍ଦ୍ରକଳା	ଲୋକନାଥ ବିଦ୍ୟାଧର	୩୧୭
306	O.L./97	ଚନ୍ଦ୍ରକଳା	,,	୩୧୭
307	O.L./98	ଚନ୍ଦ୍ରକଳା	,,	୩୩୪
308	O.L./521-C	ଚନ୍ଦ୍ରକଳା	,,	୩୩୫
309	O.L /558-B	ଚନ୍ଦ୍ରକଳା	,,	୩୩୫
310	O.L./678	ଚନ୍ଦ୍ରକଳା	,,	୩୩୬
311	O.L /679	ଚନ୍ଦ୍ରକଳା		୩୩୬
312	O.L./1447-A	ଚନ୍ଦ୍ରକଳା	,,	୩୩୭
313	O.L./341	ଚନ୍ଦ୍ରକାବ୍ୟ	ସତ୍ୟବାଦୀ ଦାସ	୩୩୮
314	O.L./232	ଚନ୍ଦ୍ରକାବ୍ୟ ବନ୍ଧୋଦୟ	ଉପେନ୍ଦ୍ର ଭଞ୍ଜ	୩୩୯
315	O L./278	ଚନ୍ଦ୍ରକାବ୍ୟ ବନ୍ଧୋଦୟ		୩୪୩
316	O.L./340	ଚନ୍ଦ୍ରକାବ୍ୟ ବନ୍ଧୋଦୟ		୩୪୪
317	O.L./472	ଚନ୍ଦ୍ରକାବ୍ୟ ବନ୍ଧୋଦୟ		୩୪୪
318	O.L./473	ଚନ୍ଦ୍ରକାବ୍ୟ ବନ୍ଧୋଦୟ	,,	୩୪୫
319	O.L /606-A	ଚନ୍ଦ୍ରକାବ୍ୟ ବନ୍ଧୋଦୟ	,,	୩୪୬
320	O L./727	ଚନ୍ଦ୍ରକାବ୍ୟ ବନ୍ଧୋଦୟ	,,	୩୪୬
321	O L /939	ଚନ୍ଦ୍ରକାବ୍ୟ ବନ୍ଧୋଦୟ	,,	୩୪୭
322	O.L /999	ଚନ୍ଦ୍ରକାବ୍ୟ ବନ୍ଧୋଦୟ	,,	୩୪୭
323	O.L./1035	ଚନ୍ଦ୍ରକାବ୍ୟ ବନ୍ଧୋଦୟ	,,	୩୪୮
324	Or Ms /204	ଚମ୍ପକ ମାଳିକା	ଅନନ୍ତ ଦାସ	୩୪୮
325	O.L./289	ଚମ୍ପକ ମାଳିକା		୩୪୯
326	O L./643-B	ଚୂଡ଼ାମଣି ଗୀତା		୩୫୦

Digitized by PPRACHIN, SOA

Serial No.	Catalogue No.	Name of the work	Name of the author	Page
327	O.L./556	ଚୈତନ୍ୟ ଗୀତା	ମୋହନ ଦାସ	୩୫୧
328	O L./668	ଚୈତନ୍ୟ ଚରିତାମୃତ	ଈଶ୍ୱର ଦାସ	୩୫୩
329	O.L./1237-B	ଚୈତନ୍ୟ ଚରିତାମୃତ (ମଧ୍ୟ ଲୀଳା)	କୃଷ୍ଣ ଦାସ	୩୫୪
330	O.L./548-B	ଚୈତନ୍ୟ ପ୍ରକାଶ	ସନାତନ ଦାସ	୩୫୪
331	O.L./616-C	ଚୈତନ୍ୟ ବିଳାସ	ମାଧବ ରଥ	୩୫୫
332	O.*L* /945-A	ଚୈତନ୍ୟ ବିଳାସ	,,	୩୫୬
333	O,*L*./162	ଚୈତନ୍ୟ ବୈରାଗ୍ୟ	କବିରାଜ ଘୋଷ	୩୫୬
334	Or.Pr./41	ଚୈତ୍ର ମଙ୍ଗଳବାର କଥା		୩୫୮
335	O.*L* /690-U	ଚୈଖି ଚଉତିଶା	ଲୋକନାଥ	୩୫୯
336	O.*L*./899-T	ଚୈଖି ଚଉତିଶା	,,	୩୬୦
337	O.*L*./961	ଚୌରଶୀ	ଅଚ୍ୟୁତାନନ୍ଦ ଦାସ	୩୬୧

Digitized by PPRACHIN, SOA

DESCRIPTIVE CATALOGUE OF ORIYA MANUSCRIPTS.

1

Catalogue No.OL/202

ଖଡ଼ିପୋଥି

Substance—Palm leaf—No. of folia—121. Size—19×4 C.M. Each side contains 4 to 7 lines. Character—Oriya. Date of Copy—C. 19th Century A.D. Complete. Condition—good. Find spot—Gadamānitri, P.S. Beguniā, Dt. Puri.

Beginning—ଶ୍ରୀ ହନୁମାନ ପ୍ରଶ୍ନ ଏ, ଏହିପରି ଜାଣିମ । ଅରୁଆ ଚୃଉଳ ମୁଠିଏ ଆସନ କରିବ । ଏହି ଚୃଉଳରୁ ପୁଞ୍ଜିଏ ଧରି ପୋଥିରେ ଛୁଆଇଂ ମୁଣ୍ଡରେ ଲଗାଇ ତଳେ ଥୋଇବ । ତିନଥର ଏହିରୂପେ କରିବ । ଉକ୍ତ ଚୃଉଳକୁ ପୁଞ୍ଜା ପୁଞ୍ଜା କରିବ । ସମାନ ହେଲେ ଉକ୍ତ ପ୍ରଶ୍ନ ମୂଳଧାଡ଼ି ଦେଖିବ ।

× × ×

ଶ୍ରୀକାମାଖୀ (କ୍ଷୀ) ଖଡ଼ି—

ଶୁଣ ହେ ସୁଜନ ଜନେ ସତ୍ୟଭାମା ଏକ ଦିନେ,
ଶ୍ରୀଛାମୁରେ କର ଯୋଡ଼ି, ପୟରେ ପଡ଼ି ହେ ।
ବୋଲନ୍ତି ହେ ପ୍ରାଣନାଥ କହ ପ୍ରଶ୍ନ ବୃତ୍ତାନ୍ତ,
ଫେଡ଼ି ସଂଶୟକୁ ମୋର କରୁଣାକର ହେ ।

× × ×

ଚଉଷଠି ପ୍ରଶ୍ନ ଶୁଣ କହନ୍ତି ରମାରମଣ,
ମନରେ ଭାବନା ଯାହା ହୋଇବ ତାହା ହେ ।
କର୍ମ କରତା ଦଇବ, କପୋ(ପା)ଳେ ଲେଖିଛି ହେବ,
ତାହା କେ କରିବ ଆନ, ମିଥ୍ୟା ନ ମଣ ହେ ।
ସୁଜନେ ସଙ୍କେତ ଶୁଣ ପୃଷ୍ଠପରେ ତିଳଚିହ୍ନ,
ଚଉଷଠି ପ୍ରଶ୍ନ ଶୁଣ ରମାରମଣ ହେ ।

ଇତି କାମାକ୍ଷୀ ଖଡ଼ି ସମ୍ପୂର୍ଣ୍ଣ ।

Digitized by PPRACHIN, SOA

Colophon—ଶ୍ରୀକାମାଖୀ(କ୍ଷୀ) ନମଃ । ଶ୍ରୀକାମାକ୍ଷୀ ଖଣ୍ଡ ସମ୍ପୂର୍ଣ୍ଣ ।

There are a few folia containing Mantras of snake biting in Oriya prose towards the end of the manuscript.

2

Cat. No.O.L./1356

ଗଣ୍ଡକଢ଼ିତା

By ବଭିନ୍ନ କବ

Substance—Palm leaf. No. of folia—32. Size—16.6×3.9 C.M. Each side contains 3 to 5 lines. Character—Oriya. Date of copy – C. 19th Century A.D. Incomplete. Condition—Badly worm eaten. Find spot—Talānga, P.S. Bhadrak, Dt. Balasore.

କଂସର ଡଗର ଆସିଛି ଅକ୍ରୂର
ତୁମ୍ଭେ ବେନି ଜନେ ଯିବଟି ରଥେ,
ଝରହେଣ ନାରୀ ହେବ ତନୁ ଘାର
ଝୁରି ମରିବୁ ମଦନ ଅରଣ୍ୟେ
ଭଣେ ଦ୍ୱିଜୋଧନ ସେ ପାଦ ଶରଣେ ।

× × ×

ଏତେ କହିଣ ଯଶୋଦେ ଚଳିଗଲେ
ଧୂଳି ଝାଡ଼ିଦେଇ କୋଳେ ବସାଇଲେ ।
ସ୍ନାନ କାଶି ବୋଲେ ସଦନକୁ ନେଲେ
ସର ଭୁଞ୍ଜାଇଣ ଦେଲେ ।

× × ×

ଚଉଦଗକୁ ସେ ଚୁହୁଁଥିବ ଗୋ
ଉପଇନ୍ଦ୍ର ଭଣି
ସେ ମନମୋହନୀ ପିଣ୍ଡରେ କ ପ୍ରାଣ ରଖିଥିବ ଗୋ ।

No Colophon

Digitized by PPRACHIN, SOA

3

Cat. No. OL/520 (F)

ଖଲ୍ଲିକୋଟ ରାଜାଙ୍କ ଯଶ

By ଚଇତନ ଦାସ

Substance—Palm leaf. No. of folia—28. Size—21.9×3.2 C.M. Character—Oriya. Date of Copy—C. 19th Century A.D. Complete. Condition—good. Find spot—Haladiā, P. S. Khurdha, Dt. Puri.

Beginning—ରାଗ—ଆଷାଢ଼ ଶୁକ୍ଳ, ତୁମ୍ଭାତେ ଗାଇବ ।

ଜୟ ଜୟ ଜଗନ୍ନାଥ ଜଗତପତି
କୃପାକର ଦାରୁବ୍ରହ୍ମ ମୂରତି ।
ତୁମ୍ଭ ଶ୍ରୀଚରଣେ କରୁଛି ସ୍ତୁତି
ପଦ ସ୍ମରଣ ହୋଇବ ଝଟତି ।
କରିବ ପ୍ରକାଶ ଯେ,
ଖଲ୍ଲିକୋଟ ରାଜାଧିପଙ୍କ ଯଶ ।
ଶ୍ରୀନାରାୟଣ ମର୍ଦ୍ଦରାଜ ଦେଉ
କିଶୋର ବୟସ ଅଟନ୍ତି ସେହୁ ।
ଶ୍ରୀରତ୍ନ ସିଂହାସନେ ବିରାଜିତ
ହୋଇଛନ୍ତି ନୃପଚନ୍ଦ୍ର ଉଦିତ ।
ଅଭିନବ ମୂର୍ତ୍ତି ଯେ,
ଧର୍ମ ସ୍ୱରୂପ ନିଷ୍କାମୀ ଅଟନ୍ତି ।
ତାଙ୍କ ଚରଣେ ଯେ ଦ୍ରୋହ ଚିନ୍ତଇ
ଅକାଳ ଦଣ୍ଡ ତା' ଶିରେ ପଡଇ ।
ଶତ୍ରୁ ମିତ୍ରରେ ସମ ଦୃଷ୍ଟି ଯେଣୁ
ବୈରି ଗରବ ନାଶ ଯାଉଛି ତେଣୁ ।
ସେ ଭୂପତିପତି ଯେ,
ଶରଣ ପଞ୍ଜର ନାମ ବହନ୍ତି ।

× × ×

ଝାଡଖଣ୍ଡ ପାତଶା ତୋ ନୃପତି
ତାହାଙ୍କୁ ସମ୍ମାନ କେଉ ଭୂପତି ।

Digitized by PPRACHIN, SOA

ତୋପ ଚଣ୍ଡକାନଳ ଦାରୁଗୁଳ
ସାଙ୍ଗେଥିଥା'ନ୍ତି ଷଷି ମହାବଳୀ ।
ସେ ଯୁଦ୍ଧମାନଙ୍କୁ ଯେ,
ନରତେ ଆରମ୍ଭି ଥା'ନ୍ତି ଦ୍ୱନ୍ଦକୁ ଯେ ।
ତାଙ୍କ ଦଦା **ମାନସିଂହ ସାମନ୍ତ**
ସର୍ବ ସୁଲକ୍ଷଣେ ସେ ମୂର୍ତ୍ତିବନ୍ତ ।

ବିଶ୍ୱର ପଣ୍ଡିତ ପଣେ ବିବେକ
ପ୍ରଶଂସା ହୋଉଛି ଜଗତଯାକ ।
ଦୟା ପ୍ରେମଶୀଳ ଯେ,
ସକଳ ଗୁଣେ ଅଟନ୍ତି କୁଶଳ ।

× × ×

ତେଣେ **ରାମଚନ୍ଦ୍ର ହରିଚନ୍ଦନ**
ଜଗଦେବ ଅଷ୍ଟଦୁର୍ଗ ରାଜନ ।
ଛତିଶଗଡ଼ମାଳରେ ବନ୍ଦନ
ଦରିଦ୍ର ଲୋକଙ୍କ ଦୁଃଖ ଭଞ୍ଜନ ।

× × ×

କେତେ ବଡ ପ୍ରସିଦ୍ଧ ସେ ନୃପତି
ଅତି ଅଣାଗୃର ନିତି କରନ୍ତି ।

× × ×

ମର୍ଦ୍ଦରାଜ ଦେବ ଜଗଦେଓଙ୍କୁ
ଲଗାଇ ଦେଲେ ଲୋକ ତାହାଙ୍କୁ ।
ଖଲ୍ଲିକୋଟ ଘରସନ୍ଧି ଜୋରାରୁ
ଧାନକାଟି ନେଲେ ଆମ୍ଭ ଭୂମିରୁ ।
ଶୁଣି ଜଗଦେବେ ଯେ,
ବୋଇଲେ ସେ କଥା ବୁଝିବା ତେବେ ।

× × ×

ଗ୍ରୀଷ୍ମ ଜ୍ୟେଷ୍ଠ ମାସରେ   ମହାଯୁଦ୍ଧ ହେଲା ଦୁଇ ପକ୍ଷରେ
ଧାଙ୍ଗଡାରେ,
ସବୁ ତୃଷା ଚମ୍ଭିଲା ଝଡାଟିରେ ।

× × ×

Digitized by PPRACHIN, SOA

ସାହେବ ଘର ତା ଶୁଣି   ତହସିଲଦାର ଘାଟ ସେ ଷଣି
ଧାଙ୍ଗଡାରେ,
କିଣି ନ ପାଉ ଆସି ତକ୍ଷଣି ।
ତଗଦାସ୍ଥଳ ଅଇଲା   ଦୁଇ ରାଜ୍ୟ ଲୋକ ଡକାଇ ନେଲା
ଧାଙ୍ଗଡାରେ,
ଯୁଦ୍ଧ ଏହିଠାରୁ ରହିଗଲା ।

× × ×

End—ବୋଲେ ଦାସ ଚଇତନ   ଶୁଣିମ ଶ୍ରଦ୍ଧାରେ ଦେଇ ମନ
ଧାଙ୍ଗଡାରେ,
ସେତୁ ଜାଣିମ ପ୍ରେମର ଶ୍ରମ ।

No Colophon

4

Cat. No. Or. Pr/2

ଖୁଦୁରୁକୁଣୀ ଓଷା

Substance—Palm leaf. No. of folia—28. Size—23.5× 3.7 C.M. Character—Oriya. Date of copy—C.19th Century A.D. Incomplete. Condition—badly worm eaten, some portions are illegible. Find spot—Puri Town.

ଅତ୍ୟଗ୍ରମାର ବୋଲଶୁଣି ।   କହନ୍ତି ପ୍ରଭୁ ଚକ୍ରପାଣି ॥
ତନୟ ସାଧବ କୁମରେ ।   ଗଲେ ବୋଇତ ବଣିଜାରେ ॥
ତାହାଙ୍କ ସପତ ଘରଣୀ ।   ତଅପୋଇର ମନ ଜାଣି ॥
ସେବା କରୁଣଥାନ୍ତି ନିତ ।   ଦେଖ ପ୍ରେ ଦଇବର ଗତ ॥

× × ×

ଏମନ୍ତେ କେତେଦିନ ଗଲା ।   ଖୁଦୁରୁକୁଣୀ ଓଷା ହେଲା ॥

There are some folia containing କୌଶଲ୍ୟା ଶୋକ by କୃଷ୍ଣ ଦାସ, ମୁକୁନ୍ଦମାଳା, ଜଗନ୍ନାଥାଷ୍ଟକ, ହନୁମାନ୍ ସ୍ତୁତି and ସଜ ବୋଲି in the manuscript.

No Colophon

Digitized by PPRACHIN, SOA

5

Cat. No. OL/1120

ଖୁଦୁରୁକୁଣୀ ଓଷା

By ଗୋପୀନାଥ ଦାସ

Substance—Palm leaf. No. of folia—32. Size—24.8 × 3.2 C.M. Character— Oriya. Date of Copy—Sana 1310 or 1903 A.D. Complete. Condition—good. Find spot—Bhubaneswar-2, Dt. Puri.

Beginning—ଶ୍ରୀ ଗଣେଶାୟ ନମଃ

ବନ୍ଦଇ ଦେବ ଜଗନ୍ନାଥ । କମଳା ଦେବୀର ସଂଘାତ ॥
ଲକ୍ଷ୍ମୀଦେବୀର ପ୍ରାଣ ନାହା । ଶୋଭିତ ଶଙ୍ଖ ଚକ୍ର ବାହା ॥
ଅଶେଷ ବ୍ରହ୍ମାଣ୍ଡ ଠାକୁର । ବିଜୟେ ଦ୍ୱାରବତୀ ପୁର ॥

× × ×

ଖୁଦୁରୁକୁଣୀ ନାମେ ଓଷା । ପଢ଼ିଲୁ ସେ ଧନର ନଶା ॥
ରୁକ୍ମିଣୀ ଯୋଡ଼ି ବେନିକର । ବୋଲନ୍ତି ଶୁଣ ଦାମୋଦର ॥
ଆଦିତ୍ୟବାର ଆଜ ହୋଏ । ପଢ଼ିଲା ମଙ୍ଗଳା ଓଷା ଏ ॥
ଖୁଦୁରୁକୁଣୀ ନାମ ତାର । ପୂଜିଲେ ମଙ୍ଗଳା ଓଷାର ॥

× × ×

End—କୃଷ୍ଣ ଚରଣେ ଦେଇ ଆଶ ।
କହିଲେ ଗୋପୀନାଥ ଦାସ ॥
ନଘେନ ସୁଜନେ ଏ ଆଶ ।
ଲେଖନକାରର ବିଶେଷ ॥

ଖୁଦୁରୁକୁଣୀ କଥା ସମାଜଏ ସମ୍ପୂର୍ଣ୍ଣ ।

Colophon—୨୭ ଅଙ୍କ ସନ ୧୩୧୦ ସାଲ କକଡ଼ା ୧୭ ଦିନେ ଏ ପୋସ୍ତକ ମାଗିନେଇ ନଦେଲେ ତାର ସପ୍ତ ପୁରୁଷ ତଳ ଏଡ଼ାର ସପ୍ତ ପୁରୁଷ ଉପର ।

Digitized by PPRACHIN, SOA

6

Cat. No. OL/1433

ଗୁଡୁରୁକୁଣୀ ଓଷା

By—ଗୋପୀନାଥ ଦାସ

Substance—Palm leaf. No. of folia—34. Size—26.5× 3.3 C.M. Each side contains 4 to 5 lines. Character--Oriya. Date of copy—C. 19th Century. A.D. Incomplete. Condition—good. Find spot—Presented by Lingarāj Sāhu. At. Pathuripadā, Banki, Dt. Cuttack.

ଯାହାର ଯେ ଇଚ୍ଛା କଳ୍ପନା । ମଙ୍ଗଳା ନାମ ସୁମରଣା ॥
କରନ୍ତେ ସେହୁ ମନ ଜାଣି । ଦୟା କରନ୍ତୁ ଠାକୁରାଣୀ ॥
ବୋଲଇ ଗୋପୀନାଥ ଦାସ । ରୁକ୍ମଣୀ ସତ୍ୟଭାମା ତୋଷ ॥

ଇତି ଶ୍ରୀକୃଷ୍ଣ ରୁକ୍ମଣୀ ସମ୍ବାଦ କଥନେ ସାଧବ ପୁଅବଧୂ ସ୍ଥାପନେ ନାମ ପଞ୍ଚମ ଅଧ୍ୟାୟ ।

Colophon—ଶ୍ରୀଗୋପୀନାଥ ଦେବ ଉଦ୍ଧରିବେ ଅଧମ ଅପାଣ୍ଡୁକ ଗୋପୀନାଥକୁ ।

Most probably the author himself copied the same manuscript. If so,this is an unique manuscript having handwriting of the author which found very rarely.

7

Cat. No. OL/724 (A)

ଖୋଷାକଣ୍ଠା

By ମଧୁଦାସ

Substance—Palm leaf. No. of folia—8. Size—35×3.4 C.M. Character—Oriya. Date of copy—C. 19th Century. Complete. Condition—good. Find spot—Medinipur area, West Bengal.

Digitized by PPRACHIN, SOA

Beginning—

ବନ୍ଦଇ ଜଗନ୍ନାଥ ମହାବାହୁ
ନୀଳଗିରି ଶିଖେ ବିଜଏ ଯେହୁ ।
ଶ୍ରୀପୁରୁଷୋତ୍ତମେ ସର୍ବଦା ଥିତି
ନାଭିରୁ ବ୍ରହ୍ମା କଲେ ଉତପତ୍ତି ।
ନୟନ ମୀନ ରୂପେ କଲେ ଜାତ
ଯେଣେ ଶଙ୍ଖାସୁର ହୋଇଲା ହତ ।

ଦାଢ଼ା ରୁ(?) କୂର୍ମ ଚର୍ମରୁ ବରାହା
କଣ୍ଠରୁ ଜାତ ନରସିଂହ କାୟା ।

ପାଦରୁ ବାମନ ସମ୍ଭୂତ କଲ
ହୃଦରୁ ପ୍ରଶୁରାମ ଶସ୍ତ୍ର ଶଲ ।

ଭୁଜରୁ ଶ୍ରୀରାମ ମୁଷ୍ଟ ମାଳଷ୍ଟ
ଜାନୁରୁ ରାମକୃଷ୍ଣ ବେନି ମୂର୍ତ୍ତି ।

End— ହସିଲ ମଧୁ ଦାମ, ନିରମାଖି
ଭଣିଲେ ଦାସ ଯେ ମଧୁ ନିର୍ମାଖି ।

No Colophon.

8

Cat. No. OL/1159 (G)

ଗଉଡ଼ସୁଆଙ୍ଗ

By ବୈଷ୍ଣବ ସଦାଶିବ and ମାଗୁଣି

Substance—Palm leaf. No. of folia – 5. Size—38.8×3.1 C.M. Character—Oriya. Date of copy—C. 19th Century. Complete. Condition—good. Find spot—Bhubaneswar-2, Dt. Puri.

Beginning—

ଶୁଣ ଶୁଣ ସଜ୍ଜନେ କହୁଛି ମୁହିଂ ।
ଏବାଟେ ଗଲେ କି ମୋର ରାଧିକା ମାଈ ॥

Digitized by PPRACHIN, SOA

ରାଧିକା ମାଈର ମୋର ବଡ଼ ସୁନବଣ ।
ଦଧି ନେଇ ଯାଉଅଛି ମଥୁରା ଦେଶ ॥
ମୋଡ଼ ମୋଡ଼ କରି ମାଈଂ ବାନ୍ଧଛି ଜୁଡ଼ା ।
ଜୁଡ଼ା ମଧ୍ୟେ ଖଞ୍ଜି ଅଛି ମଲ୍ଲୀ ପାଖୁଡ଼ା ॥

× × ×

କହି ଯାଇଥିଲା ସେତ କେଶିକି ଗଲା ।
ବୈଶ୍ୟ ସଦାଶିବ ଏହା ଗୀତେ କହିଲ ॥

+ + +

କାହ୍ନୁ କଦ୍ୟେ ଦେଲ ଏତେ ଦୁଃଖରେ ।
ତୋର ଶୁଖିଅଛି ଚନ୍ଦ୍ରମୁଖରେ ॥
ମାଈଂ ଖବରେ ଅଇଲ ଧାଇଂ ଲୋ ।
ମୋତେ ଦାନ ପଚୁରିଲୁ ନାହିଂ ଲୋ ॥

End—ଯାହାତ କହିଲି ତୁମ୍ଭେ ଶୁଣ ମନ ଦେଇ ।
ଗଉରୀ ପ୍ରସାଦେ ପଦ କହିବ ବୁଝାଇ ॥
ମାଗୁଣିଆ ମାଗୁଛି
ସଭ ଜନଙ୍କୁ ମୋର ବିନତି ହେ ॥

No Colophon

9

Cat. No. OL/674 (D)

ଗଉରା କଳସା

By ବଂଶୀ ଦାସ

Substance—Palm leaf. No. of folia—5. Size– 35×3.3 C.M. Character—Oriya. Date of copy—C. 18th Century. Complete. Condition—good. Find spot—Khallikote, Dt. Ganjam.

Beginning—

କହନ୍ତି କାମେମାମାନେ ହେମନ୍ତ ଦୁଲଣୀ
କେଉଂ ବରେ ବରିଲେ ଗୋ ପିତା ନୃପମଣି ।

Digitized by PPRACHIN, SOA

କୁଳମୂଳ ବେନି ଗୋସ୍ତ ନଜାଣଇ ତାର
କନେକ ବେଧ୍ୟରେ ବୁଢ଼ା ବସିଛି ସଘର ॥
ଖୁ ଖୁ ଖାସ ସାହାସ ନ ଟେଫୁଅଛି ଧଇଂ ।
ଖରତର ନିସୁଆସ ମଥା ନ ଚଡଇ ॥

End--କ୍ଷିତିପତି ଠାକୁର ସେ କପିଳାସ ବାସୀ ।
କ୍ଷିତିପତି ବଂଶୀ ଦାସ କଳସା ଗୀତ ଭଷି ॥

The text is same as in କଳସା ଚଉତିଶା edited by late Dr. Arttaballava Mohanty in the Prachina Gadya Padyādarśa and published by the Prāchī Samity, Cuttack.

No Colophon.

10

Cat. No. or. pr/41 (G)

ଗଉରୀ ବ୍ରତ

According to the ଶିବ ପୁରାଣ

Substance– Palm leaf. No. of folia—16. Size—31.6× 3.2 C.M. Character—Oriya. Date of copy—C.19th Century. Complete. Condition—good. Find spot—Village and P.O. Gadamānitri, P.S. Beguniā, Dt. Puri.

Beginning—କଳତାଳିକାଞ୍ଚି ଯେ ପାର୍ବତୀ ସେ ମନ୍ଦାର ମାଳାରେ କରି ଭୂଷିତ ହୋଇ ଅଛନ୍ତି । ଅମ୍ବର ଯେ ଦ୍ରବ୍ୟ ବସ୍ତ୍ର ତାହା ପିନ୍ଧିଛନ୍ତି । ଦିଗାମ୍ବର ଯେ ମହାଦେବ ସେ ମୁଣ୍ଡମାଳରେ ଭୂଷଣ ହୋଇ ପାର୍ବତୀଙ୍କି କୋଳେ ଘେନି କୈଳାସରେ ବିଜେ କରି ଅଛନ୍ତି । ଏମନ୍ତ ଯେଉଂ ଉମା ମହେଶ୍ୱର ତାହାଙ୍କୁ ମୋର ନମସ୍କାର ।

କୈଳାସ ଶିଖରେଂ ପାର୍ବତୀ ଯେ ସେ ପରମେଶ୍ୱରଙ୍କୁ ପଚ୍ଛୁରୁ ଅଛନ୍ତିଂ, ହେ ପ୍ରଭୋ ଅତ୍ୟନ୍ତ ଗୁହ୍ୟ ହୋଇଂ ଯେଉଂ ଧର୍ମ ତାହା ମୋତେ କହିବା ହେଉ । ପାର୍ବତୀ କହିଲେ ହେ ପ୍ରଭୋ, ସମସ୍ତ ଧର୍ମମାନଙ୍କରେ ଅଳ୍ପ ହେବ, ହେ ପ୍ରଭୋ, ମୋତେ ଯେବେ ପ୍ରସନ୍ନ ହେଲେ ତେବେ ଏହା ମୋତେ କହିବା ହଉ ।

Digitized by PPRACHIN, SOA

ହେ ପ୍ରଭୋ, କେଉଁ ମନ୍ତ୍ରରେ କେଉଁ ତପରେ ମୁଁ ଆପଣଙ୍କୁ ଭର୍ତ୍ତା କରି ପାଇଲି ଏହା ମୋତେ କହିବା ହେଉନ୍ତୁ ।

End—ସହସ୍ରେ ଅଶ୍ବମେଧ ଯାଗ, ଶତେ ବାଜପେୟ ଯାଗ ଏଥିରୁଂ ଯେଉଂ ଫଳ ଏତେ ଫଳ କଥା ଶ୍ରବଣ ମାତ୍ର କରିଂ କରି ପାନ୍ତି । ହେ ଦେବୀ, ଏ ଯେ ଉତ୍ତମ ବ୍ରତ ଏହା ତୁମ୍ଭ ଆଗେଂ ସମସ୍ତ କହିଲୁଂ । ଏ ବ୍ରତ ଯେଉଂମାନେ କରନ୍ତି ସର୍ବ ପାପରୁଂ ମୁକ୍ତ ହୁଅନ୍ତି । ଏଥିଂ ସଂଶୟ ନାହିଂ ।

ଇତି ଶ୍ରୀ ଶିବ ପୁରାଣେ ଗୌରୀ ବ୍ରତ କଥା ସମାପ୍ତା ।

Colophon—ଭୀମସ୍ୟାପି ରଣେଭଙ୍ଗୋ ମୁନେରପି ମତିଭ୍ରମଃ ।
ଯଦି ଶୁଦ୍ଧମଶୁଦ୍ଧଂ ବା ମମ ଦୋଷୋ ନ ଦିୟତେ ॥

11

Cat. No. Or. Ms/76-C

ଗଙ୍ଗା ମାହାତ୍ମ୍ୟ

By ପୁରୁଷୋତ୍ତମ ଦାସ

Substance – Paper. No. of pages—117. Size—30.2×19.8 C.M. Each page contains 24-28 lines. Character – Oriya. Date of copy – Sana 1250 Sala or 1843 A.D. Complete. Condition—good. Find spot – The Bible school library, Midnapur, West Bengal. Name of the scribe—Madhusūdana Pattanaik, Village—Karāli Remunā. Dt. Balasore.

ଶ୍ରୀ ଗଣେଶାଏ ନମଃ ଅବିଘ୍ନମସ୍ତୁ ।
ଶ୍ରୀ ଗଙ୍ଗାଂ ମାହାତ୍ମ୍ୟ ପ୍ରଥମ ଅଧ୍ୟାୟ ଲେଖିତଂ ।

ବେଦେ ରାମାୟଣେ ଶୈବଃ ପୁରାଣେ ଭାରଥଂ ତଥା ।
ଆଦ୍ୟ ଉଚ୍ଚାରଣ ମଧ୍ୟିସ୍ଥା ହରି ସର୍ବତ୍ର ଗିୟତେ ॥

ନମଇଂ ଦେବ ଗଣପତି । ଅମୃତ ପାନେ ତୋର ମତି ॥
ଶ୍ୟାମ ସୁନ୍ଦର କଳେବର । ଅଭୟ ବ୍ରହ୍ମଂ ରୂପ ତୋର ॥

+ + +

Digitized by PPRACHIN, SOA

ଗଙ୍ଗାଦେବୀର ମହାତମ । କହଇ ଦାସ ପୁରୁଷୋତ୍ତମ ॥

\+ + +

ଇତି ଶ୍ରୀ ମହାନାଟକେ ଆଦ୍ୟକାଣ୍ଡେ ଜାହ୍ନବୀ ଚରିତେ ସୂର୍ଯ୍ୟବଂଶେ ସଗରଙ୍କ ଜନ୍ମ କରଣେ ନାମ ପ୍ରଥମ ଅଧ୍ୟାୟ ।

Colophon—

ଶ୍ରୀଶ୍ରୀ ରାମଚନ୍ଦ୍ର ଦେବେ ମହାରାଜାଙ୍କ ବିଜେ ଶୁଭ ରାଜ୍ୟେ ସମସ୍ତ ଅଙ୍କ ସନ ୧୨୫୦ ସାଲେ ମେଷ ମାସ ଦି୨୯ନେ ଏ ପୋସ୍ତକ ସଦାଜଏ ସମ୍ପୂର୍ଣ୍ଣ ହୋଇଲେ । + +
ହେ ସୁଗ୍ୟଂଜନମାନେ ଶୁଦ୍ଧ ଅଶୁଦ୍ଧ ପ୍ରହେରି ଗାଇବ । ଲେଖନକାର ଦୋଷ ନ ଧରିବ । ଯଥା ଦୃଷ୍ଟି ତଥା ଲିଖିତଂ । ଏ ପୋସ୍ତକ ଲେଖିଲେ ଅଧମ ମଧୁସୂଦନ ପଟନାଏକ କରଳୀ ଗ୍ରାମରେ ରେମୁଣା ଚରଣାରେଂ ଥାଇ ଶ୍ରୀ ଗୁରୁଦେବ ଉଦ୍ଧାର କରିବା ହୋଇବ ।

12

Cat. No. OL/1116-C

ଗଜ ଉଦ୍ଧାରଣ

By ଜଗନ୍ନାଥ ଦାସ

Substance—Palm leaf. No. of folia – 9. Size – 29.7×3.3 C.M. Character – Oriya. Date of Copy – C. 19th century. Complete. Condition—good. Find spot – Village Krishna Chandrapur, P. O. Gopapur, Badamba, Dt. Cuttack.

Beginning—

ଦ୍ୱାରକାପୁରେ ଯାଦବରାଣୀ
ସକଳ ଯାଦେବ ବସାଇ ।
ଆପଣେ ପ୍ରଭୁ ଭୂତପତି
ବସିଲେ ଦେବାଙ୍କ ସ୍ଥିତି ।
ଉଦ୍ଧବ ମୁଖକୁ ଅନାଇଂ
ବୋଲନ୍ତି ବ୍ରହ୍ମାଣ୍ଡଗୋସାଇଂ ।

Digitized by PPRACHIN, SOA

ଆତଙ୍କ କାଳେ ଶ୍ୱବଗ୍ରାହ୍ମି
ସତେ ସମାନେ ରକ୍ଷ୍‌ ଥାଇ ।
ମୁଁ ତାଙ୍କ ଫେଡଇ ଆରତ
ହସି କହନ୍ତି ଜଗନ୍ନାଥ ।

× × ×

ବୈଶାଖ.ଏକାଦୁଶୀ ଦିନ
ଜୁଆର ଉଠିଲ୍ ସେଦିନ ।

× × ×

ବିକ୍ରମ ନାମେଣ କୁମ୍ଭୀର
ପଛେ ସେ ହୋଇଲ୍ ବାହାର ।

× × ×

ଅଷ୍ଟ ସେ କୋଶ ଯାଏ ଗଲ୍
ଠେଣିକ ଯାଇ ନପାରିଲ୍ ।
ଏମନ୍ତେ ଗୁଡ଼ିଲ୍ ଜୁଆର
କୂଳରେ ଥିଲ୍କ କୁମ୍ଭୀର ।

× × ×

ଏମନ୍ତ ସମୟରେ ତହିଁ
ଗଜ ଆସଇ ପାଣି ଖାଇ ।
କୁମ୍ଭିକ ନାମେ ମତ୍ତହସ୍ତୀ
ସଙ୍ଗେ ତା ବାଳୁତ ଅଛନ୍ତି ।

End —

ସୁସଙ୍ଗଜନ ସେହୁଂ ମତ । ସୁଜନଜନ କରଗତ ॥
ସୁଜନଜନଙ୍କର ହିତ । କହଇ ଦାଶ ଜଗନ୍ନାଥ ॥

ଇତି ଶ୍ରୀଭାଗବତେ ମହାପୁରାଣେ ଶ୍ରୀକୃଷ୍ଣ ଉଦ୍ଧବ ସମ୍ବାଦେ ଗଜେନ୍ଦ୍ର ମୋକ୍ଷଣେ ନାମ ଅଷ୍ଟମୋଽଧ୍ୟାୟ ।

There are some folia containing Prastāva sindhu by Kṛshna Dāsa and Mṛgarāja Stuti by Balarāma Dāsa and others in the manuscript. No Colophon.

Digitized by PPRACHIN, SOA

13

Cat. No. OL/1366-G

ଗଜଉଦ୍ଧାରଣ

By ବଡ଼ ଜଗନ୍ନାଥ

Substance—Palm leaf. No. of folia—7. Size—40.5×3.8 C.M. Each side contains four lines through out the manuscript. Character – Oriya. Date of copy—C. 19th Century A.D. Incomplete. Condition—slightly worm eaten. Find spot—Presented by Vijayarāma Maliā. Village—Kapileśvara. Dt. Puri.

Text same as in the Bhāgavata by Jagannātha Dāsa.

No Colophon.

14

Cat. No. OL/343 —A

ଗଜନିସ୍ତାରଣ

By ଜଗନ୍ନାଥ ଦାସ

Substance—Palm leaf. No. of folia 8. Size—30.7×3.3C.M. Each side contains 4 to 5 lines. Character—Oriya. Date of copy-Sana 1255 Sala or 1848 A.D. Complete. Condition—not good. Find spot - Dharādharpur area, Dt. Cuttack.

ସୁଜନେ ନଦେଖିବା ଦୋଷ, କହଇ ଜଗନ୍ନାଥ ଦାସ ।

Colophon—ସମସ୍ତ ୩୮ ଅଙ୍କ ୧୨୫୫ ସାଲ ମେଷ ୧୬ ଦିନ ବୁଧବାରେ ବେଳ ୮ ଦଣ୍ଡଠାରେ ସମ୍ପୂର୍ଣ୍ଣ ।

Digitized by PPRACHIN, SOA

15

Cat. No. OL/590

ଗଜନିସ୍ତାରଣ

By ଜଗନ୍ନାଥ ଦାଶ

Substance—Palm leaf. No. of folia – 10. Size 26.3×3.3 C.M. Character—Oriya. Date of copy-C. 19th Century. Complete. Condition—Worm eaten. Find spot—Madhupur estate, Dt. Cuttack.

The text same as in the Cat. No. 1116 (c) discussed previously.

End – ସୁଜନଜନଙ୍କର ହିତ, ଗୀତ ମୁଂ କଲ କୃଷ୍ଣ ରସ ।
ସୁଜନେ ନ ଘେନମା ଦୋଷ, କହଇ ଜଗନ୍ନାଥ ଦାଶ ।
ଗଜ ନିସ୍ତାରଣ ସମାପ୍ତ ।

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ଅଷ୍ଟମସ୍କନ୍ଧେ ଶ୍ରୀକୃଷ୍ଣ ଉଦ୍ଧବ ସମ୍ବାଦେ ଗଜମୋକ୍ଷଣେ ନାମ ଅଷ୍ଟମୋଽଧ୍ୟାୟ ।

Colophon—ଶ୍ରୀ ରାଧାକୃଷ୍ଣାଭ୍ୟାଂ ନମଃ ।
ଭଗ୍ନପୃଷ୍ଠ କଟି ଗ୍ରୀବା ତୁଲ୍ୟ ଦୃଷ୍ଟିରଧୋମୁଖଃ ।
ଦୁଃଖେନ ଲିଖିତଂ ଗ୍ରନ୍ଥଂ ପୁତ୍ରବତ୍ ପରିପାଳୟେତ୍ ।

Post colophon—ହେ ସୁଜ୍ଞଜନମାନେ ଶୁଦ୍ଧ ଅଶୁଦ୍ଧ ପ୍ରାଇ ଗାଇବ, ଲେଖନକାର ଦୋଷ ନ ଧରିବ ।

16

Cat. No. OL/449 (E)

ଗଜେନ୍ଦ୍ର ମୋକ୍ଷଣ

Substance – Palm leaf. No. of folia—5. Size 16×3 C.M. Character-Oriya. Date of copy—C.19th century. Incomplete. Condition —slightly worm eaten. Find spot—At. Jemādeipur Matha, P. O. Chikity, Dt. Ganjam.

Digitized by PPRACHIN, SOA

There is no mention of the name of the author but the text is same as in the catalogue no. 1116 (c) discussed previously.

No Colophon.

17

Cat. No. Or.Ms/134

ଗଣସମ୍ମତ

Substance—Paper, No. of pages--182. Size-34.4×21.3 C.M. Character--Oriya. Date of copy from the original Ms—31-5-1955. Complete. Condition—good. Find spot—Balangir.

This is a compilation of 120 personal letters of the different kings of the Raj family of Keonjhar, ex-state of Orissa sent to different respective men and relatives in different times.

Beginning— ଶ୍ରୀ ଗଣେଶାୟ ନମଃ ।

କେନ୍ଦୁଝର ରାଜ୍ୟର ଶ୍ରୀ ମହାରାଜାଙ୍କର ଗଣସମ୍ମତ । ସ୍ୱସ୍ତୀ ସମସ୍ତ ସମସ୍ତ ସହ୍ରେଷୁ । ଶ୍ରୀବଣମ ଦେବଗଣ ଶ୍ରୀ ଅଯୋନ ସମ୍ଭୂତ ଶ୍ରୀ ମୟୂର ଝମ୍ପରୁ ଜାତ ଶ୍ରୀ ବଶିଷ୍ଠ ମହର୍ଷି ପ୍ରତିପାଳଣ ଶ୍ରୀମଚନ୍ଦ୍ର ଦେବଟୀକା ସାରଣ ଶ୍ରୀହେରମ୍ବ ଦେବତାଙ୍କ ବର ପ୍ରସାଦ ଶ୍ରୀ ଚଉଦ ସହସ୍ର ରଉତାଳ ଶ୍ରୀ ଜୟଗୋପାଳ ଭକ୍ତ ଶ୍ରୀହରିହର ଶରଣ ଶ୍ରୀ କଞ୍ଜକେଶ୍ୱରୀ ଦେବୀ ଚରଣେ ଶରଣ, ଶ୍ରୀ ତାରେଣୀ ଦେବୀ ଚରଣେ ଆରାଧକ ଶ୍ରୀ କେନ୍ଦୁଝର ଶୁଭସ୍ଥାନାଧିପତି ଶ୍ରୀ ମଉଡ଼ ଭଞ୍ଜ ମହାରାଜାଙ୍କର ହାରନ୍ତେ (?) ହିଧି ଅତ୍ୟନ୍ତ ପରମ ପ୍ରୀତି ପୂର୍ବକ ଭେଟଅଙ୍କ ମାଳକା ଲେଖ ସନ ୧୨ ସାଲେ ଅମୁକ ମାସ ଦିନ ସରକ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ଶରଣ ଯାଇ ଏଠାରେ ଆମ୍ଭ ଶ୍ରୀଅଙ୍ଗରାଜ୍ୟ ପାଠ ସାହାଣ ଭଣ୍ଡାର ଦଳ ପରିବାର ସର୍ବବଧି କୁଶଳ । ସେଠାରେ ଆପଣଙ୍କ ଶ୍ରୀଅଙ୍ଗ ରାଜ୍ୟପାଠ ସାହାଣ ଭଣ୍ଡାର ଦଳ ପରିବାର ସର୍ବବଧି କୁଶଳକୁ ଲେଖାଇ ଦେବାକୁ ହେବୁ ପଢ଼ୁଥିବାରୁ ଶୁଣି ଚିତ୍ତ ପରମ ସାନନ୍ଦ ହେଉ ଥିବୁଂ । ଯେଉଁମାନଙ୍କେ ଲେଖାଇ ଦେବାକୁ ପଡ଼ିଲା । ଯେ ଉତ୍ତରୁ ଭାଷାଲେଖି ପ୍ରାନ୍ତରେ

Digitized by PPRACHIN, SOA

ମକୁଟ ଦିଆଯାଇ ତହିଁ ପାଖରେ ରାମସାହି ସନ୍ତକ ହୁଅନ୍ତି । ଏ ଚିଠାଉ ପତ୍ରର ପିଠିପୁଡ଼ା ପ୍ରାନ୍ତରେ ନାହୁଁଆ ଝାଲିଆ ମୟୂର ସନ୍ତକ ହୁଅନ୍ତି ।

× × ×

ଶ୍ରୀ ହରିହର ଶରଣ । ଶ୍ରୀ ତାରେଣୀ ଦେବୀ ଚରଣେ ଶରଣ । ଶ୍ରୀମତ୍ ଶ୍ରୀ ଜନାର୍ଦ୍ଦନ ଭଞ୍ଜଦେବ ମହାରାଜାଙ୍କର ପଞ୍ଚମ ପତ୍ର ପରମରାମ ଶଦାଶିବଜୀଉଙ୍କୁ ପ୍ରଣାମ ଚିଠାଉ । ସନ ୧୨୨୬ ସାଲେ କନ୍ୟା ୧୩ ଦିନେ ଏ ନିମନ୍ତେ ଲେଖା ଗଲା । ଆପଣଙ୍କ ଚିଠାଉରେ ପୁରୁଷୋତ୍ତମ ଦାସ ଗୁମୁକରଣ ମଧ ଜଣାଇଲା । **କଙ୍କନୀ ରକ୍ଷଣୀ** ଅବଧାନ କଲୁ । ଏ ଉତ୍ତରେ ଭାଷା ଲେଖା ଗଲା । ପତ୍ର ଲମ୍ବା ୨୪ ଆଙ୍ଗୁଳ ।

× × ×

ଶ୍ରୀହରିହର ଶରଣ । ଶ୍ରୀ ତାରେଣୀ ଦେବୀ ଚରଣେ ଶରଣ । ଶ୍ରୀମତ୍ ବଳଭଦ୍ର ଭଞ୍ଜଦେବ ମହାରାଜାଙ୍କର ତାଳଚେର ଅମୁକ ବୀରବର ହରିଚନ୍ଦନ ମହାପାତ୍ରଙ୍କୁ ଚିଠାଉ । ···ଅଙ୍କ···ଦିନେ ଅବଧାନ କଲିଇ । ଏ ଉତ୍ତରେ ଭାଷା ଯେ ଯେ ବିଷୟୁ ବିନୋଦରେ ଜଣାଇଥିଲ ଏ ଜଣାଣ ହେବାରୁ ଅବଧାନକୁ ଅଇଲା । ପତ୍ର ୨୦ ଆଙ୍ଗୁଳ ଉଲକା ନଥାଇ ମୁଦା ।

× × ×

ସ୍ୱସ୍ତି ଶ୍ରୀ ପ୍ରବଳପ୍ରତାପୋଦିତ ପ୍ରତାପ ସମ୍ପୂର୍ଣ୍ଣ ଶ୍ରୀ ମହାରାଜାଧିରାଜ ଶ୍ରୀ ଶ୍ରୀ ମହାରାଜା ଶ୍ରୀ ଶ୍ରୀ ବଳଭଦ୍ର ସାହି ଦେବଙ୍କ ଲିଖିତଂ ।

ସ୍ୱସ୍ତି ଶ୍ରୀ ପ୍ରବଳ-ପ୍ରତାପୋଦିତ ପ୍ରତାପ ସମ୍ପୂର୍ଣ୍ଣ ଶ୍ରୀ ହରିହର ଶରଣ ଶ୍ରୀ ତାରେଣୀ ଦେବୀ ଚରଣ ପରାୟଣ ଶ୍ରୀ ରାଜାଧିରାଜ ଶ୍ରୀ ମହାରାଜ ଶ୍ରୀ ଶ୍ରୀ ଜନାର୍ଦ୍ଦନ ଭଞ୍ଜ ଦେଓଙ୍କ ଜୁହାର ।

ଆଗେଂ ଇହାଁକେ କୁଶଲ୍ ଛେମ ହୈ । ଆପଂକେ କୁଶଲ ଛେମ ଉଦେ ମଙ୍ଗଲ ସଦାଭଲ୍ ଚୃହି । ଜସୀମେ ଚିତ୍ତ ପରମ ସାନନ୍ଦ ହୋଏ । ଇସିବାସ୍ତେ ଲିଖାଗୟା ବାବାସାହେବ ଆପନେ । ଏ ଉତ୍ତରୁ ଭାଷା ପ୍ରାନ୍ତଲେଖା ଗଲା—

ଜ୍ୟାଦା କଥା ଲିଖେଙ୍ଗେ ମେହେରବାନଗୀ ସାଥ । ଖୈରାପିଂବାତ ଲିଖତେ ରହେଙ୍ଗେମିତି । ସନ୍ ୧୨୧୬ ସାଲ ତାରିଖ ମାହ ମିଥୁନ କୀ ୭ ରୋଜ ।

× × ×

End—ଢେଙ୍କାନାଳ-ଶ୍ରୀ ଜଗନ୍ନାଥ ଶରଣ, ଶ୍ରୀ ରତ୍ନେଶ୍ୱର ଦେବଗଣ । ଶ୍ରୀ ରାମଚଣ୍ଡୀ ଚରଣେ ଶରଣ । ଶ୍ରୀକନକେଶ୍ୱରୀ ଦେବତାଙ୍କର ଅନୁଗ୍ରହ । ଶ୍ରୀଜଗନ୍ନାଥ ଶରଣ । ଶ୍ରୀଚନ୍ଦ୍ରଶେଖର ଦେବତାଙ୍କ ବର ପ୍ରସାଦ । ଶ୍ରୀରାମନଗରୀ

Digitized by PPRACHIN, SOA

ଦଣ୍ଡପାଟ ଶୁଭସ୍ଥାନାଧିପତି ଶ୍ରୀମତ ଶ୍ରୀଭଗୀରଥୀ ମହାରାଜା ବାହାଦୁରଙ୍କୁ ଶ୍ରୀହରିହର ଶରଣ । ଶ୍ରୀତାରେଣୀ ଦେବୀ ଚରଣେ ଶରଣ । ଶ୍ରୀମତ୍ ଶ୍ରୀଜଗନ୍ନାଥ ଭଞ୍ଜଦେବ ମହାରାଜାଙ୍କର ଗୋପୀ ସୁଇଜ ଚିଟାଉ । ୪ ଅଙ୍କ ମିଥୁନ ଦି୨୭ନେ ଏଠାରେ ସମସ୍ତ ଶୁଭ । ସେଠା ସମସ୍ତ ଭଲକୁ ଚିଟାଉ ଦେଉଥିବ । ଘୁରିଅଙ୍କ ମେଷ ୨୭ ଦିନେ କଟକଠାରେ ସଦର ମାଲାମ୍ବିର ପଟ୍ଟନାୟକ ବିଦା ପାଇଥିବା ତାଲିକା । ଶ୍ରୀମତ୍ ଶ୍ରୀଧନୁର୍ଜୟ ନାରାୟଣ ଭଞ୍ଜଦେବ ମହାରାଜା ବେବର୍ତ୍ତା ଚନ୍ଦ୍ରଶେଖର ମହାପାତ୍ରଙ୍କୁ ଆଜ୍ଞା ହବାରୁ ଦେବର୍ତ୍ତା ଦେଇଥିବା ସରସ ପାଟଯୋଡ଼ ଏକ ପୁଷାକ ଏକଗୋଟି ପୁନରାୟୁ ଏ ଜଣାଇବାରୁ ସାଲ ୧ ଗୋଟି । ବାଟ ଖରଚକୁ ବନ୍ଧା ଟ ୧୦ ଙ୍କା ସନ୍ ୧୨୨୪ ସାଲେ ବିସ୍ଥ ଦି୧୨ନେ ।

× × ×

ସନ୍ ୧୨୬୯ ସାଲେ ମେଷ ୧୦ ଦିନେକେ ବନେଇ କି ପଠାଇ ଥିବା ଚିଟାଉ । ଏ ଚିଟାଉ ଫେରାଇ ଦେଇଥିବା ସଙ୍ଗରେ ତାଙ୍କର କାଗଜ ଖଣ୍ଡିକରେ ଲେଖା ହୋଇଥିବା ନକଲ । ଏ ଚିଟାଉରେ ଭାଷା ଏହି ଯେ ତୁମ୍ଭେ ଲେଖିଥିଲ କି ଚନ୍ଦ୍ରଦେବ ରାଜାଙ୍କୁ ଶ୍ରୀଧନୁର୍ଜୟ ନାରାୟଣ ଭଞ୍ଜଦେବ ମହାରାଜାଙ୍କର ବୋଲି ଆମ୍ଭେ କେଉଁ ମହାରାଜା ତଳେ ରଜା । ତୁମ୍ଭେ କେଉଁ ରାଜା ଉପରେ ମହାରାଜା ଓ ତୁମ୍ଭେ ଯେ ଲେଖିଛ ନିମନ୍ତ୍ରଣ ଗୁଆ ପଠାଇ ଅବଧାନ କଲୁ ବୋଲି । ଆମ୍ଭେ ଯେ ତୁମ୍ଭର ଜାଗିରଦାର ଓ ଜମିଦାର ଓ ତାବେଦାର ନୋହୁ ଜାଣିବ । ଏ ଲେଖା ଫେରି ଆସିଥିଲା କକଡ଼ା ମାସ ୧୪ ଦିନେ ।

No Colophon.

18

Cat. No. O.L./1159 (M)

ଗଣ୍ଡା ମାରୁଣି

By ଦୀନଗୋପାଳ and ଉଦୟନାଥ

Substance—Palm leaf. No. of folia – 19. Size – 38.8 × 3.1 C.M. Character – Oriya. Date of copy – C. 19th century. Complete. Condition—good. Find spot – Bhubaneswar-2, Dt. Puri.

Beginning—ଗଣ୍ଡାମାରୁଣି ଲେଖା ।

Digitized by PPRACHIN, SOA

ଶୁଣ ହେ ସୁଜନ ଜନେ ମନ କର୍ଣ୍ଣ ଦେଇ,
ସଭାପର୍ବ ଗଂଡାଯୁଦ୍ଧ କହିବି ବୁଝାଇଂ ।
ଯେଉଂପରି,
ବାଛିଥିଲି ଠିକ ଠିକ କରି ।
ସଭାଜନ ବସିଅଛ ସମୁଦ୍ର ଆକାର,
ସିନ୍ଧୁ ଉଚ୍ଛୁଳିଲେ କୂଳ କେତେକ ମାତର ।
ବୋଲି ହରି,
ହୁଳହୁଳି ଦିଅ ସର୍ବ ନାରୀ ।
ସଭାଜନମାନଙ୍କୁ ମୁଂ କହୁଛି ବୁଝାଇ,
ହରିବୋଲ ଦେବାକୁ ଯେ ତର୍ଣ୍ଣି ଫିଟୁ ନାହିଂ ।
ଆଗ୍ୟାଂ ହେଲେ,
ଭାରତ ପଦ କହିବି ଭଲେ ।
ଶୁଣିଲ ଯେପରି ପଦ ନଖୁଣ୍ଡିବେ କବି,
ତତକାଳେ ସ୍ୱରବେ ପଦ ଦଣ୍ଡେ ନ ବସିବ ।
ମୁହିଂ ମୂର୍ଖ,
ପଶୁଠାରୁ ଊଣା ମୋ ବିବେକ ।
ଅଗସ୍ତିଙ୍କି ପୁଚ୍ଛା କଲେ ମନୁ ନୃପନାଥ,
ଭାରତ ପଦ ବୁଝାଇ କହ ତପୋବନ୍ତ ।
ଶୁଣିକରି,
ଶତ୍ରୁ ତୁଷ୍ଟୁ ଫଣପୁ ମୋହରି ।
ଗଣ୍ଡାବଧ ଚରଚା ତୁ କହ ତପୋଧନ,
ଶୁଣିମାକୁ ଶ୍ରଦ୍ଧା ହେଉଅଛି ମୋର ମନ ।
ତପୋବନ୍ତ,
କପଟ ନରଖି କହ ସତ ।

× ×

ଶୁଣିଣ ନାରଦ ମୁନି କହନ୍ତି ଉତ୍ତର,
ଉଦ୍ଧାଳ ବନକୁ ବେଗେ ଯାଅ ପାର୍ଥବୀର ।
ସବ୍ୟସାଚି,
ସେ ବନରେ ବହୁ ଜୀବ ଅଛି ।
ବିଳମ୍ବ ନକରି ବେଗେ ଚଳ ତୁ ସଭ୍ବର,
ସେ ବନସ୍ତେ ଗଣ୍ଡାଜୀବ ମିଳନ୍ତି ଅପାର ।
ଦୁଷ୍ଟହରି,
ଯାଅ ବେଗେ ବିଳମ୍ବ ନକରି ।

Digitized by PPRACHIN, SOA

ଯାଅ ତୁ ବାସବ ବଁଳାଟରେ,
ଏ କାର୍ଯ୍ୟେଁ ନକର ହେଳାରେ ।
ତୁତ କ୍ଷେତ୍ରୀ ବାଛା ଯାଅ ଦେଖି ଅଛା,
ବନ୍ଧୁଙ୍କେ ପକାଇ ଗୁଳାଟରେ ।

End— କୈଳାସ ଭୁବନେ ଯାଇ ସମସ୍ତ ମିଳିଲେ,
ଅମୃତ ଭୋଜନ ସେ ଯେ ସଦାଶିବ ଦେଲେ ।
ଭୋଜନ ସାରିଣ ତହୁଁ ଚଳିଲେ ସତ୍ୱର,
ଶ୍ରୀହରି ଅର୍ଜୁନ ଗଲେ ଦ୍ୱାରକା ଯେ ପୁର ।
ଦ୍ରିଯୋଧନ ଯୁଧିଷ୍ଠି ଯେ ଗଲେ ହସ୍ତିନାକୁ
ସନ୍ଧ୍ୟାବାଳୀ ଚଳିଗଲେ ପାତାଳ ପୁରକୁ ।
ଶ୍ରୀକୃଷ୍ଣ ଅର୍ଜୁନ ଯାଇ ଦ୍ୱାରକା ମିଳିଲେ,
ଆନନ୍ଦ ହୋଇଣ ତହୁଁ ଉଚ୍ଛବ ଯେ କଲେ ।

19

Cat. No. O.L./1159 (D)

ଗଣେଶ ଜନ୍ମ

By ବଳଭଦ୍ର

Substance – Palm leaf. No. of folia – 4. Size – 38.8 × 3.1 C. M. Character – Oriya. Date of copy – C. 19th century. Complete. Condition – good. Find spot – Bhubaneswar-2, Dt. Puri.

Beginning–

ଶୁଣରେ ଗାଏକ କହୁଅଛୁ ଠିକ
ଗଣେଶ କାହୁଁ ଜନମ,
କେ ତାକୁ ବରଣ କଲେ ଆଗ ପୁଣ
କହିବୁ ତାହାଙ୍କ ନାମ ।
କାହିଁ ପାଇଁ ତାଙ୍କର,
ଗଜମୁଣ୍ଡ ହେଲ ବରାବର ।
କମ୍ପାଇଁ ସେ ଥୋଉଦନ୍ତ ନରଦେହ
କାହିଁକି ତାଙ୍କର ହେଲ,

Digitized by PPRACHIN, SOA

ଯାଇ କାହା ପିଣ୍ଡ ତାଙ୍କ ନିଜ ମୁଣ୍ଡ
କେହ୍ନୁ ପୁଣି ଘେନିଗଲା ।
ପୁଣି ସେ ଗଜଗଣ୍ଡି,
କସ୍ପେ ଘେନିଗଲା ତାକୁ ଖଣ୍ଡି ।

× × +

ବେଗକରି କହ ଯାଉ ମୋ ସନ୍ଦେହ
ସଜ୍ଜନେ ହୋନ୍ତୁ ତୋଷ,
ନଇଲେ ତୋ ଚଣ୍ଡିଧର ଭାଗେ କୁଟି
ଚଢ଼ି ଦେବ ଅନ୍ୟ ଦେଶ,
ବଳଭଦ୍ର ଭାଷଇ,
ଜଣାଗଲା ତୋତେ ନ ଆସଇ ।

No colophon.

20

Cat. No. O. L./966

ଗଣେଶ ଟୀକା

by ଅନାଥ

Substance – Palm leaf. No. of folia – 176. Size—28.2×3.5 C.M. Character – Oriya. Date of copy – Sana 1289 Sāla or 1882 A. D. Complete. Condition—good. Find spot – Village-Basantapur, P.S. Nimāparā, Dt. Puri. Name of the scribe—Bhikāri Dāsa, Village - Hansapadā, Praganā— Kothadeśa.

Beginning—

ଶ୍ରୀଗଣେଶାୟ ନମଃ, ଅବିଘ୍ନମସ୍ତୁ ।

ଜୟ ଜୟ ଜଗନ୍ନାଥ ଜୟ ଦୀନବନ୍ଧୁ,
ଭକତ ରକ୍ଷଣେ ବାନା ନାମ କୃପାସିଂଧୁ ।
ଅଖିଳ ଭଞ୍ଜନ ବାନା ଶରଣ ସୋଦର,
ଭକତର ହିତେ ହୁଅ ନାନା ଅବତାର ।
ସାରସ୍ୱତ ଯୋଗରେ ଯେ ଅନୁକୂଳ ବୁଦ୍ଧି,
ଅଷ୍ଟାଙ୍ଗ ଯୋଗରେ ଗୁରୁରୂପ ଭବଗାହି ।

Digitized by PPRACHIN, SOA

ପରମ ପବନ ପ୍ରଭୁ ଅନୁଗ୍ରହ କର,
ସଂସାର ବନ୍ଧରୁ ବାରେ ତମିରୁ ଉଦ୍ଧାର ।

ଗଣେଶଙ୍କୁ ଯାହା ଆଗ୍ୟାଂ କରିଥିଲେ ହର,
ସେହି ଶାସ୍ତ୍ର ପ୍ରଭୁ ତୁମ୍ଭେ ଅନୁଗୃହ କର ।

ଇତି ଶ୍ରୀ ସଦାଶିବ ଗଣେଶ ପ୍ରତିବୋଧ ଅର୍ଥେ ଗଣେଶ ବିଭୂତି ଟୀକାମନ୍ତ୍ର-ଯୋଗକଥନେ ନାମ ପ୍ରଥମ ଅଧ୍ୟାୟ ।

End—

ଅଷ୍ଟାଦଶ ପୁରାଣ ଛତିଶ ସ୍ମୃତିରୁ,
ଗୃରବେଦ ଆଦିକରି ପୁରାଣ ବିଗୃରୁ ।

ମୋତେ ଯାହା ଅଗ୍ୟାଂ କଲ ଫିଟିଲ ସନ୍ଦେସ,
ଜନ୍ମେଂ ଜନ୍ମେଂ ହୋଇଂଥିବ ଶ୍ରୀଚରଣେ ଦାସ

ଗଣେଶ ଶଙ୍କରଙ୍କର ସୁପ୍ରସନ୍ନ ପାଇଂ,
ଅନାଥିଆ ଅଦୃଶ ଯେ ଶରଣ ମାଗଇ ।

ସନ୍ଥଜନମାନେ ମୋର ନଘେନିବ ଦୋଷ,
ଶ୍ରୀଚରଣେ ଶରଣ ଯେ ଅନାଥ ଅଦୃଶ ।

ଇତି ଶ୍ରୀଗଣେଶ ଟୀକା ଯୋଗଶାସ୍ତ୍ରବର୍ଣ୍ଣନେ ମହାମନ୍ତ୍ରତତ୍ତ୍ୱଚୂଡ଼ାମଣେ ସଦାଶିବ ଉଚ୍ଚାରଣେ ଗଣେଶ ପ୍ରତିବୋଧନେ ନାମ ପଞ୍ଚାଶୋଽଧ୍ୟାୟ ।

Colophon—ଭୀମସ୍ୟାପିରଣେ ଭଙ୍ଗୋ ମୁନେରପି ମତିଭ୍ରମଃ ।
ଯଦି ଶୁଦ୍ଧମଶୁଦ୍ଧଂ ବା ମମ ଦୋଷୋ ନବିଦ୍ୟତେ ।

The following incorrect sanskrit verses are given below as quoted by the scribe in the colophon on the manuscript.

ଆକାଶୋପତିତଂ ତୋୟଂ
ଯଥା ଗଛତି ସାଗରଂ ।

ସର୍ବଦେବ ନମସ୍କାରଂ
କେଶବଂ ପ୍ରତି ଗଛତେ ॥

ନମୋ ଗୋ ବ୍ରାହ୍ମଣ ହିତାର୍ଥାୟଂ ଜଗଧିତାୟଂ କୃଷ୍ଣାୟଂ
ଗୋବିନ୍ଦାୟଂ ବାସୁଦେବାୟ ନମୋ ନମଃ ।

Digitized by PPRACHIN, SOA

ଭଗ୍ନଂ ପୃଷ୍ଠକଟୀଗ୍ରୀବା ତୁଳ୍ୟଦୃଷ୍ଟିରଧୋ ମୁଖଂ ।
ଦୁଃଖେନ ଲେଖିତେ ଗ୍ରନ୍ଥ ପୁତ୍ରବତ ପରିପାଳଏତ ॥
ପୁସ୍ତକ ହରଯସ୍ତୁ କାଣ ଦୁଃଖି ଭବେ ନର ।
ନ ତରନ୍ତ ମହୀତଳେ ଜନ୍ମେ ଜନ୍ମେ ଚ କୁକୁର ॥
ଆଦୃଶେଣ ଯଥାଦୃଷ୍ଟି ତଥାଗ୍ରନ୍ଥେଣ ଲିଖିତେ ।
କ୍ଷମାକର ମମ ଦୋଷ ଶ୍ରୀଗୁରୁ କୃଷ୍ଣ ଏ ନମଃ ॥

Post colophon– ଏ ପୁସ୍ତକ ଲେଖା ସମ୍ପୂର୍ଣ୍ଣ ହେଲେ ବୁଧବାରେ ବେଲ ଦୁଇଘଡ଼ ସମୟରେ ଶ୍ରୀ ଦିବ୍ୟସିଂହ ମହାରାଜା ଙ୍କର ଶୁଭରାଜ୍ୟ ସମସ୍ତ ଅ୨୯ଙ୍କ ସନ୍ ୧୨୮୯ ସାଲ ସିଂହ ଦି୨୦ନେ ସୁନଆ ଚତୁର୍ଦ୍ଦଶୀ ବୁଧବାର ଦିନ ସମ୍ପୂର୍ଣ୍ଣ ହେଲେ । ଶ୍ରୀ ଶୁଭମସ୍ତୁ ସ୍ୱେ ପୋସ୍ତେକ ସମ୍ପୂର୍ଣ୍ଣ ହେଲେ ପ୍ର—କୋଠଦେଶେ, ମୌ—ହଂସପଡ଼ା ରହଣି ଉଡ଼ଦବାଡ଼ ସାହିରେ ଅରକ୍ଷ ଭିକାରି ଦାସ

ଆହେ ସୁଗ୍ୟଂ ଜନମାନେ ଶୁଦ୍ଧ ଅଶୁଦ୍ଧ ପୂରାଇଂ ଗାଇବ ଲେଖ୍ନକାର ଦୋଷ ନ ଧରିବ । ଲେଖ୍ନକାର ଅଧମ ଅଯୋଗ୍ୟ ଅପାଣ୍ଡିକ ଅର୍ଜିତ ଅରକ୍ଷ ଭିକାରି ଦାସକୁ ଶ୍ରୀଗୁରୁ ଶ୍ରୀକୃଷ୍ଣ ଶ୍ରୀ ସଦାଶିବ ଶ୍ରୀ ଗଣେଶ ଶ୍ରୀ ସନ୍ଥ ସାଧୁ ସୁଗ୍ୟଂଜନ ଶ୍ରୀବୈଷ୍ଣବ ଗୋସାଇଂ ଉଦ୍ଧାର କରିବେ । ଲେଖ୍ନକାର ଆଗେ ଭିକାରି ଦାସ ବଣ୍ୟକୁଳକୁ । ଶ୍ରୀ ଶୁଭମସ୍ତୁ । ଶ୍ରୀ ଶୁଭମସ୍ତୁ । ଏ ପୋସ୍ତକ ଯେ ଚୋରାଇଂ ନେବ ଅଥବା ମାଗି ନେଇଂ ନ ଦେବ ତା ସପ୍ତ ପୁରୁଷ ଅନ୍ଧନର୍କରେ ପଡ଼ିବେ । ଶ୍ରୀ ଶୁଭମସ୍ତୁ ।

21

Cat. No. OL/1228.

ଗଣେଶ ପଚଶା

By ସୋମନାଥ

Substance–Palm leaf. No. of folia–8. Size—25.6X3 C.M. Each side contains 3 to 4 lines. Character—Oriya. Date of Copy—20th Century A.D. Complete. Condition—good. Find spot—Ranasimhapur, Dist.—Puri.

ଶୁଣ ସାଧୁଜନ ମନକର୍ଣ୍ଣ ଦେଇ ଅପ୍ରୁବ ଚରିତ ରସ
ଗାୟକଙ୍କୁ ଏହିଠାରେ ପଚାରୁଚି ମୋର ନ ଧରିବ ଦୋଷ ।
ଗଣେଶଙ୍କ ନ୍ୟାୟ ପଚାରୁଛି ମୁହି ଶୁଣରେ ଗାୟକ ଭାଇ
ଗଣେଶ କାହିଁକି ଆଗ ପୂଜା ହେଲେ ସେହିକଥା କହିବୁ ବୁଝାଇ ।

Digitized by PPRACHIN, SOA

\+ \+ \+ \+

ଯଣ୍ଡ ସୁଗ୍ୟଂଜନେ ବସିଅଛ ଏଥିରେ ମୋ ଦୋଷ ନାହି
ଓଡ୍ର କୁଳେ ଜାତ ନାମ ସୋମନାଥ ପଦ କହିଲି ବୁଝାଇ ।

No Colophon

22

Cat No. OL/1232

ଗଣେଶ ପୁରାଣ

By ଦ୍ୱିଜ ଚଇତନ

Substance—Palm leaf. No. of folia—39. Size—32X3.8 C.M. Each side contains 3 lines throughout the manuscript. Character—Oriya. Date of copy—C. 19th Century A.D. Incomplete. Condition—good. Findspot—Ranasimhapur, P.S.-Bhubaneswar, Dist—Puri.

ବନ୍ଦଇ ଶ୍ରୀ ଗଣନାଥ ଗଉରୀ ନନ୍ଦନ
କପୋଳେ ସିନ୍ଦୁର ବିନ୍ଦୁ ଦିଶେ ଶୋଭିବନ ।
ଏକଦନ୍ତ ଗଜମୁଣ୍ଡ ଥୋଉ ଲମ୍ବି ଥାଇ
ହସ୍ତରେ ମୂଦୁକ କନ୍ଧେ ପବନ ଶୋହଇ ।
ଲମ୍ବୋଦର ପେଟକୁ ଯେ ନାଭି ଦିଶେ ଶୋଭା
କଣ୍ଠରେ କୁଣ୍ଡଳ ଦିଶେ ଜଗଜନ ଲୋଭା ।
ତବ ଗୁଣ ଗାଇବାକୁ ହେଉଅଛି ମନ
ମୋର କଣ୍ଠେ ବଜେ କଲେ କରିବି ଲେଖନ ।
ଶ୍ରୀ ଚଣ୍ଡୀ ସାରଳା ପାଦେ କରେ ନିବେଦନ
କଣ୍ଠେ ବସି କହିଦେବ ଗଣେଶ ପୁରାଣ ।

\+ \+ \+ \+

ତେତିଶ କୋଟୀ ଦେବଙ୍କୁ ମୋହର ଜଣାଣ
ଦ୍ୱିଜ ଚଇତନ ସଦା ପଶଇ ଶରଣ ।

No Colophon

Digitized by PPRACHIN, SOA

23

Cat. No. OL/857 (C)

ଗଣେଶବିଭୂତି

Substance—Palm leaf. No. of folia—26. Size—35.5x3.6 C.M. Character-Oriya. Date of copy—C. 19th century. Incomplete. Condition—good. Find spot—Bhubaneswar-2, Dt. Puri. Name of the Scribe—Kantha.

End—ଇତି ଶ୍ରୀ ଗଣେଶ ବିଭୂତି ଯୋଗଭେଦ ବର୍ଣ୍ଣନେ ଭେଦ ବିସ୍ତରଣେ ଗୁରୁଦ୍ୱିଗ ଅନକୂଳ କଥନେ ନିଦାନ ପ୍ରତିଭେଦ ପ୍ରକ୍ତନେ ନାମ ସପ୍ତମୋ ଅଧ୍ୟାୟ ।

Colophon—ଶ୍ରୀ କପିଳେଶ୍ୱର ରକ୍ଷା କରିବେ ଅଧମ ଶ୍ରୀ କଣ୍ଠକୁ ।

24

Cat. No. O.L./1256 (A)

ଗଣେଶବିଭୂତି

Substance—Palm leaf. No. of folia—72. Size—35.3× 3.5 C.M. Each side contains 4 to 5 lines. Character—Oriya. Date of Copy—Sana 1313 Sāla during the reign of Mukunda Dev III of Khurdha Dynasty. Complete. Condition—Stighly Worm eaten. Find spot—Presented by Antaryāmi Mahāranā, At/P. O. Patiā, Dt. Cuttack.
Name of scribe—Satyavādi Pāni.

Text same as in—Cat. No: O. L./857 (C)

ଇତି ଶ୍ରୀଗଣେଶ ବିଭୂତି ଟୀକା ସଦାଜପ୍ୟେ ସମ୍ପୂର୍ଣ୍ଣ । ହେ ସୁଜ୍ଞ ଜନମାନେ ଶୁଦ୍ଧ ଅଶୁଦ୍ଧ୍ୟ ଥିଲେ ଗାଇବ । ଲେଖକାରର ଦୋଷ ନ ଧରିବ । ସନ ୧୩୧୩ ସାଲେ ଶ୍ରୀରାଜେ ମୁକୁନ୍ଦ ଦେବ ଅଙ୍କ······ଭାଦ୍ରବ ବା ୨୨ ଦିନ ବୁଧବାରେ ବେଳ ଦଣ୍ଡଘଡ଼ି ଠାରେ ସଦାଜପ୍ୟେ ସମ୍ପୂର୍ଣ୍ଣ । ଗ୍ରା—ପଟିଆ, ଜି—କଟକ, ସା—କଳାଝଙ୍ଗ ନିବାସୀ କପିଳ ପାଣିଙ୍କର । ଏ ପୋସ୍ତକ ଯେ ମାଗିନେଇ ନ ଦେବ ତା ସପ୍ତ-ପୁରୁଷ ତଳ ଆମ ସପ୍ତ ପୁରୁଷ ଉପର । ଲେଖକାର ସତ୍ୟବାଦୀ ପାଣି ।

Digitized by PPRACHIN, SOA

25

Cat. No. L. O./294

ଗଣେଶବିଭୂତି ଟୀକା

Substance– Palm leaf. No. of folia--68. Size—38× 3.5 C. M. Character-Oriya. Date of Copy—Sana 1311 sāla. Complete. Condition—badly worm eaten. Find spot-- Jagatsimhapur area. Dt. Cuttack. Name of the scribe- Māguni Dāsa. Village—Pankapāla śāsana.

Beginning—ଶ୍ରୀ ଗଣେଶାୟ ନମଃ, ଅବଘ୍ନମସ୍ତୁ ।

ଜୟ ଜୟ ଜଗନ୍ନାଥ ଜୟ ଦୀନବନ୍ଧୁ
ଭକତ ରକ୍ଷଣ ବାନା ନାମ କୃପାସିନ୍ଧୁ ।
ଅନାଦ୍ୟ ଭବକୁ ତୁମ୍ଭେ ଶରଣ ସୋଦର
ଭକତଙ୍କ ହିତେ ହେଲ ନାନା ଅବତାର ।
ସାରସ୍ୱତ ଯୋଗରେ ଯେ ଅନୁକୂଳ ତୁହି
ଅଷ୍ଟାଙ୍ଗ ଯୋଗରେ ଗୁରୁରୂପ ଭବତ୍ରାହି ।

End—ଇତି ଲମ୍ବୋଦର ଉପଦେଶେ ଶଙ୍କର × × ଯୋଗଶାସ୍ତ୍ର ନିରୂପଣେ ବ୍ରହ୍ମ କଥନେ ନାମ ପଞ୍ଚବିଂଶ ଅଧ୍ୟାୟ । ଇତି ଶ୍ରୀ ଗଣେଶ ବିଭୂତି ଟୀକା ସମ୍ପୂର୍ଣ୍ଣ ।

Colophon—ଭୀମସ୍ୟାପି ରଣେଭଙ୍ଗୋ ମୁନେରପି ମତିଭ୍ରମଃ ।
ଯଦି ଶୁଦ୍ଧମଶୁଦ୍ଧଂ ବା ମମ ଦୋଷୋ ନ ବିଦ୍ୟତେ ॥

Post colophon—

ଦିବ୍ୟସିଂହ ଦେବ ମହାରାଜା ବିଜେ ଶୁଭ ରାଜ୍ୟେ ସମସ୍ତ ଅଷ୍ଟାଇଶ ଅଙ୍କ ମକର ଦିନେ ମାଘେ ମାସି ଶୁକ୍ଳପକ୍ଷେ ଅଦ୍ୟ ଚତୁର୍ଥୀ ବ୍ରୋହସ୍ପତି ବାସରେ × × ପଙ୍କପାଳ ଶାସନ ମଧ୍ୟଶାଳ ଏ ପୋଥିକ ମାଗୁଣି ଦାସଙ୍କର । ଲେଖି ଜାଣଇନାହିଁ ଆଜନମୁ ମୁରୁଖ ଅଧମ ଅପାତ୍ରିକ ଲେଖି ନ ଜାଣଇ । ହେ ସୁଗ୍ୟଜନମାନେ ମୋ ଦୋଷ ନ ଧରିବ ଶୁଦ୍ଧ ଅଶୁଦ୍ଧ ପୂରାଇ ଗାଇବ ।

Digitized by PPRACHIN, SOA

26

Cat. No. O. L./1289.

ଗଣେଶ ଶକ୍ତିଭୂତ ଟୀକା

Substance—Palm leaf. No. of folia.—35. Size—21.3 ×3.5 C. M. Eeach side contains 4 to 6 lines. Character—Oriya. Date of Copy—C. 19th Century A. D. In complete. Condition—Slightly damaged. Find spot—Presented by Sri G. B. Jena, Vill. Orakal, P. S. Bhubaneswar, Dt. Puri.

ଶ୍ରୀ ଗଣେଶାୟ ନମଃ

ଜୟ ଜୟ ଜଗତନାଥ ଦୀନବନ୍ଧୁ,
ଭଗତ ରକ୍ଷଣ ନାମ କୃପାସିନ୍ଧୁ ।
ଅନାଥ ଭଞ୍ଜନ ବାନା ଶରଣ ସୋଦର,
ଭଗତର ହିତେ ହେଉଂ ନାନା ଅବତାର ।
ସାରସୋତ ଯୋଗରେତ ଅନୁକୂଳ ଭୂମି,
ଅଷ୍ଟାଙ୍ଗ ଯୋଗରେ ଗୁରୁରୂପ ଭବସ୍ୱାମୀ ।
ପରମ ପବନ ପ୍ରଭୁ ଅନୁଗ୍ରହ କର,
ସଂସାର ବନ୍ଧରୁ ବାରେ ତରିବ ନିବାର ।

× × ×

ଶୁଣିଣ ଯେ ବିଘ୍ନେଶ୍ୱର ମନରେ ହରସ,
ପ୍ରଥମ ଅଧ୍ୟା ଏଥିଠାରୁ ହେଲା ଶେଷ ।

ଇତି ଶ୍ରୀସଦାଶିବ ଗଣେଶ ପ୍ରତିବୋଧନେ ଗଣେଶ ବିଭୂତି ଟୀକା ମନ୍ତ୍ରଯୋଗ କଥନେ ନାମ ପ୍ରଥମ ଅଧ୍ୟାୟ ।

No colophon.

27

Cat. No. OL/1468 (G)

ଗଣେଶବିଭୂତ ଟୀକା

Substance—Palm leaf. No. of foliá—48. Size—21.8× 3.5C.M. Each side contains 1 to 5 lines. Character—Oriya.

Digitized by PPRACHIN, SOA

Date of copy – C. 20th century A.D. Complete. Condition – good. Findspot—Jenāpur. Dt.Cuttack. Name of scribe – Ārata.

Text same as in Cat. No. OL/1289.

Colophon—ଶ୍ରୀମହାପାପି··· ···ନ ବଦ୍ୟତେ ।

ଶ୍ରୀଗୁରୁ ଉଦ୍ଧାର କରିବେ ଅଧମ ଆରତକୁ । ସମସ୍ତ ମୁକୁନ୍ଦ ଅଙ୍କ ୩୩ ସନ ୧୩୧୫ସାଲ ଫାଲ୍‌ଗୁନ ୨୧ଦିନ ବୁଧବାରେ ଗୋଧୂଳୀ ସମୟରେ ଏ ପୁସ୍ତକ ସମ୍ପୂର୍ଣ୍ଣ ହୋଇଲେ ।

28

Or.Pr/26 (A)

ଗଣେଶବ୍ରତ କଥା

Substance – Palm leaf. No. of folia—28. Size—23X2.8 C.M. Character – Oriya. Date of copy – C. 18th century. Complete. Condition—slightly damaged and worm eaten.

Find spot—Bhawānīpatnā, Dt. Kalāhāndi.

Beginning—କଉଂଣସି କାଳରେ ନୈମିଷାରଣ୍ୟରେ ଗୋମଷ୍ଟାନନ୍ଦା ତଟରେ ଥିଲେ ଯେମନ୍ତ ଯେ ଋଷିମାନେ ସୂତ ପୌରାଣିକଙ୍କୁ ଦେଖି ପଚାରିଲେ କେମନ୍ତ ସେ ଋଷିମାନେ ମହାଭାଗ୍ୟ ହୋଇଲେ ମହାଭାଗ୍ୟବନ୍ତ ଅଟନ୍ତି । ଋଷୟୁ ଉବାଚ ।

ଋଷିମାନେ ପଚାରୁ ଅଛନ୍ତି, ଆହେ ସୂତ ପୌରାଣିକ, ନିର୍ବିଘ୍ନ ହୋଇ କଉଂ-ରୂପେ କାର୍ଯ୍ୟ ସିଦ୍ଧ ହୁଅନ୍ତି । ମନୁଷମାନଙ୍କର କେଉଂ ରୂପେ ଅର୍ଥ ସିଦ୍ଧ ହୁଅଇ ପୁନ ସୌଭାଗ୍ୟମାନେ କେଉଂରୂପେ ସିଦ୍ଧ ହୋନ୍ତି ।

End—ଆହେ ଋଷମାନେ, ଗଣେଶଙ୍କୁ ପୂଜା କଲେ ବିଷ୍ଣୁ ମହେଶ ସୂର୍ଯ୍ୟ ଆଉ ସମସ୍ତେ ଦେବତାମାନେ ଚଣ୍ଡିକାଆଦି ମାତୃଗଣମାନେ ସେ ସମସ୍ତେ ସନ୍ତୋଷ ହୁଅନ୍ତି ।

ଯେ ଏହା ପଢ଼ଇ ନିତ୍ୟରେ ଶୁଣଇଂ ଗଣେଶଙ୍କ ପ୍ରାଦରୁ (?) ସମସ୍ତକାର୍ଯ୍ୟ-ମାନେ ସିଦ୍ଧ ହୁଅନ୍ତି ।

ଇତି ଅସ୍କନ୍ଦ ପୁରାଣେ ଶ୍ରୀ ସିଦ୍ଧବିନାୟକ କଥା ସମାପ୍ତ ।

Digitized by PPRACHIN, SOA

There are some folia containing worship of Lord Gaṇeśa at the beginning of the manuscript.

No Colophon.

29

Cat No. Or.Pr/34 (A)

ଗଣେଶବ୍ରତ କଥା

Substance – Palm leaf. No. of folia – 19. Size – 35.9X 3.3 C.M. Character-Oriya. Date of Copy – C. 19th century. Complete. Condition – good. Findspot—Gadamānitri. Dt. Puri.

End—ସିଦ୍ଧିଦାୟକ ବୋଇଲେ ଚତୁର୍ବର୍ଗ ସିଦ୍ଧିକ ଯେ ଦିଅନ୍ତି । ମହାଭାଗ ବୋଇଲେ ମାହା ମହିମା ଏମନ୍ତ ଯେ ଗଣେଶ, ତାହାଙ୍କୁ ସମସ୍ତ ବିଦ୍ୟାରମ୍ଭ ମାନଙ୍କରେ ପୂଜା କରିବ । ସମସ୍ତ ବ୍ରତ ଆରମ୍ଭ ମାନଙ୍କରେ ଆଗେ ପୂଜା କରିବ । ପ୍ରାଣିମାନଙ୍କୁ ଦୁର୍ଗତି ଆଗତ ହେବା କାଳରେ ଆଗ ପୂଜା କରିବ । ଦେବତା ମାନଙ୍କର ଯେତେ କାର୍ଯ୍ୟ କରିବ ତହିଂରେ ଆଗ ପୂଜା କରିବ । ସେହି ପ୍ରକାରେ ଶତ୍ରୁଭୟ ମାନଙ୍କରେ ଆଗ ପୂଜା କରିବ । ତେଣୁ କରି ସେ ଗଣେଶ ସିଦ୍ଧି ଦାୟକ । ଯେଉଂ ଲୋକମାନେ ଏକଥା ସାବଧାନରେ ଯେ ଶୁଣନ୍ତି ଯେ ପଢନ୍ତି ସେ ଲୋକମାନଙ୍କର ବିଘ୍ନରାଜ ପ୍ରସାଦରୁ ସମସ୍ତ କାର୍ଯ୍ୟମାନେ ସିଦ୍ଧ ହୁଅନ୍ତି ।

ମନୁଷ୍ୟମାନେ ଯେବେ ଗଣେଶଙ୍କୁ ପୂଜା କରନ୍ତି ତେବେ ସେ ହିତ ଯେ ବାଞ୍ଛିତ କାର୍ଯ୍ୟ ତା ଲଭନ୍ତି । ତେଣୁ କରି କଳି ଯୁଗରେ କାର୍ଯ୍ୟସିଦ୍ଧି ପାଇବା ନିମିତ୍ତେ ପ୍ରଥମରୁ ଗଣେଶଙ୍କୁ ପୂଜା କରନ୍ତି । ହେ ମନୁଷ୍ୟମାନେ ତୁଷ୍ଟମନରେ ଗଣେଶଙ୍କୁ ପୂଜା କରିବ । ହେ ମନୁଷ୍ୟମାନେ ତୁଷ୍ଟମନରେ ପୂଜାକଲେ ଯେଉଂ କାର୍ଯ୍ୟ ବିଚାରି ସେ କାର୍ଯ୍ୟ ସିଦ୍ଧି ହେବ । ଏ କଥା ସତ୍ୟ ଟି ତୁମ୍ଭେମାନେ ଜାଣ ।

ଇତି ଶ୍ରୀ ସ୍କନ୍ଦପୁରାଣେ ସିଦ୍ଧିବିନାୟକ ବ୍ରତକଥା ସମାପ୍ତ ।

No Colophon

30

Cat. No. OL/280

ଗଣେଶ ସପ୍ତାଙ୍ଗ

Substance – Palm leaf. No. of folia – 25. Size – 18X3. C.M. Character – Oriya. Date of copy—C.18th century.

Digitized by PPRACHIN, SOA

Complete. Condition – slightly damaged. Findspot – Jagatsimhapur area. Dt. Cuttack.

Beginning—ଶ୍ରୀ ଗଣେଶାୟ ନମ ।

ଜୟ ଜୟ ଜଗନ୍ନାଥ ଜୟ ଦୀନବନ୍ଧୁଂ ।
ଭଗତ ରକ୍ଷଣବାନା ନାମ କୃପାସିନ୍ଧୁଂ ।
ଅନାଥ ଭଞ୍ଜନବାନା ଶରଣ ସୋଦର ।
ଭଗତଙ୍କ ହିତେ ହେଉ ନାନା ଅବତାର ।

End— ଶନିବାର ଦିନ ବାବୁ ଦୁଇଭାଗ ସରି ।
ତୋତେ ସିନା ଏହି ତତ୍ତ୍ୱ କହିଲୁ ବିଚାରି ॥
ସେ ଦିନ କୈଷ୍ଟ ଯେବେ ପାଣ୍ଡୁର ବର୍ଷ ହେବ ।
ମନୁବଂଶ ପାଶେ ପ୍ରହର ଅନ୍ତେ ଯିବ ॥
ଶୁଭାଶୁଭ ଅନକୁଳ କହିଲୁଂ ବଭୂତ ।
ସାବଧାନ ହୋଇ ତୁହି ଶୁଣ ଗଣପତ ॥

ଇତିଶ୍ରୀ ଗଣେଶ ବିଭୂତି ଯୋଗଭେଦ ବିଚାରଣେ ଗୁରୁଦିଗ ଅନକୂଳ କଥନେ ନିଦାନ ପ୍ରକ୍ତଭେଦ ପ୍ରଛନ ନାମ ସପ୍ତମୋଧ୍ୟାୟ ।

ଇତିଶ୍ରୀ ଗଣେଶ ସପ୍ତାଙ୍ଗ ସମ୍ପୂର୍ଣ୍ଣ ।

Colophon—ଏ ପୋସ୍ତକ ++ସୁନ୍ଦରପଦା ରହିଣି ରଥୀ ସୁନ୍ଦରାଙ୍କର ବେଳ ପାଞ୍ଚଘଡି ସମୟରେ ସଦାଜୟେ ସମ୍ପୂର୍ଣ୍ଣ ।

There are some folia containing ପରଚେତଗୀତା, ଶୂନ୍ୟ-ସାଗର by ଆଦିକନ୍ଦ ଦାସ towards the end of the manuscript.

31

Cat. No. O. L./736

ଗଦାପର୍ବ

(According to Mahābhārata)

By କପିଳେଶ୍ୱର ନନ୍ଦ

Substance—Palm leaf. No. of folia—28. Size—33.8 × 3.3 C. M. Each side contains 3 to 5 lines. Character—Oriya. Date of Copy—C. 20th Century A. D. Complete. Condition – good. Find spot—Village. Kapileswar, P. S. Bhubaneswar, Dt. Puri.

Digitized by PPRACHIN, SOA

ଜୟ ସଦାଶିବ ଜୟ ଗିରିଜାରମଣ,
କର ଅନୁଗ୍ରହ ହେଉ ମୋ ବାଞ୍ଛା ପୂରଣ ।
କହିବି ମୁଁ ଗଦାପର୍ବ ଚରିତ ଗୀତରେ,
ଆଶା ପୂର୍ଣ୍ଣକର ଜଣାଉଁ ପୟରେ ।
×　　×　　×
ପାଣ୍ଡବ ବିଜୟ ଗଦାପର୍ବର ଚରିତ,
ବ୍ୟାସମୁନି ବିରଚିତ ଶ୍ରୀ ମହାଭାରତ ।
ଶୁଣିଲେ ଶ୍ରଦ୍ଧାରେ ହୋଇପୁ କଳୁଷ ବିନାଶ,
ଇହଲୋକେ ସୁଖ ପାଇଁ ଲଭେ ସ୍ୱର୍ଗ ବାସ ।
ପୁରୁଷୋତ୍ତମ-ବାସୀ ରଘୁନାଥ ନନ୍ଦ ସୁତ,
କପିଳେଶ ବୋଲେ ମୋର ପ୍ରଭୁ ଜଗନ୍ନାଥ ।

No colophon.

32

Cat. No. O. L./937 (C)

ଗରୁଡ କେଶବ ଚଉତିଶା
&
ଗରୁଡ କେଶବ ସମ୍ବାଦ

By ଶିଶୁ ଅନନ୍ତ ଦାସ

Substance—Palm leaf. No. of folia—18. Size—29.5× 3.6 C. M. Character—Oriya. Date of Copy—C. 18th Century. Complete. Condition—good. Find spot—Patiā, Dt. Cuttack. Name of the scribe—Govinda Pāni, Village. Godakāna.

×

ଗରୁଡ଼ କେଶବ ସମ୍ବାଦ :—
ହରି ଆଗରେ ଗରୁଡ଼ ଯାଇଁ,
ଆଗତ କଥାଏ କହ ଗୋସାଇଁ ।
କେତେ ଦିନରେ ସେ ମ୍ଳେଛ ନାଶିବ,
ସେହିଦିନ ଠିକ ମୋତେ ଆଗ୍ୟାଂ ହେବ ।
ହରି ପ୍ରସନ୍ନ ହୋଇଂ,
ଖଗବରଙ୍କୁ ସେ ଆଗତ କହିଂ ।

ନୀଳଗିରିନାଥ କଳପବଟ,
ମଞ୍ଜସିନ୍ଧୁ ମଧ୍ୟେ ଅଟଇ ତଟ ।
ଦାନେବ ଦୁଷ୍ଟ ସେ କ୍ଷେତ୍ରକୁ ଯାଇଂ
ଅତି ଅକର୍ମ ଆଚରିବେ ତହିଂ ।
ଶୁଣ ନରଶ୍ରେଷ୍ଠଂ ମନେ,
ନୀଳଗିରି ଗୁଡ଼ ଭାଙ୍ଗିବେ ଜନେ ।

× × ×

ଶ୍ରୀହରି କହେ ଶୁଣ ଗରୁଡ଼ ଜ୍ଞାନ,
ଏହି ଯେ ଅଟଇ ଗୁପତ ଗ୍ୟାଂନ ।
ଚନ୍ଦ୍ର ନୀଳାଞ୍ଚଳେ ଥିବ ଖଟାଇଂ,
କଳି କଳୁଷରୁଂ ଉଦ୍ଧାର ହୋଇଂ ।
ନଶି ଦ୍ଵାବା ଚନ୍ଦ୍ର,
କି କରି ପାରିବ କଳି ଦୁରିତ ।

ଗରୁଡ଼ କେଶବ ଚଉତିଶା :—

କହନ୍ତି ଗରୁଡ଼ ଶୁଣ ହେ କେଶବ,
ଜଣାଉଂ ଅଛୁ ଶ୍ରୀଗୁରୁମୁରେ,

ଇତି ଶ୍ରୀ ଗରୁଡ଼ କେଶବ ଆଗତ ଚଉତିଶା ସମ୍ପୂର୍ଣ୍ଣ ।

There are some folia containing ଡ଼ବଡ଼ବ by ଶିଶୁ ଅନନ୍ତ ଦାସ towards the end of the manuscript.

ଡବଡବ ବାଜେଣୀ ଗୋ ମେଳଛ ମାରୁଣି,
ଏଣୁକରି ଯବନ ବଳ ଗୋଳ କରିବେ ଆଣି ।

× × ×

ପଞ୍ଚାଶସାର ମେଳଛ ସମସ୍ତେ ରଣେ ପ୍ରଚଣ୍ଡା,
ତେର କ୍ଷେଉଣୀ ମଧରେ ହରି ବେନଭୁଜେ ଖଣ୍ଡା ।
ଚଉଶ ପ୍ରହର ହଣି ଗୋ ସମର ଘୋର ପ୍ରଚଣ୍ଡା ।
ହିନ୍ଦୁ ମୁଗଲ ନାଶ ଯିବେ ସହିଂ ଲଣ୍ଡା ତହିଂ ଖଣ୍ଡା ।
ହରି କରେ ସତ୍ୟଟି ତଳେ କରି ଶ୍ରୀଗୁରୁଙ୍କୁ ସେବ,
ଅନନ୍ତ ଶିଶୁ ରାମ ସେବକ ଡିବଡବ ଶୁଣି ମୁକ୍ଷଭବ ।

ଇତି ଶ୍ରୀଅନନ୍ତ ଶିଶୁଙ୍କ ଡିବଡବ ସମ୍ପୂର୍ଣ୍ଣ ।

Digitized by PPRACHIN, SOA

Colophon—

ଏ ପୋସ୍ତକ ଗଡ଼ୁକଣ ଭିତରେ ଭାବନା ପ୍ରକାର ଗୋବିନ୍ଦ ପାଣିଙ୍କର । × × ଏ ପୋସ୍ତକ ଗଡ଼ୁକଣ କଣ୍ଟୁର ବେଦେହିଙ୍କର । ସେ ମାଗିଲେବ ନଦେବ ତା ସପ୍ତ-ପୁରୁଷ ଓପଣ୍ଡ·········· ।

33

Cat. No. O.L./7 (B)

ଗରୁଡ଼ଗୀତା

By ଅଚ୍ୟୁତାନନ୍ଦ ଦାସ

Substance—Palm leaf. No. of folia–36. Size—32.8× 3.5 C. M. Character—Oriya. Date of Copy—C. 18th Century. Incomplete. Condition—good. Find spot—Govt. Oriental manuscripts library, Madras.

ତୋହଠାରେ ଦୟା କରଣ କହିବା ଆଗତ ଭବିଷ ବାଣୀ,
ଗୁପତ ବଚନ କହୁଅଛୁ ଶୁଣ ବିନତା ନନ୍ଦନ ପୁଣି ।
ସତ୍ୟ ତ୍ରେତୟା ଦ୍ୱାପର ଭୋଗଗଲା
କଳି ଅଛୁ ଆଉ ଆଗରେ ।
ଆହେ କେଶବ, ମୁହେ ତୁମ୍ଭର ନିଜଦାସ
କିସ ଭିଆଣ କରିଅଛ କେଶବ କହିବ ଆଗତ ଭବିଷ ।
ଖଗବର ବାଣୀ ଶୁଣି ଚକ୍ରପାଣି
ଶ୍ରୀବିମ୍ବ ଅଧରେ ହସିଲେ ।
ରାମକୃଷ୍ଣ ଆମେ ଦ୍ୱାରିକାରେ ଥିଲୁଂ
ବଂଧୁ କୁଟୁମ୍ବ ନାଶ ଗଲେ ।
ଆହେ ଗରୁଡ଼,
ଏ କେଉଁ ସ୍ଥାନରେ ରହିବୁଂ ।
କଳିଛନ୍ଦନ ଗଲେ ଶ୍ରୀନୀଳ କନ୍ଦରେ ଦାରୁବ୍ରହ୍ମଂ ରୂପ ବହିବୁଂ ।
କଳିରେ ସୋମ କେଶରୀ ରାଜା ହୋଇଂ ଗଙ୍ଗବଂଶୀ ପୁଣ ରାଜନ,
ସୂର୍ଯ୍ୟବଂଶରେ ଭୋଇ ବଂଶ ହୋଇବ ଅନେକ ଭଞ୍ଜଇ ନିଧନ ।
ତଦଅନ୍ତେଣ,'
ସେ ଭୋଇ ରାଜନଷ୍ଟି ରାଜା,
ନପାଳିବ ଧର୍ମ ନରେନ୍ଦ୍ର ଅକର୍ମ ଆକୁଳ ଗୋ ଜନ୍ତୁ ପରଜା ।

Digitized by PPRACHIN, SOA

× × ×

ଖଣ୍ଡଗିରି ନାମେ ଏକାମ୍ରବନେ ସୁବର୍ଣ୍ଣ କୂଟ (ଳ) ରେ ରହଣି,
ସେହି ସ୍ଥାନେ ଆମ୍ଭେ ବଳେ କରିଥିବୁଂ ବପ୍ର ଭେଟିବ ଲିଙ୍ଗଶ୍ରେଣୀ ।
ଆହୋ ଗରୁଡ,
ଅନନ୍ତଦେବଙ୍କ ଶ୍ରୁମୁରେ
ବାନ୍ଧ ପ୍ରାଚରେ ସ୍ନାନବଧି ସାରଣ ସିଦ୍ଧକେଦାରଙ୍କ ମଧ୍ୟରେ ।

+ + +

କହିଲୁଂ ଏକଳ ହେଲେ ପାପେବଳୀ ତେବେ ହେବ ପାପ ଦଳଣ,
ମାଳଗିରି ବାସୀ ଚନ୍ଦ୍ର ଦ୍ଵାନାଗି ତେବେ ପାଇବ ଦ୍ଵବ୍ୟଞ୍ଜନ ।
ଆହେ ସୁଜନେ,
ନାଶଯିବ କଳିକଲୁଷ,
ଅନନ୍ତ ଶିଶୁପେଯ ଏ କୃତ୍ୟ କହିଲେ ପାଦପଦ୍ମକୁ କରି ଆଶ ।
ଯାଜପୁର ଠାରୁ କ୍ଷେତ୍ର ପରିଯନ୍ତେ ପୃଥ୍ୱୀ ମଧ୍ୟେ ଯେହୁ ସାର,
ବରାଟର ଅଙ୍ଗ ଅଟଇ ଗରୁଡ ମୁହିଂ ସାକ୍ଷାତେଟି ବୀର ।
ମୋହୋ ଜ୍ୟେଷ୍ଠ ଭାଇ ନାମ ଶଙ୍କର୍ଷଣ ଲକ୍ଷ୍ମୀ ଘରଣୀ ମୋହୋର,
ତାହାଙ୍କୁ ମୁହିଂ ଯେ କେତେ ନକହଇ ଶୁଣ ବିନତା କୁମର ।

+ + +

ଛଅରେ ସେ ଭନ ପଞ୍ଚଅଙ୍କ ଯହିଂ ଯେତେ ଧନ ଭୋଗଜାଣ,
ଲେମ୍ବାଳ ବଟରେ ଅଶ୍ୱକୁ ବାନ୍ଧଣ ଆସିବେ ଗରୁଡ଼ ଜାଣ ।
ସେହି ଧନଠାରୁ ରହି ନପାରିବେ ଅପରାଧୀ ସେ ହୋଇବେ,
ମୁକୁନ୍ଦଦେବ ନବ ଅଙ୍କେ ଗରୁଡ଼ ଦମନ ମାଡ଼ି ଆସିବେ ।

+ + +

ଖଣ୍ଡ ଖଣ୍ଡାଇତ ସମସ୍ତେ ଆୟୁଧ ବଳେ କରିବେଟି ଜାଣ,
ଘୋର ଉତପାତ ସଗ୍ରାମ ଲାଗିବ କହିବା ଫିଟାଇ ଶୁଣ ।
ଖୋରଧା କଟକେ ପଶିବେ ଛଟକେ ଗଉଡକୁ ଧରନେବେ,
କଟକେ ଗଉଡକୁ ନେଇ ରଖିଣ ପୁଣ ଯେକାଙ୍ଗ ହୋଇବେ ।

+ + +

ଯେମନ୍ତେ ଗରୁଡ ଜଣାଣ କରଣ ପଦ୍ମ ଚରଣେ ପଡ଼ିଲା,
କହଇ ଅଚ୍ୟୁତ ଶ୍ରୀଚରଣ ତଳେ ପାରିକର ଚକାଡୋଳା ।

ଇତି ଶ୍ରୀ ମହିମାସାଗର ଶାସ୍ତ୍ର ଅାଗତଭବିଷ୍ୟ କଥନେ ଶ୍ରୀକୃଷ୍ଣ ଗରୁଡ଼ ସମ୍ବାଦେ ନାମ ପଞ୍ଚମ ଅଧ୍ୟାୟ ।

Digitized by PPRACHIN, SOA

No Colophon

ଶ୍ରୀ ଜଗନ୍ନାଥ ମହାପ୍ରଭୁ ଉଦ୍ଧାର କରିବେ ଅଧମ ହରେକୃଷ୍ଣ ଆଗୃର୍ଯ୍ୟଙ୍କୁ । ଆହେ ସୁଗ୍ୟଂଜନମାନେ ଶୁଦ୍ଧ ଅଶୁଦ୍ଧ ପୂରିଇ ଗାଇବ । ଲେଖକାର ଦୋଷ ନଘେନମ ।

34

Cat. No. O.L./857 (B)

ଗରୁଡ଼ଗୀତା

By ଦୀନ ଅଚ୍ୟୁତ

Substance—Palm leaf. No. of folia—16. Size—35.4 × 3.6 C.M. Character—Oriya. Date of copy—C. 19th century A.D. Complete. Condition—good. Find spot—Bhubaneswar-2, Dt. Puri. Name of scribe—Sri Kantha.

Beginning—ଶ୍ରୀକୃଷ୍ଣାୟ ନମଃ ।

ବନ୍ଦଇ ଶ୍ରୀକୃଷ୍ଣ ପରମାନନ୍ଦ । ଅନ୍ତ ନ ପାବନ୍ତି ବ୍ରହ୍ମାଙ୍କୁ ବୃନ୍ଦ ॥
ଦଶ ଅବତାର ଭଗତ ହିତେ । ସତ୍ୟ କଳ ଆଦ ଯୁଗ ବା ଯେତେ ॥
କୋଟି ବ୍ରହ୍ମାଣ୍ଡ ଯା ଉଦରୁ ଜାତ । ତ୍ରିଭୁବନ ଯାହାର ଆଶ୍ରିତ ॥
ପିଣ୍ଡ ବ୍ରହ୍ମାଣ୍ଡରେ ବ୍ୟାପି ଅଛଇ । ବଳରେ ଥାଇଂ କାହି ନମିଶଇଂ ॥
ସପତ ପାତାଳ ଅଷ୍ଟମଣ୍ଡଳ । ନବଖଣ୍ଡ ବୋଲିଣ ମର୍ତ୍ତ୍ୟ ଏ ସ୍ଥଳ ॥
ସପତ ବୋଲି ଆଭରଣ କହିଂ । ଏଥୁହି ବଳଗଟି ଗୋଲେକ ଭୂଇଂ ॥
ତ୍ରିଭୁବନରେ ଯେତେକ ନନ୍ଦନ । ଏସବୁ ମାୟାରେ ହୋଇଂ ବନ୍ଧନ ॥
ଭଗତି ପଥ ଅଗମ୍ୟ ଅଟଇ । ଗୁରୁକୃପା କଲେ ସେଭୂମି ପାଇଂ ॥
ସେ ଭୂମିକଂ ପାଇ ଯେବଣଜନ । ସତ ଶ୍ୟାନ୍ତ ଦୟା କ୍ଷେମା ବଚନ ॥
ଗ୍ୟାନ ଧ୍ୟାନରେ ତା ନିତ୍ୟରେ ମନ । ଅମନ ସ୍ଥଳକୁ ନେଇ ପବନ ॥

\+ \+ \+

End—ଭୃତ୍ୟରଠାରେ ସେ ବଶ ଅଟନ୍ତି,
ଗରୁଡ଼ଙ୍କୁ ପ୍ରଭୁ ଅଗ୍ୟାଂ ଦିଅନ୍ତି ।
ଗରୁଡ଼ ଗୋବିନ୍ଦ ଗୁପତ କଥା,
ଦୀନ ଅଚ୍ୟୁତର ମନରେ ବ୍ୟଥା ।

ଇତି ଶ୍ରୀ ଗରୁଡ଼ ଗୋବିନ୍ଦ ସମ୍ବାଦେ ନାମ ସଦାଜପ୍ୟେ ସମ୍ପୂର୍ଣ୍ଣ ।

Colophon—ଶ୍ରୀକପିଳେଶ୍ୱର ରକ୍ଷା କରିବେ ଅଧମ ଶ୍ରୀକଣ୍ଠଙ୍କୁ ।

Digitized by PPRACHIN, SOA

35

Cat. No. O.L./1297

ଗରୁଡ଼ଗୀତା

By ଅଚ୍ୟୁତାନନ୍ଦ

Substance—Palm leaf. No. of folia – 31. Size—37.×3.4 C.M. Each side contains 4 to 5 lines. Character—Oriya. Date of copy—Sana 1307 Sala Or 1900 A.D. Complete. Condition—Not good. Find spot—Presented by Upendra Pati, Vill-Gangeśvarpur, P.O. Pānchgāon, Dist. Puri.

ଶ୍ରୀଗଣେଶାୟ ନମଃ

ଜୟ ନାରାୟଣ ଅନନ୍ତ ଶୟନ ଜୟ କମଳା ବିଳାସ
ଜୟ ନରହରି ଜୟ ଆଦିକନ୍ଦ ଶଙ୍ଖଚକ୍ର ଯେ ବହ୍ନିଂଛ ।
ଆହେ ଦୀନବନ୍ଧୁ ଲକ୍ଷ୍ମୀଙ୍କ ବଲ୍ଲଭ ପତିତପାବନ ହରି
ତୁମ୍ଭ ଚରଣରେ ଭରସା କରିଛି ବାରେ ଶୁଣିମା ଗୁହାରି ।

\+ \+ \+

ଶ୍ରୀକୃଷ୍ଣ ଚରଣେ ପଶିଲି ଶରଣ ମୁହିଂ ଅଟଇ ଅଗ୍ୟାନ
କହଇ ଅଚ୍ୟୁତ ଆହେ ଗୋପୀନାଥ ଆଗ୍ୟାଂ କରିବା ବହନ ।

ଇତିଶ୍ରୀ ମହିମା ଶାସ୍ତ୍ର ଆଗତ ଭବିଷ୍ୟ ଶ୍ରୀଗରୁଡ଼ ସମ୍ବାଦେ ଶ୍ରୀକୃଷ୍ଣ ମହିଂମା ବିଭୂତି କଥନେ ନାମ ପ୍ରଥ ଅଧ୍ୟାୟ ।
ମ

Colophon—

ଲେଖିତଂ ବାବନ ପତି କ ରକ୍ଷାକରିବେ ଶ୍ରୀଗୋପୀନାଥ ଦେବ । ଏ ପୁସ୍ତକ ସମ୍ପୂର୍ଣ୍ଣ ହେଲା କାର୍ତ୍ତିକ ମାସ ଦି୨୭ନେ ବେଳ ସାତଘଡ଼ି ସମୟେ ଶନିବାରେ ତିଥି ପ୍ରତିପ ସ୍ନ ୧୩୦୭ ସ.ଲ ତୁଲ. ଦି ୨୦ ନେ ନମୀ—ଟିକାଂ ଶାସ୍ନ ଗଙ୍ଗେଶ୍ୱରପୁର ନିବାସୀ ଅନନ୍ତ ପତିଙ୍କର ଏ ପୋସ୍ତି ଯେ ମାଗିନେଇ ନ ଦେବ ତା ସପତ ପୁରୁଷ ତଳ ଆମ ସପ୍ତ ପୁରୁଷ ଉପର । ଏ ସହି ନରସିଂହ ଦାସ ଦୁଆରେ ।

Digitized by PPRACHIN, SOA

36

Cat. No. O.L/1365

ଗରୁଡ଼ଗୀତା

By ଅଚ୍ୟୁତାନନ୍ଦ

Substance – Plam leaf. No. of folia. – 16. Size-17X3.3 C.M. Each side contains four lines throughout the manuscript. Character-Oriya. Date of copy—C. 19th century A.D. Incomplete. Condition-good. Findspot-Presented by Vijayarāma Māliā. Village-Kapileśvara. P.S. Bhubaneswar, Dt. Puri.

Text same as in Cat. No. O.L/1297

No colophon

37

Cat. No. O.L/1497

ଗରୁଡ଼ଗୀତା

By ମଥୁରୀ ଦାସ and ଅଚ୍ୟୁତାନନ୍ଦ ଦାସ

Substance – Palm leaf. No. of folia.— 52. Size-28.6X 3.4 C.M. Each side contains 4 lines throughout the manuscript. Character-Oriya. Date of copy-C.19th century A.D. Incomplete. Condition-good. Find spot- Ānandapur Area. Dt. Keonjhar.

ଶ୍ରୀକୃଷ୍ଣଂ ଚରଣେ ପଶିଲ ଶରଣ ମୁହିଂ ଅଟଇ ଅଗ୍ୟାନ,
କହଇ ଅଷ୍ଟ ତ୍ରି ଆଦେହ ଗୋପୀନାଥ ଆଗ୍ୟାଂ କରହୋ ବନ୍ଦନ ।
ଧାନ ମଥିସ୍ର ସେ ଜଣାଣ କରୁଛି ଦେଖନ ବାରେ ମୋ ଜଣାଣ,
ତୁମ୍ଭ ଶ୍ରୀଚରଣେ ଶରଣ ପଶୁଛି ବିପତ୍ତି (କର) ଖଣ୍ଡନ ।

X X X

ଏମନ୍ତ ଶୁଣିଣ ବିନତା ନନ୍ଦନ ଚରଣ ତଳେ ପଡ଼ିଲା,
ନିସ୍ତରିଲ ବୋଲି ଶ୍ରୀଚରଣ ଧରି ଶୋକଭରେ ଜଣାଇଲ ।

No Colophon

Digitized by PPRACHIN, SOA

38

Cat. No. O.L./538

ଗହ୍ୱନଗୀତା

By ବୃନ୍ଦାବନ ଦାସ

Substance—Palm leaf. No. of folia—19. Size—21.7×3.3 C.M. Character—Oriya. Date of copy—C.19th Century A. D. Complete. Condition— Slightly worm eaten. Find spot—Vill—Tureintrā, P.S. Bālipātanā, Dist-Puri.

Beginning ଶ୍ରୀ ଗଣେଶାଏ ନମଃ ଅବଘ୍ନମସ୍ତୁ ।

ବନ୍ଦଇଂ ଶ୍ରୀକୃଷ୍ଣଂ ପରମାନନ୍ଦ ।
ଅନ୍ତ ନ ପାବନ୍ତି ବ୍ରହ୍ମାଙ୍କ ପଦ ॥

X X X

ଗୋଲକୁଣ୍ଡା ବୋଲି ମୁକୁନ୍ଦ ଦେବ ।
ହବ୍ୟସିଂହ ଝେଁଚଡ଼ ଭାବ ॥
ତାହାର ପୁତ୍ର ଯେ ପାଇବ ନାହିଂ ।
ପାତ୍ର ପୁନ୍ତ (?)ରାଜା ହୋଇବେ ମହୀ ॥
ଶ୍ରେଷ୍ଠ ଭୂମିଠାରୁ ପୁତ୍ର ନଷେଧ ।
ଗୋଲକୁଣ୍ଡା ରାଜା ଏ ପୃଥ୍ୱୀ ମଧ୍ୟ ॥
ମୁକୁନ୍ଦଦେବ ଏକଗୃହଲକ୍ଷଣରେ ।
ବଡ଼ଦା କପଟ ଗୁଡ଼ି ମନରେ ॥
ଦେହଧାରୀରେ ମୁଂ ଜନମ ହୋଇଂ ।
ଗୁପତେ ଥିବ ମୁଂ ଭୁବନ ଭୁଇଂ ॥

X X X

ପୁରାଣ ଗୀତା ଭାଗବତ ପଢ଼ି ।
ମଦ ମଛ ଖାଇଂ ହୋଇବେ ବଡ଼ୀ ॥
ମାତା ମାଉସୀ ଶାଶୁଙ୍କୁ ହରଣ ।
ବେଦ ନପଢ଼ିବେ ତାଳେ ବ୍ରାହ୍ମଣ ॥
ଭଗ୍ନୀ ଭଣଜାବେ ସୋଦର ଭାଇ ।
ବିପ୍ର ମଦ୍ୟରା ଯେ ଖାଇବେ ମହୀ ॥

× × ×

End

ପ୍ରଧାନ ଭଗତ ଅଛନ୍ତି ଭୁଲେ ।
ମୋହର ଲୀଳା ସେ଼ଜାଣନ୍ତି ଭଲେ ।

Digitized by PPRACHIN, SOA

ଅଡଙ୍ଗ ବୋଲାଣ ଯେବଣ ସ୍ଥାନ ।
ଥୋଇଂ ଯେ ଭଗତ ଅତି ଗୋପ୍ୟାନ ।।
ପୀତାମ୍ବର ପୁର ଏକ ପାଟଣା ।
ଥୋଜାଏ ଭଗତ ତହିଂରେ ଜଣା ॥
କେଦଣ୍ଡ୍ରା ସରସ୍ୱତୀ ବାଲିବଣ ।
କନେଷ୍ଟୁ ଚଣରେ ଅଛନ୍ତି ଦାସ ॥
କଠେ କୋରୁଣିଆ ଅସୁରୁସର ।
ପୋଇନ୍ଦା ବସରେ ଥୋକା ହୋ ସାର ॥
ଶୁହାଙ୍ଗ କୁସୁମଣ୍ଡଳ ଯେ ବୋଲ ।
ଥୋକାଏ ଭଗତ ତହିଂ ଥୋଇଲ ॥
ରଇତ କୁଜଙ୍ଗ ଯେ ସୋହ୍ଲ ଗ୍ରାମ ।
ଥୋକାଏ ଭଗତ ତହିଂ ଉତ୍ତମ ॥
ଏମନ୍ତେ ମୁହିଂ କହିବଇଂ କେତେ ।
ମୋହର ଭକତ ଅଛନ୍ତି ଯେତେ ॥
ଆଜି ଏତକ ଶୁଣିଥାଅ ତୁହ୍ମ ।
ପଛରେ ସବୁ ଦେଖିବୁ ଯେ ରହ୍ମ ॥
ଗରୁଡ଼ପନ୍ତ ପାଦପଦ୍ମ ଧାୟୀ ।
ବୃନ୍ଦାବନ ଦାସ ଗୀତେ କହଇ ॥
ସୁଜନେ ମୋର ନଧରିବ ଦୋଷ ।
ସବୁରି ପ୍ରଭୁ କରୁଣାବିଳାସ ॥

No Colophon.

39

Cat. No. OL/372 (J)

ଗୀତ

By ଦୀନକୃଷ୍ଣ ଦାସ

Substance—Palm leaf. No. of folia—5. Size—14.7×3.1 C.M. Date of copy—C. 19th Century A.D. Complete. Condition—slightly worm eaten and some portions are illegible. Findspot—Jagatsimhapur area Dt. Cuttack.

Digitized by PPRACHIN, SOA

ଅଣ ଯେ ଅକ୍ଷର ଶୂନ୍ୟ ମଣ୍ଡଳ ଗୋଟିଏ ।
ଆଉ ଯେ ଅପୂର୍ଣ୍ଣବ୍ରହ୍ମଂ ତଥିରୁ ଜାତ ହୋଏ ॥
ଓଁ ମନ୍ତ୍ର ଅକ୍ଷର ତହୁଂ ହୋଇଲା ଉତପନ ।
ପରମହଂସଙ୍କୁ ଆବୋର ରହିଲା ନିରଞ୍ଜନ ॥

× × ×

ଭଗତ ମନରେ ଥିବ ।
ତେବେ ସିନା ପ୍ରତେ ଯିବ ॥
କହେ ଘନକୃଷ୍ଣ ଦାସ ।
ସାଧୁ ଚରଣେ ଧ୍ୟାୟି ॥

No Colophon

40

Cat. No.O.L./139

ଗୀତଗୋବିନ୍ଦ

By ଜୟଦେବ
With Oriya poetry translation
By ଉଦ୍ଧବ ଦାସ **and** ଧରଣୀଧର

Substance—Palm leaf. No. of folia—119. Size—32.5×3.5 C. M. Character – Oriya. Date of Copy—C. 18thCentury A.D. Complete. Condition—slightly worm eaten. Find spot—Puri twon. Name of the scribe—Bāuri Praharāja.

Beginning of the Oriya Portion—

ଶ୍ରୀକୃଷ୍ଣାୟନମଃ
ମଣୋହ୍ନି ସାର ଜନେ କରାଏ ପ୍ରେ ବାଣୀରେ ଗାଇବ—
ଧରଣୀଧର—
ମାୟା ରଚଲେ ପ୍ରଭୁ ଦାମୋଦର ।
ମେଘ ଆଚ୍ଛାଦିଲା ଦିଗ ଅମ୍ବର ॥
ନବୀନନୀଳ ମେଘ ପ୍ରକାଶିଲା ।
ବିପିନ ଭୂମି ଶ୍ୟାମଳ ଦିଶିଲା ॥
ତମାଳତରୁ ନୀଳଘନ ଲତା ।
ଦେଖିଣ ନନ୍ଦ ଯେ ପାଇଲେ ଚିନ୍ତା ॥

Digitized by PPRACHIN, SOA

ରାଧାଙ୍କୁ ବୋଲନ୍ତି ବରଜପତି ।
ଗୋଡ଼ାଇ ଅଇଲା ଏହୁ ଶ୍ରୀପତି ॥
ଇତ୍ୟାଦି

ଉଦ୍ଧବ ଦାସ—

ଯେମନ୍ତେ ନନ୍ଦ ଏକ ଦିନେ ।
କଥାଯେ ବିଚାରିଲା ମନେ ॥
ବୋଲେ ଯମୁନା କୂଳେ ଯାଇଂ ।
ଧେନୁ ଦେଖିବି ଆଜ ମୁହିଂ ॥
ଯେମନ୍ତେ ବେଳ ଅବସାନେ ।
ନନ୍ଦ ଚଳିଲେ ସେ ଗୋଷ୍ଠାନେ ॥
ଯାନ୍ତେ ଦେଖିଲେ କୃଷ୍ଣ ଡୋଳେ ।
କାନ୍ଧଣ ପଛେ ଗୋଡ଼ାଇଲେ ॥
ତା'ଦେଖି ନନ୍ଦ ଲେଉଟିଲେ ।
କୃଷ୍ଣଙ୍କୁ କାଖେ ବସାଇଲେ ॥
ମିଳି କାଳନ୍ଦୀ କୂଳେ ଯାଇଂ
ଧେନୁ ସକଳ ସମ୍ଭାଳଇଂ ॥
ଦେଖିଲା ଏକେ ଏକେ ହେରି ।
ଗାଈ ବଚ୍ଛୁଏ ଆଦି କରି ॥
ଇତ୍ୟାଦି

End—

ବୋଲନ୍ତି ଜୟଦେବପୁଣ
ସକଳ ସ୍ୱାଦମାନ ଶୁଣ ॥
ସାଧ୍ୱୀ ନିର୍ମଳ ମଧୁ ଭୁହି
ମଧୁର ଗୁଡ଼ କହେ ମୁହିଂ ॥
ତୋହୋର ମଧୁରର ଗୁଣ
ସକଳ ସ୍ୱାଦମାନ ଶୁଣ ॥
ଦେହେ ଶର୍କରା କହେ ମୁହିଂ
ବାଳଙ୍କ ପ୍ରାଏ ହେଲୁ ଭୁହି ॥
ହେ ଦ୍ରାଖ୍ୟାଫଳ ତତେ କହି
ତୋତେ ଗୁହିବ ଆର କାହିଂ ॥
ଅମୃତ ପ୍ରାଏ ହେଲୁ ଭୁହି
ତୋହୋ ସ୍ୱାଦ କଛି ନାହିଂ ॥

Digitized by PPRACHIN, SOA

ହେ ଦୁଗଧ୍ ତୁମ୍ଭ ମାର ପ୍ରାଏ
ସ୍ୱାଦ ନୋହିଲା ତାର ଦେହେ ॥
ଏବେ ପାଶଲ ଆମ୍ଭ ହୋଇ
ତୋ ରସ ନାହିଂ କାହିଂ ପାଇଂ ॥
ହେ ଦ୍ରବ୍ୟ ନାଗମାନେ ଶୁଣ
ଘୁଡ଼ ଆପଣା ବଡ଼ ପଣ ॥
ତୁମ୍ଭ ଅଧରେ ରସ ଥିଲା
ସେତ ଧରଣୀ ତଳେ ଗଲା ॥
ଯେତି ଶୃଙ୍ଗାର ସାରସ୍ୱତେ
ମୁଂ ଜୟଦେବଟି ସମସ୍ତେ ॥
ମୋହୋର ବଚନ ଏ ଗୀତେ
ପୂରି ଅଛନ୍ତି ସ୍ୱାଦୁ ଯେତେ ॥
ତୁମର ଯଶ ପୁରସ୍କାର
ଏଥିକ ଅଛୁ ଭଲ ଆର ॥
ମୋହୋର ଗ୍ରନ୍ଥେ ଯେ ପଢିବ
ତୁମ୍ଭର ସ୍ୱାଦୁ କ ଖାଇବ ॥

Colophon—

ଇତିଶ୍ରୀ ଗୀତ ଯେ ଗୋବିନ୍ଦ ।
ଦ୍ୱାଦଶସର୍ଗ ପରିବନ୍ଧ ॥
ସମ୍ପୂର୍ଣ୍ଣ ଗୀତ ଅର୍ଥ ହୋଇ
ମୂର୍ଖ ଉଦ୍ଧବ ଏହା କହି ॥
ହାସ୍ୟ ନ କରିବ ପଣ୍ଡିତେ
ଶୁଣିଣ ମୂର୍ଖ ଅର୍ଥ ଗୀତେ ॥
ଏଥକୁ ଭର୍ଜନ ମୁ ନୋହି
ଯେଣୁ ଗୁରୁଙ୍କ ଆଗ୍ୟା ପାଇ ॥
ଶ୍ରୀ ଜଗନ୍ନାଥ ମିଶ୍ରେ ଆସି·
ସ୍ୱପ୍ନେ ମୋହର ପାଶେ ବସି ॥
ବୋଇଲେ ଶୁଣ ମୋର ପୁତ୍ର
ଜୟଦେବର କର ଅର୍ଥ ॥
ମୁ ଅର୍ଥ କରିଅଛୁ ଯାହା
ଏ ଗୀତ କରି କର ତାହା ॥

Digitized by PPRACHIN, SOA

ତେଣୁ ମୁ ଏଥି ମନ ଦେଲି
ଜୟଦେବର ଅର୍ଥ କଲି ॥
ଏହା ଜାଣନ୍ତି ସାଧୁ ଜନେ
ମୁ ନଜାଣଇ ଅଳ୍ପ ଜ୍ଞାନେ ॥
ମୋହୋର ଗୁରୁଦେବ ଥିଲେ
ଦ୍ୱାଦଶ ସ୍କନ୍ଦ ଅର୍ଥ କଲେ ॥
ମୁ ଗ୍ଭର ନୃହଇଂ ସର୍ଜନ
କମାର କୁଳେ ମୋର ଜନ୍ମ ॥
ପାଠ ପଠନ ମୋର ନାହିଂ
ସ୍ୱଭାବେ ମୂର୍ଖଜନ ମୂହିଂ ॥
ମୋହୋର ନ ଘେନିବ ଦୋଷ
ମୁ ତୁମ୍ଭ ଚରଣର ଦାସ ॥

Post Colophon—

ଶ୍ରୀ ରାମଚନ୍ଦ୍ରାୟ ନମଃ ।
ଭୀମସ୍ୟାପି ନବଦ୍ୟତେ ।
ଶ୍ରୀକୃଷ୍ଣାୟ ନମଃ

ବୋଲେ ବାଉରୀ ପ୍ରହରାଜ
ରକ୍ଷା କରିବେ ଦେବରାଜ ॥
କାଶୀବାସୀଙ୍କ ପଦ୍ମପାଦେ
ସେବା ମୋ ରହୁ ଅପ୍ରମାଦେ ॥
ସେ ପ୍ରଭୁ ଦୟା ମତେ ହେବ
ଦର୍ଶନ ବାରେକ ମିଳିବ ॥
ଏମନ୍ତ ହେଉଅଛି ମତି
ସମ୍ପୂର୍ଣ୍ଣ କର ଉମାପତି ॥
ବାଉରୀ ପ୍ରହରାଜସ୍ୟ ଲିଖିତମିଦଂ ପୁସ୍ତକଂ ।

Digitized by PPRACHIN, SOA

41

Cat. No. O.L./302

ଗୀତଗୋବିନ୍ଦ

By ଜୟଦେବ

With Oriya Poetry translation.

By ଧରଣୀଧର and ଉଦ୍ଧବ ଦାସ

Substance—Palm leaf. No. of folia – 237. Size—22.×3.8 C.M. Character—Oriya. Date of copy—Sana 1312 Sāla Or 1905 A.D. Complete. Condition—good. Find spot—Jagatsiṁhapur area, Dt: Cuttack. Name of the Scribe—Bābāji Rāmachandra Dāsa.

Text same as in Cat. No. O.L./139

Colophon—

ଭୀମସ୍ୟାପି ରଣେଭଙ୍ଗୋ ନଷ୍ଟବ୍ୟତେ ।
ଭଗ୍ନପୃଷ୍ଠ··· ପରିପାଳୟେତ୍ ॥
ଜଳାଦ୍ରକ୍ଷ··· ···ବଦତି ପୁସ୍ତକମ୍ ॥
ପୁସ୍ତକଂ ହରତେ ଯସ୍ତୁ··· ଭ୍ରଜେତ୍ ।

ଶ୍ରୀଶ୍ରୀ ମୁକୁନ୍ଦଦେବ ମହାରାଜାଙ୍କ ଅ୨୮ଙ୍କ ସନ ୧୩୧୨ସାଲ ମାର୍ଗଶୀର ୨୫ତାରିଖେ ଥିବାର ତୃତୀୟା ବେଳ ୧୩ଘଡ଼ି ସମୟରେ ନକ୍ଷତ୍ର ଯୋଗକରଣ ସମସ୍ତ ଶ୍ରାଦ୍ଧ ଶୁକ୍ରବାରେ ଶୁଭଲଗ୍ନେ ଏ ପୁସ୍ତକ ସମ୍ପୂର୍ଣ୍ଣ ହୋଇଲା । ଶ୍ରୀଗୀତଗୋବିନ୍ଦ ମହାକାବ୍ୟ ଶ୍ରୀ ଜୟଦେବ ନବମିତ ପଦେ । ଇତି ।

Post Colophon

ଶ୍ରୀ ଶ୍ରୀ ଧର୍ମସ୍ଥା···ଏକଧର୍ମ ପ୍ରବର୍ତ୍ତନ ଶ୍ରୀ ଉଦ୍ଧବ ମହାପାତ୍ର ମୌଜେ ନୂଆଗାଂ କଲେ ଗଡ଼କୁଜଙ୍ଗ ତାହାଙ୍କର ଧର୍ମ ପ୍ରବର୍ତ୍ତନେ ପୁତ୍ର ଓ ବାବାଜୀ ମହାଶୟଙ୍କ ଦ୍ୱାରା ଉପରେଲିଖିତ ଗ୍ରନ୍ଥ ସମାହିତ ଲେଖା କୃତ୍ୟ । ଶ୍ରୀ ଶ୍ରୀ ମଠର ନାମ ସ୍ନିଗ୍ଧଗୁମ୍ଫା ଧାମରେ ଏହି ପୁସ୍ତକ ଖଣ୍ଡି ଉପଯୁକ୍ତ କରଗଲା । ଏ ଲେଖକାର ବାବାଜୀ ରାମଚନ୍ଦ୍ର ଦାସେ ମହାଶୟଙ୍କ ହସ୍ତାଅକ୍ଷର ପ୍ରମାଣ । ଏ ଗ୍ରନ୍ଥ କଲେ କୁଜଙ୍ଗ ଜିଲ୍ଲେ କଟକ ପ୍ରଗନେ··· ମୌଜେ ନୂଆଗାଂ ମହାପାତ୍ରଙ୍କର ପ୍ରମାଣ । ଏ ପୁସ୍ତକ ଯେ ମାଗିନେଇ ରଖିବ ତା ସପ୍ତପୁରୁଷ ତଳ । ଇତି ।

Digitized by PPRACHIN, SOA

42.

Cat. No. O.L./322 (B)

ଗୀତଗୋବିନ୍ଦ

By ଜୟଦେବ

With Oriya Poetry translation.

By ଧରଣୀଧର

Substance—Palm leaf. No. of folia—98. Size—29.3 × 3.4 C.M. Character—Oriya. Date of copy—C. 17th century A.D. Condition—Badly worm eaten and some folia are broken. Complete. Find spot—Bhubaneswar, Dt. Puri.

End—

ଗୃହ୍ନଂଣ ମାଧବ ମନେ ତରଳିତ ଭାବ
ପୁନରପି ଦଣ୍ଡ ସାଜିଲ୍ଲ ବଲ୍ଲଭ ।
ଶୁଣ ହେ ସୁଜନ ଜନ ହୋଇଣ ସନ୍ତୋଷ
ରାଧା ମାଧବଙ୍କର କେଳି ଏ ବିଶେଷ ।
ହରିଭକ୍ତ ଭାବରେ ଅଛଇ ଯନ୍ଧ ଧାନ
ସଙ୍ଗୀତର ରୂପଲ୍ଲୀଳା ଯେବେ ଗାଇବାକୁ ମନ ।
ଷଡ଼ଦଶ ଶୁଦ୍ଧ ନାମ କୃଷ୍ଣକ୍ରୀଡ଼ା ଜାଣି
ଗାଇବା ପଦେ ପଦେ ବୁଝି ପରମାଣି ।
ପରମ ବ୍ରହ୍ମ ସରୂପେ ଯେବେ ନିରଞ୍ଜନ
ବାରେ ଅବତାର ସଂସାର ପରହିତେଣ ।
ଷିତି ଭାର ପାଇଣ ଅଦେହ ଦେହଧାରୀ
ନାନା ରସେ ବିନୋଦ କ୍ରୀଡ଼ା କୁତୁହଳ କରି ।
ସାନ ବଡ ମଧ୍ୟେ ଯାର ନାହିଂ ଉପର
ଭୃତ୍ୟର ଭାବକୁ ଅତି ଶରଣ ସୋଦର ।
ମହାକାବ୍ୟ ଭକ୍ତିରସ ଅମୀୟୂ ସାଗର
ଶାସ୍ତ୍ର ଏକ କଣିକା ମିଳେ କହିଲ···।
ଗୁଣିଗୁଣ ନିମିତ୍ତେ ପ୍ରକାଶ କଲି ଏହା
ଏସନେକ ଆଗ୍ୟାଂ ମୋତେ ଦେଲେ ଚଉବାହା ।

Digitized by PPRACHIN, SOA

ଗୋପାଳ ଚରଣ ଯୁଗଳ ଅଭୟ ପଞ୍ଜର
ଶରଣ ପଶିଲ୍ଲ ପାଦେ ଧରଣୀଧର ।

Colophon

ଯାଦୃଶଂ ପୁସ୍ତକଂ ଦୃଷ୍ଟଂ ······ନ ଦିଯତେ ।।

43

Cat. No. O.L./598

ଗୀତଗୋବିନ୍ଦ

By ଜୟଦେବ

With Oriya Poetry translation

By ଧରଣୀଧର

Substance—Palm leaf. No. of folia—78. Size—30×3.5 C.M. Character- Oriya. Date of copy—13th regnal year of Gajapati Rāmachandra Dev III of Khurda dynasty or 1st part of 19th century A.D. Complete. Condition—good. Find spot—Madhupur, Dist. Cuttack. Name of the Scribe—Raghunātha Miśra, Śarmā, S/O Bholeśvara Miśra of Mukundapur Śāsana.

Text—Same as Cat. No. O.L./322 (B) catalogued previously.

Colophon

ଶ୍ରୀନୃସିଂହ ଶରଣଂ ଶ୍ରୀ ରାମଚନ୍ଦ୍ର ଦେବ ମହାରାଜାଙ୍କର ବିଜେ ଶୁଭ ରାଜ୍ୟ ସମସ୍ତ ୧୩ଙ୍କ କକଡା ୬ ଦିନେ ଆଷାଢ଼ ଶୁକ୍ଳ ଷଷ୍ଠୀ ଭୃଗୁବାସରେ ବେଳ ଦ୍ୱାଦଶଘଡ଼ି ସମ୍ପୂର୍ଣ୍ଣେ କନ୍ୟା ଲଗ୍ନେ ଭୁଜଚନ୍ଦ୍ରେ ମୁକୁନ୍ଦପୁର ଶାସନ ମହାଜନ ଭୋଳେଶ୍ୱର ମିଶ୍ରେଣ ଶର୍ମାତ୍ମଜ ରଘୁନାଥ ମିଶ୍ରେଣ ଶର୍ମା ଲିଖିତଂ···ଲେଖକୋ ନାସ୍ତି ଦୋଷ ।

ଯାଦୃଶଂ ପୁସ୍ତକଂ ଦୃଷ୍ଟଂ········ନ ଦିଯତେ ।
ପୁସ୍ତକଂ ହରତେ ଯସ୍ତୁ··· ବ୍ରଜେତ୍ ।
ଶ୍ରୀ ରାଧାକୃଷ୍ଣାଭ୍ୟାଂ ନମଃ ।

Digitized by PPRACHIN, SOA

Cat. No. O.L/666

ଗୀତଗୋବିନ୍ଦ and Others

By ଜୟଦେବ and Others

With Oriya poetry translation

By ଧରଣୀଧର

Substance—Palm leaf. No. of folia—30. Size—20.5× 3.3 C.M. Character—Oriya. Date of copy—C.19th Century A.D. Incomplete. Condition— Slightly worm eaten—Find spot—Bhadrak. Dist-Balasore. Name of the Scribe—Mādhava and Dhruba.

There is the translation of some selected verses of Gitagovinda

i.e.—1) ରତିସୁଖ ସାରେ···ହୃଦୟେଣମ୍ ।

2) ନାମ ସମେତଂ···ରେଣୁମ୍ ।

3) ପତତିପତତ୍ରେ···ପନ୍ଥାନମ୍ ।

4) ବିଗଳିତ ବସନଂ ······ ନିଧାନମ୍ ।

Beginning—

ରାଗ—ନଳିନୀଗୌଡ଼ା

ସଖୀରେ ସମୀର ବହେ ଯମୁନାର ତଟ

ବସିଛନ୍ତି ବନମାଳୀ ଗୃହଂ ତଟେ ବାଟ ଗୋ ।

ଚଳ ନିତମ୍ବିନୀ ସଖି ବିଳମ୍ବ ନକର

କାମ ମନୋହର ବେଶ ହୁଅ ଅଭିସାର ଗୋ ।

ରତିରଙ୍ଗ କ୍ରୀଡ଼ାରସ ସଂସାରରେ ସାର

ପ୍ରାଣନାଥ ସନ୍ନିଧ୍ୟକୁ ବେଗେ ଅନୁସର ଗୋ ।

Colophon

ଶ୍ରୀ ବୃନ୍ଦାବନେ ଦେଇ ମନ

ଧ୍ୟାବନା କରନ୍ତେ ସୁଜନ ।

Digitized by PPRACHIN, SOA

ଭବ ତାରଣେ ଯେତୁଂ ନାବ
କହିଲେ ଧ୍ୟାନ ଯେ ମାଧବ ।
ସୁଜନେ ପୂରେଇ ଗାଇବ
ନେଖୁଆ ଦୋଷ ନଧରିବ ।
ଆଦ୍ୟୁଣେ ଯେଉଂ ରୂପେ ଅଛୁ
ସେ ରୂପେ ପୂରେଇ ନେଖିଛୁ ।
ମୋହର ନ ଧରିବ ଦୋଷ
ସୁଜନ ଜନେ ଲଭିବେ ରସ ।

There are some folia cantaining କାମଶାସ୍ତ୍ର entitled ସ୍ମରଦୀପିକା with Oriya translations for the use of Pitāmvara Bhanja Chotarāya and 'ହଂସଦୂତ' by Poet Jagannātha towards the end of the manuscript.

Beginning of Smaradīpikā

ହର ଯେ ମହାଦେବ ଯେତୁହାଙ୍କ କୋପାନଳ ଦୃଷ୍ଟିରୁ କାମଦେବ ଭସ୍ମ ହୋଇଲା ! ପୁଣ ମହାଦେବ କେମନ୍ତ ଅଟନ୍ତି, ଗୌରୀ ଯେ ପାର୍ବତୀ ଯେତୁହାଙ୍କ ଅର୍ଦ୍ଧ ଅଙ୍ଗରେ ଅନୁକ୍ଷଣେ ବିଜୟେ କରିଅଛନ୍ତି । ତେଣୁକରି ଈଶ୍ୱରୀ ବୋଲାଇଂଲେ । ଯେମନ୍ତ ଯେ ମହାଦେବ ଯେମନ୍ତ ଯେ ମହେଶ୍ୱର, ତାଙ୍କୁ ଅନୁକ୍ଷଣେ ମୋହର ନମସ୍କାର ।

End—

ପୀତାମ୍ବର ଭଞ୍ଜ ଛୋଟରାୟଙ୍କ ନିମନ୍ତେ
ମଦନଶାସ୍ତ୍ର କଂଚିଂତେ କହିଲିଇଂ ଗୀତେ ।

ରସବନ୍ତ ସହିତେ ରସିକେ ଲଭ ରସ
ସମ୍ପୂର୍ଣ୍ଣ ସ୍ମର ଦୀପିକା ପଞ୍ଚମ ବିଳାସ ।

ଏତେମାନ କରୁଅଛି ମୁହିଂ ନିବେଦନ
ତେଜ ରେଷ ସେନ ରସ ରସିକ ସୁଜନ ।

ଇତି 'ସ୍ମରଦୀପିକା' ସମ୍ପୂର୍ଣ୍ଣ ।

Digitized by PPRACHIN, SOA

Hamsadūta—End

ପ୍ରେମନ୍ତ କହ୍ନ ହଂସ ତହ୍ନଂ
ଗୋପୀଙ୍କି ହରଷ କରାଇ
ଗୋପୀଙ୍କି ମେଲାଣି ମାଗିଣ
ହଂସ ଚଳିଲା ତତକ୍ଷଣ
କ୍ଷିତପତି ପଣ୍ଡିତ ଶୁକମୁନିଙ୍କ ମୁଖୁଂ
ଶୁଣି ହୋଇଲେ କୃତକୃତ
କ୍ଷୀରସିନ୍ଧୁ ନନ୍ଦନଙ୍କର ଚରିତ ଶୁଣି
ସର୍ବେ ହୋଇଲେ ହରଷିତ
ହେ ସାଧୁଜନେ
ଗୁରୁ ପ୍ରେ ଦାସସୁତ ଆଶ
କ୍ଷେମାସାଗର ପ୍ରଭୁ ପଦ୍ମଚରଣତଳେ
ଶରଣ ଶିଶୁ ଜଗନ୍ନାଥ-ହେ ।

× ×

ହଂସଦୂତ ଚଉତିଶା ସଦାଜୟେ ସମ୍ପୂର୍ଣ୍ଣ ହୋଇଲା ।

Colophon—ହେ ଯୁଗ୍ୟଂଜନମାନେ ଶୁଧ୍ୟ ଅଶୁଧ୍ୟ ପୂରାଇ ଗାଇବ । ଲେଖକ ଅଧମର ଦୋଷ ନଧରିବ । ଶ୍ରୀରାମ ଉଧାର କରିବେ ଅଧମ ଧ୍ରୁବ ଦ୍ଵିଜକୁ । ଶ୍ରୀଦୁର୍ଗେ ଦୁର୍ଗତନାଶିନୀ । ଶ୍ରୀବଳଭଦ୍ର ସୌଭଦ୍ରା ଜଗନ୍ନାଥ ରକ୍ଷାକରିବେ ଅଧମକୁ ।

45

Cat. No. Or.ms/82

ଗୀତଗୋବିନ୍ଦ

By—ଜୟଦେବ

With Oriya poetry translation,

By ଧରଣୀଧର

Substance—Paper. No. of Pages—46. Size—20.5× 14.7 C.M. Character--Oriya. Date of copy—Not mentioned. Complete. Condition—Not so good. Find spot—America Baptist Mission, Balasore.

Text—Same as in Cat. No. O. L/322 (B) catalogued previously.

There are six pages containing Daśāvatāra and Other Bhajanas by different authors.

Digitized by PPRACHIN, SOA

A) ଦୃଷ୍ଟିରେ ସେ ଆନ ଯେ ଦୃଷ୍ଟିରେ ଧ୍ୟାନ ଆନନ୍ଦ କର ଭାବନା ।
ବ୍ରଜାନନ୍ଦ ଦାସ କରଅଛି ଆଶ ଶୂନ୍ୟ ପୁରୁଷକୁ ସିନା ॥
ହୋ ମନ ।

× × ×

B) ସୂର୍ଯ୍ୟ ଚନ୍ଦ୍ର ମନ ପବନ ନିଗମେ ଛାଡ଼ି ଶୂନ୍ୟ ପରେ ବାସ ।
ଶ୍ରୀରାଧାକୃଷ୍ଣଙ୍କର ଚରଣେ ଶରଣ **ଗୋପାଳ** ଏ **କୃଷ୍ଣଦାସ** ହେ ॥

× × ×

C) ଲଲାଟ ଚନ୍ଦ୍ରକୁ କର ତୁ ଧ୍ୟାନ,
ନିରତେ ଖେଳୁଛି ମନ ପବନ ।
ପବନ ସଙ୍ଗତେ କର ଗମନ
ତୁ ଜ୍ୟୋତିରେ ମିଶିବୁ ରେ ।
ଲୋକନାଥିଆ ଯେ ଅଟଇ ବାଇ
ହରି ସେବକ ହରି ରସ ଖାଇ ।
ରହିଥିବୁ ପାଦପଦ୍ମକୁ ଧ୍ୟାଇ
ତୁ ଅବଶ୍ୟ ତରିବୁରେ ।

× × ×

D) ପୁତ୍ର ଧନ ଦାରା ସମ୍ପତ୍ତି ସପନେ ଯେସନ୍ତେ ଆବୃତ୍ତି
ଅସତ୍ୟେ ନଭୁଲ ମତ୍ତ ସ୍ୱାର୍ଥରେ ସିନା ରେ ।
ନୃପକୁଳ ଶିରୋମଣି ଗୋପୀନାଥ ଭଣବ ଭଣି
ଏଭବ ଭବ-ତରଣୀ ହରିନାମ ଶାଖାରେ ।

E) ଆରେ ମନ ମାୟାରେ ଭୁଲନାରେ
ଚାଲ ମନ ବୃନ୍ଦାବନକୁ ତୁ ।
ସୁତ ଦାରା ଧନ ମିଥ୍ୟା ଏଥେ ମୁହ ଛନ୍ନ
ମୋହର ବୋଲ ତୁ କରିଛୁ ହେବୁ
ଯମ ଯାତନାକୁ କମ୍ପା ନ ଡରୁ ।

× × ×

ବ୍ରଜକୁ ଯାଇ ତୁ ଶ୍ରୀରାଧାକୁଣ୍ଡେ
ମୁଣ୍ଡ ବୁଡ଼ାଇ ରାମ ନାମ ତୁଣ୍ଡେ ।
ଡଂରେ ଡାକ ପାପ ନରଖ ପିଣ୍ଡେ
ତୁ ହେବୁ ତୋଷ ମନରେ ।

Digitized by PPRACHIN, SOA

ନୃପ ନରସିଂହ କହ୍ନି;
ଶୁଣ ମୂଢ଼ ମନ ଭୁଲ୍ଲି ।
ଅକାରଣେ ହେତୁ ନବଳା ମତି,
ବ୍ରଜବାସୀଙ୍କ ସଙ୍ଗେ କର ପ୍ରୀତି ।
ଏ ଜୀବକୁ ଆନେ ନାହିଁନା ଗତି ନସ
ସାଧୁ ସଙ୍ଗ ବିନାରେ ।

46

Cat. No. O.L./1435 (A)

ଗୀତଗୋବିନ୍ଦ

By ଜୟଦେବ

With translation

By ଧରଣୀଧର ଦାସ

Substance—Palm leaf. No. of folia—22. Size—36.1 × 3.4 C.M. Each side contains 3 to 6 lines. Character—Oriya. Date of copy—C. 19th Century A.D. Incomplete. Condition—good. Find spot—Presented by Lingarāj Sāhu. At. Pathuriāpadā, Banki, Dt. Cuttack.

ଶୁଣ ହେ ସୁଜନ ଜନ ପ୍ରସନ୍ନ କରଣ ମନ
ରାଧାର ବିଚ୍ଛେଦେ କୃଷ୍ଣ ବାଉଳ ହୋଇ,
ହରିବ ବିଷୟ ତାପ ବହ୍ନିକି ଯେସନେ ଆପ
ଲଭିବ ପରମ ସୁଖ ହରଷ ହୋଇ ।
ଶ୍ରୀକୃଷ୍ଣଙ୍କ ପଦ୍ମ ଚରଣ,
କଙ୍କର ଧରଣୀଧର ପଶେ ଶରଣ ।

There are some folia containing ବୈଦେହୀଶ ବିଳାସ by Upendra Bhanja with Commentary towards the end of the manuscript.

No colophon.

Digitized by PPRACHIN, SOA

47

Cat. No. O.L./599

ଗୀତଗୋବିନ୍ଦ

By—ଜୟଦେବ

With Oriya Poetry translation

By ଉଦ୍ଧବ ଦାସ

Substance—Palm leaf. No. of folia 231. Size—27.3×3 C.M. Character-Oriya. Date of the Copy—C. 19th century A.D. Complete. Condition—good. Find spot—Madhupur, Dt. Cuttack.

Text - Same as in Cat. No. O.L./139 and 302 catalogued previously.

Colophon—ସମାପ୍ତୋଽୟଂ ଗ୍ରନ୍ଥଃ ଶ୍ରୀରାଧାମୋହନେନ ଜୟତଃ ।
ଶ୍ରୀମଜ୍ଜଗନ୍ନାଥାୟ ନମଃ ।

48

Cat. No. Or. Ms/99

ଗୀତଗୋବିନ୍ଦ

By ଜୟଦେବ

With Oriya Poetry translation

By ବନଗୀ ଦାସ

Substance – Paper. No. of pages—261. Size—34.5×22.8 C.M. Character – Oriya. Date of copy – 1954. Complete. Condition—good. Find spot – Puri town.

Beginning—ଗୀତଗୋବନ୍ଦ, ପ୍ରଥମ ଅଧ୍ୟାୟ ।

ଶ୍ରୀରାମ—

ଜୟନ୍ତୁ ଜୟ ଆଦ୍ୟ ମୂଳ । ଜୟ ଅନାଦ୍ୟ ଶୂନ୍ୟ ସ୍ଥୂଳ ॥
ଅପାର ମହିମା ମୁରାରି । କେ କହିପାରେ ଅନ୍ତ କରି ॥
ଅରୂପରୂପ ପରକାଶ । ବୋଲଇ ବସୁଦେବ ଶିଷ ॥

Digitized by PPRACHIN, SOA

ମଥୁରାପୁରେ ଜନ୍ମ ହୋଇ । ଗୋପକୁ ଆଇଲ ପଳାଇ ॥
ନନ୍ଦ ମନ୍ଦିରେ ସୁଖେ ହରି । ବାଳୁତ ଭାବେ ଲୀଳା କରି ॥

\+ \+ \+

ଶ୍ରୀଗୀତଗୋବିନ୍ଦର ଅର୍ଥ । ଛନ୍ଦିବ ଅଧା ମତେ ଗୀତ ॥
ଚୌବିଶଗାଥା ଗୀତ ମତେ । ବାଅସ୍ତରି ଶ୍ଳୋକ ଅଛି ତ୍ତେ ॥
ଲେଖନ କରନ୍ତି ଗୋସାଇଁ । ଅର୍ଥ ଗୋବିନ୍ଦ ନାମେ ମୁହିଁ ॥
ଏ ବାଞ୍ଛା ପୂର୍ଣ୍ଣ କର ମୋରେ । ଜୟଯୁକ୍ତ ହେଉ ତୁମ୍ଭରେ ॥
ଶ୍ରୀରାଧା ଶ୍ରୀକୃଷ୍ଣ ଚରଣ । କଙ୍କର ଭାବେଣ ଶରଣ ॥
ମୁଁ ତ ବଜରି ଦାସ ପଶେ ! ଆରତ ଭବଭୟ ନାଶେ ॥

× × ×

ଗୀତଗୋବିନ୍ଦ ଅର୍ଥମାନ । ମୋ ହୃଦେ ହୋଇବ ପ୍ରସନ୍ନ ॥
ଅର୍ଥ ଗୋବିନ୍ଦ ନାମେ ଗୀତ । ଅଧା ମୁଁ କରିବ ଉକତ ॥
ତୁ ମତେ କର ଗୋ ସଦୟେ । ମୁଁ ତୁମ ନନ୍ଦନ ଗୋ ମାୟେ ॥
ଶୁଣ ସୁଜନଜନ ମାନେ । ଯେ ଅର୍ଥଗୋବିନ୍ଦ ଲେଖନେ ॥

× × ×

End—

ପ୍ରେମ ଭକ୍ତିଆ ଯେତେ ଲୋକ । ମୁଁ ତାଙ୍କ ଚରଣ ସେବକ ॥
ତାଙ୍କ ଚରଣ ଯୁଗଧରି । ହୋଇବ ଭବସିନ୍ଧୁ ପାରି ॥
ଏହି ଭରସା ବିନୁ ଆନ । ମୋହର ନାହିଁଟି ସୁଜନ ॥
ଧ୍ରୁବ ବଚନ ଏ ପ୍ରକାଶ । ଚଉଶ ଗାଥା ହୁଏ ଶେଷ ॥
ବାସ୍ତରି ଶ୍ଳୋକର ସହିତେ । ସବୁରି ଅର୍ଥ ଅଛି ଏଥେ ॥
ବଜରି ଦାସ ମୂଢ଼ ବାଣୀ । ଅଶୋକଖୋଲା ଗଡ଼େ ରହି ॥
ମୁକୁନ୍ଦଦେବ ରାଜାଙ୍କର । ଏକୋଣଇଶ ଅଙ୍କରେ ଆର ॥
କୁମ୍ଭ ପନ୍ଦର ଦିନ ଅନ୍ତେ । ବଡ଼ିଲି ଲେଖନ ଏ ପୁସ୍ତେ ॥
ଗାଇବା ଭାଗବତ ଦାଶ । ବୋଲେ ବଜରି ମୂଢ଼ ଦାସ ॥

ଇତି ଶ୍ରୀ ଅର୍ଥ ଗୋବିନ୍ଦେ ସରସକାବ୍ୟେ ମହାଗ୍ରନ୍ଥେ ସୁଚୀଗାଥା ବର୍ଣ୍ଣନେ ମୂଢ ବଜରି ଦାସେନ କୃତୌ ନାମ ସପ୍ତବିଂଶ ଅଧ୍ୟାୟ ।

Colophon—ଭୀମସ୍ୟାପି ରଣେଭଙ୍ଗୋ ମୁନେରପି ମତିଭ୍ରମଃ ।
ଯଦି ଶୁଦ୍ଧମଶୁଦ୍ଧଂ ବା ମମ ଦୋଷୋ ନ ଦିଦ୍ୟତେ ॥

ସମାପ୍ତୋଽୟଂ ଗ୍ରନ୍ଥଃ ।

Digitized by PPRACHIN, SOA

49

Cat. No. OL/773 (A)

ଗୀତଗୋବିନ୍ଦ

By ଜୟଦେବ
With Oriya Poetry translation
By ବଜରୀ ଦାସ

Substance—Palm leaf. No. of folia—49. Size– 18.2×4 C.M. Character—Oriya. Date of copy—C. 18th Century. A.D. Complete upto 15th Adhyāya. Condition—good. Find spot—Gāredi Pānchāna, P. S. Balipātanā, Dt. Puri.

Text - Same as in Cat. No. Or. Ms./99.
No Colophon.

50

Cat. No. O.L./1041

ଗୀତଗୋବିନ୍ଦ

By ଜୟଦେବ
With Oriya Poetry translation
By ଦ୍ୱିଜ ଚଇତନ

Substance–Palm leaf. No. of folia—28. Size 30×3.5 C.M. Character—Oriya. Date of copy-C. 19th Century A.D. Incomplete. Condition—slightly worm eaten. Find spot—Ranasimhapur, P.S. Bhubaneswar, Dt. Puri. Name of the scribe - Bāidhar Bhoi of Mahukāsāhi.

Beginning——

ଆଗେର ସାଙ୍ଗ ମହାପ୍ରଭୁ ଦଶ ଅବତାର ହୋଇ·····ଦୁଷ୍ଟ ନିବାରଣ ଓ ଭୂଭାର ହରଣ କରି ସଂସାରେ ଯଶକୀର୍ତ୍ତି ରଖିଥିଲେ । ଆଗେର ସାଙ୍ଗ ୍ କପରି ଦଶ ଅବତାର ହୋଇ ଯଶ ରଖିଥିଲେ ତାହା କହିବ । ପ୍ରଥମେ ବେଦକୁ ଧରନ୍ତେ ବେଦକୁ ଉଧାରଣ କରିବାରୁ ମନ୍ଦର ପର୍ବତକୁ ପୃଷ୍ଠରେ ବହିଂ ଥିବାରୁ ଜଗତ ବହତେ । ଭୂମି ପାତାଳ ଗମିଥିବାରୁ ଦନ୍ତାଗ୍ରେ ପୃଥ୍ୱୀ ଧରିଥିଲେ । ଭୂଗୋଳ ମୁଦ ବହୁତେ । ହିରଣ୍ୟ କଶିପୁକୁ ନଖରେ ବିଦାରଣ କରିଥିବାରୁ ଦୈତ୍ୟାନାଂ ଦାରପୁତେ ।

Digitized by PPRACHIN, SOA

End---

ଆରେ ସାଙ୍ଗ ଗୀତଗୋବିନ୍ଦ ପ୍ରଥମ ଛାନ୍ଦରେ ଜୟଦେବ କବି ଭଗବାନଙ୍କ ଦଶଅବତାର ରୂପ ଓ ଯଶ ବର୍ଣ୍ଣନା କଲେ । ତାହା ପଢିଲେ ଶୁଣିଲେ ସଂସାର ତାପରୁ ମୋକ୍ଷ ହେବ । ତାହା ପ୍ରାକୃତରେ ମନ ଚୈତନ୍ୟ ବୁଝାଇବା । ଭଜନରେ କବି କହିଲେ ଏହା ମୁଁ ପ୍ରାକୃତ ପଦେ କଲି ବ୍ୟକତ ।

ଶ୍ରୀରାଧା ମାଧବ ପାଦେ ସେ ଚିତ୍ତ
ଆହେ ସୁଜନଜନ,
ଅପରାଧ ନଘେନ,
ଦ୍ୱିଜ ଚୈତନ୍ୟ ପଦ ରଚିତ ।

Colophon——

ମହୁକା ସାହି ବାଇଧର ହେଇର ଏ ଗୀତ । କାହାରି ଦାବି ନାହିଁ ।

ଶ୍ରୀ ଶ୍ରୀ ଭଗବାନ ।

51

Cat. No. Or.Ms/186

ଗୀତପ୍ରକାଶ ବୋଲି

By ଗିରିଗଦାଧର ଦାସ

Substance—Paper No. of pages—21. Size—30.7×21 C.M. Each page contains 11 to 22 lines. Character—Oriya. Date of copy—1968 A.D. Complete. Condition—good. Find spot—Basantapur, Dt, Puri.

ଗୀତପ୍ରକାଶ ବୋଲି କହି (ବା) ଶୁଣ,
ହରିହର ରସେ ଯେଉଁ ରସେଣ ।
ବନ୍ଦଇ ଗୋବିନ୍ଦ ପଦାରବିନ୍ଦ,
ଗଙ୍ଗା ତରଙ୍ଗ ଯହିଁ ମକରନ୍ଦ ।

× × ×

ବେଦବାଣୀରେ ଯେ ଗୀତ ପ୍ରକାଶ,
ଅଜ୍ଞ ଲୋକେ ତହିଁ ନୋହେ ବିଶ୍ୱାସ ।
ତେଣୁ କରି ତାହା ଦେଶ ଭାଷାରେଁ;
କରିବି ସର୍ବଜନ ବୁଝିବାରେ ।

× × ×

Digitized by PPRACHIN, SOA

ଶୁଣ ଗୀତମାନ ଏସନ ସ୍ୱନ୍ତ,
ଗିତ୍‌ଗଦାଧର ଦାସ ଭଣନ୍ତି ।

× × ×

ସମସ୍ତ ଲୋକଙ୍କ ବୁଝିବା ପାଇଂ,
ଗଦାଧର ଦାସ ଭାଷା ମିଶାଇ ।
ରଚିଲେ ସକଳ ଗୀତ ପ୍ରକାର,
ସୁଜନେ ସନ୍ତୋଷ ମନେ ବିଚାର ।

ଇତି ସଙ୍ଗୀତ ବୋଲି ସପ୍ତମ ସମାପ୍ତ ।

No colophon.

52

Cat. No. OL/82

ଗୀତ, ଭଜନ

By different poets.

Substance—Palm leaf. No. of folia–206. Size-36.8×3.3 C. M. Character–Oriya. Date of Copy–C. 18th century A.D. Incomplete. Condition—Badly worm eaten. Find spot–Baripada. Dt. Mayurbhanja.

Language–Oriya and some verse with mixed Bengali.

ରସିକେର ବାଲ୍ୟ ବିବରନ
ଶ୍ୟାମାନନ୍ଦ ଶ୍ରୀଚରନ
ମାଥାଏ କରି ଭୂଷନ
ଗାଏ ରସମୟୂର ନନ୍ଦନ ।

+ + +

ଶ୍ରୀଜଙ୍ଗ ବୋଲିୟାଂ ଗ୍ରାମ ଅତି ଦିବ୍ୟ ସ୍ଥାନ
ରାମପ୍ରସାଦ ବୋଲିୟଂା ଛିଲ ଭାଗ୍ୟବାନ
ଦ୍ରୋପଦୀ ବୋଲିୟାଂ ପତ୍ନୀ ପତିବ୍ରତା
ଶ୍ରୀଷ୍ଣ କରନ କୁଲେ ତାର ଜନ୍ମ ବିଖ୍ୟାତା
ତାହାର ଉଦରେ ଜାତ ଦୀନ ଶ୍ୟାମଦାସ
ବାଲ୍ୟ ହଇତେ ତାର ହୃଦେ ରସିକ ପ୍ରକାଶ ।

× × ×

No Colophon.

Digitized by PPRACHIN, SOA

53

Catalogue No.OL/179 B

ଗୀତା

By ବ୍ରହ୍ମଚାରୀ ପର୍ଶୁରାମ ଦାସ

Substance – Palm leaf. No. of folia—13. Size 41.9×4.3 C.M. Each side contains 3 to 6 lines. Character – Oriya. Date of Copy – C. 18th Century A.D. Complete. Condition – good. Find spot – Puri town.

ଅର୍ଜ୍ଜୁନ ଉବାଚ—

ଅର୍ଜ୍ଜୁନ ବୋଲଇଂ ହରି କଥାଏ ପୁଛଇଂ ।
ଶୁଣିମା ହେ ସାବଧାନେ କମଳାର ସାଇଂ ॥

ଜୟ ଜୟ ଜଗନ୍ନାଥ ଜଗତର ପତି ।
ପୃଥୀର ଧାରଣ ନାଥ ଶୂନ୍ୟେ ତୋର ସ୍ଥିତି ॥

ଇତିଶ୍ରୀ ବ୍ରହ୍ମଂଗ୍ୟାଂନ ଗୀତାସୁ ଉପନିଷତ୍ସୁ ଶ୍ରୀକୃଷ୍ଣ ଅର୍ଜ୍ଜୁନ ସମ୍ବାଦେ ବ୍ରହ୍ମଚାରୀ ପର୍ଶୁରାମ ଦାସ କୃତେ୍ୟ ନାମ ପ୍ରଥମ ଆବରଣ ।

ସନ୍ଥଜନଙ୍କ ଚରଣେ ଶରଣ । ପ୍ରଶୁରାମ ଦାସ ତହିଂ ଶରଣ ॥

In all the Chapters the name of the poet is found as Parśurāma Dāsa but in the 1st Chapter the name of Śrīnivāsa is described as author of the work.

ଆହେ ସୁଗ୍ୟଂ ଜନମାନେ ମୋର ନଧରିବ ଦୋଷ ।
ଭୂମ୍ଭପାଦେ ଶରଣ ବ୍ରାହ୍ମଂଣ ଶ୍ରୀନିବାସ ଦାସ ॥

54

Cat. No. O.L/877

ଗୀତା

By ଅଚ୍ୟୁତ

Substance—Palm leaf. No. of folia-116. Size-16X3.4 C.M. Character--Oriya. Date of copy – C. 18th Century A.D. Incomplete. Condition—some folia are badly worm eaten. Find spot—Presented by Dharani Dāsa, Village – Pāṇikatā, P.O – Jhinti, Dist. Puri.

Digitized by PPRACHIN, SOA

Beginning—

ଗଣେଶାୟ ନମଂ । ଗୀତା ଲେଖ୍ୟ ।
ଶ୍ରୀ ଜଗନ୍ନାଥଙ୍କ ପ୍ରସନ ମୁଖଂ ଦେଖି
ଗରୁଡ଼ ଯୋଡ଼ିଲେ କର ।
ପୁରୁବ କଥାଏ ଅପ୍ରାଧେ ଅକୋପି
କହିବା ସାବଧାନେ କର ।
ପଦବ୍ରହ୍ମା ନାରଦ ଶିବ ସନାତନ
ଭୃଗୁ ପାରେଶର ଆଦି ।
ନଣ୍ଡୁ କଶିବ (?)ଋଷିଗଣ ସମସ୍ତେ
ପାଶେ ଅଛନ୍ତି ଅଛାଦି ।
ଅମରଗଣ ଯେନି ମଘବାନ
ଦ୍ରଶନ କଲେକ ଯାଇ ।
ମାରୁତ୍ୟା···ତକେ ଥୋଇଣ
ବହୁତ ବିନସ୍ତି ହୋଇ ।

× × ×

ଦଣ୍ଡଧାଳ ଶୋଇ ଶିରେ କର ଦେଇ
···ଶିରେ ଝାଉଂଳଲେ କର ।
ଦୀନ ଅଚ୍ୟୁତ ଶାହ୍ନି ଶାହ୍ନି ମାଗଇ
ହୋଇଣି ଅତି କାଙ୍କର ।

There are some folia containing some mantras towards the end of the manuscript.

No Colophon.

55

Cat. No. O.L./3

ଗୀତାନୁବାଦ

By ବଳରାମ ଦାସ

Substance—Palm leaf. No. of folia- 98. Size—29.4 × 3.5 C.M. Character—Oriya. Date of copy—16th regnal year of Divyasimha Deva II of Khurda dynasty Sana 1276 Sāla or 1867 A.D. Complete. Condition—Not so good. Find spot—Puri town. Name of the scribe—Gaurahari.

Digitized by PPRACHIN, SOA

Beginning—ଶ୍ରୀକୃଷ୍ଣାୟ ।

ଶ୍ରୀକୃଷ୍ଣ କହନ୍ତି ଅର୍ଜୁନ ଶୁଣନ୍ତି ଗୀତାଗ୍ରନ୍ଥ ସାରସ୍ୱତ ।
ସେ ଯୋଗ ବଳରାମ ଦାସ ଭଣଇ ଆଗ୍ୟାଂ ଦେଲେ ଶ୍ରୀଜଗନ୍ନାଥ ॥
ଶ୍ରୀହରିଂକ ଯେନି ଭୃଗୁଗସୁ ପାଣ୍ଡବ ପ୍ରବେଶ ରଣରଙ୍ଗ ସ୍ଥାନ ।
ଖ୍ରିଷ୍ଟୁ ସହିତ ସଂଗ୍ରାମ ଭୂମିରେ ଆସି ମିଳନ୍ତି କୌରବମାନ ॥
ଏସନକ ସମୟେ ବ୍ୟାସମୁନି ଆସି ବିଜୟେ ଧୃତରାଷ୍ଟ୍ର ପାସ ।
କଲ୍ୟାଣ କର ବୋଲନ୍ତି ଶୁଣ ଯୁଦ୍ଧ ଦେଖିବୁଟିକି ଆସ ॥

End --

ପୂର୍ଣ୍ୟ ସ୍ଥାନେ ଶୋକ ରୋଗ ପୂର୍ଣ୍ୟ ପରକାଶ,
ନୀଳମୁଖେ ଗୃହ୍ୱଂ ଭଣେ ବଳରାମ ଦାସ ।
ମନ୍ତ୍ରୀବର ମାହାପାତ୍ର ସୋମନାଥ ନାମ,
ତାହାଙ୍କର ତନୟେ ମୁ ନାମ ବଳରାମ ।
ଜଗନ୍ନାଥ ଠାକୁରେ ସଦୟା ମୋତେ କଲେ,
ବିଷ୍ଣୁ ଭକ୍ତ ବଳରାମ ହେବ ଚିତେ ଗଲେ ।
ଏକ ଜନ୍ମେ ସମିଦ୍ଧ୍ୟ ନୋହିଲ ସିଦ୍ଧ୍ୟ ସର୍ବଥା,
ଜନ୍ମ ଜନ୍ମାନ୍ତରେ ସେହୁ ହୁଅଇ ଭକ୍ତ ଗ୍ୟାଂତା ।
ଜାଣିଲା ଭଗତ ଇହ ପରଲୋକେ ସୁଖୀ,
ଜଗନ୍ନାଥ ସେବା ବଳରାମ ଦାସ ଲେଖି ।

ଇତି ଶ୍ରୀଭଗବଦ୍ ଗୀତା ପ୍ରାକୃତ ବନ୍ଧେ ଗୁଣ କର୍ମ ଭେଦ ନାମ ଅଷ୍ଟାଦଶୋ ଅଧ୍ୟାୟ ।

There are some folia containing the 'ଗୀତାମାହାତ୍ମ୍ୟ' in poetry form written by one Gauranga towards the end of the manuscript.

ଭଗବତ ଗୀତା ନରେ କର ଚିନ୍ତା ସୁଗତି ଜ୍ଞାନ ଲଭିବ,
ହରି ଆଶ୍ରେ କରି ଭଜୁ ଯିବ ତରି ନିର୍ମଳ ଭକ୍ତ ମିଳିବ ।

+ + +

ଅଲେଖ ପୁରୁଷ ନିରକାର ବ୍ରହ୍ମଂ ଆରତ ତ୍ରାଣ ଗୋସାଇଁ,
ଭଣିଲେ ଅଧମ ଗୌରଙ୍ଗ ହରି ରଖ ପ୍ରଭୁ ଚରଣ ଯୋଡ଼ିଇ ।

Colophon

ଶ୍ରୀ ଦିବ୍ୟସିଂହ ଦେବ ନୃପତି ଷୋଳ ଅଙ୍କ ସନ ୧୨ଶ ୭୭ ସାଲ ସିଂହ ୨୮ ଦିନ ସୁମବାରବେଳ ପ୍ରହରକ ଭିତରେ ସମ୍ପୂର୍ଣ୍ଣ ।

Digitized by PPRACHIN, SOA

Post Colophon

ଯଥା ଦୃଷ୍ଟି ତଥା ଲେଖିତଂ । ମମ ଦୋଷ ନ ଦିଦ୍ୟତେ ।

ଭୀମସ୍ୟାପି············

ହେ ସାଧୂଜନମାନେ ଶୁଦ୍ଧ ଅଶୁଦ୍ଧ ପୂରେଇବା ହେବେ । ଲେଖ୍ନକାର ଦୋଷ ନ ଧରିବେ ।

ଶ୍ରୀ ଗୁରୁଦେବ ଶରଣ । ଶ୍ରୀ ନିରାକାର ପରଂବ୍ରହ୍ମ । ଅଲେଖ ସ୍ୱାମୀ ଆରତତ୍ରାଣ ଉଦ୍ଧାର କରିବେ ଅଧମ ନିଆଶ୍ରିପୁ ଗୌରହରି ବିଧାରକୁ । ଶ୍ରୀଅଲେଖ ପୁରୁଷ ଶରଣ ରଖିବେ ଦୀନଜନମାନଙ୍କୁ ।

There are four folia containing ଅଲେଖବ୍ରହ୍ମ written by Jagannātha Dāsa at the beginning of the manuscript.

ବଡ଼ ଦେଉଳକୁ ଦେଲି ଅନାଇ,
ନିରାକାର ବ୍ରହ୍ମ ଅଛନ୍ତି ରହି ।
ପଦ୍ମ କେଦ୍ୟାତି ସ୍ୱରୂ ଦେଉଳ କମ,
ତହିଂ ଅଛନ୍ତି ପୁରୁଷ ଉତ୍ତମ ।
ଦ୍ୱାର ନାହିଂ ଫୁଟି ଦିଶୁଚି ଦେହ,
ତୃଷ୍ଣା ଶ୍ରଙ୍ଖି ଗୁଡ଼ିଗଲା ମୋହ ।
X X X
···ଶ୍ରୀଭୁଜ କୋଳାଗ୍ରତ ଲଗେଠେ,
ଜଗନ୍ନାଥ ଦାସ ଭଣିଲେ ସନ୍ଥଜନଙ୍କ ବାଟେ ।

56

Cat. No. O.L./878

ଗୀତାନୁବାଦ

By ବଳରାମ ଦାସ

Substance—Palm leaf. No. of folia—74. Size—33.9×3.6 C. M. Character—Oriya. Date of the copy—C. 19th Century. Incomplete. Condition—Badly worm eaten. Find spot—Bhāpur, Dt. Dhenkanāl. Name of the scribe—Lavaṇi Kisore Dāsa.

Text same as in Cat. No. O.L./3 catalogued previously.

Digitized by PPRACHIN, SOA

Colophon—

ଶ୍ରୀଗୁରୁ ଶ୍ରୀଚରଣେ ଶରଣ, ଶ୍ରୀ ପରମହଂସ ଶ୍ରୀଚରଣେ ଶରଣ, ଶ୍ରୀରାଧାକାନ୍ତ ଶ୍ରୀଚରଣେ ଶରଣ। ଶ୍ରୀରାଧାକାନ୍ତ ରଖିବେ ଅଧମ······ଲବଣି କଶୋର ଦାସଙ୍କୁ। ମୁ ତ ଅଧମ ଦୁରାତ୍ମର ପଣ୍ଡିତ ବାଳୁତ ତୁଷ ବୁଦ୍ଧି।

Post colophon

ଅ୨୭ଙ୍କ ମୀନ ଦି୨୧ନେ ଶୁକ୍ରବାରେ ବେଳ ଦ୧୨ଣ୍ଡ ଲ ୨୪ ଘାଟେର·····
ଗ୍ରାମରେ ଲେଖା ହଲା। ଏ ଅଷ୍ଟାଦଶ ଅଧ୍ୟା ପଦ ଦଶଶ ପଞ୍ଚଷଠୀ ପଦ।

57

Cat. No. OL/972 (A)

ଗୀତାନୁବାଦ

By ବଳରାମ ଦାସ

Substance–Palm leaf. No. of folia–70. Size–28.5× 3.3 C.M. Character-Oriya. Date of the copy—C. 19th century A.D. Complete. Condition—Worm eaten. Find spot—Presented by Sri Krsna Chandra Dāsa, Village—Bāchharā, Nuāgāon, Dt. Puri.

Text–Same as in Cat. No.O.L./3 catalogued previously.

No Colophon

58

Cat. No. O.L./1325

ଗୀତାନୁବାଦ

By ବଳରାମ ଦାସ

Substance– Palm leaf. No. of folia—80. Size—28.8× 3 C. M. Character—Oriya. Each side contains 4 to 5 lines. Date of copy— C. 19th century A. D. Complete. Condition— Not good. Find spot— Presented by Somanātha Misra, Vill/P.O. Kotapallā, Dt. Puri.

Digitized by PPRACHIN, SOA

ନୀଳଗର ବଇକୁଣ୍ଠପୁ ସ୍ୱାମୀ ଜଗନ୍ନାଥ ।
ମକୁଟ କୁଣ୍ଡଳ ହାର ଶଙ୍ଖଚକ୍ର ହସ୍ତ ॥
ଶୂନ୍ୟ ସ୍ଥୂଳ ଯୋଗ ଦ୍ୱୈଗ ଏ ବ୍ରହ୍ମ ପ୍ରକାଶ ।
ନୀଳରୂପ ଦେଖି ଭଣେ ବଳରାମ ଦାସ ॥

ଇତି ଶ୍ରୀ ଭଗବତ ଗୀତା ସୂପନିଷତ୍ସୁ ବ୍ରହ୍ମ ବିଦ୍ୟାୟାଂ ଯୋଗ ଶାସ୍ତ୍ରେ ଶ୍ରୀକୃଷ୍ଣ ଅର୍ଜ୍ଜୁନ ସମ୍ବାଦେ ଛୁଣ ସଂଶୟେ ନାମ ଅଷ୍ଟାଦଶ ଅଧ୍ୟାୟ ।

Colophon

ଭୀମସ୍ୟାପି·········ନ ବିଦ୍ୟତେ । ଭଗବତ ଗୀତା ଅଷ୍ଟାଦଶ ମାଗତ ।
ଶ୍ରୀକୃଷ୍ଣ ଉଦ୍ଧବ ନନ୍ଦଗୋପା·····ଧାମରେ ଏ ଗୀତା ପୋସ୍ତକ ସମାପତ ।

59

Cat No. OL/1348

ଗୀତାନୁବାଦ

By ବଳରାମ ଦାସ

Substance—Palm leaf. No. of folia—100. Size—37.1X 3.4 C.M. Each side contains 2 to 3 lines. Character—Oriya. Date of copy—C.18th Century A.D. Complete. Condition-Not so good. Findspot—Talanga, P. S. - Bhadrak, Dist. Balasore.

The text same as in Cat. No. O.L./1325.

No Colophon.

60

Cat. No. O. L./1512

ଗୀତାନୁବାଦ

By ବଳରାମ ଦାସ

Substance—Palm leaf. No. of folia – 148. Size 21.7× 3.5 C.M. Each side contains 4 lines throughout the manuscript. Character—Oriya. Date of copy-1901 A.D. Complete. Condition—good. Find spot—The National Archives, Janpath, New Delhi. Name of the scribe--Nilakantha Mahanty, Sambalpur.

Digitized by PPRACHIN, SOA

ସ୍ଥୂଳଶୂନ୍ୟ ଯୁଗେ ଯୁଗେ ସେତ ରୂପେ ପ୍ରକାଶ ।
ନିଜରୂପ ଦେଖି ଭଣେ ବଳରାମ ଦାସ ॥

ଇତି ଶ୍ରୀ ଭଗବତ ଗୀତାସୁଂ ସୂପନିଷତ୍ସୁ ବ୍ରହ୍ମଂ ବିଦ୍ୟାୟାଂ ଯୋଗ ଶାସ୍ତ୍ରେ ଶ୍ରୀକୃଷ୍ଣଂ ଅର୍ଜ୍ଜୁନ ସମ୍ବାଦେ ସାତ୍ତ୍ୱିକ୍ୟ ରାଜ ତାମସ ଭଗତ ବର୍ଣ୍ଣନେ ନାମୋ ଅଷ୍ଟାଦଶ ଅଧ୍ୟାୟ ।

Colophon—ଭୀମସ୍ୟାପି·········ନ ବିଦ୍ୟତେ ।

ଆହେ ସୁଗ୍ୟଂଜନମାନେ ଶୁଦ୍ଧ ଅଶୁଦ୍ଧ ପୂରାଇ ଗାଇବେ । ଅଧମ ମାଳକଣ୍ଠ ମାହାନ୍ତିଂକୁ ଦୋଷ ନଦେବ । ଯାହା ଆଦ୍ଦର୍ଶେ ଥିଲ ତାହା ଲେଖିଲି । ସନ ୧୯୦୧ ସାଲ କାର୍ତ୍ତିକ କୃଷ୍ଣ ୦।୬ ବାରେ ଏ ପୋସ୍ତକ ବଡ଼ିଲା ସମ୍ବଲପୁର ଗ୍ରାମରେ ।

61

Cat. No. OL/808 (A)

ଗୀତାନୁବାଦ

By କୃଷ୍ଣ ସିଂହ

Substance—Palm leaf. No. of folia—114. Size—20.8X 3.3 C.M. Character—Oriya. Date of the copy—2-1-1947. Complete. Condition—Not so bad. Findspot—Paralakhemendi, Dist—Ganjam. Name of the scribe—Gopīnātha Rājaguru.

Beginning—

ଶ୍ରୀଗଣେଶାୟ ନମଃ । ନମୋ ଭଗବତେ ବାସୁଦେବାୟ ।

ଜୟ ଜୟ ଜଗନ୍ନାଥ ଶଙ୍ଖଚକ୍ର ହାତ,
ମୋ ହୃଦ ପଦ୍ମମଧ୍ୟେ ପୁରାଅ ଗୀତା ଅର୍ଥ ।
ଏଥି ଅନ୍ତେ ହସ୍ତିନା ମଣ୍ଡଳ ନରସାଇଂ,
ପୁଚ୍ଛିଲେ ସଞ୍ଜୟଙ୍କ ମୁଖକୁ ଅନାଇଂ ।
ଧର୍ମଭୂମି କୁରୁକ୍ଷେତ୍ରରେ ମୋର ସୁତେ,
ଗୋଟିତ ହେଲେ ଜୁଝି ରାଜ୍ୟ ନେବା ଶତ୍ତେ ।
ପାଣ୍ଡୁ ସୁତେ ଥିଲେ ତ ସଇନ୍ୟ ଗୋଟିଆଇ,
କି କଲେ ତାହା ମୋତେ କହତ ଜଣାଇ ।

Digitized by PPRACHIN, SOA

× × ×

ପରସର ସୁତ ବ୍ୟାସ ମହା ଋଷି,
କହଇ କୃଷ୍ଣ ସିଂହ ନରେଶ ଗୀତ ରଚି ।

End—

ଅର୍ଜୁନ ଜ୍ଞାନ ଦାତା ପ୍ରଦ୍ୟୁମନ ପିତା,
ମୋହୃଦ ପଦ୍ମ ମଧେ ବଢ଼ାଇ ବିବେକତା ।
ପଦ୍ମନାଭ ତୁମ୍ଭ ପାଦପଦ୍ମ ରସେ,
ରହାଅ କୃଷ୍ଣ ସିଂହ ମାନସ ଭୃଙ୍ଗ ତୋଷେ ।

Colophon

ଶ୍ରୀମସ୍ୟାଽପି ରଣେ ଭଙ୍ଗୋ···

ଏ ପୁସ୍ତକର ମୂଲ୍ୟ ସଦାପଠନ । ଶକାବ୍ଦ ୧୮୬୮ ଧନୁମାସ ସମ୍ବର ଦଶମୀ ଗୁରୁବାରେ ପୂର୍ଣ୍ଣ ହେଲେ । ଗୋପୀନାଥ ରାଜଗୁରୁ । ୨।୧/୧୯୪୭ ।

62

Cat. No. O.L./809

ଗୀତାନୁବାଦ

By କୃଷ୍ଣସିଂହ

Substance—Palm leaf. No. of folia—97. Size—21.5×4.2 C.M. Character—Oriya. Date of copy—C. 20th century A.D. Complete. Condition—good. Findspot—Parlakhemundi, Dist. Ganjam. Name of the Scribe-Lachhamana Dāsa.

Text--Same as in the Cat. No. O.L/808 (A) catalogued previously.

Colophon—

ଶ୍ରୀମସ୍ୟାପି ରଣେଭଙ୍ଗୋ···
ବିକାରି ନାମଧେୟୁ ସମ୍ବତ୍ସରେ ।

ବୈଶାଖ କୃଷ୍ଣ ୯, ୧ବାରେ ଏ ପୋସ୍ତକ ଖଲ୍ଲିକୋଟ ମଣ୍ଡଳଶାସନ ଲଛମନ ଦାସେ ସମ୍ପୂର୍ଣ୍ଣରେ ଲେଖିଲେ । ଏ ପୋସ୍ତକ ହରିକୃଷ୍ଣ ରାଜଗୁରୁଙ୍କର ।

Digitized by PPRACHIN, SOA

63

Cat. No. O.L./971(A).

ଗୀତାନୁବାଦ

By କୃଷ୍ଣସିଂହ

Substance – Palm leaf. No. of folia – 81. Size—21.8×4.1 C.M. Character – Oriya. Date of copy – 14th regnal year of Mukundadev III- Sana 1300 Sāla or 1891 A.D. Complete. Condition— Worm eaten. Find spot – Bhubaneswar, Dt. Puri. Name of the scribe—Gadādhara Brahmā.

Text same as in Cat. No. O.L./808. (A) discussed previously.

Colophon—ଏ ପୋସ୍ତକ ଲେଖା ବଡ଼ିକି ଶ୍ରୀ ମୁକୁନ୍ଦଦେବ ମହାରାଜାଙ୍କ ବିଜେ ଶୁଭ ରାଜେ ସମସ୍ତ ୧୪ଅଙ୍କ ସନ ୧୩୦୦ ସାଲ ବୃଷଭ ଦି ୨୦ନ ଦେବସ୍ନାନ ପୌର୍ଣ୍ଣମୀ ମଙ୍ଗଳବାରେ ଦିବା ଘ୨ଣ୍ଟାଠାରେ । ଶ୍ରୀ ନାରାୟଣ ଶରଣ ।

Post Colophon—

ବିପ୍ରବର ଗଦାଧର ବ୍ରହ୍ମା ଏତା ଲିଖିତ । ଶ୍ରୀ ହରୟେ ନମଃ ।

64

Cat. No. O. L./1175

ଗୀତାନୁବାଦ

By କୃଷ୍ଣସିଂହ

Substance—Palm leaf. No. of folia—101. Size— 21.× 3.3 C. M. Character—Oriya. Date of Copy—C. 19th Century A. D. Complete. Condition – good. Find spot—Gadamānitri, P. S. Beguniā Dist. Puri.

Text—Same as in Cat. No. O.L/808 (A) discussed previously.

No colophon.

Digitized by PPRACHIN, SOA

65

Cat. No. O. L./1322

ଗୀତାନୁବାଦ

By କୃଷ୍ଣ ସିଂହ

Substance—Palm leaf. No. of folia—70. Size—20.8× 3.3 C. M. Each side contains 5 to 6 lines. Character—Oriya. Date of Copy—C. 19th Century A.D. Complete. Condition—good. Find spot—Kotapallā, P. S. Khurdha, Dt. Puri.

ଭଗବତ ଗୀତା ସ୍ମିତି ସଂଶୟ ନାମ,
ଅଷ୍ଟାଦଶ ଅଧ୍ୟା ମୁନିଙ୍କ ଉତ୍ତମ ।
ବେଦବ୍ୟାସ ସତ୍ୟବତୀଙ୍କର ସୁତ,
ମହା ସନ୍ତୋଷରେ ଶେଷ କଲେ ଗୀତ ।
ଆହେ ନବ ଜଳଦ ତମାଲ ବରନ,
ପୀତବାସ ଶିଖିପୁଚ୍ଛକ ମଣ୍ଡନ ।
ମୁରଲୀ ବଦନସ୍ଥା ଗୋକୁଳ କଳାକର,
ଦୁଃଖିମାନଙ୍କର ପ୍ରାଣର ଈଶ୍ୱର ।
ଅର୍ଜ୍ଜୁନ ଜ୍ଞାନ ଦାତା ପ୍ରଦ୍ୟୁମ୍ନର ପିତା,
ମୋ ହୃଦପଦ୍ମ ମଧ୍ୟେ ସ୍ଫୁରୁଅ ବିବେକତା ।
ପଦ୍ମଲଭ ଭୃଙ୍ଗ ପଦ୍ମପାଦ ରସେ,
ରସାଅ କୃଷ୍ଣସିଂହ ମାନସଭୃଙ୍ଗ ତୋଷେ ।

No Colophon.

66

Cat. No. O.L./1506

ଗୀତାନୁବାଦ

By କୃଷ୍ଣ ସିଂହ

Substance—Palm leaf. No. of folia—96. Size—18.8× 3.5 C.M. Each side contains 4 lines throughout the manuscript. Character – Oriya. Date of Copy—1891 A.D.

Digitized by PPRACHIN, SOA

Complete. Condition—Slightly worm eaten. Find spot—Presented by Mahanta Sītā Rāma Dāsa, Devī Matha, Paralakhemindi, Dist. Ganjam. Name of the Scribe—Bhāgirathi Ratha, Village—Raghunāthpur, Athagarha, Dt. Ganjam.

ପଦ୍ମନାଭ ତୁମ୍ଭ ପାଦପଦ୍ମ ରସେ ।
ରସାଅ କୃଷ୍ଣସିଂହ ମାନସଭୃଙ୍ଗ ତୋଷେ ॥

Colophon—ଶ୍ରୀମସ୍ୟାପି······ନ ବଦ୍ୟତେ ।
୧୮୯୧ସମ୍ବସ୍ତରକୁ ସମାନ ହେବା ଶ୍ରୀ ମୁକୁନ୍ଦ ଦେବ ମହାରାଜାଙ୍କ ଅ୧୩ଙ୍କ ମାର୍ଗଶୀର୍ଷ ଶୁକ୍ଳ ଦ୍ୱା୧୪ ବା ୫ରେ ଏ ପୋସ୍ତକ ସମ୍ପୂର୍ଣ୍ଣ ହେଲେ । ଆଠଗଡ଼ ରାଜଧାନୀ, ରଘୁନାଥପୁର ରହଣି ଭାଗୀରଥି ରଥେନ ଲିଖିତଂ ମିଦଂ ପୁସ୍ତକଂ । ଶ୍ରୀ ।

67

Cat. No. O.L. 1151 (A)

ଗୀତାନୁବାଦ

By ସାଧୁଚରଣ ଦାସ

Substance– Palm leaf. No. of folia--93. Size—19×3.5 C. M. Character-Oriya. Date of Copy—34th regnal year of Mukundadev III of Khurdha Dynasty, Sana 1317 sāla or 1908 A.D. Complete. Condition—Not so good. Findspot--Bhubaneswar, Dt. Puri. Name of the scribe-Gopāla Khuntiā, Village—Dāndimāla, Kalisvara, Kilīa, Khurdha, Dt. Cuttack.

Beginning—ଶ୍ରୀଗୁରୁଦେବ ଶରଣ ।

ନମଇ ଭଗବତ ଗୀତା ଶ୍ରୁତି ।
ଭଗବାନ ବ୍ୟାସ ଋଷି ପ୍ରଭୃତି ॥
ଅନୁଷ୍ଟୁପାନୁଷ୍ଟୁଛନ୍ଦାସି ।
ନର ପ୍ରକୃତି ପରଂବ୍ରହ୍ମରାଶି ॥
ସୁତ ବେଣୁଧର ହରି ଦେବତା ।
ସୃଷ୍ଟି ସ୍ଥିତି ବୀଜ ଅନ୍ତକ ସ୍ଥିତା ॥

Digitized by PPRACHIN, SOA

ପରିବାଣାସ୍ତୁ ସାଧୁ ଶକ୍ତିରୂପିଣୀ ।
　　ହୃଦୟୁ ନିର୍ମଳ କରିବ ସ୍ଥାପି ॥
ବ୍ରହ୍ମଜ୍ଞାନ ଉପଦେଶ କାରଣେ ।
　　ବିନଯୋଗ ଯେ ଅଟଇ ବିଧାନେ ॥

× × ×

ବ୍ୟାସ ମୁନି ପୁରାତନ ଗ୍ରଥିତ ।
　　ତହିଂ ମଧ୍ୟେ ସ୍ଥାପି ମହାଭାରତ ॥
ଅଷ୍ଟାଦଶ ଅଧ୍ୟା ଅମୃତ ସ୍ରବେ ।
　　ମନେ ଧରିଲେ ଭକତି ହି ଲଭେ ॥
ଏହୁ ଭଗବତ ଗୀତା ଅଭ୍ୟାସ ।
　　ଭାବେ ଭଣେ ସାଧୁଚରଣ ଦାସ ॥

× × ×

ଶୁଣ ସୁଜନେ ଗୀତା ରସ ।
　　କହେ ସାଧୁଚରଣ ଦାସ ॥
ଏ ଭଗବତ ଗୀତା ଛନ୍ଦ ।
　　ବ୍ୟାସେ ନପାଇ ହେଲେ ଦ୍ୱନ୍ଦ ॥

\+ + +

ସାଧୁଚରଣ ଦାସ ଭଣି ।
　　ସାହ୍ୟ କରିବେ ରଘୁମଣି ॥
ଏ ଭଗବତ ଗୀତା ରସ ।
　　ସଂସାର ଅର୍ଥେ ଏ ପ୍ରକାଶ ॥
ଶ୍ରୀକୃଷ୍ଣ ପ୍ରସନ୍ନ ହୋଇଲା ।
　　ଶୁଣ ସୁଜନେ ଏହି ମାଳା ॥
ପ୍ରଥମ ଅଧ୍ୟା ହେଲା ଶେଷ ।
　　ଭଣେ ସାଧୁଚରଣ ଦାସ ॥

End –

ସୁଜନେ ନଧରିବ ଦୋଷ ।
　　ଭଣେ ସାଧୁଚରଣ ଦାସ ॥
ପ୍ରଥମେ ସନ୍ୟ ଦରଶନ ।
　　ଦ୍ୱିତୀୟେ ସାଙ୍ଖ ଯୋଗ ଜାଣ ॥
ତୃତୀୟ ଅଧ୍ୟାତ୍ମ ଯୋଗ କହି ।
　　ଚତୁର୍ଥେ ସନ୍ୟାସ ଯୋଗ ହିଂ ॥

Digitized by PPRACHIN, SOA

\+ \+ \+

ସାଧୁଚରଣ ଦାସ ଭଣି ।

ଶ୍ରୀରାମ ପ୍ରସନ୍ନରେ ଜାଣି ॥

Colophon—

ଏ ଗୀତା ସଦାଜପ୍ୟେ ସମ୍ପୂର୍ଣ୍ଣ ।

ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବ କୋଟି କର୍ଣ୍ଣାଟ କଲବର୍ଗେଶ୍ୱର ବୀର ବୀରାଧିବୀର ପ୍ରତାପ ଶ୍ରୀ ବାଳମୁକୁନ୍ଦ ଦେବ ମହାରାଜାଙ୍କ ବିଜେ ଶୁଭ ରାଜ୍ୟ ସମସ୍ତ ଅଙ୍କଙ୍କ ସ୍ନ ୧୩୧୭ ସାଲେ ମିଥୁନ ଆଠ ଦିନେ ବେଳ ଦୁଇ ପ୍ରହରଠାରେ ଲେଖା ସରିଲା ।

Post colophon—

ଏ ପୁସ୍ତକ ଶ୍ରୀ କପିଳ ମୁନି ମହାପ୍ରଭୁଙ୍କ ସେବକ ଦକ୍ଷିଣ ବାଡ ମହାସ୍ୱାଆର ହରିହର ଖୁଣ୍ଟିଆଙ୍କର । ଏ ପୁସ୍ତକ ମାଗିନେଇ ଯେ ଗ୍ରହଣ କରି ଗୁପ୍ତ ଭାବରେ ରଖିବ ନଦେବ ତାହାଙ୍କ ସପ୍ତ ପୁରୁଷ ରୌରବ ନର୍କରେ ପଡ଼ିବେ । ଏ ପୁସ୍ତକ ଲେଖନକାର ଘର ଜିଲ୍ଲା କଟକ, କଟକ ଝୋରିଆ, ସାକିନ ଦାଣ୍ଡିମାଳ ଶ୍ରୀକଳେଶ୍ୱର ନିବାସୀ ଗୋପାଳ ଖୁଣ୍ଟିଆ । ଶ୍ରୀ ଶୁଭମସ୍ତୁ । ଶ୍ରୀ କପିଳେଶ୍ୱର ରକ୍ଷା କରିବେ ଅଧମ ଗୋପାଳ ଖୁଣ୍ଟିଆଙ୍କୁ । ଯଥା ଆଦ୍ରିଶ ତଥା ଲେଖନ । ଆହେ ସୁଗ୍ୟଂଜନମାନେ ଶୁଦ୍ଧ ଅଶୁଦ୍ଧ ପୁରାଇଂ ଗାଇବ । ଲେଖନକାର ଦୋଷ ନଧରିବ । ଶ୍ରୀଶୁଭମସ୍ତୁ । ଶ୍ରୀକାଳିକା ।

68

Cat. No. O.L./1469

ଗୀତାନୁବାଦ

By ସନ୍ନ୍ୟାସ ମଧୁସୂଦନ ପୁରୀ

Substance—Palm leaf. No. of folia—101. Size—41.4× 3.1 C.M. Each side contains 4 to 5 lines. Character—Oriya. Date of Copy—Sana 1316 Sāla or 1909 A.D. Complete. Condition—good. Find spot—Jenāpur area. Dt. Cuttack. Name of the Scribe—Govinda Sāhu Village—Katarada.

Digitized by PPRACHIN, SOA

Beginning of the translation.

ନମୋ ଭଗବତ ବାସୁଦେବ । ତୁ ନାଥ ସର୍ବ ଜୀବେ ଜୀବ ॥
ପରମବ୍ରହ୍ମଂ ନାରାୟଣ । ତୁମ୍ଭ ଶ୍ରୀ ଚରଣେ ଶରଣ ॥
କରୁଣାକର ଜଗନ୍ନାଥେ । କହିବି ଗୀତା ଅର୍ଥ ଗୀତେ ॥
ଅର୍ଜ୍ଜୁନ ଆଗେ ଯାହା ହରି । କହିଲେ ପ୍ରତିବୋଧ କରି ॥
ପୁରାଣ ବ୍ୟାସଦେବ କୃତେ । ରଞ୍ଚିଲେ ଶ୍ରୀ ମହାଭାରତେ ॥
ଶ୍ରୀ ଭାଗବତ ଗୀତା ଅର୍ଥ । ପ୍ରବନ୍ଧେ ହେବ ଭାଗବତ ॥

X X X

ପାପକୁ ଡରେ ଖାରମଣି । ମଧୁସୂଦନ ପୁଷ୍ଟ ଭଣି ॥

X X X

ସୁଜନଜନଙ୍କର ହିତେ । କଲି ପ୍ରାକୃତବନ୍ଧ ଗୀତେ ॥
ଏହା ଯେ ପଢି ଶୁଣି ପୁଚ୍ଛି । ତାଙ୍କୁ ନଲାଗେ ଭୟ କିଛି ॥
ଭକ୍ତବତ୍ସଳ ଚକ୍ରପାଣି । ସନ୍ନ୍ୟାସ ମଧୁମୁନି ଭଣି ॥

Colophon — × × × ଯଥାଦୃଷ୍ଟି ତଥା ଲେଖିତ ଏ ପୋସ୍ତକ ବେଳ ଦଶଘଡ଼ିଠାରେ ସମ୍ପୂର୍ଣ୍ଣ ହୋଇଲା ଶ୍ରାବଣ କୃଷ୍ଣପକ୍ଷ ଚତୁ-ଦଶୀ ଦିନ ଶୁକ୍ରବାରେ ସମାପ୍ତ । ସନ ୧୩୧୬ସାଲେ ଏ ପୋସ୍ତକ ସା—କଟରଦା ପ୍ର-ସରସ୍ୱତୀ ଗୋବର୍ଦ୍ଧନ ସାହୁଙ୍କର । ଏ ପୋସ୍ତକ ଲେଖକାର ଗୋବର୍ଦ୍ଧନ ସାହୁ । ଏ ପୋସ୍ତକ ଯେ ମାଗି ନେଇ ଗ୍ରାହାଂଶ କରିବ ତା ସପ୍ତପୁରୁଷ ଅହଂନର୍କରେ ପଡ଼ିବେ ।

ଶ୍ରୀଶୁଭମସ୍ତୁ । ଶ୍ରୀଶୁଭମସ୍ତୁ ।

69

Cat. No. O. L./306 (A)

ଗୀତାଭିଧାନ

By ଉପେନ୍ଦ୍ର ଭଞ୍ଜ

Substance—Palm leaf. No. of folia—42. Size—37.3X 3.6 C.M. Each side contains 4 lines throughout the manuscript. Character—Oriya. Date of Copy—C. 19th Century A.D. Complete. Condition—good but the last seven folia are slightly worm eaten. Findspot—Dharādharapur area, P. S. Jagatsimhapur, Dist.—Cuttack,

Digitized by PPRACHIN, SOA

Beginning—

ରାଗ—ବଙ୍ଗଳାଶ୍ରୀ

ଗୀତ ଅଭିଧାନ ହୋଇ ସାବଧାନେ ଶୁଣିବା ସୁଜନେ ତୋଷେ ।
ଅମର ନିକାଣ୍ଡ ଯାଦବ ସଶ୍ୱତୁ ମେଦିନୀ ବିଶ୍ୱ ପ୍ରକାଶେ ॥
ପ୍ରଚୂର ଶବ୍ଦ ଯେତେ ତାହା କହିବା ଗ୍ରନ୍ଥନ୍ତା ପ୍ରଚୂର ମାନ ।
ମୂର୍ଖ ବୁଝାଇଲେ ବୁଝିବେନି କ୍ଲେଶ ସ୍ୱଭାବେ କୋବିଦ ଜନ ॥
କ ଠାରୁ କ୍ଷ ଯାଏ ପ୍ରାନ୍ତାକ୍ଷର ଯେଣ୍ଣ ବର୍ଗ ବର୍ଗ ଯେ ହୋଇବ ।
ଯେତୁକା ଶବ୍ଦକୁ ନାନା ଅର୍ଥ ବୁଝାଇଂ କବି କି ପ୍ରମାଦ ହେବ ॥
କ ବୋଲି ବ୍ରହ୍ମା ପବନକୁ କ ବୋଲି ଜଳକୁ ଶିରକୁ ସତ ।
କୁ ବୋଲି କୁତ୍ସିତ କଥାକୁ କୁ ପୃଥ୍ୱୀକି ଶୁଣ ବୁଧେ ଦେଇ ଚିତ୍ତ ॥

× × ×

End—

ନାନାର୍ଥ ଗୀତ ଅଭିଧାନ କଲଇଂ ।
ସାର ସାର ଶବ୍ଦ ବାଛି ।
ଶବ୍ଦ ସମୁଦ୍ରବତ ପାର ହେବାକୁ
କାହାର ସମର୍ଥ ଅଛି ॥
ମନ ଦେଲେ ମୂର୍ଖ ପଣ୍ଡିତ ହୋଇବେ
ବୁଧେ କରିବେ ପ୍ରଶଂସା ।
ସଂସ୍କୃତ ଲିଙ୍ଗ ସଂଗ୍ରହରେ ଅବ୍ୟକ୍ତ
ବୁଝିବ ପ୍ରାକୃତ ଭାଷା ॥
କ ଠାରୁ କ୍ଷ ଯାଏ ବର୍ଗ ବିରଚନା
ଅକ୍ଷର ଧରି ହେଜିବ ।
କହେ ଉପେନ୍ଦ୍ର ଭଞ୍ଜ ବୀରବର
ଲେଢ଼ା ଶବ୍ଦକୁ ଯେନମ ॥

ଇତି ଶ୍ରୀ ଉପେନ୍ଦ୍ର ଭଞ୍ଜ ବିରଚିତାୟାଂ ଗୀତାଭିଧାନ ଚତୁର୍ବିଂଶ ବର୍ଗ ସମ୍ପୂର୍ଣ୍ଣ ।

Colophon—ଶ୍ରୀଶାରଦା ରକ୍ଷମାଂ ।

There are some folia containing 'ମୁଗ୍ଧବୋଧ ଅଭିଧାନ by Mayūra Bhanja towards the end of the manuscript.

Digitized by PPRACHIN, SOA

70

Cat. No. O.L./624

ଗୀତାଭିଧାନ

By ଉପେନ୍ଦ୍ର ଭଞ୍ଜ

Substance—Palm leaf. No. of folia—115. Size—31× 3.4 C.M. Each side contains 2 lines throughout the ms. Character—Oriya. Date of Copy—C. 19th Century. Complete upto Hāntavarga. Condition—good. Find spot—Haladiā. P.S. Khurdha, Dt. Puri.

Text—Same as in Cat. No. O.L./306-A.

No Colophon.

71

Cat. No. O. L./682 (B).

ଗୀତାଭିଧାନ

By ଉପେନ୍ଦ୍ର ଭଞ୍ଜ

Substance—Palm leaf. No. of folia.—64. Size—32.7× 2.3 C. M. Each side contains 4 to 5 lines. Character—Oriya. Date of Copy—C. 19th Century A.D. Complete. Condition—good. Find spot—Bhubaneswar, Dt. Puri.

Text same as in Cat. No. O.L./306 (A) as discussed previously.

There are some folia containing ରାମଚନ୍ଦ୍ର ଷଟ୍‌ପଦୀ, ନାମାବଳୀ and ଗୋପୀନାଥ ବଲ୍ଲଭ ନାଟକ at the beginning and towards the end of the manuscript.

No colophon.

Digitized by PPRACHIN, SOA

72

Cat. No. O.L./824 (A)

ଗୀତାଭିଧାନ

By ଉପେନ୍ଦ୍ର ଭଞ୍ଜ

Substance—Palm leaf. No. of folia—120. Size—29×3.4C.M. Each side contains 3 to 4 lines. Character—Oriya. Date of copy—C. 19th Century A.D. Complete. Condition-good. Findspot—Bhubaneswar, Dt. Puri.

There are some folia containing ନାନାର୍ଥ ଶବ୍ଦମାଳା, ଧ୍ରୁବମଞ୍ଜରୀ towards end of the manuscript.

No Colophon.

73

Cat. No. O.L./896 (B)

ଗୀତାଭିଧାନ

By ଉପେନ୍ଦ୍ର ଭଞ୍ଜ

Substance—Palm leaf. No. of folia—140. Size—37.1×3.3 C.M. Each side contains 2 to 4 lines. Character Oriya. Date of copy—C. 19th century. A·D. Complete. Condition—good. Find spot—Patiā. Dt. Cuttack. Name of the Scribe—Māguni Suāra. Village-Patiagarh, Bahu-rūpā phulapokhari·

Text same as in Cat. No. O. L./306 (A)

There are some folia containing ଅମରକୋଷ and ଚଉତିଶା by different authors at the beginning of the manuscript.

Colophon—ୱୀର ଶ୍ରୀରାମଚନ୍ଦ୍ର ଦେବଙ୍କ ଅ୩୪ଙ୍କ କୁମ୍ଭ ଦି ୧୨ନେ ଶୁକ୍ରବାର ଏ ପୋସ୍ତକ ସଦାଜଏ ସମ୍ପୂର୍ଣ୍ଣ । ଏ ପୋସ୍ତକ ପଟିଆଗଡ଼ ବହୁରୁପାଫୁଲ ପୋଖରୀ ରହଣୀ ମାଗୁଣି ସୁଆରଙ୍କର ।

Digitized by PPRACHIN, SOA

74

Cat. No. O. L./1048

ଗୀତାଭିଧାନ

By ଉପେନ୍ଦ୍ର ଭଞ୍ଜ

Substance—Palm leaf. No. of folia—42. Size—25.5× 3.5 C. M. Each side contains 3 to 4 lines. Character—Oriya. Date of Copy—C. 19th Century A.D. Complete upto Mānta Varga. Condition—good. Find spot—Presented by Hatakishore Dāsh. At. Patiā, P.S. Bhubaneswar. Orissa.

Text same as in Catalogue No. O.L./306—A.

No colophon.

75

Cat No. O.L./ 1098 (A)

ଗୀତାଭିଧାନ

By ଉପେନ୍ଦ୍ର ଭଞ୍ଜ

Substance—Palm leaf. No. of folia—62. Size—27.× 3.7 C. M. Each side contains 4 lines throughout the manuscript. Character—Oriya. Date of copy—C. 19th century. A.D. Complete. Condition—slightly worm eaten. Find spot—Bhubaneswar-2, Dt. Puri.

Text same as in Cat. No. O.L/306 (A).

No colophon.

There are some folia containing ନାନାର୍ଥ ଶବ୍ଦକୋଷ towards the end.

Colophon—ଲଭୁବାବା ଉଦ୍ଧରିବେ ।

Digitized by PPRACHIN, SOA

76

Cat. No. O.L./1158 (G)

ଗୀତାଭିଧାନ

By ଉପେନ୍ଦ୍ର ଭଞ୍ଜ

Substance – Palmleaf. No. of folia – 141. Size – 32.6X 3.5C.M. Each side contains 4 to 5 lines. Character – Oriya. Date of copy—C. 19th century A.D. Complete. Condition – worm eaten. Findspot—Bhubaneswar, Dt. Puri.

Text same as in Cat. O.L./306 (A).

There are some folia containing ଉଦ୍ଧବ ଚଉତିଶା by Dīna Krshna, ଜଳଧର ଚଉତିଶା, ମଧୁପ ଚଉତିଶା, by Gokula Mānadhātā, ନୀଳକଣ୍ଠ ଚଉତିଶା, by Saraṇa Bhanja, କୋକିଳ ଚଉତିଶା, by Upendra Bhañja, ଅଠତରିଶ ପଦଆ, ଶବ୍ଦମାଳା and ଅନେକାର୍ଥ ଧ୍ୱନି ମଞ୍ଜରୀ at the beginning and towards the end of the manuscript.

No Colophon

77

Cat. No. O.L./808 (B)

ଗୀତାମାହାତ୍ମ୍ୟ

By ଗୋପୀନାଥ ଦାସ

Substance – Palm leaf. No. of folia – 122. Size – 20.8X 3.3 C. M. Each side contains 4 lines throughout the manuscript. Character-Oriya. Date of Copy – 2nd January 1947. Complete. Condition – good. Findspot—Parlakhemindi. Dt. Ganjam. Name of the scribe – Gopī nātha Rjaguru.

Beginning –

ନମୋ ଭଗବତେ ବାସୁଦେବାୟ ।
ନମୋ ମଧୁସୂଦନ କୃପାମୟ ॥
ଜୟ ମାଧବ ରୁକ୍ମିଣୀ ରମଣ ।
ଜୟ ଲକ୍ଷ୍ମୀକାନ୍ତ ତମାଳବର୍ଣ୍ଣ ॥

Digitized by PPRACHIN, SOA

ଜୟ ମୁରାର କଂସାରି ଶ୍ରୀହରି
ଜୟ ବକ ଅଘାରି ପାପହାରି ॥
ଜୟ ନନ୍ଦ ନନ୍ଦନ ହେ ଗୋବିନ୍ଦ ।
ଜୟକୃଷ୍ଣ ଅର୍ଜ୍ଜୁନ ଜ୍ଞାନପ୍ରଦ ॥

× × ×

End— ଧର୍ମ ଅର୍ଥ କାମ ମୋକ୍ଷ ନିମିତ୍ତ ।
ସଦା ଗୀତାପାଠେ ହେବ ରକ୍ଷିତ ॥
ଶ୍ରୀକୃଷ୍ଣ ମୁଖକମଳୁ ସମ୍ଭୂତା ।
ଏଣୁ ଶ୍ରବଣ ପଠନକୁ ଗୀତା ॥
ସମସ୍ତ ଶାସ୍ତ୍ରଙ୍କୁ ଶୁଣି ପଣ୍ଡିତେ ।
କୃଷ୍ଣେ ଶତ୍ରୁ ତେଜି ଗୀତାକୁ ଗୀତେ ॥
ସଦାପଥ୍ୟରେ ଗାଇବେ ଶ୍ରଦ୍ଧାରେ ।
ବ୍ୟାସେ କହିଛନ୍ତି ଋଷି ଆଗରେ ॥

ଶ୍ରୀକୃଷ୍ଣ ଚରଣ ସାର ସରସ—
ପାନେ ଗୋପୀନାଥ ଦ୍ୱିଜ ମାନସ—
ଭକ୍ତଂ ରହୁ ଏହି ବାଞ୍ଛା ଜନ୍ମାନ୍ତେ ।
କହେ ଗୀତାଙ୍କ ମାହାତ୍ମ୍ୟକୁ ଗୀତେ ॥

ଇତି ଶ୍ରୀ ସ୍କନ୍ଦ ପୁରାଣେ ଗୀତା ମାହାତ୍ମ୍ୟ ସମ୍ପୂର୍ଣ୍ଣ ।

Colophon—Same as in O.L. 808 (A) discussed previously.

78

Cat. No. O.L./642

ଗୀତାର୍ଥସାରଟୀକା

By ଜାନକୀବଲ୍ଲଭ

Substance—Palm leaf. No. of folia—84. Size—34.4X 3.4 C.M. Each side contains 4 to 5 lines. Character—Oriya. Date of copy—C. 18th century A.D. Condition—Badly worm eaten. Complete. Find spot—Midnapur, West Bengal. Name of the scribe-Satrghna Pāṇigrāhī.

ବନ୍ଦଇଂ ଦେବ ଲମ୍ବୋଦର । ପାଶ ଅଙ୍କୁଶ ବେନିକର ॥
ଉତ୍ତର କଣ୍ଠଂ ନାଗ ରାଜା । ବିଘ୍ନ ନାଶନେ ଯାର ପୂଜା ॥

Digitized by PPRACHIN, SOA

ଧୃତରାଷ୍ଟ୍ର ଉବାଚ—

କହନ୍ତି ଅନ୍ଧ ନରପତି । ଶୁଣ ସଞ୍ଜୟ ମହାମତି ॥
ଯେ ଧର୍ମସ୍ଥାନ କୁରୁକ୍ଷେତ୍ର । ସମାରେଂ ଅତ୍ୟନ୍ତ ପବିତ୍ର ॥
କୁରୁ ପାଣ୍ଡବେଂ ତହିଂ ମିଳି । ସଙ୍ଗତେଂ ଯେନ ବନମାଳୀ ॥

× × ×

ଜାନକୀ ବଲ୍ଲଭ ନାମରେଂ । ଯେ ଦ୍ୱିଜ ସ୍ୱର୍ଣ୍ଣରେଖା ତୀରେ ॥
ଯେ ବୈରାଗୀର ନାମ ଦେଶ । ତହିଂରେଂ ଯା ଜନ୍ମ ପ୍ରକାଶ ॥
ଧ୍ୟାନ କହିଲ ଭଗବାନ । ତା'ଠାରେ କଲେ କୃପା ମନ ॥

Colophon

ମାର୍ଗଶୀର୍ଷେ କୃଷ୍ଣ ପକ୍ଷେ ଦଶମ୍ୟାଂ ତିଥିରେବହି । ସୋମବାରେ
ଶ୍ରୀଗୀତାପୁ୍ସ୍ତଃ କୃଷ୍ଣ ଦାସେନ ଲିଖିତଂ ।
ଯାଦୃଶଂ ପୁସ୍ତକଂ ଦୃଷ୍ଟ୍ୱା… ତାଦୃଶଂ ଲିଖିତଂ ମୟା । ଯଦି ଶୁଦ୍ଧମଶୁଦ୍ଧଂ ବା ମମ ଦୋଷୋ ନ ଦୀୟତେ ।

× × ×

ଏ ପୁସ୍ତକ ଲିଖିତଂ ଶେତୁଧନ ପାଣିଗ୍ରାହୀ ଦେବଶର୍ମଣଃ, ଶ୍ରୀରାମ ଶରଣଂ ଶ୍ରୀରାମ ଶରଣଂ । ଶ୍ରୀହରିଃ ଶ୍ରୀହରିଃ ଶ୍ରୀହରିଃ ।

79

Cat. No. O.L./1097-(A).

ଗୀତାପ୍ରକାଶ

By ବଳରାମ ଦାସ

Substance—Palm leaf. No. of folia - 63. Size—38.3× 3.1 C.M. Each side contains 2 to 4 lines, Character-Oriya. Date of copy--C. 18th century A.D. Complete. Condition—Worm eaten and some folia are broken. Find-spot—Bhubaneswar, Dt. Puri.

Beginning--

ବନ୍ଦଇଂ ଜଗନ୍ନାଥ କମଳାଦେବୀର ସ୍ୱାମୀଂ ।
କରୁଣାସାଗର ଜୟ ଜଗତ ଗୋସାଇଂ ॥
ଅଚ୍ୟୁତ ଅବ୍ୟାଗତ ଅନାଦି ଯୋଗେଶ୍ୱର ।
ପୃଥ୍ୱୀ ଆପ ତେଜ ବାୟୁ ଆକାଶ ବାହାର ॥

Digitized by PPRACHIN, SOA

ସଦାନନ୍ଦ ପୁରୁଂଷ ଗୃର ଯୁଗଙ୍କୁ ଧାରଣା ।
ଉତ୍ପତ୍ତି ସ୍ଥିତି ପ୍ରଳୟ ସଂଘାରଣା ॥
ମନ ବଚନ ତଆ ଚଇଂତନରୁଂ ଅନ୍ତର ।
ଜୟ ପ୍ରଭୁ ବ୍ରହ୍ମ ଜଗତ ଈଶ୍ୱର ॥

\+ \+ \+

ସମ୍ପୂର୍ଣ୍ଣ ହୋଇଲା ଗୀତା ଶୁଣିଲେ ନୃପତି ।
ବ୍ରାହ୍ମଂଣମାନେ ଶୁଣି ହୋଇଂଲେ ଭୂମିସ୍ଥିତ ॥
ଅଃଛାନ ଗୀତାର୍ଥ ଅପୂର୍ବ ଏ ରସ ।
ଗୀତା ଅବକାଶ ଭଣେ ବଳରାମ ଦାସ ॥

There are some folia containing ବଟ ଅବକାଶ by Balarāma Dāsa and some Oriya songs written by different authors towards the end of the manuscript.

No Colophon.

80

Cat· No· O.L./822

ଗୀତାବଳୀ

By ବୀରକେଶରୀ ଦେବ and Others

Substance—Palm leaf. No. of folia—217· Size--35× 3· C,M, Each side contains 4 to 6 lines. Character—Oriya. Date of copy-C. 19th Century A·D. Complete. Condition-Worm eaten and last few folia are dilapidated. Findspot—Puri town. Dt. Puri.

ଯାହାର ଯାହାକୁ ଆଯ   ସେ ଯେବେ କରେ ନିରାଶ
କି କରିବ ପ୍ରଭୁ ପୀତବାଯ ।
ଏମନ୍ତ ହୋଇଲେ କମ୍ପା   ଥିବ ଯେବେ ଅନୁକମ୍ପା
ନାଶ ଦୀନକୃଷ୍ଣ ଗଲା ନାଶ ॥

× × ×

ଦୀନବନ୍ଧୁ ଘଟଇ ପ୍ରୀତିରେ ନଯ ରଯଇ
ଗତିତ ର ସ୍ନେହଭଲ ମରିବାର ଢାଶଇ ।

× × ×

Digitized by PPRACHIN, SOA

କହଇ **ବିଦ୍ୟାଭୂଷଣ** ଏସ କଥା ଅଟେ ଦୂଷଣ
ସପନେ ହେଲେ ସତକୁ ନୋହିଲେ ॥
ଦାସ ଲକ୍ଷ(ଷ୍ମ)ଣ ଭାଷେ ଏସନେ ଗୋ ।
ଦୂତ ପ୍ରସନ ହେଲେ ପୀତବସନ ଗୋ ।
କିସ ଅପରାଧ କଲେ ଭୂପତି ଗୋ ।
ସୋମନାଥସିଂହ ସ୍ପଷ୍ଟ ବଦନ୍ତି ଗୋ ॥

× × ×

ବୃଷଭାନୁସୁତା ହୋଇଣ ଉତ୍କଣ୍ଠିତା
ମନ୍ତ ନିବେଶି ମଧୁସୂଦନେ ଗୋ ॥

× × ×

ଔଦାର୍ଯ୍ୟ ଗାମ୍ଭୀର୍ଯ୍ୟଗୁଣ, ନିପୁଣାଙ୍କୁ ଏ କଷଣ ।
ଉପେନ୍ଦ୍ର ଭଞ୍ଜ ବୋଲେ, ଦେଲ୍ ଖଳବଧିକ ॥

\+ + +

ହେ ଗିରିଧର ନାଗରବର ରକ୍ଷାକର **ବିପ୍ର ମଧୁ**ଙ୍କୁ ।
କେବଳ ଭରସା ତୁମ୍ଭର ଶ୍ରୀପାଦପଦ୍ମକୁ ॥

\+ + +

କହେ **ଦୀନବନ୍ଧୁ** ରାଜ ସଖୀ ଗିର ।
ଶୁଣି କହନ୍ତି ସଖୀ ଦୁଃଖ ନିକର ॥
ତୁମ୍ଭର ପରାସ୍ପେ ସେ ନବନାଗର ।
ଦୁଃଖୀ ତୁମ୍ଭ ଦରଶନ ବିନା ॥

\+ + +

ବନମାଳୀ ଭଣି ଶୁଣ ଠାକୁରାଣୀ
ଶୋଇଥିଲ ନେଲ ଚୋର ॥

\+ + +

ବୋଲେ ଗୁଣ୍ଡିରନ୍ଦସୁତ ହେଲେ ଯନ୍ତ
ବିଦେଶୀ ନୋହିବ କେଭେ ॥

\+ + +

ବିତପର **ନବଦୁର୍ଗ ମହୀନ୍ଦ୍ର**ର
ସୁଖକୁ କରଇ ଜାତ ॥

\+ + +

ବାଙ୍କୁଟେଙ୍କଶ୍ୱରନୃପ ହରି-ଚନ୍ଦନ କହେ ବୃତୁସୀ ।
ଆସିବେ ନୁହ ଆତୁରୀ, ସନ୍ତାପିତ ମନ୍ତରେ ॥

Digitized by PPRACHIN, SOA

\+ \+ \+

ଶ୍ରୀଭୀମଦେବ ଗଜପତି, ଗୃହୂବଚନେ ତୋଷ ରସବନ୍ତି
ଦୁଃଖୀ ମୁଂ ସହଜତ୍,
ସୁଖୀ ଜଗରେ ମିତ,
ଦୁଃଖୀ ନୋହୁ ଏ ଶତ୍ରୁ,
ଅଖିଳମୋହନ ବନ୍ଧୁ ॥

\+ \+ \+

ଭଲ ବୃଷଭାନୁ ଜେମା, ଢଙ୍ଗିବ ତୋର ଗାରିମା ।
ଚରଣେ ପଡ଼ିଲେ ରମା, ଦୋଷ ନକରିବ କ୍ଷମା ॥
ଆଜ୍ଞା ଦେଲେ ଏହୁ ବାଣୀ
ଭୂପତି ମୁକୁଟମଣି
ଶ୍ରୀ **ବୀରକେଶରୀ** ଭଣି ॥

\+ \+ \+

କବିସୂର୍ଯ୍ୟ ବୋଲେ ହର, ବିନୟୁ ବ୍ରଜନାଗର ।
ସରସ କଟାକ୍ଷେ ଦେଲା ଗୃଳ ॥

\+ \+ \+

ଏ ରସେ ଭୂଗୀର୍ବାଣ କହଇ **ନାରାୟଣ** ।
ଖଞ୍ଜନାକ୍ଷୀକି କୋଳେ ବସାଇ ରେ ॥

\+ \+ \+

ଏ ମୋର ଦଶାକୁ ଦେଖ ଗୋ ।
କହନ୍ତି ସେ ଦୂତୀ ଆଣିମି କୃଷ୍ଣଙ୍କୁ,
ଭଣେ **ଜଗନ୍ନାଥ ଦେବ** ଗୋ ॥

\+ \+ \+

ପଞ୍ଚ ଗଡ଼ଦେଶ ମଣ୍ଡନେଶ୍ୱର,
ବିରଚେ ପୁରନ୍ଦର ଦର୍ପ ସମ୍ହାର ।
ରାମଚନ୍ଦ୍ର ଦେବ କାମନା ଏହି ।
କେବଳ ବଳ ହେ ବଳସୋଦର ।

\+ \+ \+

ଜୟକୃଷ୍ଣ ଗୀତେ ଭାଷେ
ରାଧା କହନ୍ତି ବିରସେ ।
କି କରିବ ତୁ ମୋ ପ୍ରାଣ ପରିରେ ॥

Digitized by PPRACHIN, SOA

\+ + +

ଧନୂର୍ଜ୍ୟ ଭଞ୍ଜ ଭଣି କ୍ଷତ୍ରିକୁଳ ଶିରୋମଣି ଗୋ ।
ନଟଶ୍ରେଷ୍ଠଂ ପିବ ପିବ ପିବ ଜୀବନ ।

\+ + +

ଘଟେଷ **ହରସାନନ୍ଦ-ଗୋସ୍ୱାମୀ** ବନ୍ଧୁ ମୋଦ
ଆଉ ସନନ୍ଦ ହୋଇ ଶୋଇବକଂ !

× × ×

କହେ **ହରହର ଅମର ଭୂସୁର** ଶୁଣରେ ସୁନ୍ଦରସାର ।
କଞ୍ଚିତ ଅପାଙ୍ଗେ ଗୃହାଂ ରତିରଙ୍ଗେ ଯାଉ ଏମଦନ ଜର ॥

× × ×

ଚୁମ୍ବନ ମୁଖେ ଦେଉଥାଉ ବସି
କହେ **ଲୋକନାଥ** ରତୁ ବିଶେଷି ॥

\+ + +

କହ ସହଚରି ସେ କାହା ନାଗରୀ
ରସ ପ୍ରବୀଣା ନାଗରୀ
ଦ୍ୱିଜ ନାରାୟଣ ବୋଲେ ମୋର ମନ
ସଙ୍ଗେ ଘେନିଗଲା ଶିକ ॥

× × ×

ଲୋଡ଼ିଲେ ଆଉ କେ ଦେବ
ବ୍ରଜବର ଗଲାଦ୍ୱନରୁ ଗଲାଣି
ବୋଲଇ **ମୁକୁନ୍ଦ ଦେବ**ରେ ॥

\+ + +

ନ ଦେଖେ ତା ରୂଷିବାର
ମୋହିପାରେ ରୂର୍ଷି-ବାର ॥
ବୋଲେ ଗୋବର୍ଦ୍ଧନ ଗିର
ଦୁଃଖ ଦଉବାହାକୁ ॥

No Colophon.

Digitized by PPRACHIN, SOA

81

Cat. No. O.L./861

ଗୀତା ବଳୀ

By ବଳଭଦ୍ର ବୈଦ୍ୟ and others

Substance – Palm leaf. No. of folia—25. Size 35.3×3.7 C.M. Each side contains 3 to 5 lines. Character – Oriya. Date of Copy – C. 19th Century A.D. Incomplete. Condition – good. Find spot – Bhubaneswar. Dt. Puri.

ରାଧାବାଣୀ ଶୁଣି ସେ ମୁରଲୀପାଣି
ନଗଣ୍ଡ ପ୍ରୀତି
ବଇଦ୍ୟ ବଳଭଦ୍ର ସେବି କୃଷ୍ଣପାଦ
ଭଣିଲେ ଏହୁ ଗୀତି ।

× × ×

ପ୍ରୀତି ସେ ଅଟଇ ଭଲ ସବୁ କରି ସମତୁଲ
କହେ **ବଦ୍ୟାଧର** ବସ୍ତ୍ର ହୋଇ ବନୋଇ ।

+ + +

ବନେ ଘନ ଦେଖି ବନେ ଚନ୍ଦ୍ରମୁଖୀ
ଚଉଦ୍ଦଗକୁ ନରେଖୁ ଥିବ ।
ବୋଲେ **ଉପଇନ୍ଦ୍ର** ଭଞ୍ଜ ସାରବର
ଅବଳା କ ପ୍ରାଣ ରଖିଥିବ ।

× × ×

ବୋଲେ **ଲୋକନାଥ** ଏ ରସେ ଭଣି
କାନ୍ତ ମୋ ବଦେଶେ ରହିଲେ ପୁଣି ।।

+ + +

ବନମାଳୀ ବସ୍ତ୍ରବର ଚୁମ୍ବି ବମ୍ବା ଅଧର
ମାର ମୁଖେ ହେବ ଉଦ୍ଧାର ।।

ପୂର୍ବେ ସେବି କାଶୀବାସୀ
କାଶୀବାସୀ ମଦାଳସୀ,

Digitized by PPRACHIN, SOA

ବିପରୀତ ରସେ ରଗି ବାନ୍ଧ ବାହୁଫାଶି
ମନ୍ତ୍ରନା କି ଦୁଃଖେ ଯିବ ଭୂଲ ॥

\+ × ×

ବଳଭଦ୍ର କହେ ପ୍ରୀତି ଭଲ ନୋହେ
ମୋଠାରୁ ନେଅ ଲେଖି ॥

× ×

ଅଭିମ୍ନାନ ଦ୍ୱିଜ ବାମନ ।
ଗଣପତି ପାଦେ ରହୁ ମୋ ମନ ॥

× × ×

ତୋ ସାରଙ୍ଗ ଗତି ମାରଣରେ ଭ୍ରାନ୍ତି
ଦହୁଅଚ୍ଛି ହେବ କାହାରେ ।
ଦ୍ୱିଜମଧ୍ୟ ଭଣି ଶୁଣଲେ ମିତଣୀ
